RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-254 ◆FRIDAY ◆13 MARCH 2026 ◆PAGE-12 ◆₹ 7.00

PANIKOILI

◆ବର୍ଷ-୪୩ ◆ସଂଖ୍ୟା-୨୫୪ ◆ଶୁକ୍ରବାର ◆୧୩ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



ଦ୍ରାବିଡ଼ଙ୍କୁ ଜୀବନ ବ୍ୟାପୀ ସାଧନା ସମ୍ମାନ

▶ପୃଷ୍ଠା ୧୨ ଦେଖନ୍ତୁ...

# ଯୁଦ୍ଧ ବନ୍ଦ ପାଇଁ ଇରାନ ରଖିଲା ସର୍ତ୍ତ

■ ତେହେରାନ, ୧୨।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଭୟାଭୟ ଯୁଦ୍ଧ ଏବେ ତ୍ରୟୋଦଶ ଦିନରେ ପହଞ୍ଚିଛି। ଦୁଇ ପକ୍ଷ ପରସ୍ପର ଉପରେ ଆକ୍ରମଣ ଓ ପ୍ରତ୍ୟାକ୍ରମଣ ଜାରି ରଖିଥିବା ବେଳେ ସମଗ୍ର ଅଞ୍ଚଳ ବିସ୍ଫୋରଣରେ ଥରହର ହେଉଛି। ୨ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ୧୦ ହଜାରରୁ ଅଧିକ ଲୋକ ଆହତ ହେଲେଣି। ଆକ୍ରମଣର ଲକ୍ଷ୍ୟ ହାସଲ ହୋଇ ସାରିଛି ଏବଂ ଯେକୌଣସି ମୁହୂର୍ତ୍ତରେ ଯୁଦ୍ଧ ବନ୍ଦ ହେବ ବୋଲି ଆମେରିକା ରାଷ୍ଟ୍ରପତି ଟ୍ରମ୍ପ କହୁଥିବା ବେଳେ ଇରାନର ଉଗ୍ର ଆଭିମୁଖ୍ୟ ପରିସ୍ଥିତିକୁ ଜଟିଳ କରିବାରେ ଲାଗିଛି। ଇରାନ ଆଜି ଘୋଷଣା କରିଛି ଯେ ଆମେରିକା ଓ ଇସ୍ରାଏଲ ଯୁଦ୍ଧ ଆରମ୍ଭ କରିଥିଲେ, କିନ୍ତୁ ଯଦି ସେମାନେ ଯୁଦ୍ଧ ବନ୍ଦ କରିବାକୁ ଚାହୁଁଛନ୍ତି, ତାହାହେଲେ ଇରାନ ସର୍ତ୍ତରେ ହିଁ ଯୁଦ୍ଧ ବନ୍ଦ ହେବ। ଇରାନର ରାଷ୍ଟ୍ରପତି ମସୁଦ ପେଜେସକିଆନ ସାମାଜିକ ଗଣମାଧ୍ୟମ ଏକ୍ସରେ ସର୍ତ୍ତ ସମ୍ପର୍କରେ ସୂଚନା ଦେଇଛନ୍ତି। ଯୁଦ୍ଧ ବନ୍ଦ ପାଇଁ ଇରାନ ମୁଖ୍ୟତଃ ୩ଟି ସର୍ତ୍ତ ରଖିଛି। ସେ କହିଛନ୍ତି ଏହି ସର୍ତ୍ତ ପୂରଣ ହେଲେ ତାଙ୍କ ଦେଶ ଯୁଦ୍ଧ ବନ୍ଦ କରିବାକୁ ବିଚାର କରିବ। ପ୍ରଥମ ସର୍ତ୍ତଟି ହେଲା ଇରାନର ନ୍ୟାୟସଙ୍ଗତ ଅଧିକାରକୁ ସ୍ୱୀକୃତି। ଅର୍ଥାତ ଅନ୍ତର୍ଜାତୀୟସ୍ତରରେ ▶ପୃଷ୍ଠା-୭



## ପଡ଼ୋଶୀ ଦେଶଙ୍କୁ ଇରାନର ଧମକ

## ଆମେରିକା ପ୍ରତିଷ୍ଠାନ ବନ୍ଦ ନ କଲେ ଆକ୍ରମଣ ଜୋର୍‌ଦାର୍ ହେବ

## ତେଲ ଦର ବ୍ୟାରେଲ ପିଛା ୨୦୦ ଡଲାର ପାଇଁ ପ୍ରସ୍ତୁତ ରୁହ: ଇରାନ

■ ତେହେରାନ, ୧୨।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ପରେ ଯୁଦ୍ଧ ଏବେ ଭୟାନକ ରୂପ ନେଇଛି। ଇତିମଧ୍ୟରେ ଯୁଦ୍ଧ କାରଣରୁ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇବାରେ ଲାଗିଛି। ଇରାନର ସମାରିକ ମୁଖପାତ୍ର ଇବ୍ରାହିମ୍ ଜୋଲଫାକାରି ଚେତାବନୀ ଦେଇ କହିଛନ୍ତି ଯେ, ତୈଳ ଦର ବ୍ୟାରେଲ ପିଛା ୨୦୦ ଡଲାର ପର୍ଯ୍ୟନ୍ତ ପହଞ୍ଚିପାରେ ଓ ଏଥିପାଇଁ ପସ୍ତୁତ ରହିବାକୁ ସେ ସତର୍କ କରାଇଛନ୍ତି। ସେପଟେ ତୈଳ ଦର ସ୍ଥିର କରିବା ପାଇଁ 'ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି' (ଆଇଇଏ) ସର୍ବକାଳୀନ ସର୍ବାଧିକ ଅର୍ଥାତ ୪୦୦ ନିୟୁତ ବ୍ୟାରେଲ ଷ୍ଟ୍ରାଟେଜିକ ରିଜର୍ଭ ବଜାରକୁ ଛାଡ଼ିବାକୁ ପରାମର୍ଶ ଦେଇଛି। ଏଥିମଧ୍ୟରୁ ଆମେରିକା ଆସନ୍ତା ସପ୍ତାହରୁ ୧୭୨ ନିୟୁତ ବ୍ୟାରେଲ ତେଲ ଛାଡ଼ିବ ବୋଲି ଘୋଷଣା କରିଛି। ବିଶ୍ୱର ପ୍ରାୟ ୫ ଭାଗରୁ ୧ ଭାଗ ତୈଳ ଚଳାଚଳ କରୁଥିବା ହର୍ମୁଜ ପ୍ରଣାଳୀ ଏବେ ଇରାନର ନିୟନ୍ତ୍ରଣରେ ଥିବା ଏବଂ ସେଠାରେ ବାରୁଦ ସୁଡ଼ଙ୍ଗ ବିଛା ଯାଇଥିବା ନେଇ ▶ପୃଷ୍ଠା-୭

## ଯୁବକଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗିଦେଲେ!

■ ମହୁଲଡିହା, ୧୨।୩ (ସମିସ): ପୋଡ଼ାଡିହା ବନ୍ୟପ୍ରାଣୀ ବନାଞ୍ଚଳ ଅନ୍ତର୍ଗତ ଶିମିଳିପାଳ ଅଭୟାରଣ୍ୟରୁ ଜଣେ ଅଜଣା ଯୁବକଙ୍କ ଗଳିତ ଶବ ଉଦ୍ଧାର ହୋଇଛି। ପାଖାପାଖି ୨୦ରୁ ୨୫ ଦିନ ତଳେ ଯୁବକଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ତେବେ ଯୁବକଜଣଙ୍କ ଏଠାକୁ କେମିତି ଆସିଲେ ଓ କେଉଁ କାରଣରୁ ତାଙ୍କର ମୃତ୍ୟୁ ହୋଇଛି, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। କେହି ଦୁର୍ବୃତ୍ତ ଯୁବକଙ୍କୁ ଅନ୍ୟତ୍ର ହତ୍ୟା କରି ଏଠାରେ ଫିଙ୍ଗି ଦେଇଥିବା ▶ପୃଷ୍ଠା-୭

SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN EMERGING COMPUTING
■ Computer Science and Engineering (AI and ML)
■ Computer Science and Engineering (Cyber Security)
■ Computer Science and Engineering (Data Science)
■ Computer Science and Engineering (Internet of Things)
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2025
■ 15th Best in University Category
■ 22nd Best in Engineering Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT, Please visit: www.soa.ac.in

# ରାଜ୍ୟରେ ଉତ୍କଟ ହେଲାଣି ଗ୍ୟାସ ସଙ୍କଟ

■ ନୂଆଦିଲ୍ଲୀ, ୧୨।୩ (ଏଜେନ୍ସି): ଇରାନ ଯୁଦ୍ଧ ସାରା ବିଶ୍ୱରେ ଶକ୍ତି ସଙ୍କଟ ସୃଷ୍ଟି କରିଛି। ଯାହାଫଳରେ ଭାରତରେ ବର୍ତ୍ତମାନ ଉତ୍କଟ ରନ୍ଧନ ଗ୍ୟାସ୍ ଅଭାବ ଦେଖାଦେଇଛି। ଏହାକୁ ନେଇ ଦେଶରେ ରନ୍ଧନ ଗ୍ୟାସ୍‌କୁ ନେଇ ଲୋକଙ୍କ ମଧ୍ୟରେ ଭାଳେଣି ପଡିଯାଇଛି। ଏଥିଯୋଗୁ ଚାରିଆଡେ ଗ୍ୟାସ୍ ଏଜେନ୍ସି ବାହାରେ ଗ୍ରାହକଙ୍କ ଲମ୍ବା ଧାଡ଼ି ଲାଗିରହିଛି। ଅପରପକ୍ଷେ ଗ୍ରାହକଙ୍କୁ ଠିକ୍ ସମୟରେ ରନ୍ଧନ ଗ୍ୟାସ୍ ନ ମିଳିବା ଯୋଗୁ ଏଲ୍‌ପିଜି ସିଲିଣ୍ଡରରର କଳାବଜାରି ବଢ଼ିଯାଇଛି। ଏଭଳି ପରିସ୍ଥିତିର ଲାଭ ଉଠାଉଛନ୍ତି ମହଜୁଦକାରୀ ଓ ମୁନାଫାକାରୀ। ଘରୋଇ ସହ ବାଣିଜ୍ୟିକ ସିଲିଣ୍ଡର ଦର ଖୋଲା ବଜାରରେ କାହିଁ କେତେ ଉପରେ ବିକ୍ରି ହେଉଛି। ଦେଶର ଅନେକ ସହରରେ ୧୦୦୦ ଟଙ୍କା ମଧ୍ୟରେ ▶ପୃଷ୍ଠା-୭

### ବଢ଼ିଲା କଳାବଜାରୀ

### ୯୪୦ ର ସିଲିଣ୍ଡର ୧୮୦୦ରେ ବିକ୍ରି

### ବାଣିଜ୍ୟିକ ସିଲିଣ୍ଡର ପାଇଁ ୪ ହଜାର ଅସୁଲ୍



## ଗାଁରେ ବୁକିଂ ଅବଧି ୪୫ ଦିନ

■ ନୂଆଦିଲ୍ଲୀ, ୧୨।୩ (ଏଜେନ୍ସି): ମଧ୍ୟ ପ୍ରାଚ୍ୟ ଅସ୍ଥିରତା ମଧ୍ୟରେ ରନ୍ଧନ ଗ୍ୟାସ୍ ଯୋଗାଣ ଜନିତ ସମସ୍ୟାକୁ ନଜରରେ କେନ୍ଦ୍ର ସରକାର ରନ୍ଧନ ଗ୍ୟାସ୍ ଯୋଗାଣ ସ୍ୱାଭାବିକ ରଖିବା ପାଇଁ ସରକାର ଏଲପିଜି ସିଲିଣ୍ଡର ବୁକିଂ ନିୟମରେ ବଡ଼ ପରିବର୍ତ୍ତନ କରିଛନ୍ତି। ଫଳସ୍ୱରୂପ ଗ୍ରାମାଞ୍ଚଳ କ୍ଷେତ୍ରରେ ଏଲ୍‌ପିଜି ସିଲିଣ୍ଡର ପାଇଁ ବୁକିଂ ଅବଧି ୪୫ ଦିନକୁ ବୃଦ୍ଧି କରାଯାଇଛି। ଅର୍ଥାତ୍ ଗ୍ରାହକ ଗୋଟିଏ ସିଲିଣ୍ଡର ଡେଲିଭରୀ ହେବାର ୪୫ ଦିନ ପରେ ଆଉ ଏକ ସିଲିଣ୍ଡର ବୁକିଂ କରିପାରିବେ। ▶ପୃଷ୍ଠା-୭





Flat 45% off on making charges of gold jewellery.
*T&C APPLY
90 YEARS
TRUST IS TIMELESS
BHUBANESWAR: Janpath | Chandrasekharpur | Samantarapur | Soubhagya Nagar | ANGUL: Shankar Cinema Hall Road BERHAMPUR: Venkatraju Arcade, Sano Bazar CUTTACK: 558/834, Cantonment Road JAJPUR ROAD: Bank Street Road JHARSUGUDA: Sarbahal Road, Marwari Para PURI: Opp. Police Line, VIP Road ROURKELA: Kesar Bhawan, Main Road SAMBALPUR (Opening Shortly)
100% BIS Hallmarked HUID Pure Gold Jewellery | Fair Price Policy | Tested And Certified Diamonds | Lifetime Buyback Guarantee | 100% Exchange Of Old Gold | Free Insurance On Diamonds | Safe Gold Purchase Scheme
Khimjijewellers.com
1800 3131 777
FOLLOW US ON:
SCAN TO KNOW MORE





## ଫାରୁକ ଅବଦୁଲ୍ଲାଙ୍କ ବିରୋଧରେ ଜାମିନବିହୀନ ପରୱାନା

ଶ୍ରୀନଗର, ୧୨।୩(ଏଜେନ୍ସି): ଜମ୍ମୁ-କଶ୍ମୀର କ୍ରିକେଟ ଆସୋସିଏସନ (ଜେକେସିଏ) ଦୁର୍ନୀତି ମାମଲାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲାଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି ହୋଇଛି। ଏହି ଦୁର୍ନୀତି ମାମଲାରେ ଫାରୁକ ୫ ନଂ ଅଭିଯୁକ୍ତ। ଗୁରୁବାର ଶ୍ରୀନଗରର ସିଜେଏମ୍‌ସି କୋର୍ଟରେ ଅଭିଯୋଗ ଫ୍ରେମ୍ କରିବାକୁ ପାଇଁ ଶୁଣାଣି ହୋଇଥିଲା। କିନ୍ତୁ ଫାରୁକ ବ୍ୟକ୍ତିଗତ ଭାବେ କିମ୍ବା ଆଭାସୀ ଭାବେ ହାଜର ହୋଇପାରିବେ ନାହିଁ ବୋଲି ତାଙ୍କ ଓକିଲ କୋର୍ଟଙ୍କୁ ଜଣାଇଥିଲେ। କୋର୍ଟ ଫାରୁକଙ୍କ ଦ୍ୱାରା ଦାଖଲ କରାଯାଇଥିବା ହାଜିରାରୁ ଛାଡ଼ ଆବେଦନକୁ ଖାରଜ କରିଛନ୍ତି ଓ ତାଙ୍କ ବିରୋଦରେ ଏହି ୱାରେଣ୍ଟ ଜାରି କରିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୦୧ରୁ ୨୦୧ ମଧ୍ୟରେ ଫାରୁକ ଜେକେସିଏର ଅଧ୍ୟକ୍ଷ ଥିବା ସମୟରେ ବିସିସିଆଇ ଦ୍ୱାରା ପ୍ରଦାନ କରାଯାଇଥିବା ୪୩ କୋଟି ଟଙ୍କା ହଡ଼ପ କରାଯାଇଥିବା ନେଇ ସିବିଆଇ ୨୦୧୮ରେ ଚାର୍ଜସିଟ୍ ଦାଖଲ କରିଥିଲା। ଏହି ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୩୦ ତାରିଖରେ ହେବ। ଏହି ଦିନ ଯଦି ଅଭିଯୁକ୍ତ ହାଜର ନ ହୁଅନ୍ତି, ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କୋର୍ଟ କହିଛନ୍ତି।

## ବୋମା ଧମକ ପରେ ମୁମ୍ବଇରେ ହାଇ ଆଲର୍ଟ ଜାରି

ମୁମ୍ବଇ, ୧୨।୩(ଏଜେନ୍ସି): ମୁମ୍ବଇରେ ଗୁରୁବାର ସକାଳେ ୪ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ବୋମାରେ ଉଡ଼ାଇ ଦେବା ପାଇଁ ଇମେଲ ମାଧ୍ୟମରେ ଧମକ ମିଳିଛି। ଏହି ଘଟଣା ସମଗ୍ର ସହରରେ ଆତଙ୍କ ସୃଷ୍ଟି କରିଛି। ବୋମା ଧମକ ମିଳିଥିବା ସ୍ଥାନଗୁଡ଼ିକ ହେଲା, ବିଧାନ ଭବନ, ବମ୍ବେ ଷ୍ଟକ ଏକ୍ସଚେଞ୍ଜ, ମୁମ୍ବଇ ମେଟ୍ରୋ ଓ ବମ୍ବେ ହାଇକୋର୍ଟ। ସକାଳ ୬.୫୭ ମିନିଟ୍‌ରେ ଏକ ଧମକପୂର୍ଣ୍ଣ ଇମେଲ ମିଳିଥିଲା, ଏଥିରେ ବିସ୍ଫୋରଣର ସମୟ ଉଲ୍ଲେଖ କରାଯାଇଥିଲା। ବିଧାନ ଭବନରେ ବଜେଟ ଅଧିବେଶନ ଚାଲିଥିବାରୁ ସେଠାରେ ବହୁ ସଂଖ୍ୟାରେ ମନ୍ତ୍ରୀ, ବିଧାୟକ ଓ ଅଧିକାରୀ ଉପସ୍ଥିତ ଥିଲେ। ଧମକ ପାଇବା ମାତ୍ରେ ପୁଲିସ ଓ ସୁରକ୍ଷାକର୍ମୀ ତୁରନ୍ତ କାର୍ଯ୍ୟକ୍ଷମ ହୋଇ କର୍ମଚାରୀ ଓ ସାଧାରଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଥିଲେ। ବୋମା ନିଷ୍କ୍ରିୟକାରୀ ଦଳ ଓ ସ୍ୱତନ୍ତ୍ର କୁକୁର ଦଳ ଦ୍ୱାରା ୪ଟି ଯାକ ସ୍ଥାନକୁ ତନ୍ନତନ୍ନ କରି ଯାଞ୍ଚ କରାଯାଉଛି। ବିଧାନଭବନ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ମୁମ୍ବଇ ପୁଲିସ ଓ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ (ଏସ୍‌ଆଇଟି) ଏହି ଇମେଲ କେଉଁଠାରୁ ଆସିଛି ଓ କିଏ ପଠାଇଛି ସେ ନେଇ ଅନୁସନ୍ଧାନ କରୁଛନ୍ତି। ଏହି ଧମକକୁ ବର୍ତ୍ତମାନର ମଧ୍ୟପ୍ରାଚ୍ୟ ଯୁଦ୍ଧ ସହ ଯୋଡ଼ି ଅନୁସନ୍ଧାନ କରାଯାଉଛି। ତଦନ୍ତ ପରେ ପୁଲିସ ସ୍ପଷ୍ଟ କରିଛି ଯେ ଏହା ଏକ 'ହୋକ୍' ବା ମିଥ୍ୟା ଧମକ। ସେଠାରେ କୌଣସି ସଂଦୀଗ୍ଧ ବସ୍ତୁ ମିଳିନାହିଁ।

## ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ: ଓସ୍କାର ପୁରସ୍କାର ଉତ୍ସବରେ ସୁରକ୍ଷା କଡ଼ାକଡ଼ି

ଲସ ଏଞ୍ଜେଲ୍ସ, ୧୨।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ଏବେ ଓସ୍କାର ପୁରସ୍କାର ସମାରୋହରେ ପଡ଼ିଛି। ୯୮ତମ ଓସ୍କାର ପୁରସ୍କାର ସମାରୋହ ଆସନ୍ତା ୧୫ ତାରିଖ ରବିବାର ଦିନ ସ୍ଥାନୀୟ ଡଲ୍‌ବି ଥିଏଟରରେ ଆୟୋଜନ ହେବ। ଇତିମଧ୍ୟରେ ଆମେରିକାର ପଶ୍ଚିମ ଉପକୂଳରେ ଇରାନ ପକ୍ଷରୁ ଡ୍ରୋନ୍ ଆକ୍ରମଣ ହୋଇପାରେ ବୋଲି ଆମେରିକା ଗୁଇନ୍ଦା ସଂସ୍ଥା ଏଫ୍‌ବିଆଇ ତରଫରୁ ସୂଚନା ଦିଆଯାଇଛି। ଫଳରେ ଏହି ସମାରୋହ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି। ସମାରୋହର କାର୍ଯ୍ୟକାରୀ ପ୍ରଯୋଜକ ରାଜ କପୁର କହିଛନ୍ତି ଯେ, ଅତିଥିମାନଙ୍କ ସୁରକ୍ଷା ପାଇଁ ଏଫ୍‌ବିଆଇ ଏଲ୍‌ଏଡିପି ସହ ମିଶି ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରିଛି। ଭାରତୀୟ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏହି ସମାରୋହରେ ଜଣେ ଉପସ୍ଥାପିକା ଭାବେ ଅଂଶଗ୍ରହଣ କରିବେ। ପ୍ରସିଦ୍ଧ କମେଡିଆନ କୋନାନ ଓ'ବ୍ରାଏନ୍ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବେ।

## ସ୍ୱିଜରଲାଣ୍ଡରେ ଜଳିଗଲା ବସ୍; ୬ ମୃତ

ମେର୍ଜେର୍ସ, ୧୨।୩(ଏଜେନ୍ସି): ୟୁରୋପୀୟ ଦେଶ ସ୍ୱିଜରଲାଣ୍ଡରେ କେର୍ଜର୍ସ ସହରରେ ଏକ ପୋଷ୍ଟାଲ ବସ୍‌ରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଏହି ଦୁର୍ଘଟଣାରେ ୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଆହତ ହୋଇଛନ୍ତି। ତଦନ୍ତକାରୀ ସଂସ୍ଥା ଓ ସରକାରୀ ଓକିଲଙ୍କ ଅନୁଯାୟୀ, ଏହା ଏକ ଦୁର୍ଘଟଣା ନୁହେଁ, ବରଂ ଜଣେ ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବା ଏକ ଆତ୍ମଘାତୀ କାର୍ଯ୍ୟ ବୋଲି ସନ୍ଦେହ କରାଯାଉଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ବର୍ଣ୍ଣ କ୍ୟାଣ୍ଟର ଜଣେ ୬୫ ବର୍ଷୀୟ ସ୍ୱିସ ନାଗରିକ ବସ୍‌ରେ ନିଜ ଦେହରେ ଜଳନ୍ତା ପଦାର୍ଥ ଢାଳି ନିଆଁ ଲଗାଇ ଦେଇଥିଲେ। ସେ ମାନସିକ ସ୍ତରରେ ଅସ୍ଥିର ଓ ସାମାଜିକ ଭାବେ ବିଚ୍ଛିନ୍ନ ଥିଲେ। ସମସ୍ତ ମୃତକଙ୍କୁ ଚିହ୍ନଟ କରାଯାଇଛି। ୫ ଜଣ ଆହତଙ୍କ ମଧ୍ୟରୁ ୨ ଜଣ ଗୁରୁତର ଅଛନ୍ତି।

# ଇରାନ ବିପକ୍ଷରେ ଯୁଦ୍ଧ: ଅସହାୟ ଆମେରିକା

## ଦୁଇ ସପ୍ତାହର ଯୁଦ୍ଧ ସତ୍ତ୍ୱେ ଇରାନର ଶାସନ ବ୍ୟବସ୍ଥା ଭୁଶୁଡ଼ିବାର ସମ୍ଭାବନା ନାହିଁ: ଗୁଇନ୍ଦା ରିପୋର୍ଟ

ନୂଆଦିଲ୍ଲୀ, ୧୨।୩(ଏଜେନ୍ସି): ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଏହି ଭୟାଭୟ ଯୁଦ୍ଧ ଏବେ ତ୍ରୟୋଦଶ ଦିନରେ ପହଞ୍ଚିଛି। ଏହା ସତ୍ତ୍ୱେ ଇରାନରେ ଶାସନ ବ୍ୟବସ୍ଥା ଏବେ ମଧ୍ୟ ସୁଦୃଢ଼ ରହିଛି। ଆମେରିକାର ଗୁଇନ୍ଦା ସଂସ୍ଥାଗୁଡ଼ିକର ଆକଳନ ଅନୁଯାୟୀ, ଇରାନ ସରକାର ତୁରନ୍ତ ଭୁଶୁଡ଼ିବା କିମ୍ବା ପତନ ହେବାର କୌଣସି ସଙ୍କେତ ନାହିଁ। ପ୍ରାୟ ଦୁଇ ସପ୍ତାହର ଭୟଙ୍କର ଆକ୍ରମଣ ସତ୍ତ୍ୱେ ଇରାନର ନେତୃତ୍ୱ ଓ ଜନତାଙ୍କ ଉପରେ ସେମାନଙ୍କର ନିୟନ୍ତ୍ରଣ କାଏମ ରହିଛି। ଗୁଇନ୍ଦା ରିପୋର୍ଟ ଅନୁଯାୟୀ, ଇରାନର ସାମରିକ ଏବଂ ଧାର୍ମିକ ନେତୃତ୍ୱ ଏବେ ମଧ୍ୟ ଦେଶର ଜନସାଧାରଣଙ୍କ ଉପରେ ନିୟନ୍ତ୍ରଣ ରଖିଛନ୍ତି। ଯଦିଓ ଫେବୃଆରୀ ୨୮ ରେ ଯୁଦ୍ଧର ପ୍ରଥମ ଦିନରେ ଆକ୍ରମଣରେ ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମନେଇଙ୍କ ମୃତ୍ୟୁ ଘଟିଛି। ତଥାପି ଶାସନ ବ୍ୟବସ୍ଥାରେ କୌଣସି ବିଶୃଙ୍ଖଳା ଦେଖା ଦେଇନାହିଁ। ଖାମନେଇଙ୍କ ପୁଅ ମୋଜତାବା ଖାମନେଇଙ୍କୁ ନୂଆ ସର୍ବୋଚ୍ଚ ନେତା ଭାବେ ଘୋଷଣା କରାଯାଇଛି। ଇସ୍ରାଏଲର ଜଣେ ବିରଷ୍ଠ ଅଧିକାରୀ ସ୍ୱୀକାର କରିଛନ୍ତି ଯେ, କେବଳ ଆକାଶ ମାର୍ଗରୁ ବୋମାମାଡ଼ କରି ଇରାନ ସରକାରଙ୍କୁ ହଟାଇବା ସମ୍ଭବ ନୁହେଁ। ଏଥିପାଇଁ ହୁଏତ ସ୍ଥଳସେନା ଅଭିଯାନର ଆବଶ୍ୟକ ହୋଇପାରେ। ସେପଟେ ଇରାକରେ ଥିବା ଇରାନର କୁର୍ଦ୍ଦିଶ ସଙ୍ଗଠନଗୁଡ଼ିକ ଆମେରିକାର ସହାୟତା ମାଗିଛନ୍ତି ଓ ଯୁଦ୍ଧ ପାଇଁ ପ୍ରସ୍ତୁତ ବୋଲି କହିଛନ୍ତି। କିନ୍ତୁ ଆମେରିକା ଗୁଇନ୍ଦା ସଂସ୍ଥା ଅନୁଯାୟୀ, ଏହି ଗୋଷ୍ଠୀଗୁଡ଼ିକ ପାଖରେ ଇରାନ ସେନା ସହ ଲଢ଼ିବା ପାଇଁ ପର୍ଯ୍ୟାପ୍ତ ଅସ୍ତ୍ରଶସ୍ତ୍ର କିମ୍ବା ସୈନ୍ୟବଳ ନାହିଁ। ପୁଣି ତୈଳ ଦର ବୃଦ୍ଧି ଯୋଗୁଁ ରାଜନୈତିକ ଚାପ ବଢ଼ୁଥିବାରୁ ରାଷ୍ଟ୍ରପତି ଟ୍ରମ୍ପ ଏହି ଯୁଦ୍ଧକୁ ଶୀଘ୍ର ଶେଷ କରିବାକୁ ସଙ୍କେତ ଦେଇଛନ୍ତି।



## ଆମେରିକା ତେଲ ଟ୍ୟାଙ୍କର ଉପରେ ଇରାନ ଆକ୍ରମଣ

ନୂଆଦିଲ୍ଲୀ, ୧୨।୩(ଏଜେନ୍ସି): ଇରାକର ବାସ୍ରା କୂଳ ନିକଟରେ ଥିବା ଏକ ଆମେରିକୀୟ ତେଲେ ଟ୍ୟାଙ୍କର ଉପରେ ଇରାନୀ ସୁସାଇଡ୍ ବୋଟ୍ ଆକ୍ରମଣ ହୋଇଛି। ଏଥିରେ ଜଣେ ଭାରତୀୟ ନାଗରିକ ମୃତ୍ୟୁବରଣ କରିଛନ୍ତି। ଏହି ତେଲ ଟ୍ୟାଙ୍କରର ନାମ ହେଉଛି ସାଫେସି ବିଷ୍ଣୁ। ଏହା ମାର୍ଶାଲ ଦୀପର ପତାକା ବହନ କରୁଥିଲା। ଏହି ଟ୍ୟାଙ୍କର ଇରାକର ଦକ୍ଷିଣ ଅଞ୍ଚଳର ଖୋର ଅଲ ଜୁବେର ପୋର୍ଟ ନିକଟରେ ଥିବା ସମୟରେ ଆତ୍ମଘାତୀ ବୋଟ୍ ଆକ୍ରମଣ ହୋଇଥିଲା। ମୃତ୍ୟୁବରଣ କରିଥିବା ଭାରତୀୟ କ୍ରୁ ସଦସ୍ୟଙ୍କ ନାମ ପ୍ରକାଶ କରାଯାଇନାହିଁ। ତେବେ ଜାହାଜରେ ଥିବା ସମସ୍ତ ୨୭ ଜଣ କ୍ରୁ ସଦସ୍ୟ ଓ କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଇରାକସ୍ଥିତ ଭରାତୀୟ ଦୂତାବାସ ଏହି ଘଟଣାକୁ ନିଶ୍ଚିତ କରିଛି। ଦୂତାବାସ ତରଫରୁ କୁହାଯାଇଛି ଯେ ୧୫ ଜଣ ଭାରତୀୟ କ୍ରୁ ସଦସ୍ୟଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ସେମାନଙ୍କୁ ବାସ୍ରାକୁ ନେଇ ଚିକିତ୍ସା କରାଯାଉଛି। ବିଶ୍ୱର ୧୫ ପ୍ରତିଶତରୁ ଅଧିକ ନୌଚାଳକ ଭାରତୀୟ ବୋଲି ଜଣାପଡ଼ିଛି। ମୃତକଙ୍କ ପରିବାର ପ୍ରତି ଦୂତାବାସ ଗଭୀର ସମବେଦନା ଜଣାଇଛି।

## ଡ୍ରୋନ୍ ଆକ୍ରମଣରେ ଥରିଲା ଦୁବାଇ

ଦୁବାଇ, ୧୨।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ ଇରାନ ପକ୍ଷରୁ ଉପସାଗରୀୟ ଦେଶଗୁଡ଼ିକ ଉପରେ ଆକମ୍ରଣ ଜାରି ରହିଛି। ଗୁରୁବାର ଦିନ ଦୁବାଇର ଡାଉନଟାଉନ୍ ଅଞ୍ଚଳରେ ଏକ ଡ୍ରୋନ ଆକ୍ରମଣ ହୋଇଥିର ସୂଚନା ମିଳିଛି। ବିସ୍ଫୋରଣ ପରେ ସେଠାରେ ଆକାଶରେ ଧୂଆଁ ଦେଖା ଦେଇଥିଲା। ତେବେ ଏଥିରେ କେହି ମୃତାହତ ହୋଇ ନଥିବା ଦୁବାଇ ମିଡିଆ ଅଫିସ ତରଫରୁ କୁହାଯାଇଛି। ଏହାପୂର୍ବରୁ ଦୁବାଇ ଉପକୂଳରେ ଏକ କଣ୍ଟେନର ଜାହାଜ ଉପରକୁ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା, ଯାହା ଫଳରେ ଜାହାଜରେ ସାମାନ୍ୟ ନିଆଁ ଲାଗିଯାଇଥିଲା। କିନ୍ତୁ ଜାହାଜର ସମସ୍ତ କର୍ମଚାରୀ ସୁରକ୍ଷିତ ଅଛନ୍ତି। ଇରାନର ଆକ୍ରମଣ ଯୋଗୁଁ ବାହାରିନ୍ ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଥିବା ଏକ ଦୀପରେ ଭୟାଭୟ ଅଗ୍ନିକାଣ୍ଡ ଘଟିଛି। ସେହିକରି କୁଏତ୍‌ର ଏକ ଆବାସିକ ବିଲ୍ଡିଂ ଉପରେ ଇରାନର ଡ୍ରୋନ ମାଡ଼ ହୋଇଛି। ସାଉଦି ଆରବ ତା'ର ରାଜଧାନୀ ରିୟାଦ ଓ ଏକ ପ୍ରମୁଖ ତୈଳ କ୍ଷେତ୍ରକୁ ଲକ୍ଷ୍ୟ କରି ଆସୁଥିବା ଡ୍ରୋନଗୁଡ଼ିକୁ ମଝି ଆକାଶରେ ଖସାଇ ଦେଇଛି। ଫେବୃଆରୀ ୨୮ରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧରେ ଉପସାଗରୀୟ ଅଞ୍ଚଳରେ ଏପର୍ଯ୍ୟନ୍ତ ୨୪ ଜଣ ପ୍ରାଣ ହରାଇଲେଣି। ସେପଟେ ୟୁଏଇ ନିଜର ଆକାଶମାର୍ଗକୁ ସୁରକ୍ଷିତ ରଖିବା ପାଇଁ ତା'ର ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ସକ୍ରିୟ କରିଛି।

## ଜୟଶଙ୍କର କଥା ହେବାପରେ ଭାରତୀୟ ଟ୍ୟାଙ୍କରକୁ ଛାଡ଼ିଲା ଇରାନ

ନୂଆଦିଲ୍ଲୀ, ୧୨।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଘମାଘୋଟ ଯୁଦ୍ଧ ମଧ୍ୟରେ ଏକ ଆଶ୍ୱସ୍ତିକର ଖବର ସାମ୍ନାକୁ ଆସିଛି। ସାଉଦି ଆରବରୁ ଆଶୋଧିତ ତୈଳ ନେଇ ଆସୁଥିବା ଏକ ଲାଇବେରିଆ ପତାକା ବାହୀ ଟ୍ୟାଙ୍କର ବା ଜାହାଜ 'ଶେନଲଙ୍ଗ ସୁଏଜମାକ୍ସ' ସୁରକ୍ଷିତ ଭାବେ ମୁମ୍ବଇ ବନ୍ଦରରେ ପହଞ୍ଚିଛି। ଏହି ଜାହାଜଟି ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ' ଦେଇ ଅତିକ୍ରମ କରିଛି। ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଓ ଇରାନ ବୈଦେଶିକ ମନ୍ତ୍ରୀ ଆବାଶ ଆରାଘଚିଙ୍କ ମଧ୍ୟରେ ଆଲୋଚନା ପରେ ଇରାନ ଏହି ଜାହାଜକୁ ଯିବା ପାଇଁ ଅନୁମତି ଦେଇଥିଲା। ଏହି ଜାହାଜ ମାର୍ଚ୍ଚ ୧ରେ ରସ୍ ତାନୁରା ବନ୍ଦରରୁ ଯାତ୍ରା କରିଥିଲା। ଆଜି ମୁମ୍ବାଇ ବନ୍ଦରରେ ପହଞ୍ଚିଛି। ସିପିଂ ମନ୍ତ୍ରଣାଳୟ ଅନୁଯାୟୀ, ବର୍ତ୍ତମାନ ପାରସ୍ୟ ଉପସାଗରରେ ୨୮ଟି ଭାରତୀୟ ପତାକାଧାରୀ ଜାହାଜ ରହିଛି। ସେଥିରେ ୭୦୦ରୁ ଅଧିକ ଭାରତୀୟ ନାବିକ କାର୍ଯ୍ୟରତ ଅଛନ୍ତି। ଏମାନଙ୍କ ସୁରକ୍ଷା ଉପରେ ସରକାର ସର୍ବଦା ନଜର ରଖିଛନ୍ତି। ହର୍ମୁଜ ପ୍ରଣାଳୀରେ ଯୁଦ୍ଧ କାରଣରୁ ସୃଷ୍ଟି ହୋଇଥିବା ସମସ୍ୟା ଯୋଗୁଁ ବିଶ୍ୱ ବଜାରରେ ତୈଳ ଦର ବୃଦ୍ଧି ପାଇବା ଆଶଙ୍କା ସୃଷ୍ଟି ହୋଇଛି। ଭାରତ ନିଜର ଶକ୍ତି ଆବଶ୍ୟକତା ପୂରଣ ପାଇଁ ଅନ୍ୟ ବିକଳ୍ପ ଯେପରିକି ରୁଷିଆରୁ ତେଲ କ୍ରୟ ଉପରେ ମଧ୍ୟ ବିଚାର କରୁଛି। ରିପୋର୍ଟ ଅନୁଯାୟୀ, ଯେଉଁ ଜାହାଜଗୁଡ଼ିକ ଆମେରିକା ଓ ଇସ୍ରାଏଲ ସହିତ ସମ୍ପୃକ୍ତ ନୁହଁନ୍ତି, ସେଗୁଡ଼ିକୁ ଏହି ପଥ ଦେଇ ଯିବାକୁ ଅନୁମତି ଦିଆଯିବ। ଖାସ୍ ଏଥିପାଇଁ ବର୍ତ୍ତମାନ ଭାରତୀୟ ଜାହଜଗୁଡ଼ିକୁ ସୁରକ୍ଷିତ ମାର୍ଗ ଦିଆଯାଇଛି।



ଇରାନର ଡ୍ରୋନ୍ ମାଡ଼ ପରେ ଦୁବାଇରେ ବିସ୍ଫୋରଣ



ଆମେରିକା-ଇସ୍ରାଏଲ ଆକ୍ରମଣରେ ଇରାନର ଛାରଖାର୍‌ର ଦୃଶ୍ୟପଟ

## ମଣିପୁରରେ ୩ଟି ଗାଡ଼ିରୁ ୨୦ ନାଗା ଲୋକଙ୍କୁ ଅପହରଣ

ଇମ୍ଫାଲ, ୧୨।୩(ଏଜେନ୍ସି): ମଣିପୁରର ଉଖରୁଲ- ଇମ୍ଫାଲ ରୋଡ୍‌ରେ ବୁଧବାର ଦିନ ଏକ ବଡ଼ ଧରଣର ଅପହରଣ ଘଟଣା ଘଟିଛି। ସନ୍ଦୀଗ୍ଧ ବନ୍ଧୁକଧାରୀମାନେ ୩ଟି ଗାଡ଼ିକୁ ଅଟକାଇ ସେଥିରେ ଥିବା ପ୍ରାୟ ୨୦ ଜଣ ନାଗା ପୁରୁଷ, ମହିଳା ଓ ଶିଶୁଙ୍କୁ ଅପହରଣ କରିନେଇଛନ୍ତି। ଏହି ଘଟଣା ଫଳରେ ମେତେଇ-କୁକି ସଂଘର୍ଷରେ ଜଳୁଥିବା ମଣିପୁରରେ ଏବେ ଆଉ ଏକ ନୂଆ ଜାତିଗତ ହିଂସା ସୃଷ୍ଟି ହେବାର ଆଶଙ୍କା ସୃଷ୍ଟି ହୋଇଛି। ଉଖରୁଲର ପ୍ରମୁଖ ସଂଗଠନ 'ଟାଙ୍ଗଖୁଲ ନାଗା ଲଙ୍ଗ' ଅଭିଯୋଗ କରିଛି ଯେ ଏହା କୁକି ଆତଙ୍କବାଦୀଙ୍କ କାମ। ସେମାନେ ଅପହୃତ ବ୍ୟକ୍ତିମାନଙ୍କୁ ଦୁଇ ଘଣ୍ଟା ମଧ୍ୟରେ ଉଦ୍ଧାର କରିବାକୁ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ସେପଟେ ଅପହୃତ ନାଗରିକଙ୍କୁ ତୁରନ୍ତ ମୁକ୍ତ କରିବାକୁ ମଣିପୁର ମୁଖ୍ୟମନ୍ତ୍ରୀ ୟୁମନାମ ଖେମଚାନ୍ଦ ସିଂହ ନିବେଦନ କରିଛନ୍ତି। ଶାନ୍ତି ବଜାୟ ରଖିବା ପାଇଁ ସେ ବିଭିନ୍ନ ନାଗରିକ ସଂଗଠନଗୁଡ଼ିକୁ ସହାୟତା ମାଗିଛନ୍ତି। ଅନ୍ୟପଟେ କୁକି ଗ୍ରାମ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି ଯେ ଟାଙ୍ଗଖୁଲ ନାଗା ସ୍ୱେଚ୍ଛାସେବୀମାନେ ପ୍ରଥମେ ଚାଷୀଙ୍କ ଉପରକୁ ଗୁଳି ଚଳାଇଥିଲେ ଓ କିଛି କୁକି ଲୋକଙ୍କୁ ଅଟକ ରଖିବା ସହ ସେମାନଙ୍କ କୁଡ଼ିଆ ଘରେ ନିଆଁ ଲଗାଇ ଦେଇଥିଲେ। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକ ରାସ୍ତା ରୋକ କରିଥିଲେ।

## ମେଘାଳୟରେ ହିଂସା; ଦୁଇ ମୃତ, ଗାରୋ ହିଲ୍ସ ନିର୍ବାଚନ ସ୍ଥଗିତ

ଶିଲଂ, ୧୨।୩(ଏଜେନ୍ସି): ମେଘାଳୟର ଗାରୋ ହିଲ୍ସ ସ୍ୱୟଂଶାସିତ ଜିଲ୍ଲା ପରିଷଦ (ଜିଏସ୍‌ଏଡିସି) ନିର୍ବାଚନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଏବେ ହିଂସାତ୍ମକ ରୂପ ନେଇଛି। ଏହି ହିଂସାରେ ଦୁଇଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଫଳରେ ଏହି ଅଞ୍ଚଳରେ ଅଶାନ୍ତି ବୃଦ୍ଧି ପାଇଛି। ଏହି ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ଅନୁସୂଚିତ ଜନଜାତି (ଏସ୍‌ଟି) ସାର୍ଟିଫିକେଟ ବାଧ୍ୟତାମୂଳକ କରାଯାଇଥିଲା। ଫଳରେ ଅଣ- ଆଦିବାସୀମାନେ ନିର୍ବାଚନ ଲଢ଼ିବାରୁ ବଞ୍ଚିତ ହୋଇଥିଲେ। ମେଘାଳୟ ହାଇକୋର୍ଟ ଏହି ନିଷ୍ପତ୍ତିକୁ ଖାରଜ କରିବା ପରେ ଗାରୋ ସମ୍ପ୍ରଦାୟ ଓ ଅଣ- ଆଦିବାସୀ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା। ହିଂସାରେ ସମ୍ପୃକ୍ତ ଗୋଷ୍ଠୀମାନେ ଭଙ୍ଗାରୁଜା, ପଥର ମାଡ଼, ନିଆଁ ଲଗାଇବା ଭଳି କାଣ୍ଡ ଘଟାଇଛନ୍ତି।



## ମୁଖ୍ୟ ନିର୍ବାଚନ କମିସନରଙ୍କୁ ବହିଷ୍କାର ପାଇଁ ନୋଟିସ୍

**୨୦୦ରୁ ଅଧିକ ସାଂସଦଙ୍କ ସ୍ୱାକ୍ଷର**

ନୂଆଦିଲ୍ଲୀ, ୧୨।୩(ଏଜେନ୍ସି): ଦେଶର ମୁଖ୍ୟ ନିର୍ବାଚନ ଜ୍ଞାନେଶ କୁମାରଙ୍କୁ ହଟାଇବା ପାଇଁ ବିରୋଧୀ ଦଳଗୁଡ଼ିକ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ବିରୋଧୀ ଇଣ୍ଡିଆ ମେଣ୍ଟର ଦଳଗୁଡ଼ିକ ଏକତ୍ରିତ ହୋଇ ତାଙ୍କ ବିରୋଧରେ ପଦଚ୍ୟୁତି ପ୍ରସ୍ତାବ ଅର୍ଥାତ ଇମ୍ପିଜମେଣ୍ଟ ପ୍ରସ୍ତାବ ଆଣିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ୧୩୦ଜଣ ଲୋକସଭା ସାଂସଦ ଓ ୬୩ ଜଣ ରାଜ୍ୟସଭା ସାଂସଦଙ୍କ ସମେତ ୨୦୦ ଅଧିକ ସାଂସଦ ନୋଟିସ୍‌ରେ ସ୍ୱାକ୍ଷର କରିଛନ୍ତି। ଏହି ପ୍ରକ୍ରିୟାରେ ବିରୋଧୀଙ୍କ ମୁଖ୍ୟ ଅଭିଯୋଗ ହେଉଛି, କମିଶନଙ୍କ କାର୍ଯ୍ୟକଳାପରେ ପକ୍ଷପାତ ଓ ଭେଦଭାବ ରହିଛି। ନିର୍ବାଚନ ତାଲିକାର ସ୍ୱତନ୍ତ୍ର ଭୋଟର ସଂଶୋଧନ ପ୍ରକ୍ରିୟା (ଏସଆଇଆର) ମାଧ୍ୟମରେ ଅସଲି ଭୋଟରଙ୍କ ନାମ କାଟିଦେବା। ପୁଣି ନିର୍ବାଚନୀ ଠକେଇର ତଦନ୍ତରେ ଜାଣିଶୁଣି ବାଧା ସୃଷ୍ଟି କରିବା। ତେବେ କମିଶନଙ୍କୁ ହଟାଇବା ପାଇଁ ସ୍ୱତନ୍ତ୍ର ପ୍ରକ୍ରିୟା ରହିଛି। ପଦଚ୍ୟୁତି ପ୍ରସ୍ତାବ ଆଣିବା ପାଇଁ ଅତିକମ୍‌ରେ ୧୦୦ ଲୋକସଭା ଓ ୫୦ ଜଣ ରାଜ୍ୟସଭା ସାଂସଦଙ୍କ ସ୍ୱାକ୍ଷର ଆବଶ୍ୟକ ହୋଇଥାଏ। ଭାରତୀୟ ସଂସଦୀୟ ଇତିହାସରେ ପ୍ରଥମଥର ପାଇଁ ମୁଖ୍ୟ ନିର୍ବାଚନ କମିଶନଙ୍କୁ ହଟାଇବା ପାଇଁ ଏଭଳି ପ୍ରୟାସ କରାଯାଉଛି। ତେବେ ଶାସକ ଦଳ ପାଖରେ ସଂଖ୍ୟାଗରିଷ୍ଠତା ଥିବାରୁ ଏହି ପ୍ରସ୍ତାବ ସଂସଦରେ ପାରିତ ହେବା କଷ୍ଟକର ମନେ ହେଉଛି।



## ନେତନ୍ୟାହୁଙ୍କ କଥାରେ ପଡ଼ି କଲବଲ ହେଉଛନ୍ତି ଟ୍ରମ୍ପ

**ହଟ୍ ସ୍ପଟ୍**

ରାତିରେ ନିଦ ନାହିଁ କି ଦିନରେ ଶାନ୍ତି ନାହିଁ। ଅନ୍ୟମାନଙ୍କୁ ଧମକାଉଛନ୍ତି ଶାନ୍ତିରେ ଶୋଇବାକୁ ଦେବି ନାହିଁ। କିନ୍ତୁ ନିଜେ ଶାନ୍ତିରେ ଶୋଇ ପାରୁନାହାନ୍ତି। କଣ କରିବେ କିଛି ବୁଝି ପାରୁ ନାହାନ୍ତି। ନା ଢୋକିପାରୁଛନ୍ତି, ନା ବାନ୍ତି କରି ପାରୁଛନ୍ତି। କରିବେ ତ କରିବେ କଣ? ଏମିତି ଦିନ ରାତି କାଟୁଛନ୍ତି 'ପୁଟୋସ'। ଯାହାକୁ ଅନାଉଛନ୍ତି, ସିଏ ମୁହଁ ମୋଡ଼ି ନେଉଛି।

ଏ ହେଉଛି ଆମେରିକାର ରାଷ୍ଟ୍ରପତି (ପୋଟୁସ) ଡୋନାଲ୍ଡ ଟ୍ରମ୍ପଙ୍କ କଥା। ଶାନ୍ତିର ଦୂତ ହୋଇ ୨୦୨୫ରେ ଜନ୍ମ ନେଇଥିବା ଟ୍ରମ୍ପ ସମଗ୍ର ବିଶ୍ୱକୁ ଅଶାନ୍ତ କରି ରଖିଛନ୍ତି। ପ୍ରଥମେ ବିଭିନ୍ନ ଦେଶ ଉପରେ ଶୁଳ୍କ ଦଣ୍ଡ ଲଗାଇ ଅର୍ଥନୈତିକ ତାଣ୍ଡବ ରଚିଲେ। ଏବେ ଯୁଦ୍ଧ ଛଡ଼ା ତାଙ୍କ ମନକୁ ଆଉ କିଛି ପଶୁ ନାହିଁ। ତାଙ୍କ ଶୁଳ୍କ ଦଣ୍ଡ ଉପରେ ସୁପ୍ରିମ କୋର୍ଟଙ୍କ ପ୍ରହାର ସାଙ୍ଗକୁ ଏପଷ୍ଟିନ ଫାଇଲରେ ତାଙ୍କର କାରନାମା ପଦାରେ ପଡ଼ିବା ପରେ ସେ ତାଙ୍କର ସମସ୍ତ ବିବେକ ହରାଇ ରକ୍ତମୁଖା ହୋଇପଡ଼ିଛନ୍ତି। ରାଗ ଶୁଝାଉଛନ୍ତି ଶତ୍ରୁ ରାଷ୍ଟ୍ର ଉପରେ। ପ୍ରଥମେ ଭେନେଜୁଏଲା ରାଷ୍ଟ୍ରପତିଙ୍କୁ ତାଙ୍କୁ ଘରୁ ଉଠାଇଆଣିଲେ। ଏଥିରେ ଉତ୍ସାହିତ ହୋଇ ଇରାନ ଉପରେ ଆକ୍ରମଣ କରିଦେଲେ। ଏହା ପୁଣି ଇସ୍ରାଏଲ ସହିତ ମିଶିକି। ଭାବିଥିଲେ ଦୁଇ ଚାରି ଦିନରେ ଯୁଦ୍ଧ ସରିଯିବ। ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲା ଖାମନେଇଙ୍କୁ ମାରିବା ପରେ ତାଙ୍କ ଦମ୍ଭ ଓ ବିଶ୍ୱାସ ବହୁଗୁଣିତ ବଢ଼ି ଯାଇଥିଲା। କିନ୍ତୁ ସବୁ ଓଲଟା ହୋଇଗଲା। ଇରାନ ରକ୍ତମୁଖା ହୋଇ ଆମେରିକାକୁ ଚୋଟ ପରେ ଚୋଟ ମାରି ଚାଲିଛି। ଯାହା ଅତୀତରେ କେବେ ଦେଖିବାକୁ ମିଳିନଥିଲା, ତାହା ଏବେ ଦେଖିବାକୁ ମିଳୁଛି। ଦିନ ଥିଲା ସର୍ବଶକ୍ତିମାନ ଆମେରିକା ସହିତ ଆଖି ମିଳାଇ କଥା ହେବାକୁ କେହି ସାହସ କରି ପାରୁନଥିଲେ। କିନ୍ତୁ ଆଜି ଇରାନ ଗୋଟିଏ ପାଦ ଆଗକୁ ଯାଇ ଆମେରିକାକୁ ଚୋଟ ମାରିବାରେ ଲାଗିଛି। ଉପସାଗରୀୟ ଦେଶମାନଙ୍କରେ ଥିବା ଆମେରିକାର ସାମରିକ ପ୍ରତିଷ୍ଠାନ ଉପରେ କ୍ଷେପଣାସ୍ତ୍ର ଓ ଡ୍ରୋନ ମାଡ଼ କରି ସବୁ ଛାରଖାର କରି ସାରିଲାଣି। ଇସ୍ରାଏଲ ଅବସ୍ଥା ନକହିଲେ ଭଲ। ଇସ୍ରାଏଲର ଅନେକ ସହର ଧ୍ୱଂସସ୍ତୂପ ପାଲଟିଲାଣି। ଆଇରନ ଡୋମ୍ କାମ ଦେଉନି। ଆମେରିକା ଓ ଇସ୍ରାଏଲ ମିଶି ଇରାନ ଉପରେ ଯେତେ ଆକ୍ରମଣ କରୁଛନ୍ତି, ଇରାନ ସେତିକି ଉଗ୍ର ହୋଇ ପ୍ରତିଶୋଧ ନେବାରେ ଲାଗିଛି। ଇରାନ ଏତେ ବଳ ପାଇଲା କେଉଁଠୁ। ଅସହାୟ ହୋଇପଡ଼ିଲେଣି ଟ୍ରମ୍ପ। ଇସ୍ରାଏଲ ସମେତ ଉପସାଗରୀୟ ଦେଶମାନଙ୍କରେ ଥିବା ଆମେରିକା ନାଗରିକଙ୍କୁ ସୁରକ୍ଷା ଦେବା ସ୍ଥିତିରେ ନାହାନ୍ତି। ଏହିସବୁ ଦେଶରୁ ନିଜର ନାଗରିକମାନଙ୍କୁ ଆମେରିକା ଫେରି ଆସିବା ଲାଗି ପରାମର୍ଶ ଦେଲେଣି। ଏମିତି ବେଇଜ୍ଜତ୍ କେବେ ହୋଇନଥିଲା ଆ।।ମେରିକା। ଆମେରିକାକୁ ପୁଣି ମହାନ (ମାଗା) କରିବାକୁ ସଂକଳ୍ପ ନେଇଥିବା ଟ୍ରମ୍ପ ଆମେରିକାର ଇଜ୍ଜତକୁ ବରବାଦ କରିସାରିଲେଣି। ତାଙ୍କର ପାଗଳାମି ଯୋଗୁଁ ମିତ୍ର ଦେଶ ମଧ୍ୟ ଧରାଛୁଆଁ ଦେଉ ନାହାନ୍ତି। ଭାବିଥିଲେ ଇରାନ ଉପରେ ଆକ୍ରମଣ କଲେ ମିତ୍ର ଦେଶ ବିଶେଷ କରି ୟୁରୋପୀୟ ରାଷ୍ଟ୍ର ତାଙ୍କୁ ସହଯୋଗ କରିବାକୁ ଆଗେଇ ଆସିବେ। କିନ୍ତୁ ସେମାନେ ସମର୍ଥନ ଦେବା ତ ଦୂରର କଥା, ତାଙ୍କୁ ଅନାଉ ବି ନାହାନ୍ତି। ଏହାକୁ ନେଇ ଟ୍ରମ୍ପ ଭୀଷଣ ବ୍ୟସ୍ତ ଓ ବିବ୍ରତ। ରାତିଦିନ ନାଟୋ ନେତାମାନଙ୍କୁ ଅଭିଶାପ ଦେବାରେ ଲାଗିଛନ୍ତି। ଅସହାୟ ହୋଇପଡ଼ିଲେଣି ଟ୍ରମ୍ପ। ମିଟିଂରେ ମନ ଲାଗୁନି। ରାତିରେ ନିଦ ହେଉନି। ଧର୍ମଗୁରୁମାନଙ୍କୁ ହ୍ୱାଇଟ୍ ହାଉସ ଡକାଇ ଉପଚାର କରାଉଛନ୍ତି। ତଥାପି କିଛି କାମ ଦେଉନି। ଯୁଦ୍ଧ କେବେ ସରିବ, କହିପାରୁ ନାହାନ୍ତି। କେବେ କହୁଛନ୍ତି ଚାରି ଦିନରେ ସରିଯିବ, କେବେ କହୁଛନ୍ତି ଚାରିମାସ। ପୁଣି କହୁଛନ୍ତି କେବେ ସରିବ, କହିବା ମୁସ୍କିଲ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ।।ନେତନ୍ୟାହୁଙ୍କ କଥାରେ ପଡ଼ି ସେ ଆଜି କଲବଲ ହେଉଛନ୍ତି। ।।ସେ ହିଁ ଟ୍ରମ୍ପଙ୍କୁ ମତାଇ ଏଭଳି କାଣ୍ଡ ଘଟାଇଛନ୍ତି। ଗାଜା ଯୁଦ୍ଧ ପରେ ଅସୁରକ୍ଷିତ ହୋଇପଡ଼ିଥିବା ନେତନ୍ୟାହୁ ନିଜର ଗାଦି ବଞ୍ଚାଇବା ଲାଗି ଟ୍ରମ୍ପଙ୍କୁ ମତାଇଥିବା କୁହାଯାଉଛି।

### ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଅର୍ଥନୈତିକ ସ୍ୱାସ୍ଥ୍ୟ ସୂଚକାଙ୍କ ପ୍ରକାଶିତ

# 'ନବୀନ ଅର୍ଥନୀତି' ଦେଶରେ ଶ୍ରେଷ୍ଠ

ଭୁବନେଶ୍ୱର,୧୨।୩(ସମିସ): ଅତୀତରେ ବିଜେଡି ସରକାରର ଆର୍ଥିକ ପରିଚାଳନାକୁ ବିଭିନ୍ନ ସମୟରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଂସ୍ଥା ପ୍ରଶଂସା କରି ଆସିଛନ୍ତି। ଏକ ନିଅଣ୍ଟିଆ ଓ ରୋଗୀଣା ଅର୍ଥନୀତିରୁ ରାଜ୍ୟକୁ ଏକ ରାଜସ୍ୱ ବଳକା ରାଜ୍ୟରେ ପରିଣତ କରିବା ସହ ସୁସ୍ଥ ବିତ୍ତୀୟ ପରିଚାଳନା ଯୋଗୁଁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟିକୁ ସାରା ଦେଶ ପ୍ରଶଂସା କରିଛି। କ୍ଷମତାରୁ ଯିବାର ଦୁଇ ବର୍ଷ ପରେ ବି ବିଭିନ୍ନ କେନ୍ଦ୍ରୀୟ ରିପୋର୍ଟରେ ତତ୍‌କାଳୀନ ନବୀନ ପଟ୍ଟନାୟକ ସରକାରଙ୍କ ବିକାଶର ଛବି, ଅର୍ଥନୀତି, ସ୍ୱାସ୍ଥ୍ୟ ସେବା ଆଦି ପ୍ରଶଂସିତ ହୋଇଛି। ନିକଟରେ ପ୍ରକାଶିତ ନିତି ଆୟୋଗ ରିପୋର୍ଟରେ ତତ୍‌କାଳୀନ ନବୀନ ପଟ୍ଟନାୟକ ସରକାଙ୍କ ସ୍ୱାସ୍ଥ୍ୟ ଅର୍ଥନୀତିକୁ ବେଶ୍ ପ୍ରଶଂସା କରାଯାଇଛି। ଅର୍ଥନୈତିକ ସ୍ୱାସ୍ଥ୍ୟ ସୂଚକାଙ୍କରେ ନବୀନଙ୍କ ସମୟରେ ଓଡ଼ିଶା ଦେଶରେ ଶ୍ରେଷ୍ଠସ୍ଥାନ ଅଧିକାର କରିଥିଲା ବୋଲି ପୁଣି ନିତି ଆୟୋଗଙ୍କ ଆଉ ଏକ ନୂଆ ରିପୋର୍ଟରେ ପ୍ରକାଶିତ ହୋଇଛି।

୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ନିତି ଆୟୋଗ ଦ୍ୱାରା ପ୍ରକାଶିତ ଅର୍ଥନୈତିକ ସ୍ୱାସ୍ଥ୍ୟ ସୂଚକାଙ୍କରେ 'ନବୀନ ଓଡ଼ିଶା' ଦେଶର ଏକ ନମ୍ବର ସ୍ଥାନ ଅଧିକାର କରିଛି। ୭୩.୧ ନମ୍ବର ସହ ଓଡ଼ିଶା ଦେଶରେ ଏକ ନମ୍ବର ସ୍ଥାନ ହାସଲ କରିଥିବା ବେଳେ ୫୪.୭ ନମ୍ବର ରଖି ଗୋଆ ୨ ନମ୍ବର ସ୍ଥାନରେ ରହିଛି। ଓଡ଼ିଶା ଏବଂ ଗୋଆ ମଧ୍ୟରେ ୧୮.୪ ଅଙ୍କର ବ୍ୟବଧାନ ଥିବାବେଳେ ଅନ୍ୟ ରାଜ୍ୟଗୁଡ଼ିକ କାହିଁ କେତେ ପଛରେ ରହିଛନ୍ତି। ଏହାହିଁ ଓଡ଼ିଶାର ସୁଦୃଢ଼ ଆର୍ଥିକ ନୀତିକୁ ସୂଚାଉଚି ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଏହି ରିପୋର୍ଟ ଅନୁଯାୟୀ ତାଲିକାରେ ଝାଡଖଣ୍ଡ ୫୦.୫ ଅଙ୍କ ସହ ତୃତୀୟ ସ୍ଥାନରେ ଥିବାବେଳେ ଗୁଜରାଟ ୪୯.୯ ଅଙ୍କ ସହ ଚତୁର୍ଥ, ମହାରାଷ୍ଟ୍ର ୪୫ ଅଙ୍କ ସହ ପଞ୍ଚମ ସ୍ଥାନରେ ରହିଛନ୍ତି। ସେହିପରି ଛତିଶଗଡ଼ ଓ ତେଲେଙ୍ଗାନା ୪୪.୩ ଉତ୍ତର ପ୍ରଦେଶ ୪୧.୯, କର୍ଣ୍ଣାଟକ ୪୧.୭, ମଧ୍ୟପ୍ରଦେଶ ୩୭.୮ ଅଙ୍କ ସହ ଯଥାକ୍ରମେ ଷଷ୍ଠରୁ ଦଶମ ସ୍ଥାନ ଯାଏଁ ରହିଛନ୍ତି।

- ୭୩.୧ ଅଙ୍କ ସହ ସର୍ବାଗ୍ରେ ଓଡ଼ିଶା
- ୫ଟିରୁ ୪ ବର୍ଗରେ ସର୍ବାଗ୍ରେ ଓଡ଼ିଶା
- ଋଣ ପରିଚାଳନାରେ ଓଡ଼ିଶାକୁ ୯୫.୮%
- ଗୁଣାତ୍ମକ ବ୍ୟୟ କ୍ଷେତ୍ରରେ ୭୧.୨୦%

ସାମଗ୍ରିକ ଭାବେ ଓଡ଼ିଶା ସୂଚକାଙ୍କରେ ଏକ ନମ୍ବର ଥିବାବେଳେ ଏଥିରେ ବିଭିନ୍ନ ବର୍ଗରେ ମଧ୍ୟ ନିଜର ଦବଦବା ଜାହିର୍ କରିଛି। ଗୁଣାତ୍ମକ ଖର୍ଚ୍ଚ(କ୍ୱାଲିଟି ଅଫ୍ ଏକ୍ସପେଣ୍ଡିଚର)ରେ ୭୧.୨ ଅଙ୍କ ସହ ଓଡ଼ିଶା ଏହି ବର୍ଗରେ ଶୀର୍ଷରେ ରହିଛି। ରାଜସ୍ୱ ସଂଗ୍ରହ କ୍ଷେତ୍ରରେ ଓଡ଼ିଶାଠାରୁ ଗୋଆ ୦.୧% ଆଗରେ ରହିଛି। ଗୋଆ ୮୦.୪ ଅଙ୍କ ପାଇଥିବା ବେଳେ ଓଡ଼ିଶା ୮୦.୩ ଅଙ୍କ ସହ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଫିସକାଲ ପ୍ରୁଡେନ୍ସ ବର୍ଗରେ ଓଡ଼ିଶା ୫୮.୭ ଅଙ୍କ ସହ ପ୍ରଥମ ସ୍ଥାନରେ ଥିବା ବେଳେ ଋଣ ପରିଚାଳନାରେ ୯୫.୮ ପ୍ରତିଶତ ସହ ଏହି ବର୍ଗରେ ସର୍ବୋଚ୍ଚ ସ୍ଥାନରେ ରହିଛି। ଋଣ ସ୍ଥିରତା କ୍ଷେତ୍ରରେ ମଧ୍ୟ ୫୯.୫ ପ୍ରତିଶତ ସହ ସର୍ବାଗ୍ରେ ରହିଛି ଓଡ଼ିଶା। ରିପୋର୍ଟରେ ଅନ୍ୟ ରାଜ୍ୟମାନେ ବହୁ ପଛରେ ରହିଥିବା ବେଳେ ଓଡ଼ିଶାର ସ୍ଥିତି ଏହାର କୁଶଳୀ ନେତୃତ୍ୱକୁ ଦର୍ଶାଉଛି ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ୫-ଟି ଉପକ୍ରମର ଅନୁପାଳନ, ଦୃଢ଼ ନେତୃତ୍ୱ, ଶାସନରେ ନୂତନତା ସହ ଦୁର୍ନୀତି ବିରୋଧୀ ଶୂନ୍ୟ ସହନଶୀଳ ନୀତି ପାଇଁ ଓଡ଼ିଶାକୁ ଏହି ସଫଳତା ମିଳିଛି ବୋଲି ଅର୍ଥନୈତିକ ମହଲରେ ମତପ୍ରକାଶ ପାଇଛି।

### ଖୁସି ପ୍ରକଟ କଲେ ନବୀନ

# ଏହା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ

ଭୁବନେଶ୍ୱର,୧୨।୩(ସମିସ): ନିତି ଆୟୋଗ ଦ୍ୱାରା ୨୦୨୩-୨୪ ବର୍ଷ ପାଇଁ ପ୍ରକାଶିତ ଅର୍ଥନୈତିକ ସ୍ୱାସ୍ଥ୍ୟ ସୂଚକାଙ୍କରେ ଓଡ଼ିଶାର ପ୍ରଦର୍ଶନକୁ ନେଇ ଖୁସିବ୍ୟକ୍ତ କରିଛନ୍ତି ବିରୋଧୀ ଦଳ ନେତା ତଥା ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଓଡ଼ିଶା ୨୦୨୩-୨୪ ବର୍ଷ ପାଇଁ ନୀତି ଆୟୋଗର ଆର୍ଥିକ ସ୍ୱାସ୍ଥ୍ୟ ସୂଚକାଙ୍କରେ ଦେଶରେ ନମ୍ବର-୧ ହୋଇଛି। ଏହା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ଯେ ଓଡ଼ିଶା କେବଳ ଦେଶକୁ ନେତୃତ୍ୱ ଦେଇନାହିଁ ବରଂ ୭୩.୧ ସ୍କୋର ସହିତ ଦ୍ୱିତୀୟ ସ୍ଥାନରେ ଥିବା ଗୋଆ(୫୪ ଅଙ୍କ)ଠାରୁ ବହୁ ଆଗରେ ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ୨୦୦୦ ମସିହାରେ ରାଜ୍ୟ ଦେବାଳିଆ ଅବସ୍ଥାରୁ ବାହାରି ବର୍ତ୍ତମାନ ପ୍ରତ୍ୟେକ ମାନଦଣ୍ଡରେ ଶୀର୍ଷରେ ପହଞ୍ଚିଛି, ଯାହା ଦେଶରେ କୌଣସି ଡବଲ୍ ଇଞ୍ଜିନ ସରକାର ଏହି ସଫଳତା ପାଇପାରି ନାହାନ୍ତି। ଏହା ମୋ ପାଇଁ ଅତ୍ୟନ୍ତ ଆତ୍ମସନ୍ତୋଷର କଥା। ଏକ ସଙ୍କଟଜନକ ଆର୍ଥିକ ଅବସ୍ଥାରୁ ଆର୍ଥିକ ସ୍ୱାସ୍ଥ୍ୟରେ ଶୀର୍ଷ ପ୍ରଦର୍ଶକ ହେବା ପର୍ଯ୍ୟନ୍ତ ଓଡ଼ିଶାର ଯାତ୍ରା ୫-ଟି ନୀତି ଅଧୀନରେ ଦୂରଦୃଷ୍ଟି ଓ ପରିବର୍ତ୍ତନଶୀଳ ଶାସନକୁ ପ୍ରତିଫଳିତ କରୁଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଆମ ଶାସନର ବିଶେଷତ୍ୱ ଆର୍ଥିକ ସ୍ୱାସ୍ଥ୍ୟର ପ୍ରତ୍ୟେକ ମାନଦଣ୍ଡରେ ପ୍ରତିଫଳିତ ହେଉଛି। ବ୍ୟୟର ଗୁଣବତ୍ତା, ରାଜସ୍ୱ ସଂଗ୍ରହ, ଆର୍ଥିକ ସତର୍କତା ଏବଂ ଋଣ ଭାର ହ୍ରାସ କ୍ଷେତ୍ରରେ ଓଡ଼ିଶା ଏକ ଆଦର୍ଶ ରାଜ୍ୟ ଭାବରେ ଉଭା ହୋଇଛି। ଏହି ନିରନ୍ତର ଆର୍ଥିକ ସ୍ଥିରତା ରାଜ୍ୟକୁ ବହୁ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାକୁ ପ୍ରୋତ୍ସାହିତ କରିପାରିଛି। କେନ୍ଦ୍ରର ସହଯୋଗକୁ ଅପେକ୍ଷା ନ କରି ଓଡ଼ିଶା ବିଏସକେୱାଇ, କାଳିଆ, ମିଶନ ଶକ୍ତି, ଦକ୍ଷତା ବିକାଶ, ଓଡ଼ିଶା ସ୍କୁଲ ରୂପାନ୍ତରଣ, ଆଦିବାସୀ ବିକାଶ, ବିପର୍ଯ୍ୟୟ ପରିଚାଳନା, ଭିତ୍ତିଭୂମି ବିକାଶ, ଜଳସେଚନ ପ୍ରକଳ୍ପ, ଦାରିଦ୍ର୍ୟ ହ୍ରାସ ଉଦ୍ୟମ ଏବଂ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରିପାରିଛି। ଏହି ପରିବର୍ତ୍ତନଶୀଳ ଯାତ୍ରାରେ ସାଥୀ ହେବା ପାଇଁ ଓଡ଼ିଶାର ଜନତାଙ୍କୁ ମୁଁ ଧନ୍ୟବାଦ ଜଣାଉଚି ବୋଲି ନବୀନ କହିଛନ୍ତି। ଏହାସହ ନବୀନ ବର୍ତ୍ତମାନର ରାଜ୍ୟର ଆର୍ଥିକ ସ୍ଥିତିକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ଓଡ଼ିଶାର ଡବଲ୍ ଇଞ୍ଜିନ ସରକାର ଯେଉଁଭଳି ଭାବେ ଆର୍ଥିକ ପରିଚାଳନା କରୁଛନ୍ତି ତାହା ଦେଖି ମୁଁ ଚିନ୍ତିତ ହୋଇପଡ଼ିଛି। ଏହାଦ୍ୱାରା ରାଜ୍ୟ ଦେବାଳିଆ ସ୍ଥିତି ଆଡ଼କୁ ବଢୁଥିବା ବେଳେ ଏବଂ ବିକାଶର ଗତିକୁ ୨୫ ବର୍ଷ ପଛକୁ ଠେଲି ଦେଉଛି ବୋଲି ନବୀନ ଚିନ୍ତାପ୍ରକଟ କରିଛନ୍ତି।

- ସୂଚକାଙ୍କ '୫-ଟି' ନୀତି ଅଧୀନରେ ଦୂରଦୃଷ୍ଟି ଓ ପରିବର୍ତ୍ତନଶୀଳ ଶାସନକୁ ପ୍ରତିଫଳିତ କରୁଛି
- ବର୍ତ୍ତମାନର ଆର୍ଥିକ ପରିଚାଳନାକୁ ନେଇ ଉଦ୍‌ବେଗ, ଦେବାଳିଆ ସ୍ଥିତି ଆଡ଼କୁ ବଢୁଛି ରାଜ୍ୟ

# କଣ୍ଟାପଡ଼ା ତହସିଲଦାର ଗିରଫ

କଟକ, ୧୧।୩ (ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡ଼ିଥିବା କଟକ ଜିଲ୍ଲା କଣ୍ଟାପଡ଼ା ତହସିଲଦାର ପ୍ରସନ୍ନ ସାମନ୍ତରାୟ ଆଜି ଗିରଫ ହୋଇଛନ୍ତି। ଶ୍ରୀ ସାମନ୍ତରାୟଙ୍କୁ କଟକର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯିବା ସହ ଜେଲ୍ ପଠାଇ ଦିଆଯାଇଛି। ଏହି ଘଟଣାରେ କଟକ ଭିଜିଲାନ୍ସ ଥାନାରେ ଶ୍ରୀ ସାମନ୍ତରାୟ ଏବଂ ତାଙ୍କ ପତ୍ନୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଶ୍ରୀ ସାମନ୍ତରାୟ ନିଜ ଆୟ ତୁଳନାରେ ୮୦ ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ଆକଳନ କରିଛି। ଚଢ଼ଉ ସମୟରେ ତହସିଲଦାର ଓ ତାଙ୍କ ପରିବାର ନାମରେ କୋଟିକୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି ଭିଜିଲାନ୍ସ। ଭୁବନେଶ୍ୱରର କେଶୁରା ଅଞ୍ଚଳରେ ଏକ ୪୦୬୫ ବର୍ଗଫୁଟ୍‌ର ତିନି ମହଲା କୋଠା ଏବଂ ଅନ୍ୟ ଏକ ୬୭୫୦ ବର୍ଗଫୁଟ୍‌ର ନିର୍ମାଣାଧୀନ ତିନି ମହଲା କୋଠା ଠାବ କରାଯାଇଛି। ଭୁବନେଶ୍ୱରର ବିଭିନ୍ନ ପ୍ରମୁଖ ସ୍ଥାନ ଯଥା କେଶୁରା, କୋରଡ଼କଣ୍ଟା, ବାଙ୍କୁଆଳ ଏବଂ ମେହେରପଲ୍ଲୀ ଅଞ୍ଚଳରେ ତାଙ୍କର ୭ଟି ମୂଲ୍ୟବାନ ପ୍ଲଟ୍ ରହିଛି। ଯାଞ୍ଚ ବେଳେ ତାଙ୍କ ଘରୁ ୨ଲକ୍ଷ ୧୭ହଜାର ୮୧୦ ଟଙ୍କା ନଗଦ ଟଙ୍କା ଜବତ କରାଯାଇଛି। ଏଥିସହ ତାଙ୍କର ଗୋଟିଏ ମାରୁତି ବ୍ରିଜା କାର୍ ଏବଂ ୩ଟି ବାଇକ୍ ସହ ପ୍ରାୟ ୧୧ଲକ୍ଷ ଟଙ୍କାର ଘରୋଇ ଆସବାବପତ୍ର ଠାବ କରାଯାଇଛି। ସମ୍ପତ୍ତିର ହିସାବ ଓ ଯାଞ୍ଚ ପରେ ତହସିଲଦାର ଶ୍ରୀ ସାମନ୍ତରାୟ ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ଭିଜିଲାନ୍ସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବର୍ତ୍ତମାନ ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଛି। ପ୍ରକାଶଥାଉକି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ଆଧାରରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଥିଲା।

**ଆୟ ତୁଳନାରେ ୮୦ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ**

# ବିରୂପାରେ ବୁଡ଼ି ଦୁଇ ଭାଇ ମୃତ



- ହତ୍ୟା ନା ଆତ୍ମହତ୍ୟାକୁ ନେଇ ବଢୁଛି ସନ୍ଦେହ
- ବ୍ୟାରେଜ୍ ଉପରୁ ମିଳିଥିଲା ପରିତ୍ୟକ୍ତ ବାଇକ୍ ଓ ହେଲମେଟ୍
- ଆର୍ଥିକ ଅନଟନ ଯୋଗୁଁ ଚରମ ନିଷ୍ପତ୍ତି ନେଇଥିବା ଅନୁମାନ

ଚୌଦ୍ୱାର, ୧୨।୩(ସମିସ): କଟକ ଜିଲ୍ଲା ଚୌଦ୍ୱାର ଥାନା ଅନ୍ତର୍ଗତ ବିରୂପା ନଦୀରୁ ଗୁରୁବାର ସକାଳେ ଦୁଇଜଣ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକଦ୍ୱୟ ହେଲେ, କଟକ ପେଟିନ୍ ସାହି ଅଞ୍ଚଳର ଦେବାଶିଷ ସାହୁ (୪୫) ଓ ତାଙ୍କ ଭାଇ ଶୁଭାଶିଷ ସାହୁ (୪୦)। ସ୍ଥାନୀୟ ମାଛ ଧରାଳିମାନେ ବିରୂପା ବ୍ୟାରେଜ୍ ନିକଟରେ ଦୁଇଟି ଶବ ଭାସୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ଚୌଦ୍ୱାର ପୁଲିସ ଅଗ୍ନିଶମବାହିନୀ ସହାୟତାରେ ଶବ ଦୁଇଟିକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ଗତ ସୋମବାରଠାରୁ ବ୍ୟାରେଜ୍ ଉପରେ ଏକ ବାଇକ୍ ଓ ହେଲମେଟ୍ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ବେଳେ ସେହିଦିନଠାରୁ ଉଭୟ ନିଖୋଜ ଥିବା ସମ୍ପର୍କୀୟମାନେ ଥାନାରେ ଅଭିଯୋଗ କରିଥିଲେ।

ମିଳିଥିବା ସୂଚନା ମୁତାବକ, ଦୁଇ ଭାଇ ନିଜର ପୈତୃକ ଘର ଓ ପରେ ଚୌଦ୍ୱାର ମଣ୍ଡାପଡ଼ାରେ କରିଥିବା ଘରକୁ ବିକ୍ରି କରି ତ୍ରିଶୁଳିଆ ଅଞ୍ଚଳରେ ଭଡ଼ାରେ ରହୁଥିଲେ। ସେମାନଙ୍କ ପିତାମାତାଙ୍କ ଦେହାନ୍ତ ହୋଇସାରିଥିବା ବେଳେ ଉଭୟ ଅବିବାହିତ ଥିଲେ। ସାନଭାଇ ଶୁଭାଶିଷ ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ ବଡ଼ଭାଇ ବେକାର ଥିଲେ। ଜାଗା ବିକ୍ରି ଟଙ୍କା ଶେଷ ହୋଇଯିବା ପରେ ସେମାନେ ଗଭୀର ଆର୍ଥିକ ସଙ୍କଟ ଦେଇ ଗତି କରୁଥିଲେ ବୋଲି ସମ୍ପର୍କୀୟମାନେ କହିଛନ୍ତି। ଆର୍ଥିକ ଅନଟନ ଯୋଗୁଁ ସେମାନେ ମାନସିକ ଚାପରେ ଏଭଳି ଚରମ ନିଷ୍ପତ୍ତି ନେଇଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ଦୁଇଭାଇଙ୍କ ମଧ୍ୟରେ ଅତ୍ୟନ୍ତ ନିବିଡ଼ ସମ୍ପର୍କ ଥିଲା ଏବଂ ସେମାନେ ବନ୍ଧୁବାନ୍ଧବଙ୍କ ସହ ମଧ୍ୟ ସୁସମ୍ପର୍କ ରଖୁଥିଲେ। ଏଭଳି ସ୍ଥିତିରେ ସେମାନେ ମିଳିତ ଭାବେ ଆତ୍ମହତ୍ୟା କରିଛନ୍ତି ନା ଏହା ପଛରେ ଅନ୍ୟ କିଛି ରହସ୍ୟ ରହିଛି, ସେନେଇ ପୁଲିସ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

# ୪୦ ଡିଗ୍ରୀ ଟପିଲା ପାରଦ

### ୧୫ରୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା

ଭୁବନେଶ୍ୱର, ୧୨।୩ (ସମିସ): ରାଜ୍ୟରେ ଚଳିତବର୍ଷ ପ୍ରଥମଥର ପାଇଁ ତାପମାତ୍ରା ୪୦ଡିଗ୍ରୀ ଅତିକ୍ରମ କରିଛି। ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ଝାରସୁଗୁଡ଼ାରେ ତାପମାତ୍ରା ୪୦.୮ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ୧୩ ଓ ୧୪ରେ ମଧ୍ୟ ସମାନ ସ୍ଥିତି ଜାରି ରହିବାର ସମ୍ଭାବନା ରହିଛି। କାରଣ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ତାପମାତ୍ରା ୨-୩ ଡିଗ୍ରୀ ବଢ଼ିବା ନେଇ ପାଣିପାଗ କେନ୍ଦ୍ର କହିଛି। ଏହା ପ୍ରଭାବରେ ରାଜ୍ୟର ଏକାଧିକ ସହରରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁବା ସହ ଝାରସୁଗୁଡ଼ାରେ ତାପମାତ୍ରା ୪୨ ଡିଗ୍ରୀ ନିକଟତର ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଗୁରୁବାର ଝାରସୁଗୁଡ଼ା ବ୍ୟତୀତ ହୀରାକୁଦରେ ତାପମାତ୍ରା ୩୯.୨ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ସମ୍ବଲପୁରରେ ୩୯, ସୁନ୍ଦରଗଡ଼ରେ ୩୯, ଭୁବନେଶ୍ୱର ୩୮.୬, ରାଉରକେଲାରେ ୩୮.୪, ତାଳଚେର, ଟିଟିଲାଗଡ଼ ଓ ପାରଳାଖେମୁଣ୍ଡିରେ ତାପମାତ୍ରା ୩୮ ଡିଗ୍ରୀ ରେକର୍ଡ କରାଯାଇଛି।

ଅନ୍ୟପଟେ, ଆସନ୍ତା ୧୫ ତାରିଖରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ପଶ୍ଚିମା ଝଡ଼ ପ୍ରଭାବରେ ଆଗାମୀ ୧୫ରୁ ବର୍ଷା ଆରମ୍ଭ ହେବାକୁ ଥିବା ବେଳେ ଏହାର ପ୍ରଭାବ ପ୍ରାୟ ୩ଦିନ ପର୍ଯ୍ୟନ୍ତ ଜାରି ରହିବ। ୧୬ରେ ବିଜୁଳି ଘଡ଼ଘଡ଼ି ସହ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିପାରେ। ଏହି ସମୟରେ ଉପକୂଳବର୍ତ୍ତୀ ଜିଲ୍ଲା ସମେତ କିଛି ଆଭ୍ୟନ୍ତରୀଣ ଜିଲ୍ଲାରେ ବର୍ଷା ସାଙ୍ଗକୁ ପବନ ଓ ବିଜୁଳି ଘଡ଼ଘଡ଼ି ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ବର୍ଷା ସମୟରେ କେତେକ ସ୍ଥାନରେ କୁଆପଥର ଜନିତ ବର୍ଷା ସମ୍ଭାବନା ମଧ୍ୟ ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ୧୫ରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ସେହିଦିନ ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ବୃଦ୍ଧି ପାଇଁ ୩୦-୪୦ କିମି ପର୍ଯ୍ୟନ୍ତ ପହଞ୍ଚିବା ନେଇ ଆଶଙ୍କା କରାଯାଇଥିବା ବେଳେ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କାରଯାଇଛି।




### ଚୌଦ୍ୱାର ଜେଲ୍‌ରୁ ଅପରାଧୀ ଫେରାର ଘଟଣା

# କାହା ସୁରକ୍ଷା ଛାଇରେ ଜେଲ୍ ଅଧିକାରୀ?

ଭୁବନେଶ୍ୱର, ୧୨।୩ (ସମିସ): ଚୌଦ୍ୱାର ମଣ୍ଡଳ କାରାଗାର ପାଚେରି ଡେଇଁ ଦୁଇ ଅପରାଧୀ ଫେରାର ଘଟଣାକୁ ୫ ମାସ ବିତିଗଲାଣି। କମିସନରେଟ ପୁଲିସ ଉତ୍ତରପ୍ରଦେଶର ବୃନ୍ଦାବନରୁ ମଧୁକାନ୍ତ ରଣାକୁ ଗିରଫ କରିଥିବା ବେଳେ ରାଜା ସାହାଣୀର ଟେର୍ ପାଇନାହିଁ। ଏହାରି ଭିତରେ ଅପରାଧୀ ଫେରାର ଘଟଣାର ତଦନ୍ତ ରିପୋର୍ଟ ତଳତଳିଆଙ୍କ ଠାରୁ ଆରମ୍ଭ କରି ବଡ଼ବଡ଼ିଆଙ୍କ ପ୍ରର୍ଯ୍ୟନ୍ତ, ସମସ୍ତଙ୍କୁ ଅଡୁଆରେ ପକାଇଛି। ତଦନ୍ତ ରିପୋର୍ଟରେ ୫ ଜଣଙ୍କୁ ଦାୟୀ କରାଯାଇଥିବା ବେଳେ ରହିଥିବା ବେଳେ ୱାର୍ଡର, ମୁଖ୍ୟ ୱାର୍ଡର ଓ ଜେଲରଙ୍କ ବିରୋଧରେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହୋଇଛି। ଜେଲର ବରିଷ୍ଠ ଅଧୀକ୍ଷକ ସୁଜିତ ରାଉଳ ଓ ସବ୍ ଆସିଷ୍ଟାଣ୍ଟ ଜେଲର ଶରତ କୁମାର ନନ୍ଦଙ୍କ ଦାୟିତ୍ୱ ଅବହେଳା ସ୍ପଷ୍ଟ ଭାବେ ଉଲ୍ଲେଖ ରହିଥିଲେ ମଧ୍ୟ ସେମାନଙ୍କ ବିରୋଧରେ ଏଯାଏଁ କାର୍ଯ୍ୟାନୁଷ୍ଠାନ ନହେବା, ବିଭାଗ ମୁଖିଆଙ୍କ ମନମାନୀକୁ ଦର୍ଶାଉଛି।

ଯାଜପୁର ଜିଲ୍ଲା ପାଣିକୋଇଲି ପଣ୍ଡା ଅଳଙ୍କାର ଦୋକାନ ଲୁଟ୍ ଓ ହତ୍ୟା ମାମଲାର ଅଭିଯୁକ୍ତ ମଧୁକାନ୍ତ ରଣା ଓ ରାଜା ସାହାଣୀ ଗିରଫ ହୋଇ ଯାଜପୁର ରୋଡ୍ ଜେଲରେ ଥିଲେ। ସୁରକ୍ଷା ଦୃଷ୍ଟିକୋଣରୁ ୨୦୨୫ ମସିହା ଫେବୃଆରୀ ମାସରେ ଉଭୟଙ୍କୁ ଚୌଦ୍ୱାର ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ସେବେଠାରୁ ଉଭୟ ଚୌଦ୍ୱାର ଜେଲର ହାଇ ସିକ୍ୟୁରିଟି ସେଲରେ ରହୁଥିବା ବେଳେ ଗତବର୍ଷ ଅକ୍ଟୋବର ୨/୩ ରାତିରେ ସେଲ୍ ଗ୍ରୀଲ କାଟି ପାଚେରୀ ଉପରେ ଚଢ଼ି ଫେରାର ହୋଇଯାଇଥିଲେ। ଘଟଣାରୁ ନଜର ହଟାଇବା ଲାଗି ପ୍ରଥମେ ୱାର୍ଡର ଓ ମୁଖ୍ୟ ୱାର୍ଡରଙ୍କୁ ନିଲମ୍ବନ କରାଯାଇଥିବା ବେଳେ ପରେ ଜେଲର ମଧ୍ୟ ନିଲମ୍ବିତ ହୋଇଥିଲେ।

**ସବ୍ ଆସିଷ୍ଟାଣ୍ଟ ଜେଲରଙ୍କ ବିରୋଧରେ ହେଲା ନାହିଁ କାର୍ଯ୍ୟାନୁଷ୍ଠାନ**

ତେବେ ଡିଆଇଜି ଅନୁସୟା ଜେନା ଦାଖଲ କରିଥିବା ତଦନ୍ତ ରିପୋର୍ଟରେ ଚୌଦ୍ୱାର ଜେଲ ଅଧିକାରୀଙ୍କ ଦାୟିତ୍ୱରେ ଅବହେଳା ଜଳଜଳ ଦିଶୁଛି। ଚୌଦ୍ୱାର ମଣ୍ଡଳ କାରାଗାରର ତତ୍କାଳୀନ ଜେଲର୍ ୨୦୨୫ ମସିହା ଜୁଲାଇ ୧୫ ତାରିଖ ଦିନ ଠାରୁ ସବ୍ ଆସିଷ୍ଟାଣ୍ଟ ଜେଲର୍ ଶରତ କୁମାର ନନ୍ଦଙ୍କୁ ରାତ୍ରିକାଳୀନ ଡ୍ୟୁଟି (ନାଇଟ୍ ରାଉଣ୍ଡ) କରିବାକୁ ନିର୍ଦ୍ଦେଶନାମା ଦେଇଥିଲେ। ଶ୍ରୀ ନନ୍ଦ ରାତି ସମୟରେ ଜେଲ୍ ଭିତରେ ପଇଁତରା ମାରିବା ସହ ୱାର୍ଡର୍, ମୁଖ୍ୟ ୱାର୍ଡର ଓ ଅନ୍ୟ କର୍ମଚାରୀମାନେ ଠିକ୍ ଭାବେ ଡ୍ୟୁଟି କରୁଛନ୍ତି କି ନାହିଁ, ତାହାର ତଦାରଖ ଦାୟିତ୍ୱରେ ଥିଲେ। ଅକ୍ଟୋବର ୨ ରାତି ୧୦ଟା ୩୦ ସମୟରେ ସବ୍ ଆସିଷ୍ଟାଣ୍ଟ ଜେଲର୍ ଶ୍ରୀ ନନ୍ଦ ଜେଲ୍ ଭିତରକୁ ଯାଇ ୧୧ଟା ୨୦ ସୁଦ୍ଧା ଜେଲ୍ ଗେଟକୁ ଫେରି ଆସିଥିଲେ ବୋଲି ଡିଆଇଜି ଶ୍ରୀମତୀ ଜେନା ସିସିଟିଭି ଫୁଟେଜରୁ ଜାଣିବାକୁ ପାଇଥିଲେ। ରାତି ୧୧ଟା ୨୦ ପରଠାରୁ ଶ୍ରୀ ନନ୍ଦ ଆଉ ଜେଲ୍ ଭିତରକୁ ଯାଇ ନ ଥିଲେ। ଶ୍ରୀ ନନ୍ଦ ସଠିକ୍ ଭାବେ ତଦାରଖ କରିନଥିବାରୁ ୱାର୍ଡର ଓ ମୁଖ୍ୟ ୱାର୍ଡରଙ୍କ ଡ୍ୟୁଟି ଅବହେଳା ତୁରନ୍ତ ସାମ୍ନାକୁ ଆସି ନ ଥିଲା। ଫଳରେ ଚୌଦ୍ୱାର ଭଳି ସୁରକ୍ଷିତ ଜେଲରୁ ଦୁଇ ଅପରାଧୀ ଅନାୟାସରେ ଖସିଯିବାରେ ସଫଳ ହେଲେ। କାର୍ଯ୍ୟରେ ଅବହେଳା ପାଇଁ ୱାର୍ଡର ଓ ମୁଖ୍ୟ ୱାର୍ଡର ନିଲମ୍ବନ ହୋଇଥିଲେ ମଧ୍ୟ ସବ୍ ଆସିଷ୍ଟାଣ୍ଟ ଜେଲର ଶ୍ରୀ ନନ୍ଦଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସେହିପରି ଦୀର୍ଘଦିନ ଧରି ଚୌଦ୍ୱାର ଜେଲରେ ନାଇଟ୍ ଡ୍ୟୁଟି ହେଉନଥିଲା ବୋଲି ଡିଆଇଜିଙ୍କ ତଦନ୍ତ ରିପୋର୍ଟରେ ଉଲ୍ଲେଖ ରହିଛି। ତଦନ୍ତ ରିପୋର୍ଟରେ ୱାର୍ଡରଙ୍କ ଆରମ୍ଭ କରି ଜେଲର ବରିଷ୍ଠ ଅଧୀକ୍ଷକ ସୁଜିତ ରାଉଳଙ୍କ ଦାୟିତ୍ୱ ଅବହେଳାକୁ ଜଳଜଳ ଦିଶୁଥିଲେ ମଧ୍ୟ ଏଯାଏଁ କେବଳ ୱାର୍ଡର, ମୁଖ୍ୟ ୱାର୍ଡର ଓ ଜେଲରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଏପରି ସ୍ଥଳେ ବାକି ଅଧିକାରୀ ଦୋଷୀ ନା ତଦନ୍ତରେ କୌଣସି ତ୍ରୁଟି ରହିଛି, ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

## ତିନି ବର୍ଷ ଅବଧିର କାମ ୪ ବର୍ଷ ପରେ ମଧ୍ୟ ଅଧୁରା

# ମଙ୍ଗଳପୁର–ଭୀମକୁଣ୍ଡ ରାସ୍ତା ନିର୍ମାଣ କାର୍ଯ୍ୟ ମନ୍ଥର




ତୁରୁମୁଙ୍ଗା, ୧୨।୩(ସମିସ): ସରକାରୀ ଫଳକରେ ୨୦୨୩ ଶେଷ ସୁଦ୍ଧା କାମ ଶେଷ କରିବା ପାଇଁ ଲେଖା ଯାଇଥିଲା; କିନ୍ତୁ ବାସ୍ତବ ଚିତ୍ର ଏବେ ସଂପୂର୍ଣ୍ଣ ଭିନ୍ନ। ଦୀର୍ଘ ୪ ବର୍ଷ ବିତିଯାଇଥିଲେ ମଧ୍ୟ ମଙ୍ଗଳପୁର–ଭୀମକୁଣ୍ଡ ରାସ୍ତା ଉନ୍ନତି ଓ ପ୍ରଶସ୍ତୀକରଣ କାମ ଏପର୍ଯ୍ୟନ୍ତ ଅଧୁରା ରହିଛି। ବିଳମ୍ବ ପଛରେ ପ୍ରଶାସନିକ ଅବହେଳା, ଠିକାଦାରୀ ଅବ୍ୟବସ୍ଥା ନେଇ ପ୍ରଶ୍ନ ଉଠୁଛି।

୨୦୨୩ ଜାନୁଆରୀ ୩ ତାରିଖରେ ପୂର୍ତ୍ତ ବିଭାଗ ପକ୍ଷରୁ ନାବାର୍ଡ ସହାୟତାରେ ମଙ୍ଗଳପୁର–ଭୀମକୁଣ୍ଡ ରାସ୍ତାର ୦୦/୦୦ କିମିଠାରୁ ୧୧/୮୦୦ କିମି ପର୍ଯ୍ୟନ୍ତ ଉନ୍ନତି ଓ ପ୍ରଶସ୍ତୀକରଣ କାମ ପାଇଁ ଶିଳାନ୍ୟାସ କରାଯାଇଥିଲା। ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକଙ୍କ ଉପସ୍ଥିତିରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପକୁ ଅଞ୍ଚଳର ଉନ୍ନତିର ମୁଖ୍ୟ ସଂଯୋଗ ସଡ଼କ ଭାବେ ଦେଖାଯାଇଥିଲା।

ଫଳକ ଅନୁସାରେ ୨୦୨୩ ମସିହା ଶେଷ ସୁଦ୍ଧା କାମ ସମାପ୍ତ ହେବାକୁ ଥିଲା। କିନ୍ତୁ ୨୦୨୪, ୨୦୨୫ ଓ ୨୦୨୬ର ପ୍ରଥମ ଅଢ଼େଇ ମାସ ବିତିଯାଇଥିଲେ ମଧ୍ୟ ରାସ୍ତା ପ୍ରଶସ୍ତୀକରଣ ଅଧୁରା ରହିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଭୀମକୁଣ୍ଡରେ ମୁଖ୍ୟମନ୍ତ୍ରୀଙ୍କ ମକର ବୁଡ଼ କାର୍ଯ୍ୟକ୍ରମ ହେବା ସମ୍ଭାବନା ଥିବା ସମୟରେ ହଠାତ୍ କାମର ଗତି ବଢ଼ାଯାଇ ଯୁଦ୍ଧକାଳୀନ ଭିତ୍ତିରେ କରାଯାଇ ଥିଲା କିନ୍ତୁ ପରେ ମକର ବୁଡ଼ କାର୍ଯ୍ୟକ୍ରମ ପାଇଁ ରାଜନଗରକୁ ବଛାଯିବା ପରେ ପୁଣି କାମ ଧିମା ପଡ଼ିଥିବା ଦେଖିବାକୁ ମିଳିଛି।ଅଧୁରା ରାସ୍ତା ଯୋଗୁଁ ଧୂଳି, କାଦୁରେ ଦୈନିକ ଯାତାୟାତ କଷ୍ଟସାଧ୍ୟ ହୋଇପଡ଼ିଛି। ବର୍ଷା ଦିନରେ ପରିସ୍ଥିତି ଆହୁରି ଦୟନୀୟ ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ଜରୁରୀ ସେବା ଓ ଛାତ୍ରଛାତ୍ରୀଙ୍କ ଯାତାୟାତ ମଧ୍ୟ ପ୍ରଭାବିତ ହେଉଛି। ଠିକାସଂସ୍ଥାର କାର୍ଯ୍ୟଦକ୍ଷତା, ପୂର୍ତ୍ତ ବିଭାଗର ନିରୀକ୍ଷଣ ବ୍ୟବସ୍ଥା ଏବଂ ପ୍ରଶାସନିକ ମନିଟରିଂ ଉପରେ ପ୍ରଶ୍ନ ଉଠୁଛି। ସ୍ଥାନୀୟ ଲୋକମାନେ ପୂର୍ତ୍ତ ବିଭାଗ ତୁରନ୍ତ ହସ୍ତକ୍ଷେପ କରି କାମର ଅଗ୍ରଗତି ସମୀକ୍ଷା କରିବା ସହ ଏହାର ନୂତନ ସମୟସୀମା ଘୋଷଣା କରିବା ପୂର୍ବକ କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରିଛନ୍ତି।

# ପ୍ରବୀଣଙ୍କ ଇଂରାଜୀ ଉପନ୍ୟାସର ଲୋକାର୍ପଣ ଉତ୍ସବ




ଆନନ୍ଦପୁର, ୧୨।୩ (ସମିସ):

ଯୁବ ଲେଖକ ପ୍ରବୀଣ କୁମାର କବିଙ୍କ ପ୍ରଥମ ଇଂରାଜୀ ଉପନ୍ୟାସ "ୱି ବିକେମ୍ ଏ ପୋଏମ୍'ର ଲୋକାର୍ପଣ ଉତ୍ସବ ଘସିପୁରାସ୍ଥିତ ପ୍ରାଣବଲ୍ଲଭ ପବ୍ଲିକ୍ ସ୍କୁଲରେ ଏକ ସୃଜନମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ଡ଼ଃ ପ୍ରଦୀପ କୁମାର ମହାନ୍ତି, ଅଧ୍ୟାପକ ତଥା କବି ନିରଞ୍ଜନ ପତି, କବି ଡ଼ଃ ଅଶୋକ ପୁହାଣ ଏବଂ ଉପନ୍ୟାସର ପ୍ରକାଶକ ତଥା ଶୁଭପଲ୍ଲବ ପବ୍ଲିକେସନର ନିର୍ଦ୍ଦେଶକ ସଂଗ୍ରାମ କେଶରୀ ସେନାପତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉପନ୍ୟାସର ବିଷୟବସ୍ତୁ, ଶବ୍ଦ ସଂଯୋଜନା ଓ ସାହିତ୍ୟିକ ମୂଲ୍ୟବୋଧ ଉପରେ ଆଲୋଚନା କରିଥିଲେ। ଅତିଥିମାନେ ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ ଉପନ୍ୟାସଟି ମାନବୀୟ ଭାବନା, ନିରବ ପ୍ରେମ ଓ ସମ୍ପର୍କର ସୂକ୍ଷ୍ମତାକୁ ଅତ୍ୟନ୍ତ ସୁନ୍ଦର ଓ କବିତାମୟ ଭାବରେ ପ୍ରକାଶ କରିଛି। ବିଶେଷ ଅତିଥି ଭାବେ ଓଡ଼ିଶାର ସୁପରିଚିତ କଣ୍ଠଶିଳ୍ପୀ ସତ୍ୟଜିତ ଜେନା ଓ ଶୁଭଶ୍ରୀ ଜେନା ଅନ୍ୟ ଅତିଥିମାନଙ୍କ ସହ ଉପନ୍ୟାସଟିକୁ ଆନୁଷ୍ଠାନିକ ଭାବେ ଲୋକାର୍ପଣ କରିଥିଲେ। ଏହି ଅବସରରେ ଲେଖକ ପ୍ରବୀଣ କୁମାର କବି ତାଙ୍କ ଉଦବୋଧନରେ କହିଥିଲେ ଯେ ଏହି ଉପନ୍ୟାସଟି ତାଙ୍କ ଦୀର୍ଘଦିନର ଭାବନା, ଅନୁଭୂତି ଓ ନିରବ ସଂଘର୍ଷର ଫଳ। ପ୍ରେମ, ଦୂରତା ଓ ମାନବୀୟ ସମ୍ପର୍କର ସୂକ୍ଷ୍ମ ଅନୁଭୂତିଗୁଡ଼ିକୁ କାହାଣୀରେ ଉପସ୍ଥାପନ କରି ପାଠକମାନଙ୍କ ହୃଦୟକୁ ସ୍ପର୍ଶ କରିବା ହିଁ ତାଙ୍କର ପ୍ରୟାସ ବୋଲି ସେ କହିଥିଲେ। ଅଧ୍ୟାପିକା ପ୍ରିୟଙ୍କା କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବା ବେଳେ ବରିଷ୍ଠ ଅଧ୍ୟାପିକା ସବିତାରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ଉପସ୍ଥିତ ସମସ୍ତ ଶିକ୍ଷାବିତ୍, ସାହିତ୍ୟିକ ଓ ଛାତ୍ରଛାତ୍ରୀମାନଙ୍କୁ ଲେଖକଙ୍କ ପକ୍ଷରୁ କୃତଜ୍ଞତା ଜଣାଯାଇଥିଲା।

# ବାଇକ୍ ଉପରେ ଚଢ଼ିଗଲା ହାଇୱା; ଆରୋହୀ ମୃତ




ଯୋଡ଼ା, ୧୨।୩(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ବାଂଶପାଣି ପେଟ୍ରୋଲ ପମ୍ପ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟି ଆଜି ସକାଳେ ଜଣଙ୍କର ମୃତ୍ୟୁ ହୋଇଛି। ତ୍ରିଶକ୍ତି ଲଜିଷ୍ଟିକ ନାମକ ସଂସ୍ଥାର ହାଇୱା ଗାଡ଼ି (ଓଡି୦୯ ପି୨୮୬୫) ଟି ଯୋଡ଼ା ଅଭିମୁଖେ ଆସୁଥିବା ଏକ ମୋଟରସାଇକଲ (ଓଡି୦୯ ଏମ୍୭୫୪୭)କୁ ପଛ ପଟୁ ଧକ୍କା ଦେଇଥିଲା। ଧକ୍କା ଏତେ ଭୟାବହ ଥିଲା ଯେ ହାଇୱା ଗାଡିଟି ମଟର ସାଇକଲ ସହ ଆରୋହୀଙ୍କୁ କିଛି ରାସ୍ତା ଘୋଷାଡ଼ି ନେଇ ପଳାଇଥିଲା। ଯ'ଦ୍ୱାରା ଘଟଣାସ୍ଥଳରେ ହିଁ ମଟରସାଇକଲ ଆରୋହୀ ପୀତାମ୍ବର ମହାନ୍ତ (୬୫)ଙ୍କ ମୃତ୍ୟୁ ଘଟିଛି। ପରେ ସ୍ଥାନୀୟ ଲୋକ ଜମା ହୋଇ ଯାଇଥିଲେ। କିଛି ସମୟ ଗାଡି ଚଳାଚଳ ବନ୍ଦ ହୋଇ ଯାଇଥିଲା। ଖବର ପାଇ ଯୋଡ଼ା ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଜେସିବି ସାହାଯ୍ୟରେ ମୃତ ବ୍ୟକ୍ତି ଓ ମୋଟରସାଇକଲକୁ ବାହାରକୁ ବାହାର କରିଥିଲେ। ମୃତ ବ୍ୟକ୍ତିଙ୍କ ଘର ଝୁମ୍ପୁରା ଥାନା ଅନ୍ତର୍ଗତ ଖୁଣ୍ଟିପଶି ଅଞ୍ଚଳରେ। ଦୁର୍ଘଟଣା ଘଟାଇ ଟ୍ରକ ଚାଳକ ଫେରାର ଥିବା ବେଳେ ଟ୍ରକକୁ ଯୋଡ଼ା ପୁଲିସ ଅଟକ ରଖି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# ଜାତିଆଣ ଅପମାନ ଓ ମାଡ଼ ମାରିବା ଅଭିଯୋଗ

ହାଟଡ଼ିହୀ,୧୨।୩(ସମିସ):



ନନ୍ଦିପଦା ଥାନା ଅଧୀନ ଟୁକୁଣା ଗ୍ରାମରେ ଏକ ଜାତିଆଣ ଅପମାନଜନିତ ଘଟଣା ଏବେ ସର୍ବତ୍ର ଆଲୋଚନାର ମୁଖ୍ୟ ପ୍ରସଙ୍ଗ ସାଜିଛି। ଅଭିଯୋଗକାରୀ ହେମନ୍ତ ଶଙ୍ଖୁଆଙ୍କ ଲିଖିତ ଅଭିଯୋଗ ଅନୁସାରେ, ହେମନ୍ତ ଶଙ୍ଖୁଆ ତନ୍ତି(ଓବିସି) ଶ୍ରେଣୀର ଅଟନ୍ତି; କିନ୍ତୁ ଗତକାଲି (ବୁଧବାର) ଗ୍ରାମରେ ଅଷ୍ଟମ ପ୍ରହର ନାମ ସଂକୀର୍ତ୍ତନ ଉତ୍ସବ ସମୟରେ କୌଣସି ଏକ କାରଣରୁ ଗ୍ରାମର ଜିତେନ କୁମାର ଧଳ ଓରଫ୍ କକ ହେମନ୍ତଙ୍କୁ ଜାତିଆଣ ଆକ୍ଷେପ କରି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାସହ ହେମନ୍ତଙ୍କ ବଂଶକୁ ଆକ୍ଷେପ କରି ତାଙ୍କୁ ଗାଳିଗୁଲଜ କରିଥିଲେ।

ଏପରିକି ସର୍ବସମ୍ମୁଖରେ ଧକ୍କା ମାରି ଠାକୁର ସ୍ଥାନରୁ ବାହାର କରି ଦେଇଥିଲେ ବୋଲି ହେମନ୍ତ ଅଭିଯୋଗ କରିଛନ୍ତି। ସର୍ବସମ୍ମୁଖରେ ଏଭଳି ଏକ ଅପମାନଜନକ ଘଟଣା ଘଟି ଯାଇଥିବାରୁ ହେମନ୍ତ ଏନେଇ ମାନସିକ ଭାବେ ଗଭୀର ମର୍ମାହତ ହୋଇଛନ୍ତି। ନିଜ ମୌଳିକ ଅଧିକାର କ୍ଷୁଣ୍ଣ ହେବା ଏବଂ ସେ ଅପମାନିତ ହେବାରୁ ଏହାର ନ୍ୟାୟ ପାଇଁ ହେମନ୍ତ ଆଜି ପୂର୍ବାହ୍ନରେ ନନ୍ଦିପଦା ଥାନାର ଦ୍ୱାରସ୍ଥ ହୋଇ ଜିତେନ୍ କୁମାର ଧଳଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି।

ଘଟଣା ସମ୍ପର୍କରେ ପୁଲିସ ସଠିକ୍ ତଦନ୍ତ କରି ହେମନ୍ତଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି।

# ବିଦ୍ୟୁତ୍ ଆଘାତରେ ନାବାଳକ ଗୁରୁତର

● ବାଲି ବୋଝେଇ ହାଇୱାରେ ପାଲ ଢ଼ାଙ୍କିବା ସାଜିଲା କାଳ

ହାଟଡ଼ିହୀ,୧୨।୩(ସମିସ): କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅନ୍ତର୍ଗତ ହାବଳେଶ୍ୱର ହାଇସ୍କୁଲ ନିକଟରେ ଏକ ଦୁଃଖଦ ଘଟଣା ଘଟିଛି। ବାଲି ବୋଝେଇ ହାଇୱା ଟ୍ରକରେ ପାଲ ଢାଙ୍କୁଥିବା ବେଳେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ନବମ ଶ୍ରେଣୀର ଛାତ୍ର ଗୁରୁତର ଆହତ ହୋଇଛନ୍ତି। ଆହତ ନାବାଳକ ଜଣଙ୍କ ଶାଳଣିଆଁ ପଞ୍ଚାୟତ ଅନ୍ତର୍ଗତ ଏଲକଣିଆଁ ଗ୍ରାମର ସଦାନନ୍ଦ ସାହୁଙ୍କ ପୁଅ ସୌମ୍ୟଜିତ୍ ସାହୁ(୧୪) ବୋଲି ଜଣାପଡ଼ିଛି। ଏହି ଅଭାବନୀୟ ଘଟଣା ଗୁରବାର ଭୋର ୩ଟାରୁ ୪ଟା ସମୟରେ ଘଟିଥିବା କୁହାଯାଇଛି। ଘଟଣା ସମ୍ପର୍କରେ ଖବର ପାଇ ପରିବାର ଲୋକ ଓ ହାଇୱା ମାଲିକ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ସୌମ୍ୟଜିତଙ୍କୁ ଉଦ୍ଧାର କରି ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଅବସ୍ଥା ଅଧିକ ଗମ୍ଭୀର ହେବାରୁ ଉନ୍ନତ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ନାବାଳକଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ଜଣେ ୧୪ ବର୍ଷୀୟ ନାବାଳକଙ୍କୁ ଏଭଳି ବିପଦପୂର୍ଣ୍ଣ କାର୍ଯ୍ୟରେ ଲଗାଇଥିବା ନେଇ ହାଇୱା ମାଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିଦ୍ୟୁତ୍ ସେବାରୁ ବଞ୍ଚିତ ଧନୁର୍ଜୟପୁର ଗ୍ରାମବାସୀଙ୍କ ଧାରଣା

ତେଲକୋଇ, ୧୨।୩(ସମିସ):



ତେଲକୋଇ ବ୍ଲକ ଓରିଆ ପଞ୍ଚାୟତ ଧନୁର୍ଜୟପୁର ଗ୍ରାମବାସୀ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଧନୁର୍ଜୟପୁର ଛକରେ ଥିବା ବିଦ୍ୟୁତ ସବଷ୍ଟେସନ ଫାଟକକୁ ତାଲା ଠୁଙ୍କି ଧାରଣାରେ ବସିଥିଲେ। ଖବର ପାଇ ତେଲକୋଇ ଥାନାଧିକାରୀ ଅଞ୍ଜନ କୁମାର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହିତ ବିଦ୍ୟୁତ୍ ସେବା ଯୋଗାଇବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ଗ୍ରାମବାସୀ ଧାରଣାରୁ ଓହରିଥିଲେ। ପ୍ରକାଶଥାଉକି, ଧନୁର୍ଜୟପୁର ଗ୍ରାମ ଛକରେ ବିଦ୍ୟୁତ୍ ସବଷ୍ଟେସନ ରହିଥିବା ବେଳେ ଗ୍ରାମକୁ ପ୍ରତ୍ୟେକ ମଧ୍ୟରାତ୍ରୀରେ ବିଦ୍ୟୁତ୍ କାଟ କରାଯାଉଛି। ଏହାସହିତ ଆଜି ଉକ୍ତ ଗ୍ରାମରେ ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହେଉଥିବା ବେଳେ ସକାଳ ସମୟରୁ ଉକ୍ତ ଗ୍ରାମକୁ ବିଦ୍ୟୁତ୍ କାଟ କରାଯାଇଥିଲା। ମାତ୍ର ତେଲକୋଇ ସମେତ ଆଖପାଖ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ଚାଲିଥିଲା। ମଧ୍ୟାହ୍ନରେ ଗ୍ରାମବାସୀ ଧାରଣାରେ ବସିବା ପରେ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଥିଲା। ଧନୁର୍ଜୟପୁର ଗ୍ରାମକୁ ୨୪ ଘଣ୍ଟିଆ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଗ୍ରାମର ଅସରପି ପ୍ରଧାନ, ନେତ ମହାକୁଡ଼, ଝିଲ୍ଲି ସାହୁ, ଗୋମତୀ ସ୍ୱାଇଁ, ଟୁନୀ ସାହୁ, ଝୁମର ସ୍ୱାଇଁ, ସୁକାନ୍ତି ସାହୁ, ପାଟ ପ୍ରଧାନ, ଭାବିନି ସାହୁ, ନିରଞ୍ଜନ ପ୍ରଧାନ, ତପନ କୁମାର ସାହୁ, ଗଜେନ୍ଦ୍ର ପ୍ରଧାନ, ମନୋଜ ପ୍ରଧାନ, ହିରଣ୍ୟ ପ୍ରଧାନ, ତୁଷାର ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ଦୀପକ ପ୍ରଧାନ, ବାପି ସାହୁଙ୍କ ସମେତ ସମସ୍ତ ଗ୍ରାମବାସୀ ଦାବି କରିଛନ୍ତି।

# ଜିଲ୍ଲାର ବରିଷ୍ଠ ନାଗରିକଙ୍କ ପୁରୀ ଯାତ୍ରା

କେନ୍ଦୁଝର, ୧୨।୩(ସମିସ): ବୁଧବାର ଅପରାହ୍ଣରେ କେନ୍ଦୁଝର ଜିଲ୍ଲାରୁ ୨୨୨ ଜଣ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ 'ଶ୍ରୀ ଜଗନ୍ନାଥ ଦର୍ଶନ' ଯୋଜନାରେ ସାମିଲ ହୋଇ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ଜିଲ୍ଲା ସଦର ମହକୁମାସ୍ଥିତ ଟାଉନ ହଲଠାରୁ ଓଏସଆରଟିସିର ୫ଟି ଭୋଲଭୋ ବସ୍ ଯୋଗେ ଏହି ଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ବିଧାୟକ, ଜିଲ୍ଲାପାଳଙ୍କ ପ୍ରତିନିଧି ଓ ଅନ୍ୟାନ୍ୟ ଅତିଥିମାନେ ଯୋଗଦାନ ପୂର୍ବକ ତୀର୍ଥ ଯାତ୍ରାର ଶୁଭାରମ୍ଭ କରିଥିଲେ। ଯାତ୍ରୀମାନଙ୍କୁ ଆଧ୍ୟାତ୍ମିକ ଦିଗଦର୍ଶନ ଦେଇ ସେମାନଙ୍କ ଯାତ୍ରା ସୁଖମୟ ହେବା ପାଇଁ କାମନା କରିଥିଲେ। ବରିଷ୍ଠ ନାଗରିକଙ୍କ ସହିତ ସେମାନଙ୍କର ସୁରକ୍ଷିତ ଓ ନିରାପଦ ଯାତ୍ରା ପାଇଁ ଜିଲ୍ଲାରୁ ସହାୟକ ଅଧିକାରୀମାନେ ମଧ୍ୟ ଗସ୍ତ କରିଛନ୍ତି। ଯାତ୍ରା ପୂର୍ବରୁ ସକାଳେ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ସମସ୍ତ ବରିଷ୍ଠ ନାଗରିକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ସବୁଜ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ। ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ରମେଶଚନ୍ଦ୍ର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଭୁବନେଶ୍ୱରୀ ମହାନ୍ତ, ଜିଲ୍ଲା ପରିବହନ ପରିଚାଳକ ଗୌରବ ଜେନା ଓ ଜିଲ୍ଲା ପର୍ଯ୍ୟଟନ ବିକାଶ ଅଧିକାରୀ ମିନତୀ ମାଝୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

# ବଡ଼ପଦନା ପ୍ରିମିଅର ଲିଗ୍ ଉଦ୍‌ଯାପିତ: କେନ୍ଦ୍ରାପଡ଼ା ଚାମ୍ପିଅନ

ଆନନ୍ଦପୁର, ୧୨।୩ (ସମିସ): ଘସିପୁରା ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ବଡପଦନା ପ୍ରିମିଅର ଲିଗ ଉଦଯାପିତ ହୋଇଯାଇଛି। ପଞ୍ଚାୟତ ସରପଞ୍ଚ ପ୍ରଦୀପ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ତିନି ଦିନ ଧରି ଚାଲିଥିବା ଏହି କ୍ରୀଡ଼ା ମହୋତ୍ସବର ଅନ୍ତିମ ଦିବସର ଖେଳରେ ଯାଜପୁରକୁ ହରାଇ କେନ୍ଦ୍ରାପଡ଼ା ଚାମ୍ପିଅନ ଟ୍ରଫି ହାସଲ କରିଛି ଏହାସହ ପୁରସ୍କାର ରାଶି ବାବଦକୁ ୫୦ ହଜାର ପୁରସ୍କାର ରାଶି ଗ୍ରହଣ କରିଥିଲା। ମୁଖ୍ୟଅତିଥି ଭାବେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଘସିପୁରା ବିଧାୟକ



● ଯୋଗଦେଲେ ୨ ବିଧାୟକଙ୍କ ସହ ଅଭିନେତ୍ରୀ ଭୂମିକା

ବଦ୍ରିନାରାୟଣ ପାତ୍ର, ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଏବଂ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଭୂମିକା ଦାସ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ମହିଳାମାନଙ୍କ ଦ୍ୱାରା ବିଭିନ୍ନ କୌତୁହଳପୂର୍ଣ୍ଣ ଖେଳ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ମହିଳାମାନଙ୍କୁ ନିମନ୍ତ୍ରିତ ଅତିଥିମାନେ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲେ। ସ୍ଥାନୀୟ ଅଞ୍ଚଳର ଖେଳାଳି ଓ କ୍ରୀଡାପ୍ରେମୀମାନଙ୍କ ମଧ୍ୟରେ ଏହି ପ୍ରିମିଅର ଲିଗକୁ ନେଇ ଦେଖାଯାଇଥିଲା ବ୍ୟାପକ ଉତ୍ସାହ। ଗ୍ରାମାଞ୍ଚଳରେ ଏଭଳି ରାଜ୍ୟସ୍ତରୀୟ ଫ୍ଲଡ୍ ଲାଇଟ୍ କ୍ରିକେଟ୍ ମ୍ୟାଚ୍ ଯୁବ ସମାଜ ପାଇଁ ଏକ ବଡ଼ ପ୍ରେରଣା ସୃଷ୍ଟି କରିଥିଲା। ଏହାସହିତ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ମଧ୍ୟ ବେଶ୍ ଉତ୍ସାହ ଓ ଖେଳ ପ୍ରତି ଆଗ୍ରହ ବଢ଼ାଇଥିଲା। ଏପରି ଆୟୋଜନ ଗ୍ରାମୀଣ ପ୍ରତିଭାକୁ ଆଗକୁ ଆଣିବା ସହ ଯୁବପିଢିଙ୍କୁ ଖେଳ ମାଧ୍ୟମରେ ସୁସ୍ଥ ଓ ସକାରାତ୍ମକ ପଥରେ ଆଗେଇବାକୁ ପ୍ରେରିତ କରୁଥିବା ଦେଖାଯାଇଛି।

● ହର୍‌ଘର୍ ଜଳ ମିଶନ ଯୋଜନାର ସମୀକ୍ଷା

# କେନ୍ଦ୍ରୀୟ ଟିମ୍‌ର ପଡୁଆ ପଞ୍ଚାୟତରେ ପରିଦର୍ଶନ

ଚମ୍ପୁଆ, ୧୨।୩(ସମିସ): ଗତକାଲି ଚମ୍ପୁଆ ବ୍ଲକର ପଡୁଆ ପଞ୍ଚାୟତକୁ କେନ୍ଦ୍ରୀୟ ଟିମ୍ ଆସି ହରଘର ଜଳ ମିଶନ ଯୋଜନାର ସ୍ଥିତି ଓ ଅଗ୍ରଗତି ସମୀକ୍ଷା କରି ଫେରିଯାଇଥିବା ଜଣାପଡିଛି। ଗ୍ରାମାଞ୍ଚଳର ସମସ୍ତ ପରିବାରକୁ ବ୍ୟକ୍ତିଗତ ଭାବେ ଟ୍ୟାପ ଯୋଗେ ସୁରକ୍ଷିତ ଓ ପର୍ଯ୍ୟାପ୍ତ ପରିମାଣର ପାନୀୟଜଳ ଯୋଗାଇଦେବା ଲାଗି ଜଳ ଜୀବନ ମିଶନ ଓ ବସୁଧା ଯୋଜନା ଅନ୍ତର୍ଗତ ଓଡ଼ିଶାର ୭ଟି ଜିଲ୍ଲାର ପଞ୍ଚାୟତ ମଧ୍ୟରୁ କେନ୍ଦୁଝର ଜିଲ୍ଲାର ଚମ୍ପୁଆ ବ୍ଲକ ଅନ୍ତର୍ଗତ ପଡୁଆ ପଞ୍ଚାୟତକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜଳଶକ୍ତି ମନ୍ତ୍ରଣାଳୟର ପାନୀୟଜଳ ଓ ପରିମଳ ବିଭାଗର ମିଳିତ ସହଭାଗିତାରେ ହରଘର ଜଳ ମିଶନ ମାଇଁ ଗଭ୍ ଅନ୍ତର୍ଗତ ପ୍ରକଳ୍ପଗୁଡିକର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଶ୍ରୀ ବିଜୟଙ୍କ ନେତୃତ୍ୱରେ ଏକ ଟିମ୍ ପଡୁଆ ପଞ୍ଚାୟତକୁ ଗସ୍ତକରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗୁଣବତ୍ତା ସହ ୧୧ଟି ସୂଚକାଙ୍କ ଉପରେ ତର୍ଜମା କରିବା ପରେ ତାଙ୍କର ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବେ। ସମସ୍ତ ମାନକ ପୂରଣ କରୁଥିବା ପଞ୍ଚାୟତକୁ ଦିଲ୍ଲୀରେ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଥିବା ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ପଡୁଆ ପଞ୍ଚାୟତରେ ମୋଟ ୧୨୬୫ ପରିବାରର ସର୍ବମୋଟ ୫୦୧୬ ଜଣଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଯାଇଥିବା ତଥ୍ୟରୁ ଜଣାପଡ଼ିଛି। ଏହି ଅବସରରେ ବିଡିଓ ସ୍ମୃତିରଞ୍ଜନ ସାହୁଙ୍କ ଦିଗଦର୍ଶନରେ ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ କରନ ସୋରେନ୍, ବ୍ଲକ ସହକାରୀ ଅଧୀକ୍ଷଣ ଯନ୍ତ୍ରୀ ସବ୍ୟସାଚୀ ନାଏକ, ସରପଞ୍ଚ, ଜିଲ୍ଲା ପରିଷଦ ସଭ୍ୟା, ପିଏସ ମେମ୍ବର, ସଭ୍ୟବୃନ୍ଦ, ଗାଁର ବୁଦ୍ଧିଜୀବୀ ଉପସ୍ଥିତ ରହି ଟିମକୁ ସହଯୋଗ କରିଥିଲେ।



● ଓପି ଜିନ୍ଦଲ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟ

# ଏମ୍‌ଟିଆର୍‌ସି ସେରେଣ୍ଡା-ଏ ଚାମ୍ପିଅନ



ଯୋଡ଼ା, ୧୨।୩(ସମିସ): ଜିନ୍ଦଲଷ୍ଟିଲରସାମାଜିକଦାୟିତ୍ୱବୋଧସଂସ୍ଥାଜିନ୍ଦଲଫାଉଣ୍ଡେସନପକ୍ଷରୁ କାଶିଆ-ଖରେ ଆୟୋଜିତ ଓପି ଜିନ୍ଦଲ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟ ବର୍ଣ୍ଣାଢ଼୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍‌ଯାପନୀ ଖେଳରେ ଏମଟିଆରସି ସେରେଣ୍ଡା-ଏ ଟିମ ଚାମ୍ପିଅନ ହୋଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ବିଲ ଏସଡିପିଓ ଦେବେନ୍ଦ୍ର କୁମାର ପିଙ୍ଗୁଆ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଜିନ୍ଦଲ ଷ୍ଟିଲ ବିକେଟିଆର-କ୍ଲଷ୍ଟର ହେଡ୍ ପ୍ରମୋଦ କୁମାର ପାତ୍ର ଓ ସ୍ଥାନୀୟ ଅଞ୍ଚଳର ପ୍ରମୁଖ ନେତା ସମାଜସେବୀ ଓ ସଞ୍ଜୀବ ପଲେଇ ଯୋଗଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସେରେଣ୍ଡା, ଭଦ୍ରାସାହି, ଭୂୟାଁ ରୋଇଡ଼ା ପଞ୍ଚାୟତର ମୋଟ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଏମଟିଆରସି ସେରେଣ୍ଡା-ଏ ଓ ଭୁଷଗାଁ-ଏ ମଧ୍ୟରେ ହୋଇଥିଲା। ଫାଇନାଲ ମ୍ୟାଚ ଦେଖିବାକୁ ବହୁ ଦର୍ଶକଙ୍କ ଭିଡ଼ ଜମିଥିଲା। ସ୍ଥାନୀୟ ଅଞ୍ଚଳରେ କ୍ରୀଡ଼ାର ପ୍ରସାର ପାଇଁ ଜିନ୍ଦଲ ଫାଉଣ୍ଡେସନର ପ୍ରୋତ୍ସାହନକୁ ସମସ୍ତେ ପ୍ରଶଂସା କରିଥିଲେ। ବିଶେଷ କରି ବିଭିନ୍ନ ସମୟରେ ଏଭଳି କ୍ରୀଡ଼ା ପ୍ରତିଯୋଗିତା ହେଉଥିବାରୁ ସମସ୍ତେ ଧନ୍ୟବାଦ ଦେଇଥିଲେ। ପାରିପାର୍ଶ୍ୱିକ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା ଓ ସଂସ୍କୃତିର ବିକାଶ ପାଇଁ ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ଉଦ୍ୟମ ଜାରି ରଖିଛି।

## ମାର୍ଗଦର୍ଶିକାରେ ଅଟକିଛି ପ୍ରକଳ୍ପ

# ପଡ଼ିରହିଛି ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଅନୁଦାନ





ଆନନ୍ଦପୁର, ୧୨।୩(ସମିସ): ପୂର୍ବ ସରକାରରେ ପ୍ରସ୍ତାବିତ ଯୋଜନାକୁ କାର୍ଯ୍ୟକାରୀ କରାଯାଉ ନଥିବା ଘଟଣାରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କ କିଛି ମନ୍ତ୍ରୀ ବିଭିନ୍ନ ସ୍ଥାନରେ କରାଯାଉଥିବା ସମୀକ୍ଷା କାର୍ଯ୍ୟକ୍ରମରେ ପଡ଼ିରହିଥିବା ଏଭଳି କିଛି ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା ନେଇ ବାହାସ୍ଫୋଟ ମାରୁଥିବା ବେଳେ କେନ୍ଦୁଝର ଜିଲ୍ଲା ହଦଗଡ଼ ଡ୍ୟାମ୍‌କୁ ଇକୋ ଟୁରିଜିମ୍ କରାଯିବା କ୍ଷେତ୍ରରେ ପଡ଼ି ରହିଥିବା ପ୍ରକଳ୍ପ ପାଇଁ ଅନୁଦାନର ବିନିଯୋଗ ହୋଇପାରୁନାହିଁ। ଫଳରେ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଆର୍ଥିକ ବ୍ୟୟବରାଦ ହୋଇଥିଲେ ବି କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଏହି କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଏଥିପାଇଁ ୩କୋଟି ୯ ଲକ୍ଷ ୫ହଜାର ଟଙ୍କା ଖର୍ଚ୍ଚ ଆକଳନ କରାଯାଇଥିବା ନେଇ ପରିବେଶ ଓ ଜଳବାୟୁ ରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ବିଧାନସଭାରେ ସୂଚନା ଦେଇଛନ୍ତି। ହଦଗଡ଼ ଇକୋ ଟୁରିଜିମ୍ ସ୍ଥିତି କ'ଣ ଅଛି ସେନେଇ ବିଧାନସଭାରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ପ୍ରଶ୍ନ କରିଥିଲେ। ଆନନ୍ଦପୁର ଉପଖଣ୍ଡରେ ଥିବା ହଦଗଡ଼ ଡ୍ୟାମ୍‌କୁ ପୂର୍ବ ସରକାର ଇକୋ ଟୁରିଜିମ୍ ଘୋଷଣା କରିଥିଲେ। ଅଦ୍ୟାବଧି କାମ ଆରମ୍ଭ ହୋଇନି। ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକମାନେ ହଦଗଡ଼ ବୁଲିବାକୁ ଆସୁଛନ୍ତି। ସେମାନଙ୍କ ପାଇଁ ଏଠାରେ ରହିବାର କୌଣସି ବ୍ୟବସ୍ଥା ନାହିଁ। ଶୌଚାଳୟ, ପାନୀୟଜଳ ବ୍ୟବସ୍ଥା ନାହିଁ। ଫଳରେ ପର୍ଯ୍ୟଟକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହଦଗଡ଼ର ସୌନ୍ଦର୍ଯ୍ୟକରଣ ସହ ଏହାର ବିକାଶ ଦିଗରେ ସରକାର କ'ଣ ପଦକ୍ଷେପ ନେଉଛନ୍ତି ବୋଲି ବିଧାୟକ ଶ୍ରୀ ସେଠୀ ପ୍ରଶ୍ନ କରିଥିଲେ।

▶ ହଦଗଡ଼ ଇକୋ ଟୁରିଜିମ୍ କାର୍ଯ୍ୟ ଆରମ୍ଭ ହେବ କେବେ
▶ ବିଧାନସଭାରେ ବିଧାୟକ ଅଭିମନ୍ୟୁ ସେଠୀଙ୍କ ପ୍ରଶ୍ନ

ଉତ୍ତରରେ ବିଭାଗୀୟ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଥିଲେ, ହଦଗଡ଼ ଡ୍ୟାମ୍‌କୁ ଇକୋ ଟୁରିଜିମ୍‌ରେ ସାମିଲ କରାଯାଇଛି। ୩କୋଟି ୬୯ ଲକ୍ଷ ୫ ହଜାର ଟଙ୍କାର ଖର୍ଚ୍ଚ ଆକଳନ କରାଯାଇ ୨୦୨୪ ନଭେମ୍ବର ୨ରେ କେନ୍ଦୁଝର ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରାଯାଇଛି। ଇକୋ ଟୁରିଜିମ୍ ମାର୍ଗଦର୍ଶିକା ଅନୁଯାୟୀ ଅନୁଧ୍ୟାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ବିଧାନସଭାରେ ପ୍ରତିକ୍ରିୟା ରଖିଥିଲେ ହେଲେ ଏଯାଏ କାର୍ଯ୍ୟ ଆରମ୍ଭ ହୋଇପାରୁ ନଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

## ବନାଗ୍ନି ରୋକିବାରେ ଡ୍ରୋନ୍ କ୍ୟାମେରା ସଫଳ

# ସହଜରେ ଚିହ୍ନଟ ହୋଇପାରୁଛି ବନାଗ୍ନି ସ୍ଥାନ





ତାଲିମପ୍ରାପ୍ତ ବନ କର୍ମଚାରୀଙ୍କ ଦ୍ୱାରା ହେଉଛି ନିୟନ୍ତ୍ରଣ

**ବାରିପଦା, ୧୨।୩(ସମିସ)**

ଚଳିତ ବର୍ଷ ବନାଗ୍ନି ଋତୁ ଆରମ୍ଭ ପୂର୍ବରୁ ପ୍ରକୃତିର ଅନନ୍ୟ ଶୋଭାରାଜିରେ ଭରା ଶିମିଳିପାଳ ଅଭୟାରଣ୍ୟକୁ ସୁରକ୍ଷା ଦେବାକୁ ବନ ବିଭାଗ ପକ୍ଷରୁ ନୂତନ ପ୍ରୟାସ ଆରମ୍ଭ ହୋଇଛି। ବନାଗ୍ନି ନିୟନ୍ତ୍ରଣ କରିବା ନିମନ୍ତେ ଡ୍ରୋନ କ୍ୟାମେରା ସଫଳତା ହାସଲ କରୁଛି। ଡ୍ରୋନ କ୍ୟାମେରା ସହାୟତାରେ ଦୂର ଆକାଶରୁ ବନାଗ୍ନିର ପ୍ରକୃତ ସ୍ଥାନକୁ ଅତି ସହଜରେ ଚିହ୍ନଟ କରାଯାଇ କ୍ଷଣିକ ମଧ୍ୟରେ ଉକ୍ତ ସ୍ଥାନରେ ବନ କର୍ମଚାରୀ ପହଞ୍ଚି ଯାଉଛନ୍ତି। ଯଦ୍ୱାରା ବନାଗ୍ନିକୁ ବ୍ୟାପିବାରୁ ଆୟତ୍ତ କରାଯାଇପାରୁଛି। ଶିମିଳିପାଳ ଅଭୟାରଣ୍ୟର ବନାଗ୍ନି ପଏଣ୍ଟକୁ ଡ୍ରୋନ କ୍ୟାମେରା ସହାୟତାରେ ଠାବ କରି ଆୟତ୍ତ କରାଯାଉଛି। ବନ କର୍ମଚାରୀଙ୍କୁ ଡ୍ରୋନ କ୍ୟାମେରା ପ୍ରଦାନ କରିବା ସହ ଚଳାଇବା ନେଇ ତାଲିମ ପ୍ରଦାନ ହୋଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପକ୍ଷରୁ ଦକ୍ଷିଣ, ଉତ୍ତର, ବାରିପଦା, ରାଇରଙ୍ଗପୁର ଓ କରଞ୍ଜିଆ ଆଦି ସମସ୍ତ ବନଖଣ୍ଡର କର୍ମଚାରୀ ମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ କିମ୍ବା ପାଦଦେଶ ଅଞ୍ଚଳରେ ବନାଗ୍ନି ସ୍ଥିତି ଉପୁଜିଲେ ଡ୍ରୋନ ସହାୟତାରେ ଦୂର ଆକାଶରୁ ଉକ୍ତ ସ୍ଥାନକୁ ଚିହ୍ନଟ କରାଯାଇପାରିବ। ଡ୍ରୋନ କ୍ୟାମେରା ଟିମ ସ୍ଥିତି ନେଇ ଜଣାଇବା ପରେ ବନାଗ୍ନି ନିୟନ୍ତ୍ରଣ ଟିମ ଉକ୍ତ ସ୍ଥାନରେ ଖୁବ କମ ସମୟ ମଧ୍ୟରେ ନିୟୋଜିତ ପାହାଡ଼ ଚଢ଼ା ଗାଡି ଜରିଆରେ ପହଞ୍ଚି ବନାଗ୍ନି ନିୟନ୍ତ୍ରଣ କରାଯିବ। ଏଥିପାଇଁ ବନ କର୍ମଚାରୀ ଡ୍ରୋନ କ୍ୟାମେରା ବ୍ୟବହାର କରିବା ନେଇ ବିଶେଷଜ୍ଞ ଦ୍?ାରା ତାଲିମ ପ୍ରଦାନ କରାଯାଇଛି। ତେବେ ଡ୍ରୋନ କ୍ୟାମେରା ଗୁଡ଼ିକ ଶିମିଳିପାଳ ଅଭୟାରଣ୍ୟ ଭିତର ଅପେକ୍ଷା ପାଦଦେଶ ଅଞ୍ଚଳର ଜଙ୍ଗଲରେ ବନାଗ୍ନି ନିୟନ୍ତ୍ରଣରେ ଅଧିକ ସହାୟକ ଭାବେ ସଫଳତାର ସହ କାର୍ଯ୍ୟ କରୁଛନ୍ତି। ବନାଗ୍ନି ନିୟନ୍ତ୍ରଣ କରିବା ବଡ଼ ଆହ୍ୱାନ ସାଜିଥିବା ବେଳେ ନିୟନ୍ତ୍ରଣ କରିବା ପାଇଁ ୨୪ ଘଣ୍ଟିଆ ନଜର ରଖାଯାଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କର୍ତ୍ତୃପକ୍ଷ କହିଛନ୍ତି।

## ୨୮ରେ ଜିଲ୍ଲା ଓକିଲ ସଂଘ ନିର୍ବାଚନ

# ମଇଦାନରେ ୨୨ ପ୍ରାର୍ଥୀ; ସଭାପତି ଦୌଡ଼ରେ ପ୍ରବୀର ଓ ଜ୍ୟୋତିପ୍ରକାଶ



**ବାରିପଦା, ୧୨।୩(ସମିସ):** ମୟୂରଭଞ୍ଜ ଜିଲ୍ଲା ଓକିଲ ସଂଘ ନିର୍ବାଚନ ଚଳିତ ମାସ ୨୮ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ୨୪ ଜଣ ନାମାନଙ୍କପତ୍ର ଦାଖଲ କରିଥିବାବେଳେ ଯାଞ୍ଚରେ ୨ ଜଣଙ୍କ ପ୍ରାର୍ଥୀପତ୍ର ନାକଚ ପରେ ୨୨ ଜଣ ବୈଧ ପ୍ରାର୍ଥୀଙ୍କ ତାଲିକା ଗୁରୁବାର ପ୍ରକାଶ ପାଇଛି। ସଭାପତି ପାଇଁ ଆଶାୟୀ ଶାନ୍ତନୁ କୁମାର ପାଲ ଓ କାର୍ଯ୍ୟକାରୀ କମିଟି(ମହିଳା) ସଦସ୍ୟା ପଦ ଆଶାୟୀ ମଧୁସ୍ମିତା ସେଠୀଙ୍କ ନାମାଙ୍କନ ପତ୍ର ଯାଞ୍ଚରେ ନାକଚ ହୋଇଛି ବୋଲି ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ କିଶୋର ଚନ୍ଦ୍ର ମହାନ୍ତି କହିଛନ୍ତି। ଏଣୁ ସଭାପତି ପଦ ପାଇଁ ଜ୍ୟୋତିପ୍ରକାଶ ରଥ ଓ ପ୍ରବୀର କୁମାର ବସା ରହିଛନ୍ତି।

ସେହିପରି ଉପସଭାପତି ପାଇଁ ଏକମାତ୍ର ପ୍ରାର୍ଥୀ ସତ୍ୟବ୍ରତ ଦାସ, ସମ୍ପାଦକ ପଦ ପାଇଁ ଜ୍ଞାନରଞ୍ଜନ ଜେନା ଓ ବିପ୍ଳବ ବାରିକ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି। ଯୁଗ୍ମସମ୍ପାଦକ (କଲ୍ୟାଣ) ପାଇଁ ସ୍ୱରୂପ କୁମାର ମିଶ୍ର ଓ ରତିକାନ୍ତ ସାହୁ, ଯୁଗ୍ମସମ୍ପାଦକ (ପ୍ରଶାସନ) ପାଇଁ ପଙ୍କଜ କୁମାର ମହାକୁଡ ଓ ମନୋଜ କୁମାର ମହାନ୍ତ, ଯୁଗ୍ମସମ୍ପାଦକ (ପାଠାଗାର) ପାଇଁ କୃଷ୍ଣଚନ୍ଦ୍ର ମହାନ୍ତି ଓ ସତ୍ୟନାରାୟଣ ବେହେରା, କୋଷାଧ୍ୟକ୍ଷ ପାଇଁ ପଦ୍ମଲୋଚନ ମହାନ୍ତ ଏକମାତ୍ର ଆଶାୟୀ ରହିଛନ୍ତି। କାର୍ଯ୍ୟକାରୀ କମିଟି (ଅଣସଂରକ୍ଷିତ) ୩ଟି ପଦ ପାଇଁ ଗିରିଶଚନ୍ଦ୍ର ମହାପାତ୍ର, ବୈଦ ପ୍ରକାଶ ପାରିକ, ଅନ୍ତର୍ଯ୍ୟାମୀ ବେହେରା, ଦେବରାଜ ମିଶ୍ର, ଗୌତମ ଶଙ୍କର ରାୟ ଓ ବିଶାଳ କୁମାର ରାମ ରହିଛନ୍ତି। କାର୍ଯ୍ୟକାରୀ କମିଟି ମହିଳା ପାଇଁ ସଂରକ୍ଷିତ ୫ଟି ପଦ ପାଇଁ ସ୍ୱପ୍ନା ମହାନ୍ତି, ବୈଜୟନ୍ତୀ ବାସ୍କେ, ସସ୍ମିତା ଘୋଷାଲ ଓ ରୂପଶ୍ରୀ ବାରିକ ରହିଛନ୍ତି। ଜିଲ୍ଲା ଓକିଲ ସଂଘର ୬୯୬ ଜଣ ବୈଧ ଭୋଟର ରହିଛନ୍ତି। ନିର୍ବାଚନ ନେଇ ପ୍ରାର୍ଥିପତ୍ର ଦାଖଲ ଓ ଯାଞ୍ଚ ପରେ ୧୨ ତାରିଖରେ ବୈଧ ପ୍ରାର୍ଥିପତ୍ର ତାଲିକା ପ୍ରକାଶ ପାଇଛି। ୧୩ରେ ନାମାଙ୍କନ ପ୍ରତ୍ୟାହାର ଓ ୧୪ରେ ଚୂଡ଼ାନ୍ତ ପ୍ରାର୍ଥୀଙ୍କ ନାମ ତାଲିକା ପ୍ରକାଶ କରାଯିବ। ମାର୍ଚ୍ଚ ୨୮ ତାରିଖ ପୂର୍ବାହ୍ନ ସାଢେ ୭ଟାରୁ ଅପରାହ୍ନ ୩ଟା ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବ। ଏହାପରେ ଅପରାହ୍ନ ୪ଟାରୁ ଭୋଟ ଗଣନା ହୋଇ ଫଳାଫଳ ପ୍ରକାଶ ପାଇବ।

**ଉପସଭାପତି ଓ କୋଷାଧ୍ୟକ୍ଷ ଅପ୍ରତିଦ୍ୱନ୍ଦ୍ୱୀ**

## ଗାଡ଼ି ଯାଞ୍ଚରେ ଧରାପଡ଼ିଲେ ୧୦ ମଦ୍ୟପ ଚାଳକ

**ରାଇରଙ୍ଗପୁର/କରଞ୍ଜିଆ, ୧୨।୩ (ସମିସ):** ନିଶାସକ୍ତ ଅବସ୍ଥାରେ ଚାଳକଙ୍କ ଗାଡ଼ି ଚାଳନା ଯୋଗୁଁ ଦୁର୍ଘଟଣା ଘଟୁଛି। ଏହାକୁ ନିୟନ୍ତ୍ରଣ ପାଇଁ କରଞ୍ଜିଆ ଥାନା ପକ୍ଷରୁ ନାକା ଯାଞ୍ଚ ବେଳେ ୧୦ ଜଣ ମଦ୍ୟପ ଚାଳକଙ୍କୁ ଧରାଯାଇଛି। ଯାହାକୁ ନେଇ ୧୦ଟି ଡ୍ରିଙ୍କ ଏଣ୍ଡ ଡ୍ରାଇଭ ନେଇ ମାମଲା ରୁଜୁ କରାଯାଇଛି। କରଞ୍ଜିଆ ଥାନା ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ସନ୍ଧ୍ୟାକାଳୀନ ଗାଡ଼ି ଯାଞ୍ଚ ପ୍ରକ୍ରିୟା ହୋଇଥିଲା। ଗାଡ଼ି ଅଟକାଇ ମେସିନରେ ଯାଞ୍ଚ କରାଯାଇଥିଲା। ମଦ୍ୟପ ଅବସ୍ଥାରେ ନିୟମ ଅବମାନନା କରି ଦ୍ରୁତ ବେଗରେ ଗାଡି ଚାଳନା କରୁଥିବା ଜଣାପଡ଼ିଥିଲା। ଯାଞ୍ଚ ସମୟରେ ପ୍ରଚୁର ପରିମାଣର ମଦ୍ୟପାନ କରି ଗାଡି ଚଳାଉଥିବା ନେଇ ପୁଲିସ ପକ୍ଷରୁ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କରଞ୍ଜିଆ ଥାନାରେ ୧୦ଟି ପୃଥକ ଡ୍ରିଙ୍କ ଏଣ୍ଡ ଡ୍ରାଇଭ ମାମଲା ରୁଜୁ କରାଯାଇଛି। ଏହାକୁ ନେଇ ମଦ୍ୟପ ଚାଳକଙ୍କ ମଧ୍ୟରେ ଭୟ ସୃଷ୍ଟି ହେବା ସହ ଆଗକୁ ଦୁର୍ଘଟଣା ମାତ୍ରା କମିବାରେ ସହାୟକ ହେବ।

# ଦୀପିକା ଓ ସୁଭଦ୍ରା ପାଇଲେ ମୁଖ୍ୟମନ୍ତ୍ରୀ ପୁରସ୍କାର





**ମହୁଲଡିହା, ୧୨।୩ (ସମିସ):** ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ପଡ଼ିଆବେଡା ଗ୍ରାମ ପଞ୍ଚାୟତର ନିଶାପୋଷି ଦ୍ରୌପଦୀ ବାଳିକା ଉଚ୍ଚ ବିଦ୍ୟାଳୟର ଦୁଇଜଣ ଛାତ୍ରୀ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ପଞ୍ଚସଖା ଶିକ୍ଷାସେତୁ ସଂଗଠନ ଚିଠି ନମ୍ବର ୨୨୮୯, ୧୧।୩।୨୦୨୬ ଜରିଆରେ ଛାତ୍ରୀ ସୁଭଦ୍ରା ମହାନ୍ତ ଓ ଦୀପିକା ମହାନ୍ତ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ବାବଦରେ ୫୦ ହଜାର ଲେଖାଏଁ ଅର୍ଥ ରାଶି ପାଇବା ସହିତ ପ୍ରଶସ୍ତି ପତ୍ର ପାଇଛନ୍ତି। ଉଭୟଙ୍କୁ ଅନୁଷ୍ଠାନ ତରଫରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ୨୦୨୪-୨୫ ବର୍ଷର ସଫଳତା ପାଇଁ ଏହି ପୁରସ୍କାର ମିଳିଥିବା ପ୍ରଧାନଶିକ୍ଷକ ମନୋରଞ୍ଜନ ମହାନ୍ତଙ୍କ ସୂତ୍ରରୁ ଜଣାପଡ଼ିଛି। ଉଭୟ ଏବେ ଏକାଦଶ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି।

# ଉଦଳା କଲେଜ ଅର୍ଥନୀତି ବିଭାଗର ଆଲୋଚନାଚକ୍ର




**ଗୋପବନ୍ଧୁନଗର/ଉଦଳା, ୧୨।୩ (ସମିସ):** ଉଦଳା କଲେଜ ଅର୍ଥନୀତି ବିଭାଗ ପକ୍ଷରୁ 'ଜଳବାୟୁ ପରିବର୍ତ୍ତନ: ଭାରତରେ ସ୍ଥାୟୀ ବିକାଶ ପାଇଁ ଅନୁକୂଳ ଓ ପ୍ରଶମନ ରଣନୀତି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଭୀମ ସୋରେନ ସଭାପତିତ୍ୱ କରିବା ସହିତ ଆଲୋଚ୍ୟ ବିଷୟରେ ସାରଗର୍ଭକ ଉପସ୍ଥାପନ କରିଥିଲେ। କଲେଜ ଅଧ୍ୟକ୍ଷ ଶ୍ରୀକାନ୍ତ କୁମାର ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିବା ସହିତ ଜଳବାୟୁ ପରିବର୍ତ୍ତନର କୁପ୍ରଭାବ କମ୍ କରିବାର ସୂତ୍ର ଉପରେ ଆଲୋଚନା କରିଥିଲେ। ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ମୁଖ୍ୟ ଅଧ୍ୟାପକ ପ୍ରଣତୀ ରାଜ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଲୋଚ୍ୟ ବିଷୟକୁ ବିସ୍ତୃତ ଭାବେ ଆଲୋଚନା କରିବା ସହିତ ପୃଥିବୀ ଧରାପୃଷ୍ଠରେ ତାପମାତ୍ରା ବୃଦ୍ଧିକୁ ରୋକିବା ପାଇଁ ବୃକ୍ଷରୋପଣ, ଜୈବିକ କୃଷି ସୋଲାର ପାୱାର, ପରିବେଷଣ ପ୍ରଦୂଷଣଯୁକ୍ତ ଯାନ ବ୍ୟବହାର ଆଦି ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭାଗୀୟ ଅଧ୍ୟାପିକା ଭାରତୀ ନାଏକ ବକ୍ତବ୍ୟ ପ୍ରଦାନ କରିବା ସହିତ ଛାତ୍ରଛାତ୍ରୀଙ୍କ ସନ୍ଦର୍ଭକୁ ବିଶ୍ଳେଷଣ କରିଥିଲେ। କାର୍ତ୍ତିକ ବିନ୍ଧାଣି, ଲକ୍ଷ୍ମଣ ସିଂ, ଶ୍ରୀତମ ରାୟ, ଚନ୍ଦନ ଟୁଡୁ, ପାୟଲ ହୋତା, ଜୀବନଜିତ ଦାସ ପ୍ରମୁଖ ଛାତ୍ରଛାତ୍ରୀ ନିଜ ନିଜର ସନ୍ଦର୍ଭ ଉପସ୍ଥାପନ କରିଥିଲେ।

## ସର୍ବଭାରତୀୟ ଦିବାରାତ୍ର ଜଗନ୍ନାଥ ମିସ୍ତ୍ରି ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଚତୁର୍ଥ ଦିବସ ମ୍ୟାଚ୍‌ରେ ବିହାର ଓ କୋଲକାତା ବିଜୟୀ




**ବାରିପଦା, ୧୨।୩(ସମିସ):** ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଜଗନ୍ନାଥ ମିସ୍ତ୍ରି ସ୍ମୃତି କମିଟି ଆନୁକୂଲ୍ୟରେ ଚାଲିଥିବା ଦ୍ୱିତୀୟ ବାର୍ଷିକ ସର୍ବଭାରତୀୟ ଦିବାରାତ୍ର ଜଗନ୍ନାଥ ମିସ୍ତ୍ରି ସ୍ମାରକୀ ମୟୂରଭଞ୍ଜ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସର ପ୍ରଥମ ମ୍ୟାଚରେ ବିହାରର ଲିଭାରପୁଲ ଏଫସି ୩-୧ ଗୋଲରେ ଶରଣ ସ୍ପୋର୍ଟିଂ, ବାଙ୍ଗିରିପୋଷିକୁ ପରାସ୍ତ କରିଛି। ଲିଭାରପୁଲ ଦଳର ଜିତରାୟ ହେମ୍ବ୍ରମ ୨ଟି ଓ ମନୋଜ ମୁର୍ମୁ ଗୋଟିଏ ଗୋଲ, ବାଙ୍ଗିରିପୋଷି ଦଳର ରାମ ମୁର୍ମୁ ଏକମାତ୍ର ଗୋଲ ସ୍କୋର କରିଥିଲେ। ସନ୍ତୋଷ କୁମାର ରାଉତ, ଦିଲ୍ଲୀପ କୁମାର ପ୍ରଧାନ ଓ ରାଜୀବ କୁମାର ହେମ୍ବ୍ରମ ଖେଳ ପରିଚାଳନା କରିଥିଲେ।

ଦ୍ୱିତୀୟ ମ୍ୟାଚରେ ସିଧୁ କାହ୍ନୁ ଏଫସି କୋଲକାତା ୫-୦ ଗୋଲରେ ଜଟକଳା ଟେକଟିକ, ବାଲେଶ୍ୱରକୁ ପରାସ୍ତ କରିଥିଲା। କୋଲକାତା ଦଳର ରାମ ୩ଟି, ରୋହିତ ଓ ଲକ୍ଷ୍ମଣ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, ଖୁଣ୍ଟା ବ୍ଲକ ଚେୟାରମ୍ୟାନ ସୁଧନ୍ୟା ନାଏକ, ପୂର୍ବତନ ଫୁଟବଲ ଖେଳାଳି ଅନିରୁଦ୍ଧ ଚନ୍ଦ୍ର ଭଞ୍ଜଦେଓ, ବିଭୂତି ମହାନ୍ତି, ସାଂସଦଙ୍କ ପ୍ରତିନିଧି ମନୋଜ ଦାସ, ସମାଜସେବୀ ସଞ୍ଜୀବ ରାଉତ ଓ ଯୋଗେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କମିଟି ଅଧ୍ୟକ୍ଷ ଅସିତ ବରଣ ପତି, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଜୀବନ ସାହୁ, ସାଧାରଣ ସମ୍ପାଦକ ଅଶୋକ ମିସ୍ତ୍ରି, ସାଂଗଠନିକ ସମ୍ପାଦକ ଅମର ସେଠୀଙ୍କ ସମେତ ବିଶ୍ୱଜିତ ନାୟକ, ତରୁଣ ପାଲବାବୁ, କୁମାର ରଞ୍ଜନ ପଣ୍ଡା, ପ୍ରଦୀପ ମିସ୍ତ୍ରି, ଅମ୍ବିକା ରାଉତ, ପ୍ରଦୀପ ବେହେରା, ବିଶ୍ୱଜିତ ନାୟକ, ବନବିହାରୀ ମଣ୍ଡଗଜ ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ବରିଷ୍ଠ ସାମ୍ବାଦିକ କଲ୍ୟାଣ ସିହ୍ନାଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ୨ ପଥର ବୋଝେଇ ଟ୍ରାକ୍ଟର ଜବତ

**ରାଇରଙ୍ଗପୁର/କରଞ୍ଜିଆ, ୧୨।୩ (ସମିସ):** କରଞ୍ଜିଆ ଅଞ୍ଚଳରେ ଲଘୁ ଖଣିଜ ମାଫିଆ ସକ୍ରିୟ ହୋଇଛନ୍ତି। ଲଘୁ ଖଣିଜ ଚୋରା ଚାଲାଣ ଜାରି ଥିବାବେଳେ ୨ଟି ଲାଟେରାଇଟ ପଥର ଟ୍ରାକ୍ଟର ଜବତ କରାଯାଇଛି। ଏ ନେଇ ଜିଲ୍ଲା ମାଇନିଂ ବିଭାଗ ପକ୍ଷରୁ କନିଷ୍ଠ ମାଇନିଂ ଅଧିକାରୀ ଚାମରୁ ମାଝୀ ଥାନାରେ ଅଭିଯୋଗ କରିଛନ୍ତି। ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲା। ମାଇନିଂ ଓ କରଞ୍ଜିଆ ଥାନା ପୁଲିସ ଦ୍ୱାରା ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ଉ ହୋଇଥିଲା। ଦୁଇଟି ଟ୍ରାକ୍ଟରରେ ଲାଟେରାଇଟ ପଥର ଚୋରା ଚାଲାଣ ଅଭିଯୋଗ ହୋଇଥିଲା। ମହାବୀର ଛକ ଓ ପୋକାମୁଣ୍ଡାରେ ପଥର ବୋଝେଇ କରି ଦ୍ରୁତଗତିରେ ଆସୁଥିବା ଟ୍ରାକ୍ଟର ଅଟକାଇ ପଚରାଉଚରା କରିଥିଲେ। ବେଆଇନ ଭାବେ ଚୋରା ଚାଲାଣ କରୁଥିବା ନେଇ ଜାଣିବା ପରେ ଗାଡ଼ିକୁ ଜବତ କରାଯାଇଛି। ଏ ନେଇ କରଞ୍ଜିଆ ଥାନାରେ ଅଭିଯୋଗକ୍ରମେ ଲଘୁ ଖଣିଜ ବେଆଇନ ମାମଲା ରୁଜୁ କରାଯାଇ ଚୋରା ଚାଲାଣ ନେଇ ଦୁଇଟି ଟ୍ରାକ୍ଟର ଜବତ ହୋଇ ତଦନ୍ତ ଜାରି ରହିଛି।

## କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ହେଲାନି ସମାଧାନ

# ୧୭ରେ ମେଡିକାଲ ସମ୍ମୁଖରେ ଧାରଣା ଦେବ ଜେଏମ୍ଏମ୍

**ମୋରଡା, ୧୨।୩(ସମିସ):** ମୟୂରଭଞ୍ଜ ଜିଲ୍ଲାର ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ୧୩ ଦଫା ସମ୍ବଳିତ ଦାବିପତ୍ର ମୋରଡା ବ୍ଲକର ବିଭିନ୍ନ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଜରିଆରେ ପ୍ରଦାନ କରାଯାଉଥିବାର କାର୍ଯ୍ୟକ୍ରମ ଦେଖିବାକୁ ମିଳିଛି। ଇତ୍ୟବସରରେ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନ ଥିବାରୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହେଉଛନ୍ତି। ଏତଦବ୍ୟତୀତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ ଗର୍ଭବତୀ ମହିଳାଙ୍କ ନିମନ୍ତେ ଅଲଟ୍ରାସାଉଣ୍ଡ ମେସିନ ନ ଥିବାରୁ ଗରିବ ଶ୍ରେଣୀର ଲୋକ ବାରମ୍ବାର ବାରିପଦା ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଫଳରେ ମେଡ଼ିକାଲର ସମସ୍ୟାକୁ ନେଇ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରିବା ସହିତ ଧାରଣାରେ ବସିଥିଲେ। ଇତିମଧ୍ୟରେ ତିନିମାସ ବିତିଯାଇଥିଲେ ମଧ୍ୟ ହସ୍‌ପିଟାଲର ସମସ୍ୟା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ତେଣୁ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଡାକ୍ତର ପଦବୀ ପୂରଣ କରିବା ସହ ଏକ୍ସରେ ଓ ଓଲଟ୍ରାସାଉଣ୍ଡ ମେସିନ ସ୍ଥାପନ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ୧୭ ତାରିଖରୁ ଧାରଣା ରେ ବସିବେ ବୋଲି ଜିଲ୍ଲାପାଳଙ୍କୁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ମୋରଡା ବ୍ଲକ ସଭାପତି ହେମନ୍ତ କୁମାର ମହାନ୍ତ ଏକ ସୂଚନା ପତ୍ର ଗୁରୁବାର ପ୍ରଦାନ କରିଛନ୍ତି।

# ୩୧ରେ ଖାନୁଆ ପଞ୍ଚାୟତ ସରପଞ୍ଚ ଉପନିର୍ବାଚନ

**ବଡ଼ସାହି, ୧୨।୩(ସମିସ):** ବଡ଼ସାହି ବ୍ଲକ ଅଧୀନ ଖାନୁଆ ପଞ୍ଚାୟତର ସରପଞ୍ଚ ଜିତେନ୍ଦ୍ର ସିଂଙ୍କ ଦେଢ ବର୍ଷ ପାଖାପାଖି ହେବ ଅକାଳ ବିୟୋଗ ହୋଇଛି। ସେହି ଦିନଠାରୁ ଏହି ସରପଞ୍ଚ ପଦବୀ ଫାଙ୍କା ପଡ଼ିଥିଲା। ନାଏବ ସରପଞ୍ଚ କାମଚଳା ସରପଞ୍ଚ ଭାବେ କାର୍ଯ୍ୟ ତୁଲାଉଛନ୍ତି। ମାତ୍ର ଏହି ପଦବୀ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଗତ ମାର୍ଚ୍ଚ ୫, ୬ ଓ ୭ ତାରିଖରେ ନାମାଙ୍କନପତ୍ର ଦାଖଲ ପାଇଁ ସମୟସୀମା ଧାର୍ଯ୍ୟ ହୋଇଥିଲା। ଏହି ସମୟ ସୀମା ମଧ୍ୟରେ କରୁଣାକର ସିଂ, ଗୋପୀନାଥ ବେଶ୍ରା, ସୁନିମଣୀ ସିଂ, ସୁରେନ୍ଦ୍ର ସିଂ ଓ ଦଳଗୋବିନ୍ଦ ବେହେରା ନାମାଙ୍କନ ଦାଖଲ କରିଥିବା ଜଣାଯାଇଛି। ୮ ତାରିଖ ଯାଞ୍ଚରେ ଦଳଗୋବିନ୍ଦ କଟି ଯାଇଥିବାବେଳେ ୯ ତାରିଖ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ଅନ୍ୟ ୪ ଜଣଙ୍କ ନାମ ସ୍ଥାନିତ ହୋଇଛି। ୧୨ ୱାର୍ଡ ବିଶିଷ୍ଟ ଏହି ପଞ୍ଚାୟତରେ ଭୋଟର ସଂଖ୍ୟା ୩୧୦୯ ହୋଇଥିବାବେଳେ ସୁରେନ୍ଦ୍ର ସିଂ ଓ ଗୋପୀନାଥ ବେଶ୍ରାଙ୍କ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିବ ବୋଲି ଜଣାଯାଇଛି। ବିଶେଷକରି ବିଜେଡି ଓ ବିଜେପି ସମର୍ଥିତ ପ୍ରାର୍ଥୀକୁ ଜିତାଇବା ପାଇଁ ନେତାମାନେ ପ୍ରାଣପଣେ ଉଦ୍ୟମ ଆରମ୍ଭ କରିଛନ୍ତି। ମାତ୍ର ପଞ୍ଚାୟତ ନିର୍ବାଚନ ଆଉ ୧ ବର୍ଷରୁ କମ ସମୟ ଥିବାରୁ ଓ ଆଚରଣବିଧି ବ୍ୟବସ୍ଥାକୁ ନେଇ କର୍ମୀଙ୍କ ମହଲରେ ଉତ୍ସାହ ମଧ୍ୟ କମିଯାଉଥିବାର ଶୁଣିବାକୁ ମିଳୁଛି। ଏହି ନିର୍ବାଚନ ପରିଚାଳନା ପାଇଁ ବିଡିଓ ବନଜା ଦାସ ନିର୍ବାଚନ ଅଧିକାରୀ ଥିବାବେଳେ ବଡସାହି ପୁଲିସ ଶାନ୍ତିଶୃଙ୍ଖଳା ପାଇଁ ମୁତୟନ ହେବେ ବୋଲି ଜଣାଯାଇଛି।

## ଧାର୍ମିକ ସ୍ଥଳ ଜାହେର ଗାଳରୁ ଦେବତାଙ୍କ ପ୍ରତୀକ ଚୋରି ଘଟଣା

# ଆନ୍ଦୋଳନ ପାଇଁ ଗ୍ରାମବାସୀଙ୍କ ପ୍ରସ୍ତୁତି ବୈଠକ



**ସାରସକଣା, ୧୨।୩(ସମିସ):** ସାରସକଣା ବ୍ଲକ ଝାରପୋଖରୀଆ ଥାନା ଅନ୍ତର୍ଗତ ପୋଖରୀଆ ପଞ୍ଚାୟତ ଢାଳଙ୍ଗସାହି ଗ୍ରାମର ମାଝୀବାବା (ଗ୍ରାମମୁଖ୍ୟ) ବାଘ୍ରାୟ ବାସ୍କେଙ୍କ ତତ୍ତ୍ୱାବଧାନରେ ସାର୍ନା ଧର୍ମର ଧାର୍ମିକ ସ୍ଥଳ ଜାହେର ଗାଳରୁ ଦେବାଦେବୀଙ୍କୁ ଚୋରି ଓ ଅପମାନ କରାଯାଇଥିବା ପ୍ରତିବାଦରେ ଆନ୍ଦୋଳନ କରିବା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟବକ୍ତା ଭାବେ ନାରାନଡିହି ଗ୍ରାମର ମାଝୀବାବା ନାରାନ ମୁର୍ମୁ ଓ ନାୟକେବାବା ଲକ୍ଷ୍ମଣ କୁମାର ମୁର୍ମୁ ଉପସ୍ଥିତ ଥିଲେ। ଗତ ୨୧ ତାରିଖରେ ନାରାନଡିହି ଗ୍ରାମର ଜାହେର ଗାଳରୁ ଇଷ୍ଟଦେବତା ମାରାଂବୁରୁ, ଜାହେର ଆୟ, ମଣେକ ତୁରୁୟକଙ୍କର ପ୍ରତୀକ (ପାଷାଣ) ଚୋରି ହୋଇ ହନୁମାନ ଫଟୋ ସହିତ ଗେରୁଆ ବସ୍ତ୍ର ଲଗାଯାଇ ଅନ୍ୟାୟ, ଅତ୍ୟାଚାର ଓ ଅପମାନ କରାଯାଇଥିବା ମାମଲାରେ ମାଝୀବାବା ନାରାନ ମୁର୍ମୁଙ୍କ ନେତୃତ୍ୱରେ ଗତ ୨ ତାରିଖରେ ଝାରପୋଖରୀଆ ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ ଦିଆଯିବା ସତ୍ତ୍ୱେ ଏଫଆଇଆର ପଞ୍ଜୀକରଣ କରାଯାଇ ନ ଥିବାରୁ ଆଦିବାସୀ ସମାଜରେ ଆକ୍ରୋଶ ଓ ଅସନ୍ତୋଷ ଦେଖାଦେଇଛି। ତେଣୁ ଆସନ୍ତା ୨୩ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରି ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ଦୋଷୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଧାର୍ମିକ ସ୍ଥଳ ଜାହେର ଗାଳରେ ଦେବଦେବୀଙ୍କ ସୁରକ୍ଷା କରାଯିବା ଓ ସାର୍ନା ଧର୍ମର ସରକାରୀ ମାନ୍ୟତା, ଜୈନଙ୍କ କବଳରୁ ମାରାଂବୁରୁଙ୍କୁ ମୁକ୍ତ କରାଯିବା ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ତତସହିତ ମୟୂରଭଞ୍ଜର ସମସ୍ତ ଆଦିବାସୀ ଗ୍ରାମର ମାଝୀବାବା ସହ ଗ୍ରାମବାସୀ ଓ ସମସ୍ତ ଆଦିବାସୀ ସାମାଜିକ ସଂଗଠନ, ଆଦିବାସୀ ସେଙ୍ଗେଲ ଅଭିଯାନ, ମାଝୀ ପାର୍ଗାନା ମହଲ, ଆସେକା, ପେସା କମିଟି, ମାସା, ମାରିସା ଆଦି ସଂଗଠନ ଏକତ୍ରିତ ହୋଇ ଆନ୍ଦୋଳନରେ ସାମିଲ ହେବାକୁ ଉକ୍ତ ବୈଠକରୁ ଆହ୍ୱାନ କରାଯାଇଛି। ବୈଠକରେ ସୁନ୍ଦର ମୋହନ ହାଁସଦା, ଖୁଦିରାମ ଟୁଡୁ, ସାଗ୍ରାମ ମୁର୍ମୁ, କହ୍ନେଇ ହାଁସଦା, କାଳୀଚରଣ ଟୁଡୁ ସମେତ ବହୁତ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟଙ୍କ ତିନିଦିନିଆ ଗସ୍ତ

# ଜାମଦାରେ ସ୍ଥିତି ଅନୁଧ୍ୟାନ କଲେ ସଦସ୍ୟ






**ରାଇରଙ୍ଗପୁର, ୧୨।୩(ସମିସ)**

ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟଙ୍କ ୩ ଦିନିଆ ମୟୂରଭଞ୍ଜ ଗସ୍ତ କାର୍ଯ୍ୟକ୍ରମ ଶେଷ ହୋଇଛି। ଗୁରୁବାର ଗସ୍ତର ଶେଷ ଦିବସରେ ଜାମଦା ବ୍ଲକ ପରିଦର୍ଶନ କରିଥିଲେ। ରାଜ୍ୟ ଖାଦ୍ୟ ଆୟୋଗଙ୍କ ସଦସ୍ୟ ଦୟାନିଧି ଦାଶ, ଅକ୍ଷୟ କୁମାର ବେହେରା ଓ ପ୍ରିୟବ୍ରତ ସାମନ୍ତରାୟ ବିଭିନ୍ନ ସ୍ଥାନକୁ ଅତର୍କିତ ଭାବେ ଗସ୍ତ କରି ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଜାମଦାସ୍ଥ କସ୍ତୁରିବା ଗାନ୍ଧୀ ବାଳିକା ବିଦ୍ୟାଳୟ, ରୁମାପାହାଡ଼ି ସରକାରୀ ପ୍ରାଥମିକ ବିଦ୍ୟାଳୟ ସମେତ ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରକୁ ଗସ୍ତ କରିଥିଲେ। ପିଲାଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ କରିଥିଲେ। ଅଙ୍ଗନବାଡି କେନ୍ଦ୍ରକୁ ଯାଇ କୋମଳମତି ଶିଶୁଙ୍କ ସହ ସ୍ନେହପୂର୍ଣ୍ଣ ଭାବ ବିନିମୟ କରିବା ସହିତ କେନ୍ଦ୍ରର କର୍ମକର୍ତ୍ତାଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

ଉକ୍ତ ପରିଦର୍ଶନ ସମୟରେ ସମନ୍ୱିତ ଶିଶୁ ବିକାଶ ଯୋଜନାରେ କାର୍ଯ୍ୟକାରରୀ ହେଉଥିବା ମଧ୍ୟାହ୍ନଭୋଜନ, ସ୍ୱତନ୍ତ୍ର ପୋଷଣ, ମା ଓ ଶିଶୁଙ୍କ ରକ୍ତହୀନତା ରୋଗ ଦୂରୀକରଣ ପାଇଁ ଅମ୍ଳାନ ଯୋଜନା, ମା ଓ ଶିଶୁଙ୍କୁ କୁପୋଷଣରୁ ରକ୍ଷା ପାଇଁ ନ୍ୟୁଟ୍ରି ଗାର୍ଡେନର କାର୍ଯ୍ୟକାରିତା, ୬ ମାସରୁ ୩ ବର୍ଷ ଶିଶୁ, ଗର୍ଭବତୀ ମହିଳା, ୩ରୁ ୬ ବର୍ଷ କମ ଓଜନର ଶିଶୁ ଓ ସ୍ତନ୍ୟପାନ କରାଉଥିବା ମାଆଙ୍କ ପୁଷ୍ଟିହୀନତା ଦୂର ପାଇଁ କାର୍ଯ୍ୟକାରୀ ହେଉଥିବା ପୁଷ୍ଟିକର ଖାଦ୍ୟ ଘରକୁ ଯୋଗାଇଦେବା (ଟିଏଚଆର) ଟେକ ହୋମ ରାସନ ବ୍ୟବସ୍ଥାର ନିରୀକ୍ଷଣ କରିଥିଲେ। ଏଥିସହିତ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଟିପିଡିଏସ କାର୍ଯ୍ୟକାରିତା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହାପରେ ବ୍ଲକସ୍ତରୀୟ ଅଧିକାରୀଙ୍କୁ ନେଇ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଥିଲା। ଉକ୍ତ ସମୀକ୍ଷା ବୈଠକରେ ବିଭାଗୀୟ ଅଧିକାରୀ ଉପସ୍ଥିତି ରହି ଆଲୋଚନା କରିଥିଲେ। ରନ୍ଧାଖାଦ୍ୟ ମାନ ପ୍ରତି ସଦା ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ନିୟମିତ ବ୍ୟବଧାନରେ ସିଡିପିଓ ଓ ସୁପରଭାଇଜର ଅଙ୍ଗନବାଡି କେନ୍ଦ୍ରକୁ ସରପ୍ରାଇଜ ପରିଦର୍ଶନ କରିବା ସହ ପରିଦର୍ଶନ ପରେ କେନ୍ଦ୍ରରେ କି ପ୍ରକାର ସୁଧାର ଆଣିପାରିଛନ୍ତି, ସେ ସମ୍ବନ୍ଧରେ ବିଡିଓଙ୍କ ଜରିଆରେ ରିପୋର୍ଟ ଦାଖଲ କରିବା ପାଇଁ ଆଦେଶ ଦେଇଥିଲେ। ଆୟୋଗ ସଦସ୍ୟ ୩ଦିନିଆ ଗସ୍ତ ଅବସରରେ ରାଇରଙ୍ଗପୁର, ବହଳଦା ଓ ଜାମଦା ବ୍ଲକ ଗସ୍ତ କରି ଅନୁଧ୍ୟାନ କରିଛନ୍ତି। ଶୁକ୍ରବାର ସେମାନେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ।

ସକାଳ
THE SAKALA

# ସମ୍ପାଦକୀୟ



ଯୁଦ୍ଧରେ ମହିଳାମାନେ ହିଁ ସବୁବେଳେ ଓ ସର୍ବପ୍ରଥମେ ପୀଡ଼ିତ ହୁଅନ୍ତି।
-ହିଲାରି କ୍ଲିଣ୍ଟନ୍

## ପ୍ରତିଶ୍ରୁତି ଓ ପ୍ରବଞ୍ଚନା

ନିର୍ବାଚନ ରାଜନୀତିରେ କ୍ଷମତାକୁ ଆକ୍ଷେପ କରି ଜନପ୍ରିୟତା ହାସଲ କରିବା ଏକ ରଣନୀତି ପଦକ୍ଷେପ ହୋଇପାରେ କିନ୍ତୁ ବାସ୍ତବତା ଯେ କେତେ ଭିନ୍ନ ତାହା ବୁଝିବାକୁ ନୂଆ କ୍ଷମତାକୁ ଆସିଥିବା ଦଳକୁ ବେଶୀ ସମୟ ଲାଗେନି। ସରକାର ବିଧାନସଭାରେ ଉପସ୍ଥାପନ କରୁଥିବା ତଥ୍ୟରୁ ନିଜ ବିଫଳତାକୁ ଘୋଡ଼ାଇ ରଖିବାରେ ଯେ ଅସମର୍ଥ ତାହା ସ୍ପଷ୍ଟ ହୋଇଛି। ଆମେ ଏଠାରେ କାହାକୁ ଉଦ୍ଦେଶ୍ୟପୂର୍ଣ୍ଣ ଭାବେ ସମାଲୋଚନା କରିବାକୁ ଚାହୁଁନା। ପ୍ରସଙ୍ଗ ଓ ତଥ୍ୟକୁ ତର୍ଜମା କଲେ ସ୍ପଷ୍ଟ ମନେ ହୁଏ ଯେ ଦାଦନ ଓ ଧାନ ସଂଗ୍ରହ ଉଭୟ କ୍ଷେତ୍ରରେ ସରକାର ବିଫଳ ହୋଇଛନ୍ତି। ଅଥଚ ନିର୍ବାଚନ ପ୍ରଚାର ବେଳେ ଏହି ପ୍ରସଙ୍ଗ ହିଁ ଜନମତକୁ ବିଭ୍ରାନ୍ତ କରିଥିଲା ଓ ସେହି ବିଭ୍ରାନ୍ତରୁ ହିଁ ସଫଳତା ସାଉଁଟି ଥିଲା ଏହି କ୍ଷମତାସୀନ ଦଳ। ନିର୍ବାଚନ ପ୍ରତିଶ୍ରୁତିର ଲମ୍ବା ତାଲିକା ଏଠାରେ ଉପସ୍ଥାପନ କରିବା ଅନାବଶ୍ୟକ। ସେଥିମଧ୍ୟରୁ ଯେଉଁ କେତୋଟି ପ୍ରସଙ୍ଗକୁ ସର୍ବାଧିକ ଗୁରୁତ୍ୱ ଦେଇ ସରକାର ହାତକୁ ନେଇଛନ୍ତି ସେଥିରେ ମଧ୍ୟ ସଫଳତା ହାସଲ ନ କରିବା କ୍ଷୋଭର ବିଷୟ।

ଦାଦନ ସମସ୍ୟାର ସମାଧାନ ପାଇଁ ସରକାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେବଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ ହେଁ ଏପର୍ଯ୍ୟନ୍ତ କୌଣସି ନିଷ୍କର୍ଷରେ ପହଞ୍ଚିପାରିନାହାନ୍ତି। ଅଥଚ ରାଜ୍ୟରୁ ଦାଦନ ଖଟିବାକୁ ଯାଉଥିବା ଲୋକଙ୍କ ସଂଖ୍ୟା କ୍ରମାଗତ ଭାବେ ବଢ଼ିଚାଲିଛି। ସରକାରଙ୍କ ତଥ୍ୟ ଅନୁଯାୟୀ ୨୦୨୫ରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଲୋକଙ୍କ ସଂଖ୍ୟା ୯୨,୧୭୬। ୨୦୨୪ରେ ଏହି ସଂଖ୍ୟା ଥିଲା ୭୦, ୧୪୨। ତୁଳନାତ୍ମକ ଭାବେ ବିଚାରକଲେ ଏହି ସଂଖ୍ୟା ପ୍ରାୟ ୨୨ ହଜାର ବୃଦ୍ଧି ପାଇଛି। ଉଚ୍ଚସ୍ତରୀୟ ଦାଦନ ନିରାକରଣ କମିଟି ଗଠନ କରି ଏହି ସ୍ରୋତକୁ ସରକାର ରୋକି ପାରିନାହାନ୍ତି। ଖୋଦ୍ ଉପମୁଖ୍ୟମନ୍ତ୍ରୀ ପ୍ରତିନିଧିତ୍ୱ କରୁଥିବା ବଲାଙ୍ଗିର ଜିଲ୍ଲାରୁ ସର୍ବାଧିକ ୬୫ ହଜାର ୩୪୯ ଜଣ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇଛନ୍ତି। ଏହା ରାଜ୍ୟର ମୋଟ ଦାଦନ ଶ୍ରମିକଙ୍କ ସଖ୍ୟାର ୭୧ ପ୍ରତିଶତ। ଖୋଦ ଉପମୁଖ୍ୟମନ୍ତ୍ରୀ ନିଜ ଜିଲ୍ଲାର ତୃଣମୂଳ ସ୍ତରର ଦିନ ମଜୁରିଆଙ୍କ ଆର୍ଥିକ ଓ ସାମାଜିକ ସ୍ଥିତିକୁ ଠିକଣା ଭାବେ ଆକଳନ କରିପାରିନାହାନ୍ତି। ଆମେ ଅନ୍ତତଃ ଆଶା କରିବା ଯେ, ସେ ସମାଧାନର ଅସଲ ଚିତ୍ର ଓ ଚରିତ୍ରକୁ ଠିକଣା ଭାବେ ବୁଝିଥିବେ। ସମସସ୍ୟା ସମାଧାନର ଭିତ୍ତିଭୂମିକୁ ସୁଧାରିବା ପ୍ରକ୍ରିୟା ବଲାଙ୍ଗୀର ଜିଲ୍ଲାରୁ ହିଁ ଆରମ୍ଭ ହୋଇଯିବା କଥା। କାରଣ କେବି କେବଳ ଉପମୁଖ୍ୟମନ୍ତ୍ରୀ ନୁହନ୍ତି ଉଚ୍ଚସ୍ତରୀୟ କମିଟିର ଅଧ୍ୟକ୍ଷ ମଧ୍ୟ। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ରାଜ୍ୟ ବାହାରକୁ ଦାଦନ ଶ୍ରମିକ ଚାଲାଣ କରୁଥିବା ଠିକାଦାରଙ୍କ ସଂଖ୍ୟା ମଧ୍ୟ ୧୦୩୭ ରୁ ୧୪୬୫କୁ ବୃଦ୍ଧି ପାଇଛି। ଅବଶ୍ୟ ଏମାନେ ସମସ୍ତେ ରାଜ୍ୟ ସରକାରଙ୍କ ଲାଇସେନ୍ସ ପ୍ରାପ୍ତ ଠିକାଦାର। ଦାଦନ ଶ୍ରମିକ ସଂଖ୍ୟା ନିୟନ୍ତ୍ରଣ କରିବା ସକାଶେ ସରକାର ତତ୍ପରତା ପ୍ରକାଶ କରୁଥିବା ବେଳେ ଅଧିକରୁ ଅଧିକ ସଂଖ୍ୟାରେ ଶ୍ରମିକ ଠିକାଦାରଙ୍କୁ ଲାଇସେନ୍ସ କିଭଳି ପ୍ରଦାନ କରୁଛନ୍ତି ତାହା ସତରେ ଅଚିନ୍ତନୀୟ। ଏଥିରୁ ମନେ ହେଉଛି ସରକାରୀ ବ୍ୟବସ୍ଥା ଓ ଘୋଷଣା ଗୋଟେ ଆଡ଼େ ତ ଅସଲ କାର୍ଯ୍ୟ ପୂର୍ବଭଳି ଅପରିବର୍ତ୍ତିତ ରହିଛି।

ରାଜ୍ୟରେ ଧାନ ସଂଗ୍ରହକୁ କେନ୍ଦ୍ରକରି କରି ଚଳିତ ଖରିଫ ଋତୁରେ ସବୁଠାରୁ ଅଧିକ ବିଭ୍ରାଟ ଘଟିଛି। କ୍ୱିଣ୍ଟାଲ ପିଛା ୮ ଶହ ଟଙ୍କା ବୋନସ ଘୋଷଣା ଧାନ ଚାଷୀଙ୍କୁ ଉତ୍ପାଦନ ବୃଦ୍ଧି ସକାଶେ ପ୍ରୋତ୍ସାହିତ କରିଛି। ଦିନକୁ ଦିନ ଚାଷ ବ୍ୟୟବହୁଳ ହେଉଥିବାରୁ ଚାଷୀ ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟ ବାଦ୍ ବୋନସ୍ ଆକାରରେ ଅତିରିକ୍ତ ସହାୟତା ରାଶି ଦାବି କରିବା ସ୍ୱାଭାବିକ। ଚାଷୀଙ୍କ ଏହି ମାନସିକତାକୁ ଠିକ୍ ଭାବେ ବୁଝିଥିବା ବିଜେପି ନିର୍ବାଚନ ପ୍ରଚାର ବେଳେ ୮ ଶହ ଟଙ୍କା ବୋନସ ପ୍ରତିଶ୍ରୁତି ଦେଇ ମନ କିଣିଥିଲା। ଏହି ମନ ପାଇଁ ଯେ ଧନ ଦରକାର ତାହା କ୍ଷମତାକୁ ଆସିବାପରେ ଅନୁଭବ କରିଥିଲା ଦଳ। କ୍ଷମତାକୁ ଆସିବା ପରେ ପରେ ବୋନସ ରାଶି ଦେଇ ରାଜ୍ୟବାସୀଙ୍କ ପ୍ରଶଂସା ସାଉଁଟି ଥିଲା ଦଳ। ହେଲେ ଏବର୍ଷର ଅତିରିକ୍ତ ଧାନ ଅମଳ ଚିନ୍ତାରେ ପକାଇଛି ସରକାରଙ୍କୁ। ଏମ୍‌ଏସ୍‌ପି କ୍ୱିଣ୍ଟାଲ ପିଛା ୬୯ ଟଙ୍କା ବଢ଼ିଥିବାରୁ ତାହାକୁ ୮ ଶହ ବୋନସ୍ ରାଶିରୁ ବାଦଦେଇ ସରକାର କ୍ୱିଣ୍ଟାଲ ପିଛା ଧାନ ସଂଗ୍ରହ ମୂଲ୍ୟ ୩୧୦୦ ଟଙ୍କା ସ୍ଥିର କଲେ। ଏବେ ମନ୍ତ୍ରୀ କହୁଛନ୍ତି ଯେ ସରକାର ୮ ଶହ ଟଙ୍କା ବୋନସ୍ ଦେବେ ବୋଲି କହିନଥିଲେ। କ୍ୱିଣ୍ଟାଲ ପିଛା ଧାନ ସଂଗ୍ରହ ମୂଲ୍ୟ ୩୧୦୦ ଟଙ୍କା ୫ ବର୍ଷ ଧରି ବଳବତ୍ତର ରହିବ। ଏଥିରୁ ସ୍ପଷ୍ଟ ଯେ ଏହି ୫ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଧାନର ଏମ୍‌ଏସ୍‌ପି ବଢ଼ାଇଲେ ମଧ୍ୟ ଧାନ ସଂଗ୍ରହ ମୂଲ୍ୟ ଅପରିବର୍ତ୍ତିତ ରହିବ। କିନ୍ତୁ ସରକାରଙ୍କୁ ମନେ ରଖିବାକୁ ହେବ ଯେ ଧାନ କ୍ୱିଣ୍ଟାଲରେ ୮ ଶହ ଟଙ୍କା ବୋନସ୍ ପ୍ରଦାନର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲେ। ସରକାରଙ୍କୁ ଅଧିକ ଧାନ ସଂଗ୍ରହ କରିବାକୁ ପଡୁଥିବାରୁ ଏହି ବୋନସ୍ ରାଶି ଯେ ଆର୍ଥିକ ବୋଝରେ ପରିଣତ ହୋଇଛି ତାହା ମନ୍ତ୍ରୀଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହୋଇଛି। ଚାଷୀଙ୍କୁ ଟୋକନ ପ୍ରଦାନରେ ନୂଆ କଟକଣା ଓ ଶୃଙ୍ଖଳା ପ୍ରୟୋଗ ସାଙ୍ଗକୁ ମିଲରଙ୍କ ମାଧ୍ୟମରେ ମଣ୍ଡିରୁ ଧାନ ଉଠାଣ ନେଇ ଗୋଟିକ ପରେ ଗୋଟିଏ ସମସ୍ୟା ସାମ୍ନାକୁ ଆସିବାରୁ ସରକାରଙ୍କ ଉଦ୍ଦେଶ୍ୟ ବାରି ହୋଇପଡ଼ିଛି।

ଧାନ ସଂଗ୍ରହ ଓ ବୋନସ୍ ପ୍ରଦାନ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଦୋହରା ନୀତି ବିଧାନସଭା ଆଲୋଚନାରୁ ସ୍ପଷ୍ଟ ହୋଇଛି। ଏମ୍‌ଏସ୍‌ପି ଅତିରିକ୍ତ ବୋନସ୍ ପ୍ରଦାନ ପ୍ରସଙ୍ଗରେ କେରଳ ସରକାରଙ୍କୁ କେନ୍ଦ୍ରରୁ ମିଳିଥିବା ପତ୍ରର ମର୍ମ ଓ ଉଦ୍ଦେଶ୍ୟ ସଂପର୍କରେ ଆମେ ଏହି ସ୍ତମ୍ଭରେ ଆଗରୁ ଉଲ୍ଲେଖ କରିଥିଲୁ। ଯାହାକି ବିରୋଧୀଙ୍କୁ ଚର୍ଚ୍ଚାର ଖୋରାକ ଯୋଗାଇଥିଲା। ପୂର୍ବ ସରକାରଙ୍କୁ କ୍ୱିଣ୍ଟାଲ ପିଛା ଧାନରେ ଶହେ ଟଙ୍କା ବୋନସ୍ ପ୍ରଦାନ ପ୍ରସ୍ତାବକୁ କେନ୍ଦ୍ର ସରକାର ରୋକଠୋକ୍ ମନା କରିଥିଲେ। ଏପରିକି ରାଜ୍ୟରୁ ଭାରତ ଖାଦ୍ୟ ନିଗମ ଚାଉଳ ଉଠାଇବ ନାହିଁ ବୋଲି ମଧ୍ୟ ଧମକ ମିଳିଥିଲା। ଅଥଚ ଛତିଶଗଡ଼ ଓ ଓଡ଼ିଶାର ବିଜେପି ସରକାରଙ୍କ କ୍ଷେତ୍ରରେ ସେଭଳି କଟକଣା ନାହିଁ। ଏହି ଧାନ ସଂଗ୍ରହ ପ୍ରସଙ୍ଗରେ ଉଭୟ ଶାସକ ଓ ବିରୋଧୀ ଦଳ ଛତିଶଗଡ ସରକାରଙ୍କ କଥା ଉଲ୍ଲେଖ କରି ପରସ୍ପରକୁ ଦୋଷାରୋପ କରିଥିଲେ। ଏସବୁ ସତ୍ତ୍ୱେ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଛତିଶଗଡ଼ ସରକାର ଧାର୍ଯ୍ୟ ତୁଳନାରେ ଅତିରିକ୍ତ ଧାନ ସଂଗ୍ରହ କରିବାକୁ ସମର୍ଥ ହୋଇଥିବା ବେଳେ ଆମ ସରକାରଙ୍କ ଅସାମର୍ଥ୍ୟ ପଦାରେ ପଡ଼ିଯାଇଛି।

ବିନା ପ୍ରତିଶ୍ରୁତିରେ କଣ ନିର୍ବାଚନ ପ୍ରଚାର ସମ୍ଭବପର? ନାଁ ବରଂ ବିରୋଧୀ ଓ ଶାସକଙ୍କ ମଧ୍ୟରେ ପ୍ରତିଶ୍ରୁତି ଓ ପତିଆରା ପ୍ରଦଶନରେ ପ୍ରତିଯୋଗିତା ପରିଲକ୍ଷିତ ହୋଇଥାଏ। ହେଲେ ସବୁ ପ୍ରତିଶ୍ରୁତି ଯେ ପୂରଣ ହେବା ସମ୍ଭବପର ଏକଥା ନୁହେଁ। ସେହି ପ୍ରତିଶ୍ରୁତି ମଧ୍ୟରୁ ପ୍ରମୁଖତା ଲାଭ କରିଥିବା କେବେଳ ପ୍ରସଙ୍ଗକୁ ଗୁରୁତ୍ୱ ଦେଇ କ୍ଷମତାସୀନ ସରକାରଙ୍କୁ କାର୍ଯ୍ୟକରିବାକୁ ପଡ଼ିବ। ଏକ୍ଷେତ୍ରରେ ଅତିରିକ୍ତ ଅର୍ଥର ଆବଶ୍ୟକତା ଥାଇପାରେ। ଖଣି ଲିଜ୍ ଉପରୁ ଅତିରିକ୍ତ ସେସ୍ ଆଦାୟର ଯେଉଁ ସୁଯୋଗ ଅଛି ତାହାକୁ ରାଜ୍ୟସରକାର କାର୍ଯ୍ୟକାରୀ କରିପାରିଲେ ନିର୍ବାଚନ ବେଳେ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ ହୋଇପାରିବ। ଏଠାରେ ମନେ ରଖିବାକୁ ହେବ ଯେ ୨୦୦୪ ରେ ଓଡ଼ିଶା ସରକାରଙ୍କ ଏହି ପ୍ରସ୍ତାବ ସୁପ୍ରିମକୋର୍ଟ ଅନୁମୋଦନ ଲାଭ କରିଛି। ତେଣୁ ଆମକୁ କହିବାକୁ ପଡୁଛି ଯେ ପ୍ରତିଶ୍ରୁତି ଓ ପ୍ରବଞ୍ଚନା ମଧ୍ୟରେ ଯେଉଁ ବିରାଟ ପାର୍ଥକ୍ୟ ରହିଛି ତାହା ଏହି ଅତିରିକ୍ତ ରାଜସ୍ୱ ହିଁ ପୂରଣ କରିପାରିବ।

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

# ଇଚ୍ଛାମୃତ୍ୟୁ ବିତର୍କ

## ସମ୍ମାନଜନକ ବିଦାୟ: ଆଇନର ପରିସରରେ ମାନବିକତା

ଅଖିଳ ତରାଇ

ଜୀବନ ଏକ ଅମୂଲ୍ୟ ଉପହାର; କିନ୍ତୁ ସବୁବେଳେ ଏହା ଉପଭୋଗ୍ୟ ହୋଇ ରହେ ନାହିଁ। ଯେତେବେଳେ ଜୀବନ କେବଳ ଯନ୍ତ୍ରଣାର ପର୍ଯ୍ୟାୟବାଚୀ ହୋଇଯାଏ ଏବଂ ମଣିଷ ନିଜ ଅଜାଣତରେ କେବଳ ଏକ ମେସିନ୍ ସାହାଯ୍ୟରେ ନିଃଶ୍ୱାସ ନିଏ, ସେତେବେଳେ "ଜୀବନ ଅଧିକାର" ର ସଂଜ୍ଞା ନେଇ ପ୍ରଶ୍ନ ଉଠେ। ନିକଟରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ୩୨ ବର୍ଷୀୟ ହରିଶ ରାଣାଙ୍କ ମାମଲାରେ ଯେଉଁ ଐତିହାସିକ ନିଷ୍ପତ୍ତି ଶୁଣାଇଛନ୍ତି, ତାହା ଦେଶର ନ୍ୟାୟିକ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ୧୩ ବର୍ଷ ଧରି "ସ୍ଥାୟୀ ନିଷ୍କ୍ରିୟ ଅବସ୍ଥା" ବା ପର୍‌ସିଷ୍ଟେଣ୍ଟ ଭେଜିଟେଟିଭ୍ ଷ୍ଟେଟ୍‌ରେ ପଡ଼ି ରହିଥିବା ଜଣେ ଯୁବକଙ୍କୁ ଶେଷରେ "ସମ୍ମାନଜନକ ମୃତ୍ୟୁ" ର ଅଧିକାର ମିଳିଛି। ଏହି ନିଷ୍ପତ୍ତି କେବଳ ଏକ ଆଇନଗତ ଆଦେଶ ନୁହେଁ; ବରଂ ଏହା ମାନବୀୟ ସମ୍ବେଦନା, ବିଜ୍ଞାନ ଏବଂ ବାସ୍ତବବାଦର ଏକ ଅପୂର୍ବ ସମନ୍ୱୟ।

ଭାରତରେ ଇଚ୍ଛାମୃତ୍ୟୁ ବା 'ଇଉଥାନାସିଆ' କୁ ନେଇ ବିତର୍କ ଦୀର୍ଘ ଦିନର। ୨୦୧୮ ମସିହାରେ 'କମନ୍ କଜ୍ ବନାମ ଭାରତ ସରକାର' ମାମଲାରେ ସୁପ୍ରିମକୋର୍ଟଙ୍କ ଏକ ସାମ୍ବିଧାନିକ ଖଣ୍ଡପୀଠ ପରୋକ୍ଷ ଇଚ୍ଛାମୃତ୍ୟୁ ବା 'ପାସିଭ୍ ଇଉଥାନାସିଆ' କୁ ସ୍ୱୀକୃତି ଦେଇଥିଲେ। ସେହି ନିଷ୍ପତ୍ତିରେ ସ୍ପଷ୍ଟ କରାଯାଇଥିଲା ଯେ ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁଯାୟୀ ପ୍ରତ୍ୟେକ ବ୍ୟକ୍ତିଙ୍କର "ସମ୍ମାନର ସହ ବଞ୍ଚିବାର ଅଧିକାର" ରହିଛି ଏବଂ ଏହାର ଅର୍ଥ ହେଉଛି ଜଣେ ବ୍ୟକ୍ତିଙ୍କୁ ସମ୍ମାନର ସହ ମରିବାର ଅଧିକାର ମଧ୍ୟ ମିଳିବା ଉଚିତ। ହରିଶ ରାଣାଙ୍କ ମାମଲା ହେଉଛି ପ୍ରଥମ ଉଦାହରଣ, ଯେଉଁଠାରେ ସୁପ୍ରିମକୋର୍ଟ ସେହି ଗାଇଡ୍‌ଲାଇନ୍‌କୁ ସାମ୍ନାକୁ ଆଣି ଜଣେ ରୋଗୀଙ୍କ ଜୀବନ ରକ୍ଷାକାରୀ ବ୍ୟବସ୍ଥା ହଟାଇବାକୁ ଅନୁମତି ଦେଇଛନ୍ତି।

୨୦୧୩ ମସିହାରେ ଏକ ବଡ଼ କୋଠାରୁ ଖସିପଡ଼ିବା ପରେ ହରିଶଙ୍କ ଜୀବନ ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ମୁଣ୍ଡରେ ଗଭୀର ଆଘାତ ଯୋଗୁଁ ସେ ୧୦୦ ପ୍ରତିଶତ ପକ୍ଷାଘାତର ଶିକାର ହୋଇଥିଲେ। ଗତ ୧୩ ବର୍ଷ ଧରି ସେ ନା କିଛି କହି ପାରୁଥିଲେ ନା କିଛି ବୁଝି ପାରୁଥିଲେ। କେବଳ ଏକ ଟ୍ୟୁବ୍ ସାହାଯ୍ୟରେ ତାଙ୍କୁ ଖାଦ୍ୟ ଦିଆଯାଉଥିଲା ଏବଂ ଅନ୍ୟ ଏକ ଟ୍ୟୁବ୍ ସାହାଯ୍ୟରେ ସେ ନିଃଶ୍ୱାସ ନେଉଥିଲେ। ଶରୀରରେ ଶଯ୍ୟାକ୍ଷତ ବା ବେଡ୍‌ସୋର୍ସ ଏତେ ଭୟଙ୍କର ଥିଲା ଯେ ଫଟୋ ଦେଖିଲେ ମଧ୍ୟ ହୃଦୟ ଥରି ଉଠିବ। ଏଭଳି ସ୍ଥିତିରେ ଚିକିତ୍ସା ବିଜ୍ଞାନ କେବଳ ତାଙ୍କର ଜୈବିକ ଅସ୍ତିତ୍ୱକୁ ଧରି ରଖିଥିଲା; କିନ୍ତୁ ଜୀବନର କୌଣସି ଗୁଣାତ୍ମକ ମାନ ସେଠାରେ ନ ଥିଲା।

ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଜେ.ବି. ପାର୍ଦିୱାଲା ଏବଂ ଜଷ୍ଟିସ୍ କେ.ଭି. ବିଶ୍ୱନାଥନଙ୍କ ଖଣ୍ଡପୀଠ ଏହି ମାମଲାରେ ଯେଉଁ ସମ୍ବେଦନା ଦେଖାଇଲେ ତାହା ପ୍ରଶଂସନୀୟ। ମେଡିକାଲ ବୋର୍ଡର ରିପୋର୍ଟ ଅନୁଯାୟୀ ହରିଶଙ୍କ ସୁଧାର ଆସିବାର ସମ୍ଭାବନା ଶୂନ୍ ଥିଲା। କୋର୍ଟ ଅନୁଭବ କଲେ ଯେ କୃତ୍ରିମ ଉପାୟରେ ତାଙ୍କୁ ବଞ୍ଚାଇ ରଖିବା ତାଙ୍କ ପାଇଁ ଏକ ଦଣ୍ଡ ସଦୃଶ। କୋର୍ଟ କହିଛନ୍ତି ଯେ, "କାହାକୁ ଭଲ ପାଇବା ଅର୍ଥ ହେଉଛି ତାଙ୍କର ଯନ୍ତ୍ରଣାକୁ ବୁଝିବା ଏବଂ ସେହି ଯନ୍ତ୍ରଣାରୁ ତାଙ୍କୁ ମୁକ୍ତି ଦେବା।" ହରିଶଙ୍କ ପିତାମାତାଙ୍କ ଧୈର୍ଯ୍ୟକୁ ମଧ୍ୟ ଅଦାଲତ ସଲାମ୍ କରିଛନ୍ତି, ଯେଉଁମାନେ ୧୩ ବର୍ଷ ଧରି ନିଜ ସନ୍ତାନର ସେବା କରିବା ପରେ ଶେଷରେ ତାଙ୍କର ମୃତ୍ୟୁ ପାଇଁ ଆବେଦନ କରିବାକୁ ବାଧ୍ୟ ହେଲେ।

ଏଠାରେ ପାର୍ଥକ୍ୟ ବୁଝିବା ଜରୁରୀ। 'ଆକ୍ଟିଭ୍ ଇଉଥାନାସିଆ'ରେ ମାରାତ୍ମକ ଇଞ୍ଜେକ୍ସନ ଦେଇ ଜୀବନ ଶେଷ କରାଯାଏ, ଯାହା ଭାରତରେ ବେଆଇନ। କିନ୍ତୁ 'ପାସିଭ୍ ଇଉଥାନାସିଆ' ବା ପରୋକ୍ଷ ଇଚ୍ଛାମୃତ୍ୟୁରେ ଜୀବନ ରକ୍ଷାକାରୀ ବ୍ୟବସ୍ଥା (ଯେପରିକି ଭେଣ୍ଟିଲେଟର ବା ଫିଡିଂ ଟ୍ୟୁବ୍) ହଟାଇ ଦିଆଯାଏ, ଯାହାଫଳରେ ପ୍ରକୃତି ନିଜ କାମ କରିପାରିବ। ହରିଶଙ୍କ କ୍ଷେତ୍ରରେ କୋର୍ଟ ଏହି ଡାକ୍ତରୀ ପଦ୍ଧତିରେ ଦିଆଯାଉଥିବା ପୋଷଣ ବା କ୍ଲିନିକାଲି ଆଡ୍‌ମିନିଷ୍ଟରେଡ୍ ନ୍ୟୁଟ୍ରିସନକୁ ବନ୍ଦ କରିବାକୁ ଅନୁମତି ଦେଇଛନ୍ତି; ଯାହାଫଳରେ ତାଙ୍କର ଯନ୍ତ୍ରଣାଦାୟକ ଜୀବନର ଯାତ୍ରା ଶେଷ ହୋଇପାରିବ।

ଇଚ୍ଛାମୃତ୍ୟୁ ସବୁବେଳେ ଏକ ଜଟିଳ ବିଷୟ। ଅନେକ ଧର୍ମ ଏବଂ ସାମାଜିକ ଗୋଷ୍ଠୀ ଏହାକୁ ପାପ ବୋଲି ମାନନ୍ତି। କିନ୍ତୁ ଆଧୁନିକ ମାନବବାଦ କହେ ଯେ ଜଣେ ବ୍ୟକ୍ତିଙ୍କୁ ତାଙ୍କର ସର୍ବନିମ୍ନ ମାନବୀୟ ସମ୍ମାନରୁ ବଞ୍ଚିତ କରି କେବଳ ମେସିନ୍ ସାହାଯ୍ୟରେ ବଞ୍ଚାଇ ରଖିବା ପ୍ରକୃତରେ ଏକ କ୍ରୁରତା। ହରିଶଙ୍କ ପିତାମାତାଙ୍କ ମନରେ ଏହି ଆବେଦନ କରିବା ସମୟରେ କେତେ କଷ୍ଟ ହୋଇଥିବ ତାହା କଳ୍ପନା କରିବା କଷ୍ଟକର। କିନ୍ତୁ ସେମାନେ ନିଜ ସନ୍ତାନକୁ ଏହି ଯନ୍ତ୍ରଣାରୁ ମୁକ୍ତି ଦେବାକୁ ଚାହୁଁଥିଲେ ଯାହା ଶ୍ରେଷ୍ଠ ପିତୃତ୍ୱ ଓ ମାତୃତ୍ୱର ପରିଚୟ।

ସୁପ୍ରିମକୋର୍ଟ ଏହି ମାମଲାରେ କେବଳ ଆଦେଶ ଦେଇ ନାହାଁନ୍ତି, ବରଂ ସରକାରଙ୍କୁ ଏକ ବ୍ୟାପକ ଆଇନ ପ୍ରଣୟନ କରିବାକୁ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନର ବ୍ୟବସ୍ଥାରେ ପ୍ରାଥମିକ ଏବଂ ଦ୍ୱିତୀୟକ ମେଡିକାଲ ବୋର୍ଡର ଅନୁମୋଦନ ଏବଂ ପରେ କୋର୍ଟଙ୍କ ହସ୍ତକ୍ଷେପ ଏକ ଦୀର୍ଘ ପ୍ରକ୍ରିୟା। ଏହି ପ୍ରକ୍ରିୟାରେ ବିଳମ୍ବ ଯୋଗୁଁ ରୋଗୀ ଅଧିକ କଷ୍ଟ ପାଏ। ତେଣୁ ଏକ ସ୍ପଷ୍ଟ ସଂସଦୀୟ ଆଇନର ଆବଶ୍ୟକତା ରହିଛି, ଯାହାଫଳରେ ପ୍ରକୃତରେ ଯୋଗ୍ୟ ରୋଗୀମାନେ ଅନାବଶ୍ୟକ ଆଇନଗତ ଜଟିଳତାରେ ନଫସି ଶୀଘ୍ର ନ୍ୟାୟ ପାଇପାରିବେ।

ହରିଶ ରାଣାଙ୍କ କ୍ଷେତ୍ରରେ ମିଳିଥିବା ଏହି ନିଷ୍ପତ୍ତି ଭାରତୀୟ ଆଇନ ବ୍ୟବସ୍ଥାର ଏକ ପରିପକ୍ୱତାର ପ୍ରମାଣ। ଏହା ଆମକୁ ଶିଖାଉଛି ଯେ "ଜୀବନ" ର ଅର୍ଥ କେବଳ ନିଶ୍ୱାସ ପ୍ରଶ୍ୱାସ ନୁହେଁ ବରଂ ଏକ ସମ୍ମାନଜନକ ଅସ୍ତିତ୍ୱ। ଯେତେବେଳେ ଜୀବନରୁ ସେହି ସମ୍ମାନ ଚାଲିଯାଏ ସେତେବେଳେ ମୃତ୍ୟୁ ହିଁ ଶେଷ ଆଶ୍ରୟ ହୋଇଯାଏ। ଏହି ଐତିହାସିକ ରାୟ ଆଗାମୀ ଦିନରେ ଅନେକ ଶଯ୍ୟାଶାୟୀ ରୋଗୀଙ୍କ ପାଇଁ ଏକ ଶାନ୍ତିପୂର୍ଣ୍ଣ ମୁକ୍ତିର ବାଟ ଦେଖାଇବ। ଆଇନର ଶୁଷ୍କ ପୃଷ୍ଠାଗୁଡ଼ିକ ମଧ୍ୟରେ ମାନବୀୟ ସମ୍ବେଦନା ଜୀବିତ ରହିବା ଆମ ସମାଜ ପାଇଁ ଏକ ଶୁଭ ସଂକେତ।

ଗଞ୍ଜାମ, ମୋ: ୬୭୮୬୭୦୦୧୦୦୧୩

## ସାର୍ବଜନୀନ ମନୋଭାବ ଏବଂ ଦ୍ୱନ୍ଦ୍ୱର ଫାଙ୍କ ଦୂର ପାଇଁ ଅଧିକ ଅଧ୍ୟୟନ ଆବଶ୍ୟକ

ଅବଶ ପରିଡ଼ା

ହରିଶ ରାଣାଙ୍କୁ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ଦିଆଯିବ। ତାଙ୍କ ପିତାମାତାଙ୍କ ଏହି ଆବେଦନକୁ ଗ୍ରହଣ କରି ମାନ୍ୟବର ସୁପ୍ରିମକୋର୍ଟ ଏହା ସ୍ଥିର କରିଛନ୍ତି। ପଞ୍ଜାବ ବିଶ୍ୱବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରୁଥିବା ମେଧାବୀ ଯୁବକ ହରିଶ ୨୦୧୩ ମସିହାରେ ଏକ ହଷ୍ଟେଲ କୋଠାର ଚତୁର୍ଥ ମହଲାରୁ ପଡ଼ି ମସ୍ତିଷ୍କରେ ଗୁରୁତର ଆଘାତ ପାଇଥିଲେ। ଦୁର୍ଘଟଣା ପରେ ସେ ପାଲଟିଗଲେ ଏକ ଜୀବନ୍ତ ଗଛ ଗଣ୍ଡି ଭଳି। ଶ୍ୱାସକ୍ରିୟା ପାଇଁ ଟ୍ରାକିଓଷ୍ଟୋମି ଟ୍ୟୁବ୍ ଏବଂ ଖାଇବା ପାଇଁ ଗ୍ୟାଷ୍ଟ୍ରୋଜେଜୁନୋଷ୍ଟୋମି ଟ୍ୟୁବ୍ ସହିତ ଏକ ଶଯ୍ୟାରେ ସୀମିତ ରହିଗଲା ହରିଶଙ୍କ ଜୀବନ। ଅଦାଲତରେ ଦାଖଲ ହୋଇଥିବା ତଥ୍ୟ ଅନୁଯାୟୀ ହରିଶଙ୍କ ଡାକ୍ତରୀ ରିପୋର୍ଟରେ ୧୩ ବର୍ଷ ମଧ୍ୟରେ କୌଣସି ଉନ୍ନତି ଦେଖାଯାଇ ନାହିଁ। ତେଣୁ ବୃଦ୍ଧ ପିତାମାତାଙ୍କ ଉପରେ ନିର୍ଭରଶୀଳ, କୌଣସି ଉନ୍ନତି ନ ହେବାର ଏକ ଜୀବନ୍ତ ଶବଠାରୁ ଲାଇଫ୍ ସପୋର୍ଟ ସୁବିଧା କାଢ଼ିବା ଯାହା ଏକ ପ୍ରକାର ନିଷ୍କ୍ରିୟ ଇଚ୍ଛାମୃତ୍ୟୁର ନିଷ୍ପତ୍ତି ଥିଲା, ତାହା ହରିଶଙ୍କ ପିତାମାତା ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଲାଇଫ୍ ସପୋର୍ଟକୁ ପ୍ରତ୍ୟାହାର କରିବା ବିଷୟରେ ମାନ୍ୟବର ସୁପ୍ରିମ୍‌କୋର୍ଟ ଗୁରୁତ୍ୱ ସହିତ କହିଛନ୍ତି ଯେ ଜଣେ ଡାକ୍ତରଙ୍କ କର୍ତ୍ତବ୍ୟ ହେଉଛି ରୋଗୀଙ୍କ ଚିକିତ୍ସା କରିବା। କିନ୍ତୁ ଯେତେବେଳେ ରୋଗୀଙ୍କ ଆରୋଗ୍ୟ ହେବାର କୌଣସି ଆଶା ନ ଥାଏ, ସେତେବେଳେ ସେହି କର୍ତ୍ତବ୍ୟ ଆଉ ତିଷ୍ଠି ନ ଥାଏ।

ଭାରତୀୟ ପରିପ୍ରେକ୍ଷୀରେ ଇଚ୍ଛାମୃତ୍ୟୁର ସାମାଜିକ ବିଶ୍ଳେଷଣ ହେଉଛି ସାଂସ୍କୃତିକ, ଧାର୍ମିକ, ପାରିବାରିକ ଏବଂ ଆଇନଗତ କାରଣଗୁଡ଼ିକର ଏକ ଜଟିଳ ପାରସ୍ପରିକ କ୍ରିୟା। ଆମ ଦେଶରେ କିଛି କଠୋର ନିର୍ଦ୍ଦେଶାବଳୀ ଅନୁଯାୟୀ ନିଷ୍କ୍ରିୟ ଇଚ୍ଛାମୃତ୍ୟୁକୁ ଆଇନଗତ ଭାବରେ ଅନୁମତି ଦିଆଯାଇଛି। କିନ୍ତୁ ସକ୍ରିୟ ଇଚ୍ଛାମୃତ୍ୟୁ ଏବେ ବି ନିଷିଦ୍ଧ ରହିଛି। ଆମ ପାଇଁ ଇଚ୍ଛାମୃତ୍ୟୁର ବିତର୍କ ହେଉଛି ବ୍ୟକ୍ତିଗତ ସ୍ୱାୟତ୍ତତା, ଜୀବନର ପବିତ୍ରତା ଓ ସାମାଜିକ ମୂଲ୍ୟବୋଧ ମଧ୍ୟରେ ଥିବା ଏକ ପ୍ରତିଚ୍ଛେଦ ବିନ୍ଦୁ।

ଇଚ୍ଛାମୃତ୍ୟୁକୁ ନେଇ ଜନସାଧାରଣଙ୍କ ମନୋଭାବ ମିଶ୍ରିତ। ପେସାଦାର ସ୍ୱାସ୍ଥ୍ୟସେବା ଏବଂ ନ୍ୟାୟପାଳିକା ଏହାକୁ ସମର୍ଥନ କରୁଥିବା ବେଳେ ପ୍ରାୟତଃ ଧାର୍ମିକ ଗୋଷ୍ଠୀ ଇଚ୍ଛାମୃତ୍ୟୁକୁ ବିରୋଧ କରନ୍ତି। କିନ୍ତୁ ବିପରୀତ ଦିଗରେ ଗ୍ରାମାଞ୍ଚଳରେ ରୋଗୀ, ବିକଳାଙ୍ଗ ଓ ପକ୍ଷାଘାତଗ୍ରସ୍ତ ବୟୋବୃଦ୍ଧମାନଙ୍କ ହତ୍ୟା ଭଳି ଅନେକ ସାଂସ୍କୃତିକ ପ୍ରଥା ଆମ ଦେଶରେ ବିଦ୍ୟମାନ। ତେଣୁ ଇଚ୍ଛାମୃତ୍ୟୁ ଯେ ଆମ ପାଇଁ ଏକ ଲୁକ୍କାୟିତ ସାମାଜିକ ଚାପ, ତାହା କହିଲେ ଅତ୍ୟୁକ୍ତି ହେବନାହିଁ।

ସମାଜବିଜ୍ଞାନ ଦୃଷ୍ଟିରୁ, ଇଚ୍ଛାମୃତ୍ୟୁ ଢାଞ୍ଚା ହେଉଛି ଜୀବନ ସ୍ୱାୟତ୍ତତାର ପାଶ୍ଚାତ୍ୟ ଧାରଣା ଏବଂ ଭାରତୀୟ ସାମୂହିକ ମୂଲ୍ୟବୋଧ ମଧ୍ୟରେ ଏକ ସନ୍ତୁଳନର ପ୍ରତିଫଳନ। ମୋଟ ଉପରେ କହିବାକୁ ଗଲେ, ଏହା ହେଉଛି ବ୍ୟକ୍ତିର ପସନ୍ଦକୁ ଚାପି ଦେଉଥିବା ଏକ ସାମୂହିକ ପରିବାରିକ ନିଷ୍ପତ୍ତି, ଯାହା ଜୀବନର ଅନିୟନ୍ତ୍ରଣ ଅନ୍ତିମ ପରିସ୍ଥିତିରେ ଆସେ ଏବଂ ଯାହା ସାମାଜିକ ବାଧ୍ୟବାଧକତା ଦ୍ୱାରା ପରିଚାଳିତ ମଧ୍ୟ ହୁଏ।

ନିଷ୍କ୍ରିୟ ଇଚ୍ଛାମୃତ୍ୟୁର ସମର୍ଥନରେ ଥିବା ବିଶାରଦମାନେ ଯୁକ୍ତି ଦିଅନ୍ତି ଯେ ରୋଗୀଙ୍କ ସ୍ୱାୟତ୍ତତା ପ୍ରତି ଏହା ଏକ ସମ୍ମାନ। ବ୍ୟକ୍ତିବିଶେଷଙ୍କ ନିଜ ଜୀବନ ଏବଂ ଚିକିତ୍ସା ବିଷୟରେ ନିଷ୍ପତ୍ତି ନେବାର ସ୍ୱାଧୀନତା ରହିବା ଉଚିତ। ଯଦି ଆରୋଗ୍ୟ ହେବାର କୌଣସି ଆଶା ବା ସମ୍ଭବନା ନ ଥାଏ, ତେବେ ଯନ୍ତ୍ର ମାଧ୍ୟମରେ କୃତ୍ରିମ ଭାବରେ ଜୀବନକୁ କାହିଁକି କଷ୍ଟ ଦେବା ? ଏହି କୃତ୍ରିମ ଉପାୟରେ ବଂଚିଥିବା ପ୍ରିୟଜନମାନଙ୍କୁ ଅସୀମ କଷ୍ଟ ଭୋଗୁଥିବା ଦେଖିବାରୁ ପରିବାରବର୍ଗଙ୍କୁ ମୁକ୍ତି ଦେବାର ଏହା ଏକ ଉପାୟ।

ଅନେକଙ୍କ ମତରେ ଇଚ୍ଛାମୃତ୍ୟୁର ଏକ ଭାରତୀୟ ଦୃଷ୍ଟିକୋଣ ହେଉଛି ଏକ ପ୍ରକାରର ଡାକ୍ତରଙ୍କ ସହାୟତାରେ ହେଉଥିବା ଆତ୍ମହତ୍ୟା ସଦୃଶ୍ୟ। ଅବଶ୍ୟ ଏହାକୁ ନେଇ ନୈତିକ ବିତର୍କ ଅତ୍ୟନ୍ତ ଜରୁରୀ। ଆମେ ଜାଣୁ ଯେ ଅସହ୍ୟ ଯନ୍ତ୍ରଣା ଓ କଷ୍ଟ ଏବଂ ଅସାଧ୍ୟ ରୋଗରୁ ମୁକ୍ତି ପାଇଁ ଜଣେ ବ୍ୟକ୍ତିଙ୍କ ଜୀବନକୁ ଜାଣିଶୁଣି ଶେଷ କରିବା ହେଉଛି ଇଚ୍ଛାମୃତ୍ୟୁ । ଏହା ଦୁଇ ପ୍ରକାର। ପ୍ରଥମଟି ହେଉଛି ସକ୍ରିୟ। ଏହାର ଅର୍ଥ, ମୃତ୍ୟୁ ଘଟାଉଥିବା ପ୍ରତ୍ୟକ୍ଷ କାର୍ଯ୍ୟ ହୋଇପାରେ। ଦ୍ୱିତୀୟଟି ହେଉଛି, ନିଷ୍କ୍ରିୟ ଅର୍ଥାତ ଜୀବନ-ନିର୍ଭରଶୀଳ ଚିକିତ୍ସାକୁ ବନ୍ଦ କରିବା ହୋଇପାରେ। ଅପରପାଖେ ଡାକ୍ତରଙ୍କ ସହାୟତାରେ ଆତ୍ମହତ୍ୟା ସେତେବେଳେ ହୁଏ, ଯେତେବେଳେ ଜଣେ ଡାକ୍ତର ରୋଗୀଙ୍କୁ ନିଜ ଜୀବନ ସମାପ୍ତ କରିବା ପାଇଁ ଉପାୟ କିମ୍ବା ପ୍ରେସ୍କ୍ରିପ୍‌ସନ ପ୍ରଦାନ କରନ୍ତି। ଏହି ଅଭ୍ୟାସଗୁଡ଼ିକ ସର୍ବଦା ବିତର୍କ, ନୀତିଶାସ୍ତ୍ର, ଆଇନ, ସ୍ୱାୟତ୍ତତା, ମର୍ଯ୍ୟାଦା ଏବଂ ଚିକିତ୍ସା ଦାୟିତ୍ୱ ସହିତ ଜଡ଼ିତ।

ଏକ ବିଶାରଦ ମହଲ ଯୁକ୍ତି ଦିଅନ୍ତି ଯେ ସମସ୍ତଙ୍କର ସମ୍ମାନର ସହିତ ବଂଚିବା ଓ ମୃତ୍ୟୁବରଣ କରିବାର ଅଧିକାର ଅଛି। ସେହିପରି ସଭିଙ୍କର ଦୀର୍ଘକାଳୀନ ଯନ୍ତ୍ରଣାକୁ ଏଡ଼ାଇବାର ଅଧିକାର ରହିବା ମଧ୍ୟ ଉଚିତ। କିନ୍ତୁ ଅନ୍ୟ ଏକ ମହଲ ବିଶ୍ୱାସ କରନ୍ତି ଯେ ଇଚ୍ଛାମୃତ୍ୟୁ ଜୀବନର ପବିତ୍ରତାକୁ ଉଲ୍ଲଂଘନ କରେ ଏବଂ ବୃଦ୍ଧ, ଅକ୍ଷମ କିମ୍ବା ଆର୍ଥିକ ଭାବରେ ନିର୍ଭରଶୀଳ ରୋଗୀଙ୍କ ପରି ଦୁର୍ବଳ ଲୋକଙ୍କ ଉପରେ ଅପବ୍ୟବହାର କିମ୍ବା ଚାପ ସୃଷ୍ଟି କରିପାରେ।

ଇଚ୍ଛାମୃତ୍ୟୁକୁ ହୋଇଥିବା କିଛି ସର୍ଭେଗୁଡ଼ିକର ଫଳାଫଳ ବିଷୟରେ ଆଲୋଚନା କରିବା। ପ୍ରଥମଟି ହେଉଛି ନର୍ସ ଏବଂ ଡାକ୍ତରମାନେ ପ୍ରାୟତଃ ନୈତିକ ଶପଥ ଯୋଗୁଁ ଇଚ୍ଛାମୃତ୍ୟୁକୁ ବିରୋଧ କରିଛନ୍ତି। ୬୦ ପ୍ରତିଶତ ଇଚ୍ଛାମୃତ୍ୟୁର ବ୍ୟବହାରିକ ଚିନ୍ତାଧାରାକୁ ନେଇ ନକାରାତ୍ମକ ମତ ରଖିଛନ୍ତି। କିନ୍ତୁ ଅନ୍ୟ ଏକ ସର୍ଭେରେ ପ୍ରାୟ ୬୯.୩% ଡାକ୍ତର ଇଚ୍ଛାମୃତ୍ୟୁକୁ ସମର୍ଥନ କରି କହିଥିଲେ ଯେ ଦୁରାସାଧ୍ୟ ରୋଗୀଙ୍କୁ ଅସହ୍ୟ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଏହା ପ୍ରୟୋଗ କରାଯାଇପାରେ । ତଥାପି, ଅନେକ ଡାକ୍ତର ଭୟ କରୁଥିଲେ ଯେ ଯଦି ଏହାକୁ ଆଇନଗତ କରାଯାଏ, ତେବେ ଏହାର ଅପବ୍ୟବହାର ହୋଇପାରେ। ଦ୍ୱିତୀୟଟି ହେଉଛି ସ୍ୱେଚ୍ଛାସେବୀ ଗୋଷ୍ଠୀମାନଙ୍କ ମତାମତ, ଯେଉଁମାନେ ଏହାର ଅପବ୍ୟବହାର ନେଇ ଚିନ୍ତିତ। ଏବଂ ତୃତୀୟ ମତାମତ ହେଉଛି ଜନସାଧାରଣଙ୍କର, ଯେଉଁଠି କେବଳ ୨୧.୩% ଉତ୍ତରଦାତା ଇଚ୍ଛାମୃତ୍ୟୁ ଆଇନ ବିଷୟରେ ଜାଣିଥିଲେ ଏବଂ ୫୫% ରୁ ଅଧିକ ଲୋକ "ଜୀବିତ ଇଚ୍ଛାପତ୍ର" ବା "ଲିଭିଂ ଉଇଲ" ର ଧାରଣାକୁ ସମର୍ଥନ କରିଥିଲେ। ତେଣୁ ପ୍ରାୟ ସମସ୍ତ ଭାରତୀୟ ସର୍ଭେଗୁଡ଼ିକର ମିଶ୍ରିତ ମତାମତ କୁହେ ଯେ ଯନ୍ତ୍ରଣାରୁ ମୁକ୍ତି ପାଇଁ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ଆବଶ୍ୟକ; କିନ୍ତୁ ନୈତିକ ସନ୍ଦେହ, ଧାର୍ମିକ ବିଶ୍ୱାସ ଏବଂ ଆଇନଗତ ଅନିଶ୍ଚିତତା ଏବେ ବି ଜନସାଧାରଣଙ୍କ ମନୋଭାବକୁ ପ୍ରଭାବିତ କରୁଛି। ପରିଶେଷରେ, ଭାରତରେ ଇଚ୍ଛାମୃତ୍ୟୁ ଉପରେ ସମାଜତାତ୍ତ୍ୱିକ ଦୃଷ୍ଟିକୋଣର ଅତ୍ୟନ୍ତ ଆବଶ୍ୟକ ଅଛି। ସାର୍ବଜନୀନ ମନୋଭାବ ଏବଂ ଦ୍ୱନ୍ଦ୍ୱର ଫାଙ୍କକୁ ଦୂର କରିବା ପାଇଁ ଅଧିକ ଅଧ୍ୟୟନ ଆବଶ୍ୟକ।

ଭୁବନେଶ୍ୱର
୮୪୫୬୮୭୯୫୨୨

# ଶିକ୍ଷାନୁଷ୍ଠାନରେ ନୈତିକ ଉନ୍ନତି ଓ ମୂଲ୍ୟବୋଧ

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ମାନବ ସମାଜର ଉପଯୁକ୍ତ ବିକାଶ ପାଇଁ କେବଳ ଜ୍ଞାନ ଯଥେଷ୍ଟ ନୁହେଁ; ଏଥିପାଇଁ ନୈତିକତା ଏବଂ ମୂଲ୍ୟବୋଧ ଆବଶ୍ୟକ। ଜଣେ ବ୍ୟକ୍ତିକୁ ସଚ୍ଚୋଟ, ଦାୟିତ୍ୱବାନ ଏବଂ ଭଲ ନାଗରିକ ଭାବରେ ଗଢ଼ି ତୋଳିବାରେ ନୈତିକ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହି ନୈତିକତାର ମୂଳଦୁଆ କେବଳ ଏକ ଶିକ୍ଷାନୁଷ୍ଠାନରେ ସ୍ଥାପନ କରାଯାଇପାରିବ। ସେହିପରି, ଶିକ୍ଷାନୁଷ୍ଠାନଗୁଡ଼ିକ କେବଳ ଜ୍ଞାନ ପ୍ରଦାନ କରିବା ପାଇଁ ନୁହେଁ; ବରଂ ମାନବ ଚରିତ୍ର ଗଠନ ପାଇଁ ପବିତ୍ର କେନ୍ଦ୍ର ଭାବରେ କାର୍ଯ୍ୟ କରନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକ ସମାଜର ମୂଳଦୁଆ। ଏଠାରେ, ଛାତ୍ରମାନେ କେବଳ ପୁସ୍ତକୀୟ ଜ୍ଞାନ ନୁହେଁ; ବରଂ ଜୀବନ ମୂଲ୍ୟ ମଧ୍ୟ ଶିଖନ୍ତି। ଯଦି ପିଲାମାନଙ୍କୁ ଛୋଟ ବୟସରୁ ସତ୍ୟ, ଅହିଂସା, ଦୟା, ସହନଶୀଳତା, ସହଯୋଗ ଏବଂ ଶୃଙ୍ଖଳା ଭଳି ମୂଲ୍ୟବୋଧ ଶିକ୍ଷା ଦିଆଯାଏ, ତେବେ ସେମାନେ ଭବିଷ୍ୟତରେ ଭଲ ନାଗରିକ ହୋଇପାରିବେ। ତେଣୁ, ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକ ଉନ୍ନତିର ବହୁତ ଗୁରୁତ୍ୱ ଅଛି।

ପ୍ରାଚୀନ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ, ନୈତିକତାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଗୁରୁକୂଳ ବ୍ୟବସ୍ଥାରେ, ଛାତ୍ରମାନେ ଜଣେ ଗୁରୁଙ୍କ ମାର୍ଗଦର୍ଶନରେ ରହୁଥିଲେ ଏବଂ ଶିକ୍ଷା ଗ୍ରହଣ କରୁଥିଲେ। ସେଠାରେ, ସେମାନଙ୍କୁ କେବଳ ଶୈକ୍ଷିକ ଜ୍ଞାନ ନୁହେଁ; ବରଂ ନୈତିକ ଶିକ୍ଷା ଏବଂ ଜୀବନଶୈଳୀ ମଧ୍ୟ ଶିକ୍ଷା ଦିଆଯାଉଥିଲା। ଗୁରୁକୂଳଗୁଡ଼ିକ ଗୁରୁଙ୍କ ପ୍ରତି ସମ୍ମାନ, ସତ୍ୟବାଦୀ, ଶୃଙ୍ଖଳା ଏବଂ ଆତ୍ମନିୟନ୍ତ୍ରଣ ଭଳି ସଦ୍‌ଗୁଣ ଶିକ୍ଷା ଦେଉଥିଲେ। ଏହି ବ୍ୟବସ୍ଥା ଛାତ୍ରମାନଙ୍କୁ ଉତ୍ତମ ଚରିତ୍ର ସହିତ ବିକଶିତ କରିଥିଲା। କିନ୍ତୁ ଆଜିର ଶିକ୍ଷା ବ୍ୟବସ୍ଥା ଅଧିକ ପ୍ରତିଯୋଗିତାମୂଳକ ହୋଇଗଲାଣି। ଛାତ୍ରମାନେ ଅଧିକ ନମ୍ବର ଏବଂ ଭଲ ଚାକିରି ପାଇବା ପାଇଁ ପାଠ ପଢୁଛନ୍ତି। ଏହି କାରଣରୁ, ନୈତିକତା ଏବଂ ମୂଲ୍ୟବୋଧର ଗୁରୁତ୍ୱ ହ୍ରାସ ପାଇଛି। କେତେକ ସମୟରେ ଆମେ ଛାତ୍ରଛାତ୍ରୀମାନଙ୍କୁ ଠକିବା, ମିଛ କହିବା ଏବଂ ଭୁଲ୍ ପଥ ଅନୁସରଣ କରିବା ଭଳି କାର୍ଯ୍ୟକଳାପରେ ଲିପ୍ତ ହେଉଥିବାର ଦେଖୁ। ଏହି ପରିସ୍ଥିତି ଆମକୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକତାକୁ ପୁନଃ ଗୁରୁତ୍ୱ ଦେବାର ଆବଶ୍ୟକତାକୁ ଅନୁଭବ କରାଏ।



ନୈତିକ ଶିକ୍ଷା ପ୍ରଦାନ କରିବାରେ ଶିକ୍ଷକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କ ପାଇଁ ଆଦର୍ଶ ଭାବରେ କାର୍ଯ୍ୟ କରନ୍ତି। ସେମାନଙ୍କର ଆଚରଣ, ଆଦର୍ଶ ଏବଂ ଜୀବନଶୈଳୀ ଛାତ୍ରଛାତ୍ରୀମାନଙ୍କୁ ପ୍ରଭାବିତ କରେ। ଯଦି ଶିକ୍ଷକମାନେ ସତ୍ୟବାଦୀ, ଶୃଙ୍ଖଳିତ ଏବଂ ଦାୟିତ୍ୱବାନ ହୁଅନ୍ତି, ତେବେ ଛାତ୍ରଛାତ୍ରୀମାନେ ସମାନ ଗୁଣ ଗ୍ରହଣ କରିବାକୁ ପ୍ରେରଣା ପାଇବେ। ତେଣୁ, ଛାତ୍ରମାନଙ୍କ ଜୀବନ ଗଠନରେ ଶିକ୍ଷକଙ୍କ ନୈତିକ ଆଚରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ବ୍ୟତୀତ, ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଭିନ୍ନ ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ମଧ୍ୟ ନୈତିକ ବିକାଶ ହାସଲ କରାଯାଇପାରିବ। ପ୍ରାର୍ଥନା ସଭା, ପ୍ରବାଦ, ଜାତୀୟ ପର୍ବ ପାଳନ, ସମାଜସେବା କାର୍ଯ୍ୟକ୍ରମ ଏବଂ ସ୍ୱଚ୍ଛତା ଅଭିଯାନ ଭଳି କାର୍ଯ୍ୟକଳାପ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶପ୍ରେମ, ଦାୟିତ୍ୱ ଏବଂ ସହଯୋଗର ଭାବନା ସୃଷ୍ଟି କରେ। ଏହା ସେମାନଙ୍କୁ ସମାଜ ପ୍ରତି ସେମାନଙ୍କର ଦାୟିତ୍ୱ ବୁଝିବାରେ ସାହାଯ୍ୟ କରେ।

ନୈତିକ ବିକାଶ ପାଇଁ ପରିବାର ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପିଲାମାନେ ପ୍ରଥମେ ଘରେ ନୈତିକତା ଶିଖନ୍ତି। ଯଦି ପରିବାରରେ ସତ୍ୟବାଦୀ, ସମ୍ମାନ ଏବଂ ଶୃଙ୍ଖଳାର ପରିବେଶ ଥାଏ, ତେବେ ସେମାନେ ଏହି ଗୁଣଗୁଡ଼ିକୁ ଗ୍ରହଣ କରନ୍ତି। ଯଦି ଶିକ୍ଷାନୁଷ୍ଠାନ ଏବଂ ପରିବାର ପିଲାମାନଙ୍କୁ ନୈତିକ ଶିକ୍ଷା ଦେବା ପାଇଁ ଏକାଠି କାମ କରନ୍ତି, ତେବେ ସେମାନଙ୍କର ଚରିତ୍ର ସୁଦୃଢ଼ ହୋଇପାରିବ। ଆଜିର ଦୁନିଆରେ, ପ୍ରଯୁକ୍ତିବିଦ୍ୟା ଏବଂ ସାମାଜିକ ଗଣମାଧ୍ୟମ ଛାତ୍ରଛାତ୍ରୀଙ୍କ ଜୀବନ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଉଛି। କେତେକ ସମୟରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିଥାଏ; କିନ୍ତୁ କେତେକ ସମୟରେ ଏହା ନୈତିକ ମୂଲ୍ୟବୋଧକୁ ଦୁର୍ବଳ କରିପାରେ। ତେଣୁ, ଶିକ୍ଷାନୁଷ୍ଠାନଗୁଡ଼ିକୁ ଛାତ୍ରଛାତ୍ରୀମାନଙ୍କୁ ଜ୍ଞାନୀ ଭାବରେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ଏବଂ ଭଲ ଏବଂ ଖରାପ ମଧ୍ୟରେ ପାର୍ଥକ୍ୟ ଶିଖାଇବା ଉଚିତ। ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକ ବିକାଶକୁ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା କେବଳ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷିତ ହେବାରେ ସାହାଯ୍ୟ କରେ ନାହିଁ; ବରଂ ସେମାନଙ୍କୁ ଭଲ ମଣିଷ ହେବାରେ ମଧ୍ୟ ସାହାଯ୍ୟ କରେ। ନୈତିକତା ବିନା ଶିକ୍ଷା ସମାଜ ପାଇଁ କ୍ଷତିକାରକ ହୋଇପାରେ। ତେଣୁ, ଶିକ୍ଷା ବ୍ୟବସ୍ଥାରେ ନୈତିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଇ ଛାତ୍ରଛାତ୍ରୀମାନେ ନୈତିକ, ଦାୟିତ୍ୱବାନ ଏବଂ ସଚ୍ଚୋଟ ନାଗରିକ ବିକଶିତ ହୁଅନ୍ତୁ, ତାହା ନିଶ୍ଚିତ କରିବା ଆମର ଦାୟିତ୍ୱ। ତେଣୁ, ସମାଜର ପ୍ରଗତି ଏବଂ ଶାନ୍ତି ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକତାରେ ଉନ୍ନତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୮୨୪୯୫୦୨୭୭୬



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସ୍ଥାନୀୟ ବିଜେପି ନେତାଙ୍କ ଭାଗିଦାରୀରେ ଲଘୁ ଖଣିଜ ସମ୍ପଦ ଲୁଟ୍ ଚାଲିଛି: ବିଜେଡି

ଭୁବନେଶ୍ୱର,୧୨।୩(ସମିସ): ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରଠାରୁ ବାଲି ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ବିଜେପି ନେତା ଓ କର୍ମୀଙ୍କ ପ୍ରୋତ୍ସାହନରେ ଲଘୁ ଖଣିଜ ସମ୍ପଦ ଲୁଟ୍ ଚାଲିଛି ବୋଲି ଅଭିଯୋଗ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ବିଜେଡି।



■ ପୁଲିସ ଉପସ୍ଥିତିରେ ଖଣି ଅଧିକାରୀଙ୍କ ଉପରେ ଆକ୍ରମଣ
■ ଘଟଣାରେ ସମ୍ପୃକ୍ତ ସ୍ଥାନୀୟ ବିଜେପି ନେତାଙ୍କ ଧମକ ଭିଡିଓ ଭାଇରାଲ୍
■ ଏଫ୍‌ଆଇଆର୍ ଦାଖଲର ୪୦ ଘଣ୍ଟାରୁ ଊର୍ଦ୍ଧ୍ୱ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ୍

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୁରୀ ଜିଲ୍ଲାର ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ପୂର୍ବତନ ବିଧାୟକ ରୁଦ୍ର ପ୍ରସାଦ ମହାରଥୀ ଓ ଛାତ୍ର ବିଜେଡିର ସଭାନେତ୍ରୀ ଇପ୍ସିତା ସାହୁ ରାଜ୍ୟରେ ଲଘୁ ଖଣିଜ ସମ୍ପଦର ବ୍ୟାପକ ଲୁଟ୍ ଚାଲିଥିବା ଅଭିଯୋଗ କରିଥିଲେ। ରୁଦ୍ର ପ୍ରସାଦ ମହାରଥୀ କହିଥିଲେ ଯେ ରାଜ୍ୟରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଥିବା ଖବର ପ୍ରତିଦିନ ଖବର କାଗଜରେ ଶିରୋନାମା ପାଲଟୁଛି। ବିଜେପି ନେତା ଓ କର୍ମୀଙ୍କ ପ୍ରୋତ୍ସାହନରେ ଏହି କାର୍ଯ୍ୟ ଚାଲୁଥିବା ବେଳେ ସରକାରୀ ଅଧିକାରୀମାନଙ୍କ ଉପରେ ଆକ୍ରମଣ ବଢ଼ି ଚାଲିଛି। ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀରେ ଜଣେ ସ୍ଥାନୀୟ ବିଜେପି ନେତାଙ୍କ ଭିଡିଓ ଭାଇରାଲ ହୋଇଛି। ଯେଉଁଥିରେ ସେ ସାମ୍ବାଦିକମାନଙ୍କୁ ବାଲି ଉଠୁଥିବା ସ୍ଥାନକୁ ଆସିଲେ ତାଙ୍କ କ୍ୟାମେରା ଭାଙ୍ଗିଦେବା ସହିତ ପରିଣାମ ଭୟଙ୍କର ହେବ ବୋଲି କହିଛନ୍ତି। ଭିଡିଓ ଭାଇରାଲ ବ୍ୟକ୍ତି ଜଣଙ୍କ ଫଟୋ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ସହିତ ରହିଛି। ତେଣୁ ବାଲି ଚୋରି କାରବାରରେ ବିଜେପି ନେତାଙ୍କ ସମ୍ପୃକ୍ତି ସ୍ପଷ୍ଟ ହେଉଛି। ଏହିପରି ଏକ ବାଲି ଚୋରି ଚାଲିଥିବା ଖବର ପାଇ ପୁରୀ ଜିଲ୍ଲା ଖଣି ଅଧିକାରୀ ସମୀର କୁମାର ମିଶ୍ର ଓ ପୁଲିସ ଅଧିକାରୀଙ୍କ ସହିତ ମାର୍ଚ୍ଚ ୧୦ ତାରିଖର ବିଳମ୍ବିତ ରାତିରେ ଘଟଣାସ୍ଥଳକୁ ଯାଉଥିବା ସମୟରେ ତାଙ୍କ ଗାଡିକୁ ଅଟକାଯାଇ ଗାଡି ଓ ତାଙ୍କ ଉପରେ ଆକ୍ରମଣ ହୋଇଥିଲା। ଶ୍ରୀ ମିଶ୍ର ପିପିଲି ଥାନାରେ ଏଫଆଇଆର ଦାଖଲ କରିଥିଲେ। ଏଫଆଇଆର ଦାଖଲ ହେବାର ୪୦ ଘଣ୍ଟା ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ସ୍ୱାଭାବିକ ଭାବରେ ପ୍ରଶ୍ନ ଉଠୁଛି ଯେ ଯେଉଁଠି ସରକାରୀ ଅଧିକାରୀ ସୁରକ୍ଷିତ ନାହାନ୍ତି, ସେଠି ସାଧାରଣ ଲୋକଙ୍କୁ ସରକାର କି ସୁରକ୍ଷା ଦେବେ ବୋଲି ଶ୍ରୀ ମହାରଥୀ ପ୍ରଶ୍ନ କରିଥିଲେ।

ପୂର୍ବତନ ବିଧାୟକ ତଥା ପୁରୀ ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ କହିଥିଲେ ଯେ ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରଠାରୁ ସମଗ୍ର ପୁରୀ ଜିଲ୍ଲା ସମେତ ସମଗ୍ର ରାଜ୍ୟରେ ବାଲି, ମୋରମ ଇତ୍ୟାଦି ଲଘୁ ଖଣିଜ ସମ୍ପଦର ଲୁଟ୍ ଚାଲିଛି। ବିଜେପି ନେତାଙ୍କ ସହଭାଗିତାରେ ଏହି ଲୁଟ୍ ଚାଲିଛି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହୁଥିଲେ ମଧ୍ୟ ତାଙ୍କ କଥା କେବଳ କଥାରେ ରହୁଛି। ଛାତ୍ର ବିଜେଡିର ସଭାନେତ୍ରୀ ଇପ୍ସିତା ସାହୁ କହିଥିଲେ ଯେ ବାଲି ଚୋରି ହେଉଛି, ନଦୀ ଗୁଡିକର ଦିଗ ପରିବର୍ତ୍ତନ ହେଉଛି, କିନ୍ତୁ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ସରକାର ଘୋଡା ବେପାରରେ ଲାଗିଛନ୍ତି। ପିପିଲି ଡେଲାଙ୍ଗ ନିର୍ବାଚନମଣ୍ଡଳୀରେ ବାଲି ଚୋରି କାରଣରୁ ନିରୀହ ସାମ୍ବାଦିକାଙ୍କ ମୃତ୍ୟୁ ହେଲା। ଏହାପରେ ବାଲି ନେଇ ଯାଉଥିବା ଏକ ହାଇୱା ଧକ୍କାରେ ଦୁଇ ଜଣଙ୍କ ମୃତ୍ୟୁ ହେଲା। ସ୍ଥାନୀୟ ବିଜେପି ନେତାଙ୍କ ଭାଗିଦାରୀରେ ଏହି ଲୁଟ୍ ଚାଲିଛି ବୋଲି ଇପ୍ସିତା ସାହୁ କହିଥିଲେ।

# ମାର୍ଚ୍ଚ ୨୮ରେ ରାଜ୍ୟର ସମସ୍ତ ଓକିଲ ସଂଘ ନିର୍ବାଚନ

କଟକ, ୧୨।୩ (ସମିସ): ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ଅନୁବନ୍ଧିତ ୧୫୮ଟି ବାର୍ ଆସୋସିଏସନ୍ (ଆଇନଜୀବୀ ସଂଘ) ନିର୍ବାଚନ ପାଇଁ ରାଜ୍ୟର ଆଇନଜୀବୀ ପରିଷଦ ପକ୍ଷରୁ ସମସ୍ତ ପ୍ରସ୍ତୁତି ହୋଇଛି। ୱାନ୍ ବାର୍ ୱାନ୍ ଭୋଟ୍ ଆଧାରରେ ଆସନ୍ତା ମାର୍ଚ୍ଚ ୨୮ରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି। ଏହି ନିର୍ବାଚନରେ ସର୍ବମୋଟ ୩୮୮୩ଜଣ ଭୋଟର୍ ସେମାନଙ୍କ ମତ ସାବ୍ୟସ୍ତ କରିବେ। ସକାଳ ସାଢ଼େ ୭ଟାରୁ ଦିନ ୩ଟା ପର୍ଯ୍ୟନ୍ତ ହେବାକୁ ଥିବା ଭୋଟ୍ ଗ୍ରହଣର ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଭିଡିଓଗ୍ରାଫି କରି ତୁରନ୍ତ ତାହାର ଏକ କପି ରାଜ୍ୟ ଆଇନଜୀବୀ ପରିଷଦକୁ ପଠାଇବେ। ଏଥିନିମନ୍ତେ ରାଜ୍ୟ ଆଇନଜୀବୀ ପରିଷଦ ଦ୍ୱାରା ପ୍ରସ୍ତୁତ ଓ ପ୍ରକାଶିତ ଚୂଡ଼ାନ୍ତ ଭୋଟର୍ ତାଲିକା ସମସ୍ତ ବାର୍ ଆସୋସିଏସନ୍‌ଗୁଡ଼ିକୁ ପଠାଯାଇଛି। ନିର୍ବାଚନ ପ୍ରଚାର ସମୟରେ ସଂପୃକ୍ତ ବାର୍ ଆସୋସିଏସନ୍‌ର ପରିସର ତଥା ନ୍ୟାୟାଳୟର ପରିସର ମଧ୍ୟରେ କୌଣସି ବ୍ୟାନର୍, ହୋର୍ଡିଂ ଇତ୍ୟାଦି ପ୍ରଦର୍ଶିତ କରାଯାଇପାରିବ ନାହିଁ ବୋଲି କୁହାଯାଇଛି। ପଠାଯାଇଥିବା ନିର୍ଦ୍ଦେଶାବଳୀ ତଥା ନିର୍ବାଚନ ଅଧିନିୟମର ବ୍ୟତିକ୍ରମ ହେଲେ ସଂପୃକ୍ତ ନିର୍ବାଚନ ଅଧିକାରୀ ତଥା ଅନ୍ୟ ବ୍ୟକ୍ତିବିଶେଷ ଯେଉଁମାନେ ଉକ୍ତ ନିର୍ବାଚନ ବିଶୃଙ୍ଖଳା ସୃଷ୍ଟି କରିବେ, ସେମାନଙ୍କ ବିରୋଧରେ ରାଜ୍ୟ ଆଇନଜୀବୀ ପରିଷଦ ତରଫରୁ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନିର୍ବାଚନ ପରବର୍ତ୍ତୀ ନିର୍ବାଚନ ସଂକ୍ରାନ୍ତୀୟ ମାମଲାର ବିଚାର ନିମନ୍ତେ ଏକ ନିର୍ବାଚନ ଟ୍ରିବୁନାଲ ୩ଜଣ ବରିଷ୍ଠ ଆଇନଜୀବୀ ସୂର୍ଯ୍ୟପ୍ରସାଦ ମିଶ୍ର, ବୁଦ୍ଧଦେବ ରାଉତରାୟ ଓ ସାରଦା ପ୍ରସନ୍ନ ଷଡ଼ଙ୍ଗୀଙ୍କୁ ନେଇ ଗଠନ କରାଯାଇଛି।

# କତାରରୁ ଫେରିଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ



ଭୁବନେଶ୍ୱର,୧୨।୩(ସମିସ): ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ କତାରରେ ପ୍ରାଣ ହରାଇଥିବା ଓଡ଼ିଆ ଶ୍ରମିକ କୁନା ଖୁଣ୍ଟିଆଙ୍କ ମରଶରୀରକୁ ଓଡ଼ିଶାକୁ ଫେରାଇ ଅଣାଯାଇଛି। ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ବ୍ଲକର ବାସିନ୍ଦା କୁନା ଖୁଣ୍ଟିଆ ଗତ ୪ ମାସ ତଳେ କତାରର ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ଗତ ୬ ତାରିଖ ଦିନ ତାଙ୍କ ମୃତ୍ୟୁ ସମ୍ବନ୍ଧରେ ପରିବାର ଲୋକ ଖବର ପାଇଥିଲେ। ପରିବାର ଲୋକଙ୍କ କହିବା ଅନୁଯାୟୀ, କୁନା ଖୁଣ୍ଟିଆ ନିଜ ରୁମ୍‌ରେ ବିଶ୍ରାମ ନେଉଥିବା ବେଳେ ଆକସ୍ମିକ ଭାବେ ମୃତ୍ୟୁ ଘଟିଥିବାର ଖବର ସେମାନେ ଜାଣିବାକୁ ପାଇଥିଲେ। ଏହାପରେ କୁନା ଖୁଣ୍ଟିଆଙ୍କ ମରଶରୀର ଘରକୁ ଫେରାଇ ଆଣିବା ପାଇଁ ପରିବାର ଲୋକ ରାଜ୍ୟ ସରକାରଙ୍କ ପାଖରେ ନିବେଦନ କରିଥିଲେ।

ଏ ସମ୍ବନ୍ଧରେ ଅବଗତ ହେବା ପରେ ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ, ନୂଆଦିଲ୍ଲୀସ୍ଥିତ ଓଡ଼ିଶା ସରକାରଙ୍କ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ଏବଂ ଗଞ୍ଜାମ ଜିଲ୍ଲା ପ୍ରଶାସନର ମିଳିତ ସହାୟତାରେ କୁନା ଖୁଣ୍ଟିଆଙ୍କ ମରଶରୀରକୁ ତାଙ୍କ ପୈତୃକ ଗ୍ରାମକୁ ପଠାଇ ଦିଆଯାଇଛି। ଗୁରୁବାର ସକାଳେ କୁନାଙ୍କ ମରଶରୀର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରେ ପହଞ୍ଚିବା ପରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର ଅଧିକାରୀ ପ୍ରୀତିଶ ପଣ୍ଡା ଉପସ୍ଥିତ ରହି କୁନାଙ୍କ ମରଶରୀରକୁ ତାଙ୍କ ପୈତୃକ ଗ୍ରାମକୁ ପଠାଇବାର ସମସ୍ତ ବ୍ୟବସ୍ଥା କରିଥିଲେ।

# ଗୃହରେ ରନ୍ଧନ ଗ୍ୟାସ୍ ତାତି; ଧୋଇଗଲା ପ୍ରଥମାର୍ଦ୍ଧ

ଭୁବନେଶ୍ୱର,୧୨।୩(ସମିସ): ଦେଶବ୍ୟାପୀ ରନ୍ଧନ ଗ୍ୟାସର ଅବାବ ଏବଂ କଳାବଜାରୀକୁ ନେଇ ସଡ଼କରୁ ସଂସଦ ଯାଏଁ ପ୍ରତିବାଦର ପ୍ରତିଧ୍ୱନି ଶୁଭୁଛି। କେନ୍ଦ୍ର ସରକାର ଏନେଇ ପ୍ରତିଶ୍ରୁତି, ଆଶ୍ୱାସନା ଦେଉଥିଲେ ହେଁ ସାଧାରଣ ଲୋକଙ୍କୁ ଏହା ସନ୍ତୁଷ୍ଟ କରିପାରୁ ନାହିଁ। ଓଡ଼ିଶା ବିଧାନସଭାରେ ମଧ୍ୟ ଗୁରୁବାର ଗ୍ୟାସ ଅଭାବ ତାତି ପରିଲିକ୍ଷିତ ହୋଇଛି। ରାଜ୍ୟରେ ରନ୍ଧନ ଗ୍ୟାସ ଅଭାବ ଏବଂ କଳାବଜାରୀ ନେଇ ଗୁରବାର ପ୍ରଥମାର୍ଦ୍ଧ ଅଚଳ କରିଛି କଂଗ୍ରେସ। ଗୃହରେ ଗ୍ୟାସ କଳାବଜାରୀ, ଅଭାବ ଏବଂ ଉଚ୍ଚାଦରକୁ ନେଇ କଂଗ୍ରେସ ବିଧାୟକମାନେ ପ୍ଲାକାର୍ଡ ପ୍ରଦର୍ଶନ ସହ ପ୍ରବଳ ନାରାବାଜି କରିଥିଲେ। କଂଗ୍ରେସର ହଟ୍ଟଗୋଳ ସହ ବିଜେଡି ସଦସ୍ୟ ନିଜ ନିଜ ଆସନରେ ଛିଡ଼ା ହୋଇ ରହିବା କାରଣରୁ ଆଜି ପ୍ରଥମାର୍ଦ୍ଧରେ ଗୃହ ଚାଲିପାରି ନାହିଁ। ପ୍ରଥମାର୍ଦ୍ଧରେ ବିଭିନ୍ନ ପର୍ଯ୍ୟାୟରେ ଗୃହ ମାତ୍ର ୨୫ ମିନିଟ ଚାଲିବା ପରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ।

ଆଜି ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସଭ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ନାରାବାଜି କରିଥିଲେ। ରାଜ୍ୟରେ ଗ୍ୟାସ ଅଭାବ ଏବଂ କଳାବଜାରୀକୁ ନେଇ ବିଧାୟକମାନେ ପୋଷ୍ଟର ପ୍ରଦର୍ଶନ କରିଥିଲେ। 'ଗ୍ୟାସ୍ ଜଳୁନାହିଁ, ଜନତା ହନ୍ତସନ୍ତ, ରନ୍ଧନ ଗ୍ୟାସ କଳାବଜାରୀ ରୋକିବା ଆମର ଦାବି, ଡବଲ ଇଞ୍ଜିନ, ଡବଲ

■ ଗୃହ ମଧ୍ୟରେ ପ୍ଲାକାର୍ଡ ଦେଖାଇ କଂଗ୍ରେସର ହଟ୍ଟଗୋଳ
■ ଆସନରେ ଛିଡ଼ା ହୋଇ ପ୍ରତିବାଦ ଜଣାଇଲା ବିଜେଡି
■ ନାରାବାଜିରେ କମ୍ପିଲା ଗୃହ
■ ଶାସକ ଦଳର ସମାଲୋଚନା, ଗୃହ ବନ୍ଦ କରିବାକୁ କଂଗ୍ରେସକୁ ଦିଲ୍ଲୀରୁ ନିର୍ଦ୍ଦେଶ ଆସିଛି

ଧୋକା ଚଳିବ ନାହିଁ, ଏଲପିଜି ଗ୍ୟାସ ଅହେତୁକ ବୃଦ୍ଧି, ସରକାର ନିରବଦ୍ରଷ୍ଟା' ଆଦି ନାରା ଦେଇ କଂଗ୍ରେସ ବିଧାୟକମାନେ ଗୃହରେ ହଟ୍ଟଗୋଳ କରିଥିଲେ। ସେହିପରି ବିଜେଡି ସଦସ୍ୟମାନେ ନିଜ ନିଜ ଆସନରେ ଛିଡ଼ା ହୋଇ ପ୍ରଶ୍ନକାଳରେ ଭାଗ ନେଇ ନ ଥିଲେ। ହୋ ହାଲ୍ଲା ମଧ୍ୟରେ ଗୃହରେ ୨ଟି ତାରକା ପ୍ରଶ୍ନ ଆଲୋଚନା ହେବା ପରେ ୧୦ଟା ୪୦ ମିନିଟରୁ ୧୧ଟା ୩୦ ଯାଏଁ ଗୃହକୁ ମୁଲତବୀ ରଖିଥିଲେ। ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସମାନ ଭାବରେ ଗୃହ ମଧ୍ୟରେ ହଟ୍ଟଗୋଳ କରିଥିଲା। ସମାନ ଭାବରେ ବିଜେଡି ସଦସ୍ୟମାନେ ନିଜ ନିଜ ଆସନରେ ଛିଡ଼ା ହୋଇ ପ୍ରତିବାଦ କରିଥିଲେ। ବାଚସ୍ପତି କହିଥିଲେ ଯେ ପ୍ରଶ୍ନକାଳ ପରି ଗୁରୁତ୍ୱପୂର୍ଣ୍ଣ ସମୟ ନଷ୍ଟ ହୋଇଗଲା। ଆପଣମାନେ ନିଜ କଥା ଶୂନ୍ୟକାଳରେ ରଖିବାର ସୁଯୋଗ ରହିଛି। ସୁଯୋଗର ସଦୁପଯୋଗ କରନ୍ତୁ। ନିଜ ନିଜ ଆସନକୁ ଫେରିଯା'ନ୍ତୁ ବୋଲି ବାଚସ୍ପତି ଅନୁରୋଧ କରିଥିଲେ।

ଗୃହରେ କଂଗ୍ରେସର ଆଚରଣଗକୁ ନେଇ ବର୍ଷିଛନ୍ତି ବିଜେପି ବିଧାୟକ। ଗୃହରେ ଗ୍ୟାସ ଅଭାବ ସମ୍ପର୍କରେ ଆଲୋଚନା ନକରି ଗୃହକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଜନସ୍ୱାର୍ଥ ବିରୋଧୀ। ରନ୍ଧନ ଗ୍ୟାସକୁ ନେଇ ବିବ୍ରତ ନହେବାକୁ ପ୍ରଧାନମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି । ମାତ୍ର ଏହା ସତ୍ତ୍ୱେ ଗୃହକୁ ହଟ୍ଟଗୋଳ କରି ବନ୍ଦ କରିବା ନିନ୍ଦନୀୟ ଓ ଦୁଃଖଦାୟକ ବୋଲି ଶାସକ ଦଳର ବିଧାୟକମାନେ ମତବ୍ୟକ୍ତ କରିଛନ୍ତି। ଶାସକ ଦଳ ବିଧାୟକ ଇରାଶିଷ ଆଚାର୍ଯ୍ୟ କହିଥିଲେ ଯେ ଶୂନ୍ୟକାଳରେ ରାଜ୍ୟ ଓ ଜାତୀୟ ପ୍ରସଙ୍ଗ ଆଲୋଚନା ହୋଇପାରିବ। ମାତ୍ର କାହିଁକି କଂଗ୍ରେସ ବିଧାୟକ ମାନେ ପ୍ରତିବାଦ କରୁଛନ୍ତି ଜାଣିପାରୁନି। ଗୃହକୁ ହଟ୍ଟଗୋଳ କରି ବନ୍ଦ କରିବା ନିନ୍ଦନୀୟ ଓ ଦୁଃଖ ଦାୟକ। ଲୋକଙ୍କ ପଇସାରେ ଗୃହ ଚାଲିଛି। ଗୃହରେ ଲୋକଙ୍କ ପ୍ରସଙ୍ଗ ଆଲୋଚନା ହେବା ଉଚିତ୍। ଏଲପିଜି ଗ୍ୟାସ ଉପରେ ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଛନ୍ତି, ଲୋକଙ୍କ ସ୍ୱାର୍ଥ ହେଉଛି ବଡ଼ କଥା। ଲୋକ ଭୟଭୀତ ହୁଅନ୍ତୁ ନାହିଁ। ବିରୋଧୀ ଲୋକଙ୍କୁ ଭୂଆଁ ବୁଲାଇବାକୁ ଚେଷ୍ଟା କରୁଛନ୍ତି ବୋଲି ଇରାଶିଷ କ୍ଷୋଭ ପ୍ରକାଶ କରିଥିଲେ। ବିଧାୟକ ସନ୍ତୋଷ ଖଟୁଆ ମଧ୍ୟ ବିରୋଧୀ ଦଳର ଆଚରଣକୁ ନିନ୍ଦା କରିଥିଲେ। ବିରୋଧୀ ନିଜର ହଟ୍ଟଗୋଳ ଜାରି ରଖିବାରୁ ବାଚସ୍ପତି ୧୧ଟା ୩୯ରୁ ୧୨ଟା ୧୦ ଯାଏଁ ମୁଲତବୀ ରଖିଥିଲେ।

ଅପରପକ୍ଷେ ବିଜେଡି ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବ ଉପରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଉତ୍ତର ରଖିଥିଲେ ହେଁ ଉଭୟ ବିଜେଡି, କଂଗ୍ରେସ ଆଲୋଚନାକୁ ବର୍ଜନ କରିଥିଲେ। ଫଳରେ ବାଚସ୍ପତି ୧୨ଟା ୧୬ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଅପରାହ୍ନରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

# ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କ ଅନ୍ତରୀଣ ସୁରକ୍ଷା ବଳବତ୍ତର

କଟକ,୧୨।୩ (ସମିସ): ସିଁସୋର୍ ଚିଟ୍‌ଫଣ୍ଡ ମାମଲାରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କୁ ପୂର୍ବରୁ ପ୍ରଦାନ କରାଯାଇଥିବା ଅନ୍ତରୀଣ ସୁରକ୍ଷା ଏପ୍ରିଲ ୧୩ ପର୍ଯ୍ୟନ୍ତ ବଳବତ୍ତର ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ଜେନାଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ବି.ପି. ରାଉତରାୟ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ମାମଲାରେ ସିବିଆଇ ଜବତ କରିଥିବା କେତେକ ଦସ୍ତାବିଜ ପ୍ରସଙ୍ଗରେ ଚାର୍ଜସିଟ୍‌ରେ ଉଲ୍ଲେଖ କରାଯାଇନାହିଁ ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି। ଏଭଳି ୧୭ଟି ଦସ୍ତାବିଜ୍‌ର ତାଲିକା ଉଲ୍ଲେଖ କରି ଆବେଦନକାରୀ ଶ୍ରୀ ଜେନାଙ୍କ ତରଫରୁ ଦାଖଲ ଲିଖିତ ତଥ୍ୟ ଉପରେ ଜବାବ ରଖିବାକୁ ସିବିଆଇକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏପ୍ରିଲ ୧୩କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

**ସିବିଆଇକୁ ଜବାବ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

ପ୍ରକାଶଥାଉକି, ସିଁସୋର୍ ମାମଲାରେ ସିବିଆଇ ପକ୍ଷରୁ ଆବେଦନକାରୀ ଶ୍ରୀ ଜେନାଙ୍କୁ ନୋଟିସ୍ ଜାରି କରାଯାଇ ହାଜର ହେବାକୁ କୁହାଯାଇଥିଲା। ଗତ ୨୦୨୫ ଜୁଲାଇ ୯ରେ ମାମଲାର ଶୁଣାଣି ସମୟରେ ଶ୍ରୀ ଜେନାଙ୍କ ବିରୋଧରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ନିମ୍ନ ଅଦାଲତରେ ବିଚାରାଧୀନ ସିବିଆଇ ମାମଲାକୁ ବିରୋଧ କରି ଶ୍ରୀ ଜେନା ୨୦୨୫ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।


**AFFIDAVIT**

By virtue of an affidavit No. 2540 before the Executive Magistrate, Umerkote, Dist- Nabarangpur, dated 03.04.2025, I, Rakesh Kumar Agrawal, Vill-Kusumguda, P.O./P.S. - Umerkote-764073, Dist-Nabarangpur hereby declare that I have changed my name from Rakesh Kumar Agarwal & Rakesh Kumar Agrawall to Rakesh Kumar Agrawal. Henceforth I shall be known as Rakesh Kumar Agrawal for all purposes.

**AFFIDAVIT**

By virtue of an affidavit No. 25870 before the Executive Magistrate, Umerkote, Dist- Nabarangpur, dated 04.04.2025, I, Mahendra Prasad Agrawal, Vill-Kusumguda, P.O./P.S. - Umerkote-764073, Dist-Nabarangpur, declare that I have changed my name from Mahendra Prasad Agarwal to Mahendra Prasad Agrawal. Hencefroth I shall be known as Mahendra Prasad for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar dated 11/03/2026, C.F No. 46/11.03.2026. I, Kuni Reddy D/O Babu Reddy, At- Basti Bikash Parisha, Po- Regional Research Laboratory (RRL), Ps-Nayapalli, Khorda, Odisha, Pin-751013, declare that I have changed my owned name Kuni Patra to Kuni Reddy. Henceforth, I shall be known as new name Kuni Reddy for all purposes.

**Kuni Reddy**

**AFFIDAVIT**

By virtue of an Affidavit executed before the Executive Magistrate, Nandapur, Dist–Koraput on 12.03.2026, I, Jagannath Chaini, Permanent Resident of Village-Padwa, P.O.- Padwa, P.S.-Padwa, District–Koraput, Odisha, Pin–764038, do hereby declare that I have changed the name of my minor daughter from **Dipitymayee Chaiyeeni to Deeptimayee Chaini.** Henceforth, she shall be known as **Deeptimayee Chaini** for all purposes.

**Sd/-Jagannath Chaini**


# ଚାକିରି ନିୟମିତୀକରଣ ବିଳମ୍ବ ପାଇଁ କର୍ମଚାରୀଙ୍କୁ ପେନସନ୍‌ରୁ ବଞ୍ଚିତ କରାଯାଇପାରିବ ନାହିଁ: ହାଇକୋର୍ଟ

କଟକ, ୧୨।୩(ସମିସ): ସରକାରଙ୍କ ପକ୍ଷରୁ ଚାକିରି ନିୟମିତୀକରଣରେ ହୋଇଥିବା ବିଳମ୍ବ ପାଇଁ କର୍ମଚାରୀଙ୍କୁ ପେନସନ୍‌ରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିବା ପରେ ମଧ୍ୟ ପେନସନ୍ ସୁବିଧାରୁ ବଞ୍ଚିତ ହେଉଥିବା ଏନ୍‌ଏମ୍‌ଆର୍ କର୍ମଚାରୀଙ୍କ ସପକ୍ଷରେ ହାଇକୋର୍ଟ ଏହି ରାୟ ପ୍ରକାଶ କରିଛନ୍ତି। କୈଳାଶ ଚନ୍ଦ୍ର ପଣ୍ଡା ଓ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। କର୍ମଚାରୀମାନେ ଦୀର୍ଘ ବର୍ଷ ଧରି ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଆସୁଥିଲେ। ଯଦି ସେମାନଙ୍କୁ ସମୟ ଅନୁଯାୟୀ ସ୍ଥାୟୀ କରାଯାଇନାହିଁ, ତେବେ ଏହା ସରକାରଙ୍କର ଅବହେଳା ବା ବିଳମ୍ବ। ଏଥିପାଇଁ କର୍ମଚାରୀଙ୍କୁ ଦଣ୍ଡିତ କରାଯାଇପାରିବ ନାହିଁ। ସେହିଭଳି ଦୀର୍ଘ ସମୟ ଧରି ସେବା ପ୍ରଦାନ କରିଥିବା କର୍ମଚାରୀଙ୍କୁ ଓଡ଼ିଶା ସିଭିଲ ସର୍ଭିସେସ୍ (ପେନସନ) ରୁଲ୍ସ, ୧୯୯୨ ଅନୁଯାୟୀ ପେନସନ ପାଇବାରୁ ବଞ୍ଚିତ କରିବା ଆଇନଗତ ଭାବେ ଠିକ୍ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ଆବେଦନକାରୀମାନଙ୍କୁ ସରକାରଙ୍କ ନିକଟରେ ପୁନଶ୍ଚ ଦାବିପତ୍ର ପ୍ରଦାନ କରିବାକୁ ଅନୁମତି ଦେଇଛନ୍ତି ହାଇକୋର୍ଟ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଯୁଦ୍ଧ ବନ୍ଦ ପାଇଁ...

ଇରାନର ନିଜସ୍ୱ ଅଧିକାରକୁ ସ୍ୱୀକୃତି ମିଳିବା ଦରକାର। ଦ୍ୱିତୀୟଟି ହେଲା କ୍ଷତିପୂରଣ। ଯୁଦ୍ଧରେ ହୋଇଥିବା କ୍ଷୟକ୍ଷତି ପାଇଁ ଆମେରିକା ଓ ଇସ୍ରାଏଲ ଇରାନକୁ କ୍ଷତିପୂରଣ ପ୍ରଦାନ କରିବେ। ତୃତୀୟଟି ହେଲା ଅନ୍ତର୍ଜାତୀୟ ଗ୍ୟାରେଣ୍ଟି। ଅର୍ଥାତ ଭବିଷ୍ୟତରେ ଆଉ କୌଣସି ଆକ୍ରମଣ ନ ହେବା ପାଇଁ ଦୃଢ଼ ଅନ୍ତର୍ଜାତୀୟ ସୁରକ୍ଷା ଗ୍ୟାରେଣ୍ଟି ପ୍ରଦାନ କରିବା ଜରୁରୀ। ପେଜେସକିଆନ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ, ରୁଷିଆ ଓ ପାକିସ୍ତାନର ନେତାମାନଙ୍କ ସହ କଥାହେବା ସମୟରେ ମୁଁ ଅଞ୍ଚଳରେ ଶାନ୍ତି ପାଇଁ ଇରାନର ପ୍ରତିବଦ୍ଧତାକୁ ପୁନଃ ନିଶ୍ଚିତ କରିଛି। ଏହି ଯୁଦ୍ଧ, ଯାହାକି ଇସ୍ରାଏଲ ଓ ଆମେରିକା ଦ୍ୱାରା ଆରମ୍ଭ ହୋଇଛି, ଏହା ସମାପ୍ତ ହେବାର ଏକମାତ୍ର ଉପାୟ ହେଉଛି ଇରାନର ବୈଧ ଅଧିକାରକୁ ସ୍ୱୀକାର କରିବା, କ୍ଷତିପୂରଣ ଦେବା ଓ ଭବିଷ୍ୟତରେ ଯେପରି ଆକ୍ରମଣ ନ ହେବ ସେ ନେଇ ଦୃଢ଼ ଅନ୍ତର୍ଜାତୀୟ ଗ୍ୟାରେଣ୍ଟି ଦେବା। ଅନ୍ୟପକ୍ଷରେ ଇରାନର ନବନିଯୁକ୍ତ ସର୍ବୋଚ୍ଚ ନେତା ମୁଜତବା ଖାମନେଇ ଆଜି ପ୍ରଥମ ଥର ଲାଗି ବିବୃତି ଜାରି କରି ଧମକାଇଛନ୍ତି ଯେ ଉପସାଗରୀୟ ଦେଶମାନେ ତୁରନ୍ତ ଆମେରିକାର ସାମରିକ ପ୍ରତିଷ୍ଠାନକୁ ବନ୍ଦନ କରନ୍ତୁ। କ୍ଷତିପୂରଣ ଆଦାୟ ଲାଗି ଇରାନ ଏହି ଦେଶମାନଙ୍କରେ ଥିବା ଆ।।ମେରିକାର ପ୍ରତିଷ୍ଠାନକୁ ଧ୍ୱଂସ କରିଦେବ। ସେମାନେ ଇରାନର ଯେତେ କ୍ଷତି କରିଛନ୍ତି, ଇରାନ ମଧ୍ୟ ସେମାନଙ୍କର ସେତିକି କ୍ଷତି କରିବ। ଏହାସହିତ ସେ କହିଛନ୍ତି ହର୍ମୁଜ ସମୁଦ୍ର ପଥ ତୈଳ ଟ୍ୟାଙ୍କର ପାଇଁ ବନ୍ଦ ରହିବ। ଏହାପୂର୍ବରୁ ଇରାନର ସଶସ୍ତ୍ର ବାହିନୀ ଚେତାବନୀ ଦେଇଥିଲା ଯେ ଯଦି ଇରାନର ବନ୍ଦର ଉପରେ ଆକ୍ରମଣ ହୁଏ, ତେବେ ପାରସ୍ୟ ଉପସାଗରରେ ଅନ୍ୟ ସମସ୍ତ ବନ୍ଦର ତା'ର ଟାର୍ଗେଟରେ ରହିବ। ବର୍ତ୍ତମାନ ପରିସ୍ଥିତିରେ ଅନ୍ତର୍ଜାତୀୟ ସମୁଦାୟ ଯୁଦ୍ଧ ବିରତି ପାଇଁ ଚେଷ୍ଟା ଚଳାଇଛନ୍ତି। ସେପଟେ ଇସ୍ରାଏଲର ଆକଳନ ନେଇ ଏକ ରିପୋର୍ଟ ପ୍ରକାଶିତ ହୋଇଛି। ଇସ୍ରାଏଲ ଅଧିକାରୀମାନେ ବନ୍ଦଦ୍ୱାର ଆଲୋଚନାରେ ସ୍ୱୀକାର କରିଛନ୍ତି ଯେ, ଏହି ଯୁଦ୍ଧ ଇରାନର ଶାସନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାଙ୍ଗିଦେବ କି ନାହିଁ, ତାହା ନିଶ୍ଚିତ ନୁହେଁ।

### ତେଲ ଦର...

ଆଶଙ୍କା ପ୍ରକାଶ ପାଉଛି। ବର୍ତ୍ତମାନ ସୁଦ୍ଧା ୧୪ଟି ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ କରାଯାଇଛି। ସେପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଇରାନର ସାମରିକ ଶକ୍ତିକୁ ନଷ୍ଟ କରିବା ପାଇଁ ଆମେରିକା ନିଜର ଅଭିଯାନ ଜାରି ରଖିବ।

### ରାଜ୍ୟରେ ଉତ୍କଟ...

ରହିଥିବା ୧୪.୨ କିଲୋଗ୍ରାମ ବିଶିଷ୍ଟ ଘରୋଇ ଏଲ୍‌ପିଜି ସିଲିଣ୍ଡର ୧୮୦୦ ଟଙ୍କାରେ ବିକ୍ରି କରାଯାଉଛି। ସେହିପରି ୨୦୦୦ ମୂଲ୍ୟର ଏକ ବାଣିଜ୍ୟିକ ସିଲିଣ୍ଡର କଳାବଜାରି ହୋଇ ୪୦୦୦ ଟଙ୍କାରେ ବିକ୍ରି କରାଯାଉଛି।

ବିଶେଷକରି ଏଲ୍‌ପିଜି ସିଲିଣ୍ଡରର ଅଭାବ ଯୋଗୁ ଯୋଗାଣ ସମସ୍ୟା ଉପୁଜିଛି। ନୂଆ ସିଲିଣ୍ଡର ଟିଏ ବୁକିଂ କରିବାକୁ ଗ୍ରାହକ ନିକେଦମ୍ ହୋଇପଡୁଛନ୍ତି। କାରଣ ଅଧିକାଂଶ ସ୍ଥାନରେ ନୂଆ ଏଲ୍‌ପିଜି ସିଲିଣ୍ଡର ବୁକିଂ ହୋଇପାରୁନାହିଁ। କେଉଁଠି ପୋଲିସ ସୁରକ୍ଷାରେ ସିଲିଣ୍ଡର ଆବଣ୍ଟନ କରାଯାଉଛି ତ କିଛି ରାଜ୍ୟରେ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ଯୋଗାଣ ବନ୍ଦ କରିଦେଇଛନ୍ତି, ଯାହା ଫଳରେ ହୋଟେଲ ଏବଂ ରେଷ୍ଟୋରାଁଗୁଡିକ ବନ୍ଦ କରାଯାଇଛି। ଏଭଳି ସ୍ଥିତିରେ ବୁକିଂର ଅଢ଼େଇ ଦିନ ମଧ୍ୟରେ ଗ୍ରାହକଙ୍କୁ ଗ୍ୟାସ୍ ଯୋଗାଇଦେବାକୁ କେନ୍ଦ୍ର ସରକାର ଘୋଷଣା କରିବା ଏକ ପ୍ରହସନ ପାଲଟିଛି। ଯଦିବା ରନ୍ଧନ ଗ୍ୟାସ୍‌ର କଳାବଜାରି ରୋକିବା ପାଇଁ ସରକାର ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନ ଲାଗୁ କରିଛନ୍ତି, କିନ୍ତୁ କଳାବଜାରକାରୀଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ିନାହିଁ।

ହେଲେ ଠିକ୍ ଏହି ସମୟରେ ବଜାରରେ ଇଣ୍ଡକ୍ସନ୍ କୁକରର ଚାହିଦା ଢ଼େର ବଢ଼ିଯାଇଛି। ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର ଯୋଗାଣ ବନ୍ଦ ହେବା ଯୋଗୁଁ ହୋଟେଲ ଏବଂ ରେଷ୍ଟୋରାଁଗୁଡ଼ିକ ଇଣ୍ଡକ୍ସନ୍ କୁକରରେ ରୋଷେଇ କରିବାକୁ ଆରମ୍ଭ କରିଛନ୍ତି। ଏହା ବଜାରରେ ଇଣ୍ଡକ୍ସନ୍ କୁକରର ଚାହିଦା ବଢ଼ାଇଦେଇଛି। ଯାହାଫଳରେ ଇଣ୍ଡକ୍ସନ୍ କୁକର ବିକ୍ରି ୫୦% ବଢ଼ିଯାଇଛି।

### ଗାଁରେ ବୁକିଂ ଅବଧି...

ପୂର୍ବରୁ ଗ୍ରାମାଞ୍ଚଳ ପାଇଁ ଏଲ୍‌ପିଜି ସିଲିଣ୍ଡର ବୁକିଂ ଅବଧି ୨୫ ଦିନ ରହିଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ନିକଟରେ ସରକାର ସହରାଞ୍ଚଳରେ ଏଲ୍‌ପିଜି ସିଲିଣ୍ଡର ପାଇଁ ବୁକିଂ ଅବଧି ୨୧ ଦିନରୁ ୨୫ ଦିନକୁ ବୃଦ୍ଧି କରିଥିଲେ। ସଂସଦରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ଏହି ସୂଚନା ଦେଇଛନ୍ତି। ଏହାର ଆଉ ଏକ ଅର୍ଥ ହେଉଛି ସିଲିଣ୍ଡର ବୁକିଂ ମଧ୍ୟରେ ସର୍ବନିମ୍ନ ୪୫ ଦିନର ବ୍ୟବଧାନ ଆବଶ୍ୟକ। ହେବ।

### ଯୁବକଙ୍କୁ ହତ୍ୟା କରି...

ନେଇ ଚର୍ଚ୍ଚା ହେଉଛି। ମହୁଲଡିହା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନମ୍ବର ୪/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି। ସୂଚନାନୁଯାୟୀ, ନିକଟସ୍ଥ ଡଙ୍ଗାଡିହା ଗ୍ରାମର ଲୋକେ ଶୁଖିଲା ଜାଳେଣି କାଠ ଓ ଶାଳପତ୍ର ସଂଗ୍ରହ ପାଇଁ ଜଙ୍ଗଲ ଭିତରକୁ ଯାଇଥିବା ବେଳେ ଗଳିତ ଶବଟି ପଡ଼ିଥିବା ଦେଖିବାକୁ ପାଇ ବନ କର୍ମଚାରୀଙ୍କୁ କହିଥିଲେ। ଡଙ୍ଗାଡିହା ବନ୍ୟପ୍ରାଣୀ ସେକ୍ସନର ବନପାଳ ପ୍ରଦୀପ କୁମାର ସାହୁ ଏ ସଂପର୍କରେ ମହୁଲଡିହା ଥାନାକୁ ଅବଗତ କରାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ବାରିପଦାରୁ ସାଇଣ୍ଟିଫିକ ଟିମ୍, ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ପୁଲିସ ଶବର ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇଛି।

**ପୋକ୍ସୋ ମାମଲାରେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**

# ହାଇସ୍କୁଲ ସାର୍ଟିଫିକେଟ୍‌ର ସତ୍ୟତା ପାଇଁ ବୋର୍ଡ କର୍ତ୍ତୃପକ୍ଷଙ୍କୁ ସମନ୍ ଜରୁରୀ ନୁହେଁ

କଟକ, ୧୨।୩ (ସମିସ): ପୋକ୍ସୋ ମାମଲାରେ ପୀଡ଼ିତାଙ୍କ ବୟସ ନିରୂପଣକୁ ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ହାଇସ୍କୁଲ ସାର୍ଟିଫିକେଟ୍ ଏକ ସାର୍ବଜନୀନ ଦସ୍ତାବିଜ୍ ହୋଇଥିବାରୁ ଏହାର ସତ୍ୟତା ପ୍ରମାଣ କରିବା ପାଇଁ ମାଧ୍ୟମିକ ଶିକ୍ଷା ବୋର୍ଡର କର୍ତ୍ତୃପକ୍ଷଙ୍କୁ ସାକ୍ଷ୍ୟ ଦେବା ପାଇଁ ସମନ କରିବା ସବୁ କ୍ଷେତ୍ରରେ ଆବଶ୍ୟକ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ଆବେଦନକାରୀଙ୍କ ମାମଲାକୁ ଖାରଜ କରି ଡକ୍ଟର ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହାଇସ୍କୁଲ ସାର୍ଟିଫିକେଟ୍ ଏକ ବୈଧାନିକ ବୋର୍ଡ ଦ୍ୱାରା ଜାରି କରାଯାଇଥିବା ଏକ ସାର୍ବଜନୀନ ଦସ୍ତାବିଜ୍। ଏହା ଭାରତୀୟ ସାକ୍ଷ୍ୟ ଅଧିନିୟମ ଅନୁଯାୟୀ ଗ୍ରହଣଯୋଗ୍ୟ। ଏଣୁ, କେବଳ ହସ୍ପିଟାଲ ଜନ୍ମ ରେଜିଷ୍ଟର୍‌ରେ ନାମ ନଥିବା କାରଣରୁ ବୋର୍ଡ ଦ୍ୱାରା ଜାରି ସାର୍ଟିଫିକେଟ୍‌କୁ ଅବୈଧ କୁହାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। କେବଳ ଦସ୍ତାବିଜ୍‌ର ସତ୍ୟତା ପରଖିବା ପାଇଁ କର୍ତ୍ତୃପକ୍ଷଙ୍କୁ ସମନ ଜାରି କରାଯାଇପାରିବ ନାହିଁ। ଏହା ବିଚାର ପ୍ରକ୍ରିୟାରେ ଅନାବଶ୍ୟକ ବିଳମ୍ବ ସୃଷ୍ଟି କରିଥାଏ ବୋଲି ଅଦାଲତ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ସୁନ୍ଦରଗଡ଼ ଜିଲ୍ଲା ବଣାଇ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ ଅଭିଯୋଗରେ ଆବେଦନକାରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ପୀଡ଼ିତାଙ୍କ ହାଇସ୍କୁଲ ସାର୍ଟିଫିକେଟ୍‌ରେ ଥିବା ଜନ୍ମ ତାରିଖ ସନ୍ଦେହଜନକ। ସାର୍ଟିଫିକେଟ୍‌ରେ ଉଲ୍ଲେଖ ଥିବା ତାରିଖରେ ସମ୍ପୃକ୍ତ ହସ୍ପିଟାଲ ରେଜିଷ୍ଟରରେ ପୀଡିତାଙ୍କ ନାମ ନଥିବା ଦର୍ଶାଯାଇଥିଲା। ଏହି ଆଧାରରେ ବୋର୍ଡ କର୍ତ୍ତୃପକ୍ଷଙ୍କୁ ସମନ କରିବା ପାଇଁ ଅଭିଯୁକ୍ତ କରିଥିବା ଆବେଦନକୁ ସୁନ୍ଦରଗଡ଼ ସ୍ୱତନ୍ତ୍ର ଅଦାଲତ ଖାରଜ କରିଦେଇଥିଲେ। ଏହା ବିରୋଧରେ ଅଭିଯୁକ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୁକ୍ତ ସାର୍ଟିଫିକେଟ୍‌ଟି ଜାଲ୍ ବା ନକଲି ବୋଲି କୌଣସି ପ୍ରାଥମିକ ପ୍ରମାଣ ଦେବାରେ ବିଫଳ ହୋଇଥିବାରୁ ଅଦାଲତ ତାଙ୍କ ଆବେଦନକୁ ଗ୍ରହଣ କରିନାହାନ୍ତି। ସୁନ୍ଦରଗଡ଼ ଅଦାଲତଙ୍କ ନିଷ୍ପତ୍ତିକୁ କାଏମ ରଖିବା ସହ ଅଭିଯୁକ୍ତଙ୍କ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି।


25001/335/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**RURAL WORKS DIVISION, KUCHINDA**
**E-mail-eerw kuchinda@yahoo.com**
**Identification No Online Tender /24/ RWD, Kuchinda / 2025-26.**

Letter No. 3208 | Date.11.03.2026

| | | | |
|---|---|---|---|
| 1. | The Superintending Engineer Rural Works, Division, Kuchinda behalf of the Governor of Odisha invites percentage rate bids to be received in **ONLINE MODE** Only for Road Work. | | |
| 2. | No. of work | : | 02 Nos |
| 3. | Nature of Work | : | Road Repair |
| 4 | Class of Contractor | : | "D","C"&"B" |
| 5 | Approx Value of Work | : | 1.32Lakhs to 42.16Lakhs |
| 6 | Tender Cost | : | 600 & 6000 |
| 7 | Availability of Bid Documents in the Website | : | 13.03.2026 at 11. A.M to 19.03.2026 at 5.00 P.M |
| 8 | Last date & time for seeking clarification | : | 18.03.2026 at5.00P.M |
| 9 | Date of Opening of Bid | : | 20.03.2026 at 11.00 A.M |
| 10 | Other details can be Seen in the Bidding documents from the website : https://tendersodisha.gov.in | | |

OIPR-25001/25151/1/25-26/0023

Superintending Engineer
Rural Works Division, Kuchinda

**LOST**

I, Surendra Nayak, S/o- Late Bhagabat Nayak resident of LIC Jeevan Anand Apartment, Khandagiri, Bhubaneswar-751030 have lost my original Sale Deed bearing No. 5639 dated 05.06.1987. If found, please contact my phone no. 9937140838.

**LOST**

**I, Chita Ranjan Pal,** aged about 47 years, S/o.: Bijay Kumar Pal, resident of At: Plot No.: 8645/9452, Khandagiri Bari, PO./P.S. Khandagiri, Ghatikia, Bhubaneswar, Odisha-751030 declare that I had lost/misplaced my Sale Deed bearing No.: 11131210697, somewhere. Therefore, notice is hereby given to general public that, if anybody has got any right, title interest over the property on the missing document or on the above property they have to claim before the **SMFG INDIA CREDIT COMPANY LTD,** At: 2nd Floor, Kalinga Complex, Bhubaneswar - 751009, within **15 days** from the date of publication and after that the documents will lose its legal force and **SMFG INDIA CREDIT COMPANY LTD,** will not be responsible for any claim what-so-ever on the property after **15 days.**

**SMFG INDIA CREDIT COMPANY LTD, Branch (Bhubaneswar), Advocate Bijaya Jena, Mob.: 98610 31010 Advocate Fagu Samal. Mob.: 9114320991**

### ବିଦ୍ୟୁତ୍ ସେବାରୁ ବଞ୍ଚିତ ଆମ୍ବଡାହି ଗ୍ରାମବାସୀ

# ୨୦ରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ ଚେତାବନୀ



ଶରତ, ୧୨।୩(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ କଳମଗଡ଼ିଆ ଗ୍ରାମ କାଠଚୁଆ ରାଜସ୍ୱ ଗ୍ରାମର ୧୨ନଂ ୱାର୍ଡ ଆମ୍ବଡାହି ଗ୍ରାମରେ ବିଦ୍ୟୁତ୍ ସେବା ପହଞ୍ଚିପାରିନାହିଁ। ଉକ୍ତ ଗ୍ରାମର ଲୋକେ ପ୍ରଶାସନ ନିକଟରେ ଦାବି କରିଆସୁଥିଲେ ହେଁ ବିଜୁଳି ପହଞ୍ଚିପାରିନାହିଁ। ଯଥାଶୀଘ୍ର ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରା ନ ଗଲେ ଆସନ୍ତା ୨୦ ତାରିଖରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବାକୁ ଚେତାବନୀ ଦେଇଛନ୍ତି।

ଆମ୍ବଡାହି ଗ୍ରାମରେ ବାସ କରନ୍ତି ୨୫ରୁ ଅଧିକ ହୋ' ଜନଜାତି ପରିବାର। ଏମାନେ ଆଜି ବି ସରକାରଙ୍କ ବହୁ ଜନକଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ଅଛନ୍ତି। ଗ୍ରାମବାସୀ ଆଜି ପର୍ଯ୍ୟନ୍ତ ଦେଖିନାହାଁନ୍ତି ବିଜୁଳି ଆଲୁଅ। ଗ୍ରାମରେ ବିଦ୍ୟୁତ ଆଲୋକ ନ ଥିବାରୁ ଏମାନେ ନାହିଁ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ଯୋଜନାରେ ଏହି ଗ୍ରାମକୁ ଆଜି ପର୍ଯ୍ୟନ୍ତ ଆଲୋକୀକରଣ କରାଯାଇପାରିନାହିଁ। ଏହି ଗ୍ରାମଟି ଶାରୀଶୁଆ ପାହାଡ ଦେଶରେ ଅବସ୍ଥିତ। ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ବ୍ଲକ କଳମଗଡ଼ିଆ ଗ୍ରାମ ପଞ୍ଚାୟତ ଓ ବାଲେଶ୍ୱର ଜିଲ୍ଲାର ସୀମାନ୍ତ ଅଞ୍ଚଳରେ ଏହି ଗ୍ରାମ ଅବସ୍ଥିତ ଥିବାରୁ ଗ୍ରାମକୁ ପ୍ରଶାସନିକ ଅଧିକାରୀଙ୍କ ପାଦ କେବେ ହେଲେ ପଡେନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ଅନେକ ବୃଦ୍ଧ ଓ ମହିଳା ଆଜି ବି ସାମାଜିକ ସୁରକ୍ଷା ଯୋଜନାର ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଓ ଭିନ୍ନକ୍ଷମ ଭତ୍ତା ପାଇବାରୁ ବଞ୍ଚିତ ହୋଇଅଛନ୍ତି। ନିର୍ବାଚନ ସମୟରେ ଭୋଟ ବ୍ୟାଙ୍କ ହାତେଇବା ପାଇଁ ମାଳ ମାଳ ନେତା ଏହି ଆଦିବାସୀ



ଗ୍ରାମକୁ ଆସୁଥିଲେ ମଧ୍ୟ ସମସ୍ୟା ସମାଧାନ ଦିଗରେ କେହି ମଧ୍ୟ ଯତ୍ନବାନ ନୁହନ୍ତି। ଗ୍ରାମରେ ଗମନାଗମନ ପାଇଁ ତିଆରି କରାଯାଉଥିବା ରାସ୍ତା ମଧ୍ୟ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଗ୍ରାବାସୀ ଖଟିଆ ବା ସଙ୍ଗିଭାର ସାହାଯ୍ୟରେ କାଠଚୁଆ ବିଦ୍ୟାଳୟ ପର୍ଯ୍ୟନ୍ତ ଗଲାପରେ ଯାଇ ଆମ୍ବୁଲାନ୍ସ ଗାଡ଼ି ଧରି ପାରନ୍ତି ବୋଲି କହିଛନ୍ତି। ଗ୍ରାମକୁ ବିଦ୍ୟୁତ ନ ସଂଯୋଗ ହୋଇପାରିଲେ ଗ୍ରାମବାସୀ ଚଳିତ ମାସ ୨୦ ତାରିଖ ଦିନ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଗଣଧାରଣା ପ୍ରଦର୍ଶନ କରିବା ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଥି ସକାଶେ ଆଜି ଗ୍ରାମବାସୀ ମେଳି ହୋଇଥିବା ଜଣାପଡ଼ିଛି। ଏହି ଆଦିବାସୀ ମେଳିରେ ଗୁଲୁରାମ ଲାମାଏ, ସାଲୁକା ଜାରିକା, ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ, ଅଜବର ବୁଲିଉଲି, ଆଶାୟୀ ସିଂ, ମେଞ୍ଚ ଆଲଡ଼ା, ନବୀନ ମୁଣ୍ଡୁରୀ ଓ ବୀର ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ। କପ୍ତିପଦା ବ୍ଲକ ବିଦ୍ୟୁତ ବିଭାଗ ଯନ୍ତ୍ରୀ ଟି. ନାଗେଶ କହିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗ ହସ୍ତଗତ ହୋଇଛି। ଆମେ ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ଗ୍ରାମକୁ ବିଦ୍ୟୁତ ସେବା ଯୋଗାଇ ଦେବା ପାଇଁ ଚେଷ୍ଟା କରୁଛୁ।

## ଶ୍ରୀମା କଲେଜରେ ଓଡ଼ିଆ ବିଭାଗର ବାର୍ଷିକ ପାଠଚକ୍ର



ବାରିପଦା, ୧୨।୩(ସମିସ): ସ୍ଥାନୀୟ ଶ୍ରୀମା ମହିଳା ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବାର୍ଷିକ ପାଠଚକ୍ର ଅଧ୍ୟକ୍ଷା ମୀନାକ୍ଷୀ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିଙ୍କ ଗହଣରେ ମହାପ୍ରଭୁଙ୍କ ଚରଣରେ ପୁଷ୍ପ, ଧୂପ, ଦୀପ ପ୍ରଦାନ କଲାପରେ ନିରବ ଧ୍ୟାନ ଓ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଅଧ୍ୟକ୍ଷା ଶ୍ରୀମତୀ ମୀନାକ୍ଷୀ ମହାନ୍ତି ସ୍ୱାଗତ ଅଭିଭାଷଣ ଦେବା ପରେ ବିଭାଗ ମୁଖ୍ୟ ଡ ମାନସୀରାଣୀ ବାରିକ ବିଷୟ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ବିଭାଗ ଅଧ୍ୟାପକ ଦୀପକ କୁମାର ରାଉତ ଶୀର୍ଷକ ସମ୍ପର୍କିତ ସାର ନିର୍ଯ୍ୟାସ ପ୍ରଦାନ କରିଥିଲେ। ବିଷୟ ବିଶେଷଜ୍ଞ ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ଡକ୍ଟର ଅବନୀ କୁମାରୀ କୁଣ୍ଡୁ ବିଷୟ ସମ୍ପର୍କରେ ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ। ବିଭାଗ ଅଧ୍ୟାପିକା ମିତାରାଣୀ ମିଶ୍ର ଶୀର୍ଷକ ଭିତ୍ତିକ ମନ୍ତବ୍ୟ ପ୍ରଦାନ କଲାପରେ ଶୀର୍ଷକ ସମ୍ପର୍କିତ ପ୍ରବନ୍ଧ ଛାତ୍ରୀ ଅଙ୍କିତା ବାରିକ ଓ ରୀମା ମହାନ୍ତ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ବିଭାଗ ଅଧ୍ୟାପିକା ଅଙ୍କିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବାରିପଦା ବ୍ଲକ କାର୍ଯ୍ୟାଳୟରେ ରକ୍ତଦାନ ଶିବିର



ବାରିପଦା, ୧୨।୩(ସମିସ): ଗ୍ରୀଷ୍ମଋତୁ ଆରମ୍ଭରୁ ସବୁଠି ରକ୍ତ ସଂକଟ ଦେଖା ଦେଉଥିବାବେଳେ ବାରିପଦା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କ ଅଭିନବ ପ୍ରୟାସ ଫଳରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଆୟୋଜିତ ରକ୍ତଦାନ ଶିବିରରେ ସମସ୍ତ କର୍ମଚାରୀ, ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଛନ୍ତି। ବିଭିନ୍ନ ସମୟରେ ଲୋକଙ୍କ ନିକଟକୁ ଯାଇ ସାହାଯ୍ୟ ସହଯୋଗର ହାତ ବଢ଼ାଇ ଚର୍ଚ୍ଚାରେ ଥିବା ବିଡିଓ ଏବେ"ଏଭଳି ଏକ ରକ୍ତଦାନ ଶିବିର ଆୟୋଜନ କରି ନିଜେ ରକ୍ତଦାନ କରିବା ସହ ଅନ୍ୟ ମାନଙ୍କୁ ରକ୍ତଦାନ କରିବାକୁ ପ୍ରବର୍ତ୍ତାଇ ଲୋକଙ୍କ ପ୍ରଶଂସା ସାଉଁଟିଛନ୍ତି। ଶିବିରରେ ୧୧୨ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବାରିପଦା ରକ୍ତ ଭଣ୍ଡାରର ଡାକ୍ତର ଓ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ରେଡକ୍ରସର ଆଜୀବନ ସଦସ୍ୟ ଅମର ସେଠୀଙ୍କ ନେତୃତ୍ୟରେ ସ୍ୱେଚ୍ଛାସେବୀ ମାନେ ସହାୟତା କରିଥିଲେ।

## ବଦଳିଲେ ରାଇରଙ୍ଗପୁର ଉପଜିଲ୍ଲାପାଳ

ରାଇରଙ୍ଗପୁର, ୧୨।୩(ସମିସ): ରାଜ୍ୟ ସରକାର ଆଇଏଏସ ସ୍ତରରେ ଅଦଳବଦଳ କରିଛନ୍ତି। ଏହି କ୍ରମରେ ରାଇରଙ୍ଗପୁର ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କ ଅନ୍ୟତ୍ର ବଦଳି ହୋଇଛି। ରାଜ୍ୟପାଳଙ୍କ ଆଦେଶକ୍ରମେ ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉପଜିଲ୍ଲାପାଳ ଶ୍ରୀ ପ୍ରଧାନଙ୍କୁ କଳାହାଣ୍ଡି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି କରାଯାଇଛି। ଶ୍ରୀ ପ୍ରଧାନ ୨୦୨୨ ବ୍ୟାଚର ଆଇଏଏସ ଅଧିକାରୀ ଅଟନ୍ତି। ୨୦୨୪ ସେପ୍ଟେମ୍ବର ୪ ତାରିଖରେ ରାଇରଙ୍ଗପୁର ଉପଜିଲ୍ଲାପାଳ ଭାବେ କାର୍ଯ୍ୟରେ ଯୋଗଦାନ କରିଥିଲେ। ତେବେ ବଦଳି ନିର୍ଦ୍ଦେଶ ହୋଇଥିବ ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଉକ୍ତ ସ୍ଥାନରେ କାହାକୁ ନିଯୁକ୍ତ କରାଯାଇନାହିଁ। ଫଳରେ ରାଇରଙ୍ଗପୁର ଉପଜିଲ୍ଲାପାଳ ପଦବୀ ଖାଲି ପଡ଼ିଛି।



## ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ

କୁଆମରା, ୧୨।୩(ସମିସ): ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ପୁରସ୍କାର ବିବରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଅନନ୍ତ ପ୍ରସାଦ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଡିଓ ପୃଥିରାଜ ପରିଡ଼ା, ସମ୍ମାନିତ ଅତିଥି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରଧ୍ୟାପକ ଅନାଦୀ ଚରଣ ଗାହାଣ, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ପ୍ରାକ୍ତନ ଅଧ୍ୟାପକ ଡଃ ଶିରିଶ ଚନ୍ଦ୍ର ଜେନା ଯୋଗଦେଇ ଲକ୍ଷ୍ୟ ଓ ପରିଶ୍ରମ ସଫଳତାର ମୂଳମନ୍ତ୍ର ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ଉମାକାନ୍ତ ବେହେରା ଅତିଥି ପରିଚୟ ଓ ଅଧ୍ୟାପିକା ଜ୍ୟୋତିରୂପା ମହାପାତ୍ର ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ମାମୁନି ବେରା, ସୁକାନ୍ତୀ ବିଶ୍ୱାଳ ଓ ସସ୍ମିତା ଚୈଧୁରୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏ ଅବସରରେ ବାର୍ଷିକ କ୍ରୀଡ଼ାର ଦୁଇ ଚାମ୍ପିଅନ ଶିବ ହେମ୍ବ୍ରମ ଓ ଶ୍ରାବଣୀ ନାଏକଙ୍କ ସମେତ ୯୦ ଜଣ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ମନୋଜ କୁମାର ସାହୁ, ଗୋପାଳ କୃଷ୍ଣ ନାୟକ, ଶୁଭ୍ରାଂଶୁ ନାୟକ, ପବିତ୍ର ଶଙ୍ଖୁଆ, ଲକ୍ଷ୍ମୀକାନ୍ତ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ● ଶଶୁର ଘର ଗାଁକୁ ଆସିଥିଲା ଜ୍ୱାଇଁ

## ପିଲାଚୋର ସନ୍ଦେହରେ ଅଟକ ରଖିଲେ ଗ୍ରାମବାସୀ

ମୋରଡା, ୧୨।୩(ସମିସ): ମୋରଡା ଥାନା ଅନ୍ତର୍ଗତ ସରାଷୋଳ ଗ୍ରାମରେ ଶଶୁର ଘରକୁ ଆସିଥିବା ଯୁବକ ଓ ତାଙ୍କ ବନ୍ଧୁଙ୍କୁ ପିଲାଚୋର ସନ୍ଦେହରେ ଅଟକ ରଖିଥିଲେ ଗ୍ରାମବାସୀ। ତେବେ ପୁଲିସ ସେମାନଙ୍କୁ ଉଦ୍ଧାର କରିଛି। ବଡ଼ସାହି ଥାନା ଅଞ୍ଚଳର ଜଣେ ଯୁବକ ସରାସୋଳ ଗ୍ରାମର ଜଣେ ଯୁବତୀଙ୍କୁ ପ୍ରେମ ବିବାହ କରିଥିଲେ। କୌଣସି କାରଣ ବଶତଃ ଯୁବତୀ ଜଣକ ତାଙ୍କ ବାପଘର ସରାଷୋଳ ଗ୍ରାମରେ ଦୀର୍ଘଦିନ ଧରି ରହିଆସୁଥିଲେ। ବୁଧବାର ଦିନ ଉକ୍ତ ଯୁବକ ତାଙ୍କର ଜଣେ ବନ୍ଧୁଙ୍କ ସହିତ ସରାସୋଳ ଗ୍ରାମକୁ ଯାଇଥିବାବେଳେ ସ୍ଥାନୀୟ ଲୋକେ ପିଲାଚୋର ସନ୍ଦେହ କରି ଯୁବକ ଦ୍ୱୟଙ୍କୁ ଅଟକ ରଖିଥିଲେ। କିଛି ସମୟ ପରେ ଯୁବକ ଦ୍ୱୟଙ୍କ ମଧ୍ୟରୁ ଜଣେ ଯୁବକଙ୍କ ଶଶୁର ଘର ସରାଷୋଳ ଗ୍ରାମରେ ବୋଲି ଜଣାପଡ଼ିଥିଲା। ଖବର ପାଇ ସ୍ଥାନୀୟ ସମିତିସଭ୍ୟଙ୍କ ଜ୍ୱାଇଁ ଜଣଙ୍କୁ ଉଦ୍ଧାର କରି ମୋରଡା ଥାନାକୁ ଆଣିଥିବାବେଳେ ଅନ୍ୟ ଯୁବକଙ୍କୁ ଲୋକେ ଛାଡି ନ ଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଉକ୍ତ ଯୁବକଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିବା ଜଣାପଡ଼ିଛି।

**ଉଦ୍ଧାର କରି ଥାନାକୁ ଆଣିଲା ପୁଲିସ**

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ବୈଶିଙ୍ଗା, ୧୨।୩ (ସମିସ): ବୈଶିଙ୍ଗା ଥାନା ଅନ୍ତର୍ଗତ ଯୁଗଳ ଛକ ନିକଟରେ ବୁଧବାର ଭୋର ୪ଟା ସମୟରେ ଦୁର୍ଘଟଣାରେ ଆହତ ଦୀନକୃଷ୍ଣ ମହାନ୍ତ (୪୬)ଙ୍କ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ଗରଗଡ଼ିଆ ଗାଁର ଦୀନକୃଷ୍ଣ ସକାଳେ ମର୍ଣ୍ଣିଂ ୱାକ୍ କରୁଥିବାବେଳେ କୌଣସି ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବେତନଟୀ ଓ ପରେ ବାରିପଦା ଡାକ୍ତରଖାନା ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ପଠାଯାଇଥିଲା। ସେଠାରେ ଚିକିତ୍ସାର କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୀନକୃଷ୍ଣ ଜଣେ ଶ୍ରମିକ ଶ୍ରେଣୀର ଲୋକ। ତାଙ୍କର ସ୍ତ୍ରୀ ଓ ଏକମାତ୍ର ପୁତ୍ର ଅଛନ୍ତି। ତାଙ୍କ ମୃତ୍ୟୁରେ ପରିବାର ଭାଙ୍ଗି ପଡ଼ିଥିବାବେଳେ ଗାଁରେ ଶୋକର ଛାୟା ଖେଳିଯାଇଛି।



## ଗୋରୁକୁ ଧକ୍କା ଦେଇ ବାଇକ୍ ଚାଳକ ମୃତ

ରାଇରଙ୍ଗପୁର, ୧୨।୩ (ସମିସ): ରାସ୍ତାରେ ଗୋରୁକୁ ଧକ୍କା ଦେଇ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଡ଼ଗାଁ ଅଞ୍ଚଳର ମୁନିଲାଲ ସୋରେନ। ସେ ବାଇକ ଯୋଗେ ଯାଉଥିବାବେଳେ ଅଁଳାଡୁବା ନିକଟରେ ଅସାବଧାନତା କାରଣରୁ ରାସ୍ତାରେ ଛିଡା ହୋଇଥିବା ଗୋରୁକୁ ଧକ୍କା ଦେଇଥିଲେ। ଭାରସାମ୍ୟ ହରାଇ ରାସ୍ତା କଡ଼କୁ ପଡ଼ିବାରୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରୁ ବାରିପଦା ପିଆରଏମ ହସ୍ପିଟାଲ ଓ କଟକ ଏସସିବି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ପରିବାର ଲୋକଙ୍କ ଅଭିଯୋଗକ୍ରମେ ରାଇରଙ୍ଗପୁର ଟାଉନ ଥାନାରେ ମାମଲା ରୁଜୁ କରାଯାଇଛି।

## ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ



ବାରିପଦା, ୧୨।୩(ସମିସ): ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ପକ୍ଷରୁ ମୁର୍ଗାବାଡିସ୍ଥ ମୟୂରଭଞ୍ଜ ସିଭିଲ ସର୍ଭିସ ଏକାଡେମୀ ପରିସରରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ କରାଯିବା ସହ 'ଓଡ଼ିଆ ଭାଷାର ଶାସ୍ତ୍ରୀୟତା' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ପ୍ରଫେସର ଡ ସରୋଜ ନାୟକ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଓଡ଼ିଆ ଭାଷାର ପ୍ରାଚୀନତା ଓ ମୟୂରଭଞ୍ଜର ଲୁଇପାଙ୍କ ଭାଷା ବିକାଶରେ ଅବଦାନ ଉପରେ ଆଲୋକପାତ କରିଥିଲେ। ଆଲୋଚକ ଭାବେ ବିଶିଷ୍ଟ ଶିକ୍ଷାବିତ ଜୟଚନ୍ଦ୍ର ବେହେରା, ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଙ୍ଘର ମୟୂରଭଞ୍ଜ ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପାଳତା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହାରାଧନ ନାୟକ ଯୋଗଦେଇ ସ୍ୱବକ୍ତବ୍ୟ ଉପସ୍ଥାପନ କରିଥିଲେ। ବିଶିଷ୍ଟ ସମାଜସେବୀ ତଥା ସାହିତ୍ୟିକ ପ୍ରଦୀପ ଭଞ୍ଜଦେଓ ଦିବସ ପାଳନର ଆଭିମୁଖ୍ୟ ଦର୍ଶାଇବା ସହ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସର୍ବେନ୍ଦୁ ରାମକୃଷ୍ଣନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ବାମନଘାଟି ଉପଖଣ୍ଡରେ ଇସ୍ପାତ କାରଖାନା ପ୍ରତିଷ୍ଠା ଦାବି

## ବିଧାନସଭାରେ ଦାବି ଉପସ୍ଥାପନ କଲେ ସାରସକଣା ବିଧାୟକ

ରାଇରଙ୍ଗପୁର, ୧୨।୩ (ସମିସ): ବାମନଘାଟି ଉପଖଣ୍ଡରେ ପ୍ରଚୁର ପରିମାଣର ଲୁହାଖଣି ଥିବା ସତ୍ତ୍ୱେ ସଠିକ ଭାବେ କାର୍ଯ୍ୟରେ ଲାଗିପାରୁନାହିଁ। ଅନ୍ୟ ରାଜ୍ୟକୁ ଚାଲାଣ ହେଉଥିବାବେଳେ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ହୋଇପାରୁନାହିଁ। ଫଳରେ ବେରୋଜଗାରୀ ଯୁବକ ଓ ଯୁବତୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହାର ସମାଧାନ ପାଇଁ ବାମନଘାଟି ଉପଖଣ୍ଡରେ ଇସ୍ପାତ କାରଖାନା ପ୍ରତିଷ୍ଠା ନିମନ୍ତେ ଦାବି ହୋଇଛି। ସାରସକଣା ବିଧାୟକ ଭାଦବ ହାଁସଦା ବିଧାନସଭାରେ ସରକାରଙ୍କ ନିକଟରେ ଗୁରୁତ୍ୱପୂର୍ଣ୍ଣ ଦାବି ଉପସ୍ଥାପନ କରିଛନ୍ତି। ସୁଲେଇପାଟ, ବାଦାମପାହାଡ ଓ ଗୋରୁମହିଷାଣୀ ଆଦି ସ୍ଥାନରେ ପ୍ରଚୁର ଲୁହାଖଣି ଥିବା ସତ୍ତ୍ୱେ ତାହା ବହୁଦିନ ଧରି ବନ୍ଦ ହୋଇପଡ଼ିଛି। ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲା ଖଣିଜ ସମ୍ପଦର ଗନ୍ତାଘର ହୋଇଥିବାବେଳେ ଶିଳ୍ପାୟନ ଅଭାବରୁ ସଠିକ ଭାବେ କାର୍ଯ୍ୟରେ ଲାଗିପାରୁନାହିଁ। ରାଜ୍ୟ ବାହାରକୁ ଖଣିଜ ସମ୍ପଦ ଯାଉଥିବାବେଳେ ତାହାକୁ ବିନିଯୋଗ କରି ବ୍ୟବସାୟୀ ପୁଞ୍ଜିପତି ହେଉଛନ୍ତି। କିନ୍ତୁ ସ୍ଥାନୀୟ ଅଞ୍ଚଳରେ ଶିଳ୍ପର ଅଭାବ ପାଇଁ ଜନସାଧାରଣଙ୍କ ବିକାଶ ହେଉନାହିଁ। ମୟୂରଭଞ୍ଜ ଜିଲ୍ଲାରେ ଅନେକ ସଂଖ୍ୟକ ଯୁବକ/ଯୁବତୀ ବେରୋଜଗାର ହୋଇରହିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଶିଳ୍ପ ନ ପାଇ ବାହାର ରାଜ୍ୟକୁ କାମ କରିବାକୁ ଯାଉଛନ୍ତି। ଏହାର ସମାଧାନ ପାଇଁ ଜିଲ୍ଲାରେ ଶିଳ୍ପାୟନର ନିହାତି ଆବଶ୍ୟକତା ରହିଛି। ତେଣୁ ସରକାରୀ ସ୍ତରରେ ଚାପ ସୃଷ୍ଟି କରିବା ପାଇଁ ଭଞ୍ଜସେନା ପକ୍ଷରୁ ବିଧାନସଭାରେ ପ୍ରଶ୍ନ କରିବା ନିମନ୍ତେ ବିଧାୟକଙ୍କୁ ନିବେଦନ କରି ପତ୍ର ପ୍ରଦାନ କରାଯାଇଥିଲା। ଯାହାକୁ ନେଇ ବିଧାୟକ ଶ୍ରୀ ହାଁସଦା ଏକ ସରକାରୀ ଇସ୍ପାତ କାରଖାନା ପ୍ରତିଷ୍ଠା କରିବା ନେଇ ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି।



ଏଥିସହିତ ଜିଲ୍ଲାରେ ବାଉଁଶ ଓ ସବାଇ ଘାସ ପ୍ରଚୁର ମାତ୍ରାରେ ମିଳୁଥିବାରୁ ଶୁଳିଆପଦା ବ୍ଲକରେ ଏକ କାଗଜ କଳ ପ୍ରତିଷ୍ଠା କରିବାକୁ ମଧ୍ୟ ଅନୁରୋଧ କରିଛନ୍ତି। ଯାହାଫଳରେ ମୟୂରଭଞ୍ଜ ଜିଲ୍ଲାରେ ଶିଳ୍ପ ଉନ୍ନତି ସହ ବ୍ୟାପକ ରୋଜଗାର ସୃଷ୍ଟି ହେବ।

### ● ଭିବି ଜି ରାମଜି ଯୋଜନା ପ୍ରତ୍ୟାହାର ଓ ମନରେଗା କାମରେ ଅନିୟମିତତା ଅଭିଯୋଗ

## ତଦନ୍ତ ଦାବି କଲେ ଗ୍ରାମବାସୀ

କରଞ୍ଜିଆ, ୧୨।୩(ସମିସ): ଭିବି ଜି ରାମଜି ଯୋଜନା ପ୍ରତ୍ୟାହାର ଓ ମୟୂରଭଞ୍ଜ ଜିଲ୍ଲାର ୨୬ଟି ବ୍ଲକରେ ମନରେଗା ଯୋଜନା ଅଧୀନରେ ହେଉଥିବା କାମରେ ଅନେକ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଛି। ଏ ନେଇ ସମାଜସେବୀ ଚନ୍ଦ୍ର କୁମାର ଶ୍ୟାମଳେନ୍ଦୁ ଦାସଙ୍କ ନେତୃତ୍ୱରେ କରଞ୍ଜିଆ ବ୍ଲକର ସେବତୀ ନାୟକ, କରୁଣାକର କିସ୍କୁ, ଯୋଗେନ୍ଦ୍ର ନାୟକ, ତରୁଲତା ଗର୍ଗାଇ, ମାଜା ନାୟକ, ଗାୟତ୍ରୀ ନାୟକ, ରେବତୀ ନାୟକ, ପିନାକୀଲତା ନାୟକ, ବୀଣାପାଣି ନାୟକ, ରସାନନ୍ଦ ନାୟକ, ଚନ୍ଦ୍ର ମୋହନ ସୟ, ମେଘରାଇ ମାରାଣ୍ଡି ଓ ଗ୍ରାମବାସୀ ବିଭିନ୍ନ ଦଲିଲ ଓ ପ୍ରମାଣ ସହିତ ଉପଖଣ୍ଡ ପ୍ରଶାସନଙ୍କୁ ଲିଖିତ ଅଭିଯୋଗ ପତ୍ର ଦେଇ ସଠିକ ତଦନ୍ତ କରିବାକୁ ଦାବି କରିଛନ୍ତି। ଗ୍ରାମରେ ମନରେଗା ଯୋଜନା ଅଧୀନରେ ପୋଖରୀ ଖନନ, ଗୋରୁ ଗୁହାଳ ନିର୍ମାଣ, ଶ୍ରମିକଙ୍କ ବେରୋଜଗାର ଭତ୍ତା, ଜମି ଉନ୍ନୟନ ଯୋଜନା, ଟ୍ରି ପ୍ଲାଣ୍ଟେସନ୍, ପୁଷ୍ଟି ବଗିଚା ନିର୍ମାଣ ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ପାଇଁ ଅର୍ଥ ବ୍ୟୟ ଦର୍ଶାଯାଇଥିଲେ ମଧ୍ୟ ପ୍ରକୃତରେ ଅନେକ କାମ ସଠିକ ଭାବେ ହୋଇନାହିଁ। କେତେକ କ୍ଷେତ୍ରରେ କାମ ହୋଇ ନ ଥିବା ସତ୍ତ୍ୱେ ଶ୍ରମିକ ନାମାବଳୀ ଆଧାରରେ ନାମ ଦେଖାଇ ଟଙ୍କା ଉଠାଯାଇଥିବା ଅଭିଯୋଗ ମଧ୍ୟ ରହିଛି। କେତେକ କାମରେ ମ୍ୟାଟେରିଆଲ୍ ବ୍ୟୟ ଦର୍ଶାଇ ଅର୍ଥ ଦୁର୍ବ୍ୟବହାର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିସହ ଯୋଜନାର ନିୟମ ଅନୁଯାୟୀ କାମ ନ ହେବା, ଶ୍ରମିକଙ୍କୁ ଯଥା ସମୟରେ ଦେୟ ନ ମିଳିବା ଓ କେତେକ ଅଧିକାରୀଙ୍କ ଅବହେଳାରୁ ଏହି ସମସ୍ୟା ସୃଷ୍ଟି ହୋଇଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ ଗ୍ରାମର ଅନେକ ଲୋକ ଅଭିଯୋଗ ପତ୍ରରେ ଉଚ୍ଚ ଅଧିକାରୀଙ୍କୁ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଗ୍ରାମବାସୀ କହିଛନ୍ତି, ଯଦି ଏହାର ସଠିକ ତଦନ୍ତ ହେବା ସହ ଅନିୟମିତତା ଦୂର ନ କରାଯାଏ, ତେବେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି କହିଛନ୍ତି।



**'ସକାଳ' ପ୍ରଭାବ**

## ସ୍କୁଲ ବସ୍ ତ୍ରୁଟି ସୁଧାରିଲେ କର୍ତ୍ତୃପକ୍ଷ



କରଞ୍ଜିଆ, ୧୨।୩ (ସମିସ): କରଞ୍ଜିଆ ଅଞ୍ଚଳର ତୀର୍ଥ ସାଥୀ ସ୍କୁଲ ବସ୍‌ରେ ଥିବା ତ୍ରୁଟିକୁ ନେଇ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ସ୍କୁଲ କର୍ତ୍ତୃପଙ୍କ ପକ୍ଷରୁ ତତ୍କାଳ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ପୂର୍ବରୁ ବସ୍‌ରେ କିଛି ସୁରକ୍ଷା ସମ୍ବନ୍ଧୀୟ ତ୍ରୁଟି ଥିବା ନେଇ ଖବର ପ୍ରକାଶ ପାଇଥିଲା। ଯାହାକୁ ନେଇ ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ଓ ଅସନ୍ତୋଷ ପ୍ରକାଶ ପାଇଥିଲା। ଆମ କରଞ୍ଜିଆ ପ୍ରତିନିଧିଙ୍କ ପକ୍ଷରୁ ଗତ ମାସ ୨୨ ତାରିଖରେ ଖବର ପ୍ରକାଶ ପରେ ସ୍କୁଲ କର୍ତ୍ତୃପକ୍ଷ ବିଷୟକୁ ଗୁରୁତର ସହ ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେଇଥିବା ସୂଚନା ମିଳିଛି। ବସରେ ଥିବା ତ୍ରୁଟି ଯାଞ୍ଚ କରି ସେଗୁଡ଼ିକୁ ସଂଶୋଧନ କରିଛନ୍ତି। ବିଶେଷକରି ବସ୍‌ର ସୁରକ୍ଷା ବ୍ୟବସ୍ଥାକୁ ବିଶେଷ ଦୃଷ୍ଟି ଦିଆଯାଇଛି।

ସ୍କୁଲର ପ୍ରଧାନ ଶିକ୍ଷକ ନିଜେ ଏହି ବିଷୟରେ ତତ୍ପର ହୋଇ ବସ୍‌ର ତ୍ରୁଟିଗୁଡ଼ିକୁ ଶୀଘ୍ର ସଂଶୋଧନ କରାଇଥିଲେ। ଫଳରେ ବର୍ତ୍ତମାନ ବସଟି ଠିକ୍ ଭାବେ ନିୟମ ପାଳନ କରି ପରିଚାଳିତ ହେବା ସହ ଛାତ୍ରଛାତ୍ରୀ ସୁରକ୍ଷିତ ଯାତାୟାତ କରୁଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେ କହିଛନ୍ତି ଯେ ଖବର ପ୍ରକାଶ ପରେ ସ୍କୁଲ ପକ୍ଷରୁ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯାଇଥିବା ଏକ ସକାରାତ୍ମକ ପଦକ୍ଷେପ ଅଟେ। ଫଳରେ ଅଭିଭାବକ ମଧ୍ୟ ଆଶ୍ୱସ୍ତ ହୋଇଛନ୍ତି।


ସକାଳ
ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ଅଭିଭାବକ ଚିନ୍ତିତ

## କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା

କାଳିପଦା, ୧୨।୩ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ଅଳାଡିହା କ୍ଲଷ୍ଟର ସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ମନମୟୀ ସରକାରୀ ଉ.ପ୍ରା. ବିଦ୍ୟାଳୟ, ଡାଙ୍ଗପିଟାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ଏଗାର ତାରିଖ ଓ ବାର ତାରିଖ ଦୁଇଦିନ ହୋଇଥିଲା। କ୍ଲଷ୍ଟରର ସିଆରସିସି ରତିକାନ୍ତ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବାଲିଆପାଳ ବ୍ଲକର ଏବିଇଓ ନମିତାପ୍ରଭା ସାମଲ ଯୋଗ ଦେଇ ଶିଶୁମାନଙ୍କ ଶିକ୍ଷଣ କ୍ଷେତ୍ରରେ ଶିକ୍ଷଣ ସାମଗ୍ରୀର ଆବଶ୍ୟକତା ଓ ଶିଶୁ ମାନଙ୍କ ମନଲାଖି ପାଠ ପଢା ଉପରେ ଜୋର ଦେଇଥିଲେ। ଶିକ୍ଷଣ ସାମଗ୍ରୀ ପିଲାର ପାଠ ପଢ଼ାରେ କୌତୁହଳ ଓ ଜିଜ୍ଞାସୁ ମନୋବୃତ୍ତି ସୃଷ୍ଟିକରେ ବୋଲି ଅଭିହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ ବାବୁରାମ ରାଉଳ, ଗୌରାଙ୍ଗ ମହାନ୍ତି, ମନମୟୀ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୃଷକେତୁ ଗୋଛାୟତ, ଗ୍ରାମର ବୁଦ୍ଧିଜୀବୀ ରବୀନ୍ଦ୍ର ବିଶ୍ୱାଳ, ପୂର୍ବତନ ସିଆରସିସି ଯୁଧିଷ୍ଠିର ବେହେରା, ଏସ. ଏମ.ସି.ର ସଭାପତି କାର୍ତ୍ତିକ ଜେନା ପ୍ରମୁଖ ଯୋଗ ଦେଇ ଏ ଭଳି ଶିଶୁ ମନଲାଖି କାର୍ଯ୍ୟକ୍ରମ ଶିକ୍ଷା ପ୍ରତି ଶିଶୁମାନଙ୍କର ଆଗ୍ରହ ବଢାଇବ ବୋଲି କହିଥିଲେ। ଶିକ୍ଷକ ପ୍ରଭାକର ପଢିଆରି ମଞ୍ଚ ଆବାହନ କରିଥିବା ବେଳେ ବେଦ ପାଠ କରିଥିଲେ। କ୍ଲଷ୍ଟରରୁ ସମସ୍ତ ବିଦ୍ୟାଳୟର ଏଫ. ଏଲ. ଏନ. ଶିକ୍ଷକଙ୍କ ସହ ବହୁ ଶିକ୍ଷକ ଯୋଗ ଦେଇଥିଲେ। ବିଦ୍ୟାଳୟ ଶିକ୍ଷକ ସରୋଜ କୁମାର ବିଶ୍ୱାଳ, ନଳିନୀକାନ୍ତ ପାଢ଼ୀ, ପ୍ରିୟଙ୍କା ସାହୁ, ଛବିରାଣୀ ବରଙ୍କ ସହ ପରିଚାଳନା କମିଟିର ସଦସ୍ୟ ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୃଷକେତୁ ଗୋଛାୟତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ନାଳରେ ମାଟି ପକାଇ ପୋତିବାକୁ ତୀବ୍ର ବିରୋଧ

ଖଇରା,୧୨।୩ (ସମିସ)



ସରକାରୀ ଜାଗାରେ ବେଆଇନ ମାଟି ପକାକୁ ନେଇ ଅଞ୍ଚଳବାସୀଙ୍କ ପ୍ରତିବାଦ ଓ ଧାରଣା ପରେ ତହସିଲଦାରଙ୍କ ପକ୍ଷରୁ ଘଟଣା ସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଛନ୍ତି। ବାଲେଶ୍ୱର ଜିଲ୍ଲା ଖଇରା ତହସିଲ ଅନ୍ତର୍ଗତ କୁପାରି ଆରଆଇ ଅମିନ ଶାରୀଶୁଆ କପିଳଝରି ବନ୍ଧନଟା ଗ୍ରାମର ଲୋକ ମାନେ ବିଶେଷ କରି ଚାଷ ଉପରେ ନିର୍ଭର କରିଥାନ୍ତି। ଏହି ସ୍ଥାନର ୩୨୫ ନଂ ପ୍ଲଟ ଦେଇ ଝରଣା ପାଣି ଆସି ଚାଷ ଜମିରେ ମାଡ଼ିବା ଯୋଗୁଁ ସ୍ଥାନୀୟ ବାସିନ୍ଦାମାନେ ଚାଷ ଜମିରେ ଚାଷ ହୋଇଥାଏ। ଫଳରେ ଲୋକ ମାନେ ଚାଷ କରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ଗତକାଲି ବିଳମ୍ବିତ ରାତିରେ କିଛି ଲୋକ ବେଆଇନ ଭାବେ ମାଟି ପକାଇ ନାଳକୁ ପୋତି ଦେବା ଦ୍ୱାରା ଉକ୍ତ ନାଳ ଦେଇ ଆସୁଥିବା ଝରଣା ପାଣି ବନ୍ଦ ହୋଇଯିବା ଫଳରେ ଦୁଇଗୋଟି ପଞ୍ଚାୟତର ୫ଟି ଗ୍ରାମର ଗ୍ରାମବାସୀ ଚାଷ ନ କରି ପାରି ୧୦୦ଏକରରୁ ଅଧିକ ଜମି ସହିତ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବେ। ଯାହାକୁ ନେଇ ଗ୍ରାମବାସୀ ଆଜି ବିରୋଧ

**ତହସିଲଦାର ଓ ଆରଆଇଙ୍କ ତଦନ୍ତ**

କରି ଘଟଣା ସ୍ଥଳରେ ଶତାଧିକ ଲୋକ ଧାରଣା ରେ ବସିଥିଲେ। ଖବର ପାଇ ଖଇରା ତହସିଲଦାର ଅମିତ ରଞ୍ଜନ ହୋତା ପହଁଚି ଲୋକ ମାନଙ୍କୁ ବୁଝାଇବା ସହିତ ମାଟି ପକାଇ ଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶୃତି ପରେ ଲୋକ ମାନେ ଧାରଣାରୁ ଉଠିଥିଲେ। ଅନ୍ୟପଟେ ଖଣି ଖାଦାନ ନିକଟରେ ଥିବା ବେଳେ କିଭଳି ଭାବେ ନାଳ ଥିବା ଜମିରେ ଘର ବାଡ଼ି ପଟା ଦିଆଗଲା ତାହାକୁ ନେଇ ସାଧାରଣରେ ଉଠିଛି ବଡ଼ ପ୍ରଶ୍ନ। ପ୍ରଶାସନ ପକ୍ଷରୁ ତଞ୍ଚକତା କରି ଏହି କାର୍ଯ୍ୟ ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତଦନ୍ତ ପରେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ତହସିଲଦାର ଶ୍ରୀ ହୋତା ପ୍ରକାଶ କରିଛନ୍ତି। ଶାରିଶୁଆ ପାହାଡକୁ ପ୍ରଶାସନ ପକ୍ଷରୁ ବନ୍ଦ ରଖାଯାଇଥିଲା ବେଳେ କିପରି ପ୍ରଶାସନ ଏଠାରେ କିପରି କ୍ରସର ବସାଇବା ଜଣେ ବ୍ୟକ୍ତିକୁ ସାହାଯ୍ୟ କରୁଛି ତାହାର ତଦନ୍ତ ସାପେକ୍ଷ। ଏଥି ପ୍ରତି ଦୃଷ୍ଟି ନ ଦିଆଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

# ଚନ୍ଦନେଶ୍ୱର ମହାଦେବଙ୍କ ଆୟଉତ୍ସ ନିଲାମ



ଚନ୍ଦନେଶ୍ୱର, ୧୨।୩ (ସମିସ) : ଭୋଗରାଇର ଚନ୍ଦନେଶ୍ୱର ମହାଦେବଙ୍କ ବିଭିନ୍ନ ଆୟଉତ୍ସ ଗୁରୁବାର ନିଲାମ ହୋଇଛି। ଗାଡି ପାର୍କିଂ ପାଇଁ ୪୦ଲକ୍ଷ ୫ହଜାର ଟଙ୍କାରେ ବିନ୍ଧାପଦ୍ମପୁର ଗାଁର ସୁରେନ୍ଦ୍ର ଗଙ୍ଗାଇ ନେଇଛନ୍ତି। ଏହାଛଡା ଜୋତା ଷ୍ଟାଣ୍ଡକୁ ଶ୍ରୀନିବାସ ନାୟକ ୧ଲକ୍ଷ ୧୦ହଜାର ୫୦୦, ଭୋଗ ଦୋକାନ ବାବଦକୁ ୨ଲକ୍ଷ ୭୫ହଜାର, ଧୂପଝୁଣାକୁ ୧ଲକ୍ଷ ୧୫ହଜାର ଏବଂ ମୁଣ୍ଡନ କର୍ମ ଉତ୍ସକୁ ୧ ଲକ୍ଷ ୪୧ହଜାର ଟଙ୍କାରେ ଟ୍ରଷ୍ଟ ବୋର୍ଡ ପକ୍ଷରୁ ନିଲାମ ଦିଆ ଯାଇଛି। ତେବେ ଦୈନିକ ବଜାର ଏବଂ ନୂତନ ହାକାଣ୍ଡ ପୋଖରୀକୁ ନିଲାମ ଦିଆଯାଇ ପାରିନାହିଁ। ବିବରଣୀରୁ ପ୍ରକାଶ, ବାବା ଚନ୍ଦନେଶ୍ୱର ଜୀଉଙ୍କ ବିଭିନ୍ନ ଆୟ ଉତ୍ସ ମଧ୍ୟରୁ ଦୈନିକ ବଙ୍ଗର, ଗାଡି ପାର୍କିଂ, ଜୋତାଷ୍ଟାଣ୍ଡ ଓ ନୂତନ ହାକାଣ୍ଡ ପୋଖରୀ(କିଆଁ ଗଡିଆ) ପ୍ରକାଶ୍ୟରେ ଚନ୍ଦନେଶ୍ୱର ମନ୍ଦିର ନିକଟରେ ନିଲାମ ପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଥିଲା। ମନ୍ଦିର ଟ୍ରଷ୍ଟବୋର୍ଡର ନିର୍ବାହୀ ଅଧିକାରୀ ତଥା ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ ଯୋଗଦେଇ ନିଲାମ କାର୍ଯ୍ୟକୁ ପରିଚାଳନା କରିଥିଲେ। ଗାଡି ପାର୍କିଂ ପାଇଁ ସୁରେନ୍ଦ୍ର ଗଙ୍ଗାଇ, ଧନଞ୍ଜୟ ଶତପଥୀ, ବିଭୁତି ଭୂଷଣ ପ୍ରଧାନ ଏବଂ ରବୀନ୍ଦ୍ର ଗଙ୍ଗାଇ ନିଲାମ ଡାକ ଆରମ୍ଭ କରିଥିଲେ। ସେହିଭଳି ଜୋତାଷ୍ଟାଣ୍ଡ ବିପ୍ଳବ ଜେନା ଓ ଶ୍ରୀନିବାସ ନାୟକଙ୍କ ମଧ୍ୟରେ ଡାକ ହୋଇଥିଲା। ଅନ୍ୟ ଦୁଇ ଆୟଉତ୍ସ ଦୈନିକ ବଙ୍ଗର ଏବଂ ନୂତନ ହାକାଣ୍ଡ ପୋଖରୀ କେତେକ କାରଣରୁ ନିଲାମ ହୋଇ ପାରି ନଥିଲା। ପୁଣି ୧୯ ତାରିଖରେ ତାହା ହେବ ବୋଲି ନିର୍ବାହୀ ଅଧିକାରୀ ଘୋଷଣା କରିଥିଲେ। ଭୋଗ ଦୋକାନକୁ ଇନ୍ଦୁ ଭୂଷଣ ପଣ୍ଡା ନେଇଥିବା ବେଳେ ଧୂପଦୀପକୁ ମୌରସୀ ତପନ କୁମାର ପଣ୍ଡା ଏବଂ ମଣ୍ଡନ କର୍ମକୁ ଆଶିଷ ପଣ୍ଡା ନେଇଛନ୍ତି। ଏଥରେ ରେଭିନ୍ୟୁ ସୁପରଭାଇଜର ପ୍ରଦୀପ କୁମାର ଭଞ୍ଜ, ମୌରସୀ ନ୍ୟାସୀ ତପନ କୁମାର ପଣ୍ଡା, ସେବାୟତ ବୁଦ୍ଧଦେବ ପଣ୍ଡା, ଭୋଗରାଇ ବିଜେପି ନେତା ଆଶିଷ କୁମାର ପାତ୍ର, ସ୍ଥାନୀୟ ସମିତି ସଦସ୍ୟ ଗୋବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ନାବାଳିକା ଦୁଷ୍କର୍ମ ମାମଲାକୁ ବିତିଲା ୪ ମାସ

# ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତାଙ୍କ ପରିବାର

ବାଲେଶ୍ୱର,୧୨।୩ (ସମିସ): ବାଲେଶ୍ୱର ଜିଲ୍ଲା କଷାଫଳ ମେରାଇନ ଥାନା ଅଧୀନରେ ଜଣେ ନାବାଳିକାକୁ ଦୁଷ୍କର୍ମ ମାମଲାକୁ ଦୀର୍ଘ ୪ ମାସ ବିତିଯାଇଥିଲେ ମଧ ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇନି। କଷାଫଳ ଥାନା ପୁଲିସ ଏହି ଘଟଣାରେ କୌଣସି ପଦକ୍ଷେପ ନେଉନଥିବାରୁ ପୀଡ଼ିତାଙ୍କ ବାପା ନ୍ୟାୟ ପାଇଁ ଜିଲ୍ଲା ପୁଲିସ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁସାରେ, ୨୦୨୫ ମସିହା ଅକ୍ଟୋବର ମାସରେ ଏହି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ସ୍ଥାନୀୟ ଅଞ୍ଚଳରେ ଦୁଷ୍କର୍ମ ହୋଇଥିବା ନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ କଷାଫଳ ମେରାଇନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏନେଇ ଏକ ମାମଲା ରୁଜୁ କରିବା ସହ ପୀଡ଼ିତା ନାବାଳିକାଙ୍କ ଡାକ୍ତରୀମାଇନା କରିଥିଲା। ହେଲେ ମାମଲାକୁ ଦୀର୍ଘ ୪ ମାସ ବିତିଥିଲେ ସୁଦ୍ଧା ପୁଲିସ ପକ୍ଷରୁ ଅଭିଯୁକ୍ତ ବିରୋଧରେ କୌଣସି କଠୋର ପଦକ୍ଷେପ ନିଆଯାଇନି, ଚାରି ମାସ ବିତିଗଲା ହେଲେ ମଧ ଅଭିଯୁକ୍ତ ସ୍ଥାନୀୟ ଅଞ୍ଚଳରେ ଘୁରୁଥିବା ବେଳେ ଧମକ ଚମକ ଦେଉଥିବାରୁ ପୀଡ଼ିତାଙ୍କ ପରିବାର ଭୟ ଓ ଅନିଶ୍ଚିତତାରେ ଦିନ କାଟୁଛନ୍ତି। ଏ ନେଇ ପୀଡ଼ିତାଙ୍କ ବାପା ଲିଖିତ ଅଭିଯୋଗ କରିଛନ୍ତି ଯେ ସେ ନ୍ୟାୟ ପାଇଁ ବାରମ୍ବାର ଥାନାକୁ ଯାଉଥିଲେ ସୁଦ୍ଧା କୌଣସି ଫଳ ମିଳିନାହିଁ। ସେପଟେ ଅଭିଯୁକ୍ତ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ ସୁଦ୍ଧା ହାଇକୋର୍ଟ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ନାକଚ କରିଥିବା ବେଳେ ଶେଷରେ ଥାନାରୁ ନିରାଶ ହେବା ପରେ ପୁଲିସର ନିଷ୍କ୍ରିୟତା ଓ ଅଭିଯୁକ୍ତକୁ ପୁଲିସ ଗିରଫ ନ କରିବା କାରଣରୁ ସେ ନ୍ୟାୟ ପାଇଁ ଶେଷରେ ବାଲେଶ୍ୱର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ନ୍ୟାୟ ଭିକ୍ଷା କରିଛନ୍ତି। ଅଭିଯୁକ୍ତକୁ ଶୀଘ୍ର ଗିରଫ କରି ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ଦାବି ହେଉଛି।

## ଟିପିଏନ୍‌ଓଡିଏଲ୍ ପକ୍ଷରୁ ୧୪ରେ ହେବ ରାଷ୍ଟ୍ରୀୟ ଲୋକ ଅଦାଲତ

ବାଲେଶ୍ୱର,୧୨।୩ (ସମିସ): ଟିପିଏନ୍‌ଓଡିଏଲ୍ ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ ତଥା ସମାଧାନ ଶିବିର ଆସନ୍ତା ମାର୍ଚ୍ଚ ୧୪ ତାରିଖ ଶନିବାର ଦିନ ଡିଭିଜନ, ସବ-ଡିଭିଜନ କାର୍ଯ୍ୟାଳୟ ଏବଂ କଚେରୀ ପରିସରରେ ଅନୁଷ୍ଠିତ ହେବ। ଏଥିରେ ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ଯାଜପୁର ଓ ମୟୂରଭଞ୍ଜ ଜିଲ୍ଲାର ବିଦ୍ୟୁତ୍ ଉପଭୋକ୍ତାମାନେ ଅନଧିକୃତ ବିଦ୍ୟୁତ୍ ବ୍ୟବହାର ଏବଂ ବିଦ୍ୟୁତ୍ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ଏକକାଳୀନ ସମାଧାନ କ୍ଷେତ୍ରରେ ସହାୟତା ପାଇପାରିବେ। ଏହି ଲୋକ ଅଦାଲତ ସକାଳ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବାବେଳେ ଉପଭୋକ୍ତାମାନେ ଅଧିକ ବିବରଣୀ ପାଇଁ ନିକଟସ୍ଥ ଟିପିଏନଓଡିଏଲ୍ ଉପଖଣ୍ଡ କିମ୍ବା ଡିଭିଜନ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିପାରିବେ। ପ୍ରବର୍ତ୍ତନ ଅଧିକାରୀ, ଆଇନ ବିଶେଷଜ୍ଞ ଓ ଉପଭୋକ୍ତା ସହାୟତା କର୍ମଚାରୀମାନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ଲୋକ ଅଦାଲତରେ ଉପସ୍ଥିତ ରହି ଉପଭୋକ୍ତାମାନଙ୍କୁ ଆନୁସଙ୍ଗିକ ସହାୟତା ପ୍ରଦାନ କରିବେ। ଉପଭୋକ୍ତାମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ପହଞ୍ଚି ମାର୍ଗଦର୍ଶନ ଓ ସହାୟତା ପାଇପାରିବେ। ଟିପିଏନ୍‌ଓଡିଏଲର ଏଭଳି ପଦକ୍ଷେପ ଦାୟିତ୍ୱପୂର୍ଣ୍ଣ ବିଜୁଳି ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହ କାର୍ଯ୍ୟାନ୍ୱୟନ ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନକୁ ଶୃଙ୍ଖଳିତ କରିବାରେ ସହାୟକ ହେବ। ବିଜୁଳି ବ୍ୟବହାରରେ ସ୍ୱଚ୍ଛତା ଓ ନିୟମିତତା ରକ୍ଷା ହେବା ସହ ଉପଭୋକ୍ତା ଅନୁକୂଳ ବ୍ୟବସ୍ଥା ସ୍ଥାପିତ ହୋଇପାରିବ। ସେହିପରି ବିଦ୍ୟୁତ୍ ଚୋରିରୁ ନିବୃତ ରହିବାକୁ ମଧ ଉପଭୋକ୍ତାମାନଙ୍କୁ ଟିପିଏନଓଡିଏଲ ପରାମର୍ଶ ଦେଇଛି।

## ଜଳେଶ୍ୱର ଦୀନକୃଷ୍ଣ ମହାବିଦ୍ୟାଳୟରେ ଏସ୍‌ଏଫ୍‌ଆଇର ବିକ୍ଷୋଭ




ଜଳେଶ୍ୱର ବ୍ଲକ, ୧୨।୩ (ସମିସ): ଆମେରିକାର ସାମ୍ରାଜ୍ୟବାଦୀ ନୀତି, ଯୁଦ୍ଧଖୋର ମନୋଭାବ ଏବଂ ଇରାନ ଉପରେ କରାଯାଉଥିବା ଅନ୍ୟାୟ ଆକ୍ରମଣ ବିରୁଦ୍ଧରେ ଆଜି ଜଳେଶ୍ୱରସ୍ଥିତ ପ୍ରସିଦ୍ଧ ଦିନକୃଷ୍ଣ ମହାବିଦ୍ୟାଳୟ ସମ୍ମୁଖରେ ଭାରତର ଛାତ୍ର ଫେଡେରେସନ (ଏସଏଫଆଇ) ପକ୍ଷରୁ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଶ୍ୱ ଶାନ୍ତିକୁ ବିପନ୍ନ କରି ନିଜର ସ୍ୱାର୍ଥ ହାସଲ କରିବା ପାଇଁ ଆମେରିକା ଯେଉଁଭଳି ଭାବେ ମଧ୍ୟପ୍ରାଚ୍ୟରେ ଯୁଦ୍ଧର ବାତାବରଣ ସୃଷ୍ଟି କରୁଛି, ତାହାର ପ୍ରତିବାଦ ସ୍ୱରୂପ ଛାତ୍ରମାନେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଫଟୋ ପୋଡ଼ି ନିଜର ଆକ୍ରୋଶ ପ୍ରକଟ କରିଥିଲେ। ଏହି ପ୍ରତିବାଦ ସଭାରେ ବକ୍ତାମାନେ ମତ ଦେଇଥିଲେ ଯେ, ଆମେରିକା ନିଜର ଆଧିପତ୍ୟ ବିସ୍ତାର କରିବା ଏବଂ ମାରଣାସ୍ତ୍ର ବ୍ୟବସାୟୀଙ୍କୁ ଲାଭ ପହଞ୍ଚାଇବା ପାଇଁ ସାରା ବିଶ୍ୱରେ ଅସ୍ଥିରତା ସୃଷ୍ଟି କରୁଛି। ଇରାନ ଭଳି ଏକ ସାର୍ବଭୌମ ରାଷ୍ଟ୍ର ଉପରେ ଆକ୍ରମଣ କରିବା ମାନବ ସଭ୍ୟତା ପାଇଁ ଏକ ବଡ଼ ବିପଦ ବୋଲି ସେମାନେ ଅଭିହିତ କରିଥିଲେ। ଏଥିସହିତ କେନ୍ଦ୍ରର ମୋଦି ସରକାରଙ୍କ ବୈଦେଶିକ ନୀତିକୁ ସମାଲୋଚନା କରି ଛାତ୍ର ନେତାମାନେ କହିଥିଲେ ଯେ, ଭାରତ ସରକାର ଆମେରିକା ପାଖରେ ନତମସ୍ତକ ନ ହୋଇ ନିଜର ସ୍ୱାଧୀନ ବୈଦେଶିକ ନୀତି ବଜାୟ ରଖନ୍ତୁ ଏବଂ ବିଶ୍ୱ ଶାନ୍ତି ପାଇଁ କାର୍ଯ୍ୟ କରନ୍ତୁ। କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷକ ନେତା ପ୍ରଫେସର ସୁରେନ୍ଦ୍ର କୁମାର ଜେନା ଏବଂ ଏସ. ଏଫ. ଆଇ ର ରାଜ୍ୟ ସମ୍ପାଦକ ଚନ୍ଦନ ସାହୁ ମୁଖ୍ୟ ଭାବେ ଉପସ୍ଥିତ ରହି ଛାତ୍ରମାନଙ୍କୁ ସାମ୍ରାଜ୍ୟବାଦର କୁପରିଣାମ ବିଷୟରେ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ. ଏଫ. ଆଇ ପୂର୍ବତନ ଛାତ୍ରନେତା ପଲଟୁ ଦାସ, ଦୀପ୍ତିମାନ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଅଚ୍ୟୁତାନନ୍ଦ ଜେନା, ସୌରଭ ସାହୁ, ଜୟଦେବ ପଲେଇ, ରଞ୍ଜନ ପଲେଇ, ପବିତ୍ର ଦାସ ଏବଂ ଜୟଜଗଦୀଶ ଦଶଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀ ଏହି ବିକ୍ଷୋଭରେ ସାମିଲ ହୋଇ "ସାମ୍ରାଜ୍ୟବାଦ ମୁର୍ଦ୍ଦାବାଦ" ଏବଂ "ଯୁଦ୍ଧ ନୁହେଁ ଆମେ ଶାନ୍ତି ଚାହୁଁ" ଭଳି ସ୍ଲୋଗାନ ଦେଇଥିଲେ।

## କୋର୍ଟରେ ଟଳିପଡ଼ିଲେ କନଷ୍ଟେବଲ୍

ଜଳେଶ୍ୱର,୧୨।୩ (ସମିସ) : ଜଳେଶ୍ୱର ଥାନାରେ କାର୍ଯ୍ୟରତ ଓଏପିଏଫ (ଓଡ଼ିଶା ସହାୟକ ପୁଲିସ ବାହିନୀ) କନେଷ୍ଟବଳ ସରୋଜ ନାୟକ ବୁଧବାର ଜଳେଶ୍ୱର ଏଡିଜେ କୋର୍ଟକୁ ସାକ୍ଷୀ ଦେବା ଲାଗି ଯାଇଥିବା ବେଳେ ମୁଣ୍ଡ ବୁଲାଇବାରୁ ତଳେ ପଡ଼ି ଯାଇଥିଲେ। ସଂଗେ ସଂଗେ ହସ୍ପିଟାଲକୁ ନେବା ରାସ୍ତାରେ ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା। ଦିନ ୧୧ଟା ସମୟରେ ଶ୍ରୀ ନାୟକ କୋର୍ଟରେ ପହଞ୍ଚି ସାକ୍ଷୀ ଦେବା ପାଇଁ ଅପେକ୍ଷା କରିଥିବା ବେଳେ ସେ ଅସୁସ୍ଥ ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜିକେ ଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରିଥିଲେ ମଧ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ଓ ପରେ କଟକ ନେବା ବାଟରେ ପ୍ରାଣବାୟୁ ଉଡ଼ି ଯାଇଥିଲା। ତାଙ୍କ ଘର ମୟୂରଭଞ୍ଜ ଜିଲ୍ଲା ବାରିପଦା ବମ୍ବେ ଛକରେ ହୋଇଥିବା ବେଳେ ଦେଢ଼ ବର୍ଷ ତଳେ ତାଙ୍କର ବିବାହ ହୋଇଥିଲା। ଘରେ ପତ୍ନୀ ଓ ୬ ମାସର ପୁଅ ମୁରବୀ ବିହୀନ ହୋଇଯାଇଛନ୍ତି। ସରୋଜଙ୍କ ଅକାଳ ମୃତ୍ୟୁରେ ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ କୁମାର ବେହେରା, ଆଇଆଇସି ଅଶୋକ କୁମାର ବାରିକ, ଏସ୍‌ଆଇ ଚିରଞ୍ଜୀବି ରାଉତ, ବନିତା ନାୟକ, ରାଜଲକ୍ଷ୍ମୀ ଦାସ, ଏଏସଆଇ ଧିରେନ ସାମଲ, ସୃଷ୍ଟିଧର ବେହେରା, ଦିଲ୍ଲୀପ କୁମାର ମୁଖୀ, ଲମ୍ବୋଦର ମୁର୍ମୁ, ଚିନ୍ମୟ ପଲେଇ, ହୋମଗାର୍ଡ ସଂଘ ସଭାପତି ପ୍ରଦୀପ କୁମାର ଜେନା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ନରହରିପୁର ସେବା ସମବାୟ ସମିତି ଧାନମଣ୍ଡିରେ ଭୂମି ପୂଜନ



ରେମୁଣା,୧୨।୩(ସମିସ): ରେମୁଣା ଏନଏସି ଅନ୍ତର୍ଗତ ନରହରିପୁର ସେବା ସମବାୟ ସମିତି ଧାନମଣ୍ଡିରେ ଭୂମିପୂଜନ ଅନୁଷ୍ଠିତ ହୋଇଛି। ଅଟକଳ ମୂଲ୍ୟ ୬୪. ୪୦ ଲକ୍ଷ ଟଙ୍କା ରଖାଯାଇଛି। ସମ୍ମାନନୀୟ ଅତିଥି ଭାବେ ୮ ନମ୍ବର କାଉନସିଲର କୁନ୍ତଳା ତରେଇ ଉପସ୍ଥିତ ହୋଇ କହିଛନ୍ତି ଯେ ଏହି ଧାନମଣ୍ଡି ଗୃହରକାର୍ଯ୍ୟ ଯେତେଶୀଘ୍ର ସମ୍ପୂର୍ଣ୍ଣ ହେବ ଚାଷୀମାନେ ଉପକୃତ ହେବେ । ନରହରିପୁର ସେବା ସମବାୟ ସମିତି ସଭାପତି ଅନିରୁଦ୍ଧ ଲେଙ୍କା ଫିତା କାଟି ଭୂମି ପୂଜନ କରି ଉଦଘାଟନ କରିଥିଲେ। ସମ୍ପାଦକ ଚନ୍ଦନ ଶିବରାମ କୃଷ୍ଣ ପଣ୍ଡା, ଉପସଭାପତି ଛବିରାଣୀ ବେହେରା ଉପସ୍ଥିତ ଥିଲେ । ଦୁଷ୍ମନ୍ତ ଦାସ ସଭାପତିତ୍ୱ କରିଥିଲେ। ସମାଜସେବୀ ସରସ୍ୱତୀ ପୋଥାଳ, ଭଗବାନ ମହାନ୍ତି, ଷ୍ଟାଲିନ ମିଶ୍ର, ପ୍ରେମରଞ୍ଜନ ପାତ୍ର, ବୁଧିରାମ ମଲ୍ଲିକ, ମହେଶ୍ୱର ରାଉତ, ବାବୁଲା ସିଂ, ଅନାଦି ପଣ୍ଡା, ମଧୁସୂଦନ ମହାପାତ୍ର, ଶିଶିର ରାଜ, ଭାସ୍କର ମହାପାତ୍ର, ମନୋରଞ୍ଜନ ମହାପାତ୍ର, ରତ୍ନାକର ସିଂହ, ଦଇତାରୀ ଲେଙ୍କା, ଭାସ୍କର ମିଶ୍ର, ଶ୍ରୀନିବାସ ବାରିକ,ପୀତବାସ ବାରିକ, ମେହେବୁବ ଖାନ, ମହେଶ୍ୱର ମହାଲିକ, ଦୟାନିଧି ସାହୁ, କଣ୍ଡୁକର ରାକେଶ ମୁଦୁଲି, ଆର. ଏନ. ବି. ବସନ୍ତ ନାୟକ ସମସ୍ତ ଚାଷୀ ମାନଙ୍କ ଉପସ୍ଥିତିରେ ଶୁଭ ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

## ଭୀମଭୋଇ ଭିନ୍ନକ୍ଷମ ଚିହ୍ନଟ ଶିବିର

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧୨।୩ (ସମିସ): ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ଆୟୋଜିତ ଜଳେଶ୍ୱର ମ୍ୟୁନିସିପାଲିଟି ତରଫରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ପୌରାଞ୍ଚଳର ୧୭ଟି ୱାର୍ଡରେ ଥିବା ଭିନ୍ନକ୍ଷମ ଲୋକମାନେ ଏହି ଶିବିରରେ ନିଜ ନିଜର ସାମର୍ଥ୍ୟ ବିଷୟରେ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଇଥିଲେ। ଏହି ଚିହ୍ନଟ ଶିବିରରେ ନାସା, କର୍ଣ୍ଣ, ଗଳା, ମାନସିକ ଅନଗ୍ରସର, ଦୃଷ୍ଟି ବାଧିତ, ଅସ୍ଥି, ଶଲ୍ୟ, ରକ୍ତହିନତା, ସ୍ନାୟୁ ଆଘାତ ଜନିତ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଚିହ୍ନଟ କରିବା ପାଇଁ ବିଭିନ୍ନ ବିଭାଗର ବିଶଷଜ୍ଞ ମାନେ ଯୋଗଦେଇ ଚିହ୍ନଟ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି ଶିବିରକୁ ଜଳେଶ୍ୱର ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ କିଶୋର କୁମାର ଚମ୍ପତି, ଗୋଷ୍ଠୀ ସଂଗଠିକା ଜ୍ୟୋସ୍ନା ପତୀଙ୍କ ସହିତ ପୌରକର୍ମଚାରୀ ମାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କରାଯାଇଥିବା ବେଳେ ପୌରାଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ଅତିରିକ୍ତ ତହସିଲଦାର ଚକ୍ରଧର ମଲ୍ଲିକଙ୍କ ସହିତ ବିଭିନ୍ନ ୱାର୍ଡର କାଉନସିଲର ପ୍ରମୁଖ ଉପସ୍ଥିତ ହୋଇ ଚିହ୍ନଟ ପ୍ରକ୍ରିୟାକୁ ପରିଚାଳନା କରିଥିଲେ। ଏହି ଚିହ୍ନଟ ଶିବିରରେ ୨୧ ପ୍ରକାରର ଭିନ୍ନକ୍ଷମ ହିତାଧିକାରୀଙ୍କୁ ଚିହ୍ନଟ କରି ସହାୟତା ପ୍ରଦାନ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି। ଏହି ଶିବିରରେ ମାନସିକ ଅନଗ୍ରସର ବିଭାଗର ବିଶେଷଜ୍ଞ ଡାକ୍ତର ବିକାଶ ରଂଜନ ଦାସ ୩୨ ଜଣଙ୍କୁ ପରୀକ୍ଷା



କରିଥିବା ବେଳେ, ଦୃଷ୍ଟି ବାଧିତ ବିଭାଗର ବିଶେଷଜ୍ଞ ଡାକ୍ତର ବିକାଶ ରଂଜନ ନାୟକ ୨୮ ଜଣଙ୍କୁ ପରୀକ୍ଷା କରିଥିଲେ। ଅସ୍ଥି, ଶଲ୍ୟ, ରକ୍ତହୀନତା, ସ୍ନାୟୁ ଆଘାତ ଜନିତ ବିଭାଗରେ ବିଶେଷଜ୍ଞ ଡାକ୍ତର ଶିବାନନ୍ଦ ରଥ ୧୧୦ ଜଣଙ୍କୁ ପରୀକ୍ଷା କରିଥିଲେ। ମେଡିସିନ ବିଭାଗର ବିଶେଷଜ୍ଞ ଡାକ୍ତର ସୁଶାନ୍ତ ମହାରଣା ୪୨ ଜଣଙ୍କୁ ପରୀକ୍ଷା କରିଥିବା ବେଳେ ମୋଟ ୨୧୨ଜଣ ଭିନ୍ନକ୍ଷମ ହିତାଧିକାରୀ ଏହି ଶିବିରରେ ଯୋଗଦେଇ ନାମ ପଞ୍ଜୀକରଣ କରିଥିବା ବେଳେ ବିଶେଷଜ୍ଞ ମାନଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା।

### ବିଜେଡି ଛାଡ଼ିବା ପରେ ରବୀନ୍ଦ୍ର ଜେନାଙ୍କୁ କାଉଣ୍ଟର

# ବସ୍ତାର ପ୍ରତ୍ୟେକ ପଞ୍ଚାୟତରେ ହେବ କଂଗ୍ରେସର ପର୍ଦ୍ଦାଫାସ ଯାତ୍ରା

ବାଲେଶ୍ୱର ସଦର/ବସ୍ତା ବ୍ଲକ,୧୨।୩ (ସମିସ)



ପୂର୍ବତନ ବିଜେଡି ସାଂସଦ ତଥା ଜିଲା ସଭାପତି ରବୀନ୍ଦ୍ର ଜେନା ବିଜେପିରେ ମିଶିବା ପରେ ତାଙ୍କୁ କାଉଣ୍ଟର କରିଛି କଂଗ୍ରେସ। ଚିଟ୍‌ଫଣ୍ଡ ମାମଲାରେ ସୁରକ୍ଷା ପାଇଁ ରବୀନ୍ଦ୍ର ଜେନା ବିଜେପି ନିକଟରେ ଆତ୍ମସମର୍ପଣ କରିଥିବା କଂଗ୍ରେସ ଦଳ ପକ୍ଷରୁ କୁହାଯାଇଛି। ଆଜି ବସ୍ତା ବ୍ଲକ୍ ଅନ୍ତର୍ଗତ କଟିପୋଲସ୍ଥିତ ପ୍ରିନ୍ସ କଲ୍ୟାଣ ମଣ୍ଡପରେ କଂଗ୍ରେସ ଦଳ ପକ୍ଷରୁ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କ ବିରୋଧରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରି ଏଥିରେ ସଭାପତିତ୍ୱ କରି ଶ୍ରୀ ଜେନାଙ୍କ ବିଜେପିରେ ମିଶିବା ଏବଂ ମିଶ୍ରଣର ସମୟ ସୂଚକକୁ ନେଇ ବିଜେପି ଦଳକୁ କଟାକ୍ଷ କରି ବହୁଗୁଡ଼ିଏ ରୋକ ଠୋକ ମନ୍ତବ୍ୟ ଦେଇଛନ୍ତି। ଶ୍ରୀ ଜେନା ଗତ ୨୦୧୩ ମସିହାରେ ରାଜନୀତିକୁ ଆସି ପ୍ରଥମେ କଂଗ୍ରେସ ଓ ପରେ ବିଜୁ ଜନତା ଦଳରେ ରହି ସାଂସଦ, ଜିଲ୍ଲା ସଭାପତି ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇ ଆସିଥିଲେ। ତେବେ ତାଙ୍କର ଏଭଳି ଦାୟିତ୍ୱ ପଛରେ ତାଙ୍କର ବଡ଼ ସ୍ୱାର୍ଥ ଥିବା ଅଭିଯୋଗ କରିଛି କଂଗ୍ରେସ। ବିଜେପି ନେତା ତଥା ବର୍ତ୍ତମାନର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଶ୍ରୀ ଜେନାଙ୍କ ସିବିଆଇ ଓ ଚିଟ୍‌ଫଣ୍ଡ ସମ୍ପର୍କିତ କେସ ବାବଦରେ ଅତି କଟୁ ମନ୍ତବ୍ୟ ଦେଇଥିଲା ବେଳେ ଆଜି ସିବିଆଇ କେସର କୋର୍ଟ ତାରିଖ ଓ ଆସନ୍ତା ସୋମବାର ରାଜ୍ୟସଭା ଭୋଟ ଥିବାରୁ ପରସ୍ପରର ଆବଶ୍ୟକତାକୁ ଉପଲବ୍ଧ କରି ଶ୍ରୀ ଜେନାଙ୍କୁ ବିଜେପି କୋଳେଇ ନେଇଥିବା କଂଗ୍ରେସ ପକ୍ଷରୁ କୁହା ଯାଇଛି। ଶ୍ରୀ ଜେନାଙ୍କ ଭଳି ଜଣେ ବିଚାରଧାରା ବିହୀନ ବହୁରୂପୀ ଏଣ୍ଡୁଅ ସଦୃଶ ରାଜନେତାଙ୍କ ମାୟାଜାଲରୁ ଦୁରେଇ ରହିବା ପାଇଁ ବସ୍ତା ନିର୍ବାଚନ ମଣ୍ଡଳୀ ଭୋଟର ମାନଙ୍କୁ ଶ୍ରୀ ଗିରି ନିବେଦନ କରିବା ସହିତ ଆଗାମୀ ଦିନରେ ଶ୍ରୀ ଜେନାଙ୍କ କ୍ଷମତା ଲୋଭ ଓ ନିଜର ସୁରକ୍ଷା ପାଇଁ ବିଜେପିକୁ ଯାଇ ଆରମ୍ଭ କରିଥିବା ରାଜନୀତି ର ପର୍ଦ୍ଦାଫାସ କରିବା ପାଇଁ ବସ୍ତା ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ପଞ୍ଚାୟତରେ 'ପର୍ଦ୍ଦାଫାସ ଯାତ୍ରା' କରାଯିବ ବୋଲି ଘୋଷଣା କରିଥିଲେ। ବସ୍ତା ନିର୍ବାଚନ ମଣ୍ଡଳୀ ନେତା ବିଜନ ନାୟକ ଶ୍ରୀ ଜେନାଙ୍କୁ ଆହ୍ୱାନ ଦେଇ କହିଥିଲେ ବିଜେପିରେ ମିଶି ଶ୍ରୀ ଜେନା ବସ୍ତା ଭୋଟରମାନଙ୍କ ସହ ବିଶ୍ୱାସଘାତକତା କରିଛନ୍ତି। ତେଣୁ ତୁରନ୍ତ ତାଙ୍କ ସହଧର୍ମିଣୀ ବସ୍ତା ବିଧାୟିକା ନିଜର ବିଧାୟକ ପଦବୀରୁ ଇସ୍ତଫା ଦେଇ ସାନି ମତଭିକ୍ଷା କରନ୍ତୁ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସଭାପତି ସତ୍ୟନାରାୟଣ ଗୁପ୍ତା, ଜିଲ୍ଲା କଂଗ୍ରେସ ଉପସଭାପତି ସୁଧାଂଶୁ ଜେନା, ଜୟନ୍ତ ମହାପାତ୍ର, ମନୋଜ କୁମାର ମହାନ୍ତି, ଅରୁଣ ମଣ୍ଡଳ, ମଦନ ଭକ୍ତାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ରେମୁଣାରେ ପିଲା ଚୋରି ଆତଙ୍କ

ରେମୁଣା, ୧୨।୩ (ସମିସ): ରେମୁଣାରେ ଗତ କିଛିଦିନ ଧରି ପିଲା ଚୋରି ହେଉଥିବାର ଶୁଣାଯାଉଥିଲେ ମଧ୍ୟ ଗତକାଲି ରେମୁଣା ଏନ. ଏ. ସି ଅନ୍ତର୍ଗତ ମାଧିପୁର ଗ୍ରାମର ଅନାଦି ବେହେରାଙ୍କ ପୁତ୍ରକୁ ଜନୈକ ବ୍ୟକ୍ତି ଉଠାଇ ପଳାଇ ଯାଉଥିବା ସମୟରେ ପିଲାର ଚିତ୍କାର ଶୁଣି ସ୍ଥାନୀୟ ଲୋକ ଗୋଡ଼ାଇବାରୁ ସେହି ପିଲା ଚୋର ପିଲାକୁ ଛାଡି ପଳାଇଯାଇଥିଲା। ସେହି ଭଳି ନରହରିପୁର ଓ ମନ୍ଦାରପୁରରୁ କେତେକ ପିଲାକୁ ଧରିନେଇ ଯାଉଥିବାର ଅଭିଯୋଗ ହେଉଛି। ତେଣୁ ଏଥିପ୍ରତି ଜନସାଧାରଣଙ୍କୁ ସତର୍କ ହେବାକୁ ଅନୁରୋଧ କରାଯାଉଛି।

## ଦୁଇ ଟ୍ରକ୍ ମୁହାଁମୁହିଁ ଧକ୍କା



ତେଲକୋଇ, ୧୨।୩ (ସମିସ): ବେପରୁଆ ଗାଡ଼ି ଚାଳନା ଯୋଗୁଁ ସନ୍ଧ୍ୟା ସମୟରେ କାଞ୍ଜିପାଣି ଥାନା ଅନ୍ତର୍ଗତ କାଞ୍ଜିପାଣି ଘାଟିର ତାରିଣୀ ମନ୍ଦିର ନିକଟରେ ଦୁଇ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣେ ଗୁରୁତର ଆହତ ହୋଇଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟ ମାନଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି। ୪୯ ନମ୍ବର ଜାତୀୟ ରାଜପଥଟି ୪ଲାଇନିଆ ରାସ୍ତାଥିବା ସତ୍ତ୍ୱେ ଡ୍ରାଇଭରମାନଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁଁ କାଞ୍ଜିପାଣି ଘାଟିରେ ବାରମ୍ବାର ଦୁର୍ଘଟଣା ଘଟୁଛି। ସେଥିପାଇଁ କାଞ୍ଜିପାଣି ଘାଟି ଦେଇ ସାଧାରଣ ଲୋକମାନେ ଯିବାକୁ ଭୟ ମନେ କରୁଛନ୍ତି।

## ଦେଶୀ ମଦ ପ୍ରସ୍ତୁତିବେଳେ ଚଢ଼ଉ

ଡୁରୁମୁଙ୍ଗା, ୧୨।୩(ସମିସ): କେନ୍ଦୁଝର ଜିଲ୍ଲା ଡୁରୁମୁଙ୍ଗା ଥାନା ଅନ୍ତର୍ଗତ ପୁରୁଙ୍ଗାଁ ନାଳ କୂଳରେ ବେଆଇନ ଦେଶୀ ମହୁଲି ମଦ ପ୍ରସ୍ତୁତି ଚାଲିଥିବା ସମୟରେ ଗୁରୁବାର ଡୁରୁମୁଙ୍ଗା ପୁଲିସର ଅତର୍କିତ ଚଢ଼ଉ କରିଛି। ଏଥିରେ ବିପୁଳ ପରିମାଣର ମହୁଲି ମଦ ସାଙ୍ଗକୁ ମଦରନ୍ଧା ସାମଗ୍ରୀ ସହ ଲକ୍ଷାଧିକ ଟଙ୍କାର ମହୁଲ ପୋଚ ନଷ୍ଟ କରିଛି। ଚଢ଼ଉ ଦେଖି ମାଫିଆ ଛତ୍ରଭଙ୍ଗ ଦେଇ ଫେରାର ହୋଇଯାଇଥିବା ବେଳେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ଡୁରୁମୁଙ୍ଗା, ୧୨।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବନବିଭାଗ କୋଠଘର ବେଡ଼ିଶରୀ ବାଲି ଘାଟରୁ ୩ ଦିନ ପୂର୍ବରୁ ବାଲି ଚୋରି କରି ପରିବହନ କରୁଥିବା ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଛି। ଚାଳକ ଫେରାର ହୋଇ ଯାଇଥିବାରୁ ଟ୍ରାକ୍ଟରଟିକୁ ବନବିଭାଗ କର୍ମଚାରୀମାନେ ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଥିଲେ। କେହି ଦାବିଦାର ଟ୍ରାକ୍ଟର ନେବାକୁ ଆସି ନଥିବାରୁ ପରିବହନ ବିଭାଗଠାରୁ ଟ୍ରାକ୍ଟର ମାଲିକ କିଏ ଜାଣିବାକୁ ଚିଠି କରିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଆରଆଇ ଅଫିସର ତାଲା ଭାଙ୍ଗି ଚୋରି



ଡୁରୁମୁଙ୍ଗା, ୧୨।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଚୋରି କରିଥିବା ଅଭିଯୋଗ ହୋଇଛି। କାର୍ଯ୍ୟାଳୟର ଗେଟ୍ ତାଲା ଭାଙ୍ଗି ଭିତରେ ପଶିବା ପରେ ଆଲମାରୀ ଚାବି ଭାଙ୍ଗି କାଗଜପତ୍ର ଏଣେତେଣେ ଫୋପାଡ଼ିଥିବା ଅଭିଯୋଗରେ ଦର୍ଶାଯାଇଛି। ଏକ ପୁରୁଣା ଲାପଟପ୍, କମ୍ପ୍ୟୁଟର ମାଉସ୍ ଡଙ୍ଗଲ ଚୋରି କରି ନେଇଯାଇଥିବା ନେଇ ଆରଆଇ ନରେଶ ମହାନ୍ତ ପାଟଣା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପାଟଣା ପୁଲିସ ଏକ ମାମଲା ରୁଜୁ କରିବା ସହ ସାଇଣ୍ଟିଫିକ ଟିମ ଓ ଡଗ ସ୍କ୍ୱାଡ ସହାୟତାରେ ତଦନ୍ତ କରାଯାଉଥିବା ଥାନାଧିକାରୀ କିରଣ ପ୍ରସାଦ ସାହୁ କହିଛନ୍ତି। ପାଟଣା ଥାନାଞ୍ଚଳରେ ଚୋରି ବଢ଼ୁଥିବା ବେଳେ ପୁଲିସ ରାତ୍ରକାଳୀନ ପାଟ୍ରୋଲିଂକୁ ଜୋରଦାର କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର



ବାରିପଦା,୧୨।୩(ସମିସ): ଭଞ୍ଜପୁରସ୍ଥ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗର ବାର୍ଷିକ ବିଭାଗୀୟ ଆଲୋଚନାଚକ୍ର ଅଧ୍ୟକ୍ଷ ଡ. ପ୍ରବୋଧ କୁମାର ଦେଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। 'ଭାରତୀୟ ଗଣତନ୍ତ୍ରରେ ମୌଳିକ ଅଧିକାରର ଗୁରୁତ୍ୱ' ଶୀର୍ଷକ ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟ ଆଲୋଚନାଚକ୍ରର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ମନ୍ତବ୍ୟ ରଖିଥିବାବେଳେ ବିଭାଗୀୟ ଅଧ୍ୟାପିକା ତଥା ପରିଚାଳନା ସମ୍ପାଦିକା ଜସ୍ମିନ ବାରିକ ବିଷୟଗତ ତଥ୍ୟ ଉପରେ ଆଲୋକପାତ କରିଥିଲେ। ଉକ୍ତ ଆଲୋଚନାଚକ୍ରରେ ଆଞ୍ଚଳିକ ମହାବିଦ୍ୟାଳୟ ଗଡିଆର ପୂର୍ବତନ ଅବସରପ୍ରାପ୍ତ ଅଧ୍ୟକ୍ଷ ସନ୍ଦୀପ କୁମାର ଚାନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ଅଭିଭାଷଣ ରଖିଥିଲେ। ବିଭାଗର ୯ ଜଣ ଛାତ୍ରଛାତ୍ରୀ ନିଜ ନିଜର ସନ୍ଦର୍ଭ ଉପସ୍ଥାପନ କରିଥିଲେ। ପରିଶେଷରେ ଅତିଥିଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯିବ ସଙ୍ଗେ ସଙ୍ଗେ ଅଧ୍ୟାପିକା ଜସ୍ମିନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

### ଶାନ୍ତି ମାର୍କେଟରେ ଜବରଦଖଲ ଉଚ୍ଛେଦ

# ଭଙ୍ଗାଗଲା ୧୫ ଦୋକାନ, ବସ୍‌ଷ୍ଟାଣ୍ଡ ପାଇଁ ପଥ ପରିଷ୍କାର

ରାସଗୋବିନ୍ଦପୁର,୧୨।୩ (ସମିସ)



ରାସଗୋବିନ୍ଦପୁର ଶାନ୍ତି ମାର୍କେଟ ଅଞ୍ଚଳରେ ଥିବା ଜବରଦଖଲ ଉପରେ ପ୍ରଶାସନ ପକ୍ଷରୁ ଗୁରୁବାର ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ପୂର୍ବରୁ ରାସଗୋବିନ୍ଦପୁର ତହସିଲ ପକ୍ଷରୁ ଜବରଦଖଲ ହଟାଇବା ପାଇଁ ଜାରି କରାଯାଇଥିବା ନୋଟିସ ଅନୁସାରେ ଆଜି ପ୍ରଥମ ପର୍ଯ୍ୟାୟରେ ଉଚ୍ଛେଦ କାର୍ଯ୍ୟ ସମ୍ପନ୍ନ କରାଯାଇଛି। ସ୍ଥାନୀୟ ତହସିଲଦାର ଉପେନ୍ଦ୍ର ଦାସ ଓ ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ଉପସ୍ଥିତିରେ ଦିନ ୧୧ଟା ସମୟରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏକ ଜେସିବି ମେସିନ୍ ସହାୟତାରେ ଏହି କାର୍ଯ୍ୟ ଚାଲି ଅପରାହ୍ନ ପ୍ରାୟ ୩ଟା ସମୟରେ ସମାପ୍ତ ହୋଇଥିଲା। ଏହି ଅଭିଯାନରେ ମୋଟ ୧୫ଟି ଦୋକାନକୁ ଜବରଦଖଲ ହଟାଯିବା ସହ ମମତା ଗୃହ ଓ ଅଙ୍ଗନବାଡି କେନ୍ଦ୍ରକୁ ମଧ୍ୟ ଉଚ୍ଛେଦ କରାଯାଇଥିବା ଜଣାପଡ଼ିଛି। ପ୍ରଶାସନ ତରଫରୁ ସୂଚନା ମିଳିଛି ଯେ, ଏହି ଜବରଦଖଲ ହଟାଇଥିବା ସ୍ଥାନରେ ରାସଗୋବିନ୍ଦପୁର ବସ୍‌ଷ୍ଟାଣ୍ଡ ନିର୍ମାଣ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟବହାର କରାଯିବ। ଏହାଦ୍ୱାରା ଅଞ୍ଚଳର ଯାତାୟାତ ବ୍ୟବସ୍ଥା ଓ ସ୍ଥାନୀୟ ଉନ୍ନତିରେ ସହାୟକ ହେବ ବୋଲି କୁହାଯାଉଛି। ଉଚ୍ଛେଦ ସମୟରେ ଆଇନଶୃଙ୍ଖଳା ରକ୍ଷା ପାଇଁ ରାସଗୋବିନ୍ଦପୁର ପୁଲିସ ପକ୍ଷରୁ ୧ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଏଥିସହିତ ମେଡିକାଲ ଟିମ ଓ ବିଦ୍ୟୁତ ବିଭାଗର ଅଧିକାରୀ ମଧ୍ୟ ଉପସ୍ଥିତ ରହି ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସୁଚାରୁ ଭାବେ ସମ୍ପନ୍ନ କରିଥିଲେ। ତେବେ ଉଚ୍ଛେଦ ପରେ ଜବରଦଖଲ କରିଥିବା ଦୋକାନୀ ପ୍ରଶାସନ ଉପରେ କ୍ଷୋଭ ପ୍ରକାଶ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ପ୍ରଶାସନ ପକ୍ଷରୁ ଥଇଥାନ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇ ନ ଥିବାରୁ ସେମାନେ ଜୀବିକା ସମସ୍ୟାରେ ପଡ଼ିଛନ୍ତି। ତେଣୁ ସେମାନଙ୍କ ପାଇଁ ଯଥାସମ୍ଭବ ବିକଳ୍ପ ବ୍ୟବସ୍ଥା କରିବାକୁ ପ୍ରଶାସନଙ୍କୁ ନିବେଦନ କରିଛନ୍ତି। ଏହି ଉଚ୍ଛେଦ ଫଳରେ ଶାନ୍ତି ମାର୍କେଟ ଅଞ୍ଚଳରେ କିଛି ସମୟ ପାଇଁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲେ ମଧ୍ୟ ପୁଲିସ ଉପସ୍ଥିତିରେ ସ୍ଥିତି ନିୟନ୍ତ୍ରଣରେ ରହିଥିଲା।

## ପ୍ରସ୍ତାବିତ ବାଇପାସ୍ ରିଙ୍ଗରୋଡ୍‌କୁ ୱାର୍ଡସଭାର ସମର୍ଥନ



ବଡ଼ବିଲ,୧୨।୩(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ସହରର ଟ୍ରାଫିକ ସମସ୍ୟା ସହିତ ଧୂଳିଧୂଆଁରୁ ରକ୍ଷା ପାଇବା ପାଇଁ ପ୍ରସ୍ତାବିତ ବଡ଼ବିଲ ବାଇପାସ୍ ରିଙ୍ଗରୋଡ ନିର୍ମାଣ ପାଇଁ ୱାର୍ଡସଭା ପୂର୍ଣ୍ଣ ସମର୍ଥନ ସହ ଶେଷ ହୋଇଛି। ଜିଲ୍ଲାପାଳଙ୍କ ପତ୍ରାଙ୍କ ସଂଖ୍ୟା ୫୦/ ଏଲଏ/ ୩୦.୧.୨୦୨୬, ବଡ଼ବିଲ ପୌର ପରିଷଦ ନୋଟିସ ନମ୍ବର୍ ୯୫୦/୫.୩.୨୦୨୬ ଅନୁଯାୟୀ ବଡ଼ବିଲ ପୌରାଞ୍ଚଳରେ ୩ ଦିନିଆ ୱାର୍ଡସଭା ସମାପ୍ତ ହୋଇଯାଇଛି। ଆଜି ପ୍ରଥମ ଦିନରେ ୧୩, ୧୪, ୧୫ ନମ୍ବର୍ ୱାର୍ଡ, ସୁନ୍ଦରାବସ୍ତି ପରିଚୟଗୃହ, କଳିଙ୍ଗ ଦୁର୍ଗାପୂଜା ପେଣ୍ଡାଲ ଓ ଉର୍ବିଛକ ପରିଚୟ ଗୃହରେ ୧୧ ତାରିଖରେ ୪,୭, ୮ ୱାର୍ଡରେ ଓ ୧୨ ତାରିଖରେ ୨ ଓ ୩ ନମ୍ବର୍ ୱାର୍ଡରେ ୱାର୍ଡସଭା ଶେଷ ହୋଇଯାଇଛି। ଜିଲ୍ଲା ଜମି ଅଧିଗ୍ରହଣ ଅଧିକାରୀ ରୋହିତ କୁମାର ପଣ୍ଡାଙ୍କ ନେତୃତ୍ୱରେ ବଡ଼ବିଲ ପୌର ଅଧିକାରୀ ରମେଶଚନ୍ଦ୍ର ନାୟକ, ବଡ଼ବିଲ ଅତିରିକ୍ତ ତହସିଲଦାର ଭୁବନାନନ୍ଦ ନାଏକ, ବଡ଼ବିଲ ପୌରଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଓବିସିସିର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଚିନ୍ମୟ ଜେନା, ସାଂସଦ ପ୍ରତିନିଧି ନୀଳମଣି ମହାନ୍ତ, କାଉନସିଲର ଶୁଭଶ୍ରୀ ଦେବସ୍ମିତା ପାତ୍ର, ଧର୍ମେନ୍ଦ୍ର ମହାନ୍ତ, ପାୟଲ ଦେବଗନ୍ ପ୍ରମୁଖ ଉପସ୍ଥିତ ଥିଲେ। ବାଇପାସ୍ ରିଙ୍ଗରୋଡ ନିର୍ମାଣ ପାଇଁ ଅନୁଷ୍ଠିତ ହୋଇଯାଇଥିବା ଏହି ୱାର୍ଡସଭାରେ ୱାର୍ଡବାସୀ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି।

## ଧାନ କିଣା ଅବ୍ୟବସ୍ଥା | ମଣ୍ଡି ସମ୍ମୁଖରେ ଚାଷୀଙ୍କ ଧାରଣା



ଡୁରୁମୁଙ୍ଗା, ୧୨।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କେନ୍ଦେଇପଶି ଲ୍ୟାମ୍ପସରେ ଧାନ କିଣାରେ ଅବ୍ୟବସ୍ଥା ସହ କଟନୀ ଛଟନୀ ବନ୍ଦ ଦାବିରେ ଗୁରୁବାର ଲ୍ୟାମ୍ପସ ଗେଟରେ ତାଲା ପକାଇ ଲ୍ୟାମ୍ପସ ସମ୍ମୁଖରେ ଚାଷୀମାନେ ଧାରଣା ଦେଇଥିଲେ। ଚାଷୀ ନୀଳାମ୍ବର ନାଏକ, ନନ୍ଦକିଶୋର ସେନାପତି, ଚାଷୀ ନେତା ଖଗେଶ୍ୱର ମହାନ୍ତଙ୍କ ସହ ଅନ୍ୟ ଚାଷୀମାନେ ଧାନକିଣା ନେଇ ଧାରଣାରେ ବସିଥିଲେ। ଚାଷୀଙ୍କ ଧାନ କିଣାରେ ଅବ୍ୟବସ୍ଥା ସହ କୁଇଣ୍ଟାଲ ପ୍ରତି ୫ରୁ ୮ କେଜି କଟନୀ କରାଯାଉଥିବା ଅଭିଯୋଗ ଆଣିବା ସହ ଚାଷୀଙ୍କ ଧାନ ଚାଷୀ ନିଜେ ମିଲକୁ ନେବା ପାଇଁ ଏମଡି କହୁଥିବା ଅଭିଯୋଗ ଆଣିଥିଲେ ଚାଷୀ। ମିଲର ଗାଡ଼ି ପଠାଉ ନଥିବା ଯୋଗୁଁ ଏଭଳି ସମସ୍ୟା ଦେଖା ଦେଇଥିବା ଏମଡି ସୁମନ୍ତ ବାରିକ୍ କହିଥିବା ବେଳେ ବିନା କଟନୀ ଛଟନୀରେ ତୁରନ୍ତ ଧାନ କିଣାଯିବା ଦାବିରେ ଲ୍ୟାମ୍ପସ ଗେଟ ସମ୍ମୁଖରେ ଚାଷୀ ଧାରଣାରେ ବସିଥିଲେ। ପରେ ସମସ୍ତ ଧାନ ସୁରୁଖୁରୁରେ କିଣାଯିବ ବୋଲି ଏମ୍‌ଡି ପ୍ରତିଶ୍ରୁତି ଦେବା ପରେ ଚାଷୀ ଧାରଣାରୁ ଉଠିଥିବା ଜଣାପଡ଼ିଛି।

## ଚେକ୍ ବାଉନ୍ସ ମାମଲା: ଅଭିଯୁକ୍ତଙ୍କୁ ନୋଟିସ

ହାଟଡ଼ିହୀ,୧୨।୩(ସମିସ): ଆନନ୍ଦପୁର ଉପବିଭାଗୀୟ ନ୍ୟାୟିକ ମ୍ୟାଜିଷ୍ଟ୍ରେଟ୍ (ଏସ୍‌ଡିଜେଏମ୍) କୋର୍ଟରେ ଦାୟର ହୋଇଥିବା ଏକ ଚେକ୍ ବାଉନ୍ସ ମାମଲାରେ ଅଭିଯୁକ୍ତଙ୍କୁ ପରବର୍ତ୍ତୀ ଶୁଣାଣି ଦିନ ଉପସ୍ଥିତ ରହିବାକୁ କୋର୍ଟ ନୋଟିସ୍ ଜାରି କରାଯାଇଛି। କେନ୍ଦୁଝର ଜିଲ୍ଲା ସୋସୋ ଥାନା ଅନ୍ତର୍ଗତ ତେନ୍ତୁଳିନଣ୍ଡା ଗ୍ରାମର ଅଭିଯୋଗକାରୀ ସୁଧାଂଶୁ ଶେଖର ମଲ୍ଲିକଙ୍କ ଦ୍ୱାରା ଦାୟର ହୋଇଥିବା ମାମଲା (ଆଇସିସି କେସ ନଂ.-୦୨/୦୩, ୨୦୨୩-୨୪) ଶୁଣାଣି କରି କଟକ ଜିଲ୍ଲା ମାହଙ୍ଗା ଥାନା ଅନ୍ତର୍ଗତ ମଣିଝରୀ ଗ୍ରାମର ଅଭିଯୁକ୍ତ ରଞ୍ଜନ କୁମାର ରାଉତ (୪୮)ଙ୍କୁ ଦେୱାନୀ କାର୍ଯ୍ୟବିଧି ସଂହିତା (ସିପିସି)ର ନିୟମ-୨୦, ଆଦେଶ-୫ ଅନୁଯାୟୀ, କୋର୍ଟରେ ଉପସ୍ଥିତ ହେବାକୁ ନୋଟିସ ଜାରି କରାଯାଇଛି। ବାରମ୍ବାର ହାଜିରା ନୋଟିସ ଜାରି ସତ୍ତ୍ୱେ ଅଭିଯୁକ୍ତ ରଞ୍ଜନ ପହଞ୍ଚି ନଥିବା କୋର୍ଟ ନିଜ ନୋଟିସରେ ଉଲ୍ଲେଖ କରିବା ସହ ଆସନ୍ତା ମାର୍ଚ୍ଚ ମାସ ୧୬ ତାରିଖ ସକାଳ ୧୦.୩୦ରେ ଆନନ୍ଦପୁର ଏସ୍‌ଡିଜେଏମ୍ କୋର୍ଟରେ ଅଭିଯୁକ୍ତ ନିଜେ କିମ୍ବା ତାଙ୍କ ଆଇନଜୀବୀ ମାଧ୍ୟମରେ ଉପସ୍ଥିତ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ତାରିଖରେ ଅଭିଯୁକ୍ତ ଉପସ୍ଥିତ ନ ହେଲେ, ଆଇନ ଅନୁଯାୟୀ ତାଙ୍କ ଅନୁପସ୍ଥିତିରେ ମାମଲାର ଶୁଣାଣି ଓ ନିଷ୍ପତ୍ତି ନିଆଯିବ ବୋଲି ଉକ୍ତ ନୋଟିସରେ ଉଲ୍ଲେଖ ରହିଛି।

## ଦୁର୍ଘଟଣାରେ ଯୁବକ ମୃତ

ଚମ୍ପୁଆ,୧୨।୩(ସମିସ): ବୁଧବାର ବିଳମ୍ବିତ ରାତିରେ ଦେଓଝରରୁ ନିଜ ବାଇକ ଯୋଗେ ଫେରୁଥିବା ବେଳେ ଶତହଳିଆ ଗ୍ରାମର ଅଶୋକ ନାଏକଙ୍କ ପୁଅ ସଚିଦାନନ୍ଦ ନାଏକ ଏକ ଅଜଣା ଗାଡି ଧକ୍କାରେ ମୃତ୍ୟୁବରଣ କରିଥିବା ପିତା ଅଶୋକ ନାଏକ ଚମ୍ପୁଆ ଥାନାରେ ଅଭିଯୋଗ କରିଛନ୍ତି। ପୁଅ ସଚିଦାନନ୍ଦ ନାଏକ ଦେଓଝରରୁ ଏକ ବିବାହ ଭୋଜିରୁ ଯୋଗ ଦେଇ ନିଜ ବୁଲେଟ ଗାଡ଼ି ନମ୍ବର ଓଡି୦୯ଏଡି ୧୭୪୮ ଯୋଗେ ନିଜ ଗ୍ରାମ ଶାତହଳିଆକୁ ଫେରୁଥିବା ବେଳେ ଅଜଣା ଗାଡି ତାଙ୍କୁ ଚମ୍ପୁଆ ଥାନା ରାମଚନ୍ଦ୍ର ନିକଟରେ ଧକ୍କା ଦେଇଥିଲା। ସକାଳୁ ଚମ୍ପୁଆ ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଚମ୍ପୁଆ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନାଧିକାରୀ ସୂଚନା ଦେବା ସହିତ ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି କହିଛନ୍ତି।

## ବୃଦ୍ଧାଙ୍କ ମାଡ଼ରେ ବୃଦ୍ଧା ମୃତ

ଚମ୍ପୁଆ,୧୨।୩(ସମିସ): ଚମ୍ପୁଆ ଥାନା ଅନ୍ତର୍ଗତ ଶିରପୁର ଗ୍ରାମରେ ଗତ ସନ୍ଧ୍ୟାବେଳେ ୨ ବୃଦ୍ଧାଙ୍କ ମଧ୍ୟରେ ବଚସା ଓ ମାଡ଼ ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବା ଚମ୍ପୁଆ ଥାନାଧିକାରୀ ସ୍ୱରୂପ ରଂଜନ ନାଏକ ସୂଚନା ଦେଇଛନ୍ତି। ଏନେଇ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସ୍ୱର୍ଗତ ସନାନତ ସର୍ଦ୍ଦାରଙ୍କର ପତ୍ନୀ ସମବାରୀ ଉକ୍ତ ଗ୍ରାମର ସ୍ୱର୍ଗତ ଚନ୍ଦ୍ର ସରଦାରଙ୍କ ପତ୍ନୀଙ୍କ ମଧ୍ୟରେ ବଚସା ହେବାରୁ ୫୫ ବର୍ଷିୟ ସମବାରୀ ଏକ କାଠ ଠେଙ୍ଗାରେ ଆକ୍ରମଣ କରିବାରୁ ୭୦ ବର୍ଷିୟ ବୃଦ୍ଧା ଗୁରୁତର ହୋଇଥିଲେ। ତାଙ୍କୁ ପରେ ଜିଲ୍ଲା ଚିକିତ୍ସାଳୟରେ ମୃତ ଘୋଷଣା କରାଯାଇଛି । ଏନେଇ ଚନ୍ଦ୍ର ସରଦାରଙ୍କ ପୁଅ ଚମ୍ପୁଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ସମବାରି ସରଦାରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଆକ୍ରମଣରେ ପୁଲିସ ଟିମ୍ ଲହୁଲୁହାଣ

ଡୁରୁମୁଙ୍ଗା, ୧୨।୩(ସମିସ): କେନ୍ଦୁଝର ଜିଲ୍ଲା ପାଟନା ଥାନା ସାହାରପଡ଼ା ଫାଣ୍ଡି ପୁଲିସ ଟିମ୍‌କୁ କିଛି ଗ୍ରାମବାସୀ ଆକ୍ରମଣ କରିଛନ୍ତି। ଚୋର ମଦ ଉପରେ ଚଢ଼ଉ କରିବାକୁ ଯାଇଥିବା ସମୟରେ ବାଲିତୋଟା ଗାଁର ଚାରି ଜଣ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏଥିରେ ସାହାରପଡ଼ା ଫାଣ୍ଡି ଅଧିକାରୀ ପାର୍ଥ ଓରାମଙ୍କ ସହ ଜଣେ ମହିଳା କନେଷ୍ଟବଳ ଆହତ ହୋଇ ପାଟନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲା ବେଳେ ଥାନାଧିକାରୀ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚଳାଇଛନ୍ତି। ସୂଚନା ଅନୁସାରେ, ଉକ୍ତ ୪ ଜଣ ସନ୍ଧ୍ୟା ୭ଟା ସମୟରେ ଅନ୍ଧାରର ସୁଯୋଗ ନେଇ ଆକ୍ରମଣ କରିବା ସହ ମୋବାଇଲ ଫୋନ ଭଙ୍ଗାରୁଜା କରିଥିବା ଜଣାପଡ଼ିଛି।

## ସରକାରୀ ବ୍ୟାଙ୍କରେ ନଗଦ ଟଙ୍କା ଅଭାବ

ଯୋଡ଼ା, ୧୨।୩(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ଅଞ୍ଚଳରେ ଏବେ ସରକାରୀ ବ୍ୟାଙ୍କଗୁଡ଼ିକରେ ଗ୍ରାହକଙ୍କୁ ନଗଦ ଟଙ୍କା ମିଳୁ ନଥିବା ଜଣାପଡ଼ିଛି। ନଗଦ ଅର୍ଥ ପ୍ରଦାନ ନ ଥିବାରୁ ଗ୍ରାହକ ହନ୍ତସନ୍ତ ହେଉଥିବା ଅଭିଯୋଗ ଆସୁଛି। ମିଳିଥିବା ସୂଚନା ଅନୁଯାୟୀ, ଯୋଡ଼ା ଖଣି ଅଞ୍ଚଳରେ ଥିବା ବିଭିନ୍ନ ବ୍ୟାଙ୍କ ଓ ଏଟିଏମରେ ଟଙ୍କା ନାହିଁ। ଗ୍ରାହକ ଟଙ୍କା ଉଠାଣ ନେଇ ହଇରାଣ ହେଉଛନ୍ତି। ଯୋଡ଼ାସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆରେ ଏମିତି ଘଟଣା ଦେଖିବାକୁ ମିଳିଛି। ଅନ୍ୟ ସରକାରୀ ବ୍ୟାଙ୍କରେ ମଧ୍ୟ ସମାନ ଅବସ୍ଥା ରହିଛି। ଖଣି ଅଞ୍ଚଳରେ ୨ ତାରିଖରୁ ୧୦ ତାରିଖ ଭିତରେ ବିଭିନ୍ନ କମ୍ପାନୀ, ଠିକାସଂସ୍ଥା ନିଜ ନିଜ କର୍ମଚାରୀଙ୍କ ଅର୍ଥ ସରକାରୀ ବ୍ୟାଙ୍କ ଜରିଆରେ ପୈଠ କରୁଥିବା ବେଳେ ବ୍ୟାଙ୍କ ଓ ଏଟିଏମଗୁଡିକରେ ଅର୍ଥ ନ ଥିବା ନେଇ ଗ୍ରାହକ ନାହିଁ ନ ଥିବା ଅସୁବିଧାରେ ପଡୁଥିବା ଦେଖିବାକୁ ମିଳୁଛି। ଏନେଇ ଗ୍ରାହକ ମହଲରେ ତୀବ୍ର ଅସନ୍ତୋଷ ଓ ପ୍ରତିକ୍ରିୟା ପ୍ରକାଶ ପାଇଛି। ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ନଗଦ ଟଙ୍କା ମହଜୁଦ ରଖିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାହକ ମହଲରେ ଦାବି ହୋଇଛି। ଏ ପ୍ରସଂଗରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରି ନଥିବା ବେଳେ ଅନ୍ୟ ଅଞ୍ଚଳର ସରକାରୀ ବ୍ୟାଙ୍କରେ ମଧ୍ୟ ଅନୁରୂପ ସମସ୍ୟା ଦେଖାଦେଇଥିବା ସୂଚନା ହସ୍ତଗତ ହୋଇଛି।

## କଳାପାଣି ଗ୍ରାମରେ ସୋଲାର ଅଚଳ | ଗ୍ରାମବାସୀଙ୍କ କୂଅ ପାଣି ଭରସା



କୁଆମରା,୧୨।୩(ସମିସ): ଖୁଣ୍ଟା ବ୍ଲକ ଭୋଳାଗଡିଆ ପଞ୍ଚାୟତ କଳାପାଣି ଗ୍ରାମରେ ତିନି ମାସ ହେବ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ନେଇଛି। ଏହି ଗ୍ରାମର ପାଖାପାଖି ୫୦ ପରିବାର ଥିବାବେଳେ ଏମାନଙ୍କ ପାଇଁ ଗୋଟିଏ ମାତ୍ର ନଳକୂପ ରହିଛି। ତେବେ ପ୍ରତିବର୍ଷ ଗ୍ରୀଷ୍ମଋତୁ ଆରମ୍ଭରୁ ଜଳସ୍ତର ହ୍ରାସ ହେବା ଯୋଗୁଁ ପାନୀୟ ଜଳ ସମସ୍ୟା ଦେଖାଦେଇଥାଏ। ଏଥି ନିମନ୍ତେ ଜଳ ପରିମଳ ପକ୍ଷରୁ ଏଠାରେ ଗୋଟିଏ ସୋଲାର ସ୍ଥାପନ ହୋଇଛି। ମାତ୍ର ସୋଲାରଟି ତିନି ମାସ ହେବ ଅଚଳ ହୋଇପଡ଼ିବା ଯୋଗୁଁ ଲୋକେ ପାନୀୟଜଳ ସମସ୍ୟା ଭୋଗୁଛନ୍ତି। ପୁରୁଣା ନଳକୂପଟି ମଧ୍ୟ କାର୍ଯ୍ୟରେ ଆସୁନାହିଁ। ଲୋକେ ବାଧ୍ୟ ହୋଇ ଗାଁରେ ଥିବା ଖୋଲାମେଲା କୂଅରୁ ଦୂଷିତ ଜଳ ସଂଗ୍ରହ କରୁଛନ୍ତି। ତେବେ ଏ ନେଇ ସରପଞ୍ଚଙ୍କୁ ଜଣାଇଥିବା କହିଛନ୍ତି ଗ୍ରାମର କହ୍ନେଇ ଲୋହାର, କାର୍ତ୍ତିକ ସିଂ, ବିପିନ ସିଂ, ମଙ୍ଗଲ ବେଶ୍ରା, ରତନ କିସ୍କୁ ପ୍ରମୁଖ। ସରପଞ୍ଚ ନନ୍ଦକିଶୋର ହାଁସଦାଙ୍କୁ ପଚାରିବାରୁ ସେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିବାର କହିଛନ୍ତି। ପରିମଳ ବିଭାଗ ଅଧିକାରୀ ଭବାନୀ ମହାନ୍ତ ଖୁବ୍‌ଶୀଘ୍ର ସମାଧାନ ହେବ ବୋଲି କହିଛନ୍ତି।

## ଶାସ୍ତ୍ରୀୟ ଭାଷା ଦିବସରେ 'ମତି ଗତି ବିଭୂତି' ପୁସ୍ତକ ଲୋକାର୍ପିତ

ମୋରଡା,୧୨।୩(ସମିସ): ମୋରଡା ବ୍ଲକ୍ ସଦର ମହକୁମା ଚିତ୍ରଡା ପଞ୍ଚାୟତର ସଭାଗୃହରେ ଶାସ୍ତ୍ରୀୟ ଭାଷା ଦିବସର ଶୁଭ ଅବସରରେ ଚିତ୍ରେଶ୍ୱରୀ ସାହିତ୍ୟ ସଂସଦ ଦ୍ୱାରା କବି ଅଜୟ କୁମାର ପାଲଙ୍କ ତୃତୀୟ ସଂକଳନ ଭାବେ କବିତା ପୁସ୍ତକ "ମତି ଗତି ବିଭୂତି'ର ଲୋକାର୍ପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ସାହିତ୍ୟ ସଂସଦର ଉପସଭାପତି ଜଗନ୍ନାଥ ଜେନା, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ପୁରୀ ଜିଲ୍ଲା ସଭାପତି ସୁଶ୍ରୀ କାବେରୀ ମିଶ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ଓ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସନ୍ଦୀପ କୁମାର ସାମଲ ମୁଖ୍ୟବକ୍ତା, ନଳିନୀ କୁମାର ଚୌଧୁରୀ ସମ୍ମାନିତ ଅତିଥି, ମୟୂରଭଞ୍ଜ ପୁସ୍ତକ ମେଳାର ସମ୍ପାଦକ ମନୋଜ ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମତି ଗତି ବିଭୂତି କବିତା ଅଜୟ କୁମାର ପାଲଙ୍କ ତୃତୀୟ ପର୍ବ ହୋଇଥିବାବେଳେ ଏଥିପାଇଁ ସମସ୍ତଙ୍କ ଆଶୀର୍ବାଦ କାମନା କରିଥିଲେ।



ଓଡ଼ିଶା ଇତିହାସରେ ପୂର୍ବରୁ ସୁନାମ ଧନ୍ୟ କବିତା ଗୁଡିକଠାରୁ ଉକ୍ତ କବିତା କୌଣସି ଗୁଣରେ କମ ନୁହେଁ ବୋଲି କହିଥିଲେ ମୁଖ୍ୟବକ୍ତା ଚିତ୍ରଡା ମହାବିଦ୍ୟାଳୟର ଅଧ୍ୟାପିକା ଅର୍ଚ୍ଚନା ପ୍ରଧାନ। ମିଥୁନ ମହାନ୍ତ, ପ୍ରିୟମ୍ବଦା ବେହେରା, ସସ୍ମିତା ଦତ୍ତ, ଅରୁଣ କୁମାର ଦେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନୃତତ୍ତ୍ୱ ବିଜ୍ଞାନ ଓ ଜନଜାତି ଅଧ୍ୟୟନ ବିଭାଗ ପକ୍ଷରୁ ଆଠଦିନିଆ କର୍ମଶାଳା




ବାରିପଦା,୧୨।୩(ସମିସ)

ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ସହାୟତାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଜ୍ଞାନ ଓ ଜନଜାତି ଅଧ୍ୟୟନ ବିଭାଗ ପକ୍ଷରୁ ଏକ ପ୍ରାଗ୍ ଐତିହାସିକ ଯୁଗୀୟ ଆଠଦିନିଆ କର୍ମଶାଳା କୁଳିଅଣାଠାରେ ଉଦଘାଟିତ ହୋଇଯାଇଛି। ଏହି କର୍ମଶାଳାକୁ ରେଭେନ୍ସା ବିଶ୍ୱବିଦ୍ୟାଳୟ, ଶର୍ମା ହେରିଟେଜ ଏଜ୍ୟୁକେସନ ସେଣ୍ଟର, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ପୁରୀ ସର୍କଲ ସହଯୋଗ କରିବେ। ଉଦଘାଟନୀ କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜାତୀୟ ମନୁମେଣ୍ଟ ଅଥରିଟିର ପୂର୍ବତନ ଚେୟାରମ୍ୟାନ ତଥା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କିଶୋର କୁମାର ବସା, ମୁଖ୍ୟ ପୃଷ୍ଠପୋଷକ ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ, ମୁଖ୍ୟବକ୍ତା ଭାବେ ଶର୍ମା ହେରିଟେଜ ଏଜ୍ୟୁକେସନ ସେଣ୍ଟର ନିର୍ଦ୍ଦେଶିକା ପ୍ରଫେସର ଶାନ୍ତି ପାପୁ, ପୃଷ୍ଠପୋଷକ ଭାବେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳଲୋଚନ ବାରିକ, ସହପୃଷ୍ଠପୋଷକ ଭାବେ ବିଶ୍ୱବିଦ୍ୟାଳୟ ପିଏମ୍ ଉଷା ନୋଡାଲ ଅଫିସର ପ୍ରଫେସର ଇନ୍ଦ୍ରଜିତ ନାୟକ, ସଂଯୋଜକ ଭାବେ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ, ଜନଜାତି ବିଭାଗର ଆସୋସିଏଟ ପ୍ରଫେସର ଡଃ ବସନ୍ତ କୁମାର ମହାନ୍ତ, ସହସଂଯୋଜକ ଭାବେ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ଓ ଜନଜାତି ବିଭାଗର ଡଃ ମୋନାଲି ଗୋସ୍ୱାମୀ, ଡଃ ପ୍ରିୟଙ୍କା ଦାସ ଓ ଡଃ ଭୁବନେଶ୍ୱର ଶବର ଯୋଗଦାନ କରି କର୍ମଶାଳାକୁ ଉଦଘାଟନ କରିଥିଲେ। ଏହି କର୍ମଶାଳାରେ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ, ଜନଜାତି ବିଭାଗ, ଇତିହାସ ବିଭାଗ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ନୃତତ୍ତ୍ୱ ବିଭାଗ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଗବେଷକ, ଅଧ୍ୟାପକ, ଅଧ୍ୟାପିକା ଅଂଶଗ୍ରହଣ କରିଥିଲେ। ଏହି ଆଠଦିନିଆ କର୍ମଶାଳା ମାଧ୍ୟମରେ ମୟୂରଭଞ୍ଜ ଜିଲ୍ଲା କୁଳିଅଣାଠାରେ ଲୁଚି ରହିଥିବା ପ୍ରାଗଐତିହାସିକ ଯୁଗର ସାମଗ୍ରୀର ପୁନଃଜୀବିତ କରାଯିବ। କୁଳିଅଣାଠାରେ ୧୯୪୮ରେ ପ୍ରସ୍ତର ଯୁଗର ପ୍ରଥମେ କୋଲକାତା ବିଶ୍ୱବିଦ୍ୟାଳୟର ନିର୍ମଳ ବୋଷ ଓ ଧରଣୀ ସେନ ଉତଖନନ କରିଥିଲେ। ମୟୂରଭଞ୍ଜ ଓଡ଼ିଶାର ପୁରାତତ୍ତ୍ୱ ଇତିହାସରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଭାବେ ପରିଚିତ। ପୂର୍ବରୁ ଏଠାରେ ସାର୍କ ପୋସିଲ୍ ଇତ୍ୟାଦି ମିଳିଥିବାବେଳେ ପ୍ରସ୍ତର ଯୁଗର ରହସ୍ୟ ଉନ୍ମୋଚିତ ହୋଇଥିଲା। ମୟୂରଭଞ୍ଜର ବିଭିନ୍ନ ସ୍ଥାନ ବିଶେଷକରି ଶିମିଳିପାଳ, କୁଳିଅଣା ଓ ବୁଢାବଳଙ୍ଗ ନଦୀ ଅବବାହିକାରୁ ମିଳିଥିବା ପାଷାଣ ହତିଆର ଓ ଅନ୍ୟାନ୍ୟ ଅବଶେଷ ନିମ୍ନ ପ୍ରସ୍ତର ଯୁଗରୁ ଆରମ୍ଭ କରି ମଧ୍ୟପ୍ରସ୍ତର ଯୁଗ ଓ କେତେକ ସ୍ଥଳରେ ଉଚ୍ଚ ପ୍ରସ୍ତର ଯୁଗ ଓ ମେସୋଲିଥିକ୍ ଯୁଗ ସହିତ ନୂତନ ପ୍ରସ୍ତର ଯୁଗ ସମ୍ପର୍କିତ ବୋଲି ପୁରାତତ୍ତ୍ୱବିଦ ମତ ରଖୁଛନ୍ତି। ଏହି ଅବଶେଷର ଆନୁମାନିକ ବୟସ ପ୍ରାୟ ଅଢେଇ ଲକ୍ଷ ବର୍ଷର ବୋଲି କୁହାଯାଉଛି। ଏହା ଏହି ଅଞ୍ଚଳରେ ମାନବ ବାସର ଦୀର୍ଘ ଐତିହାସିକ ପରମ୍ପରାକୁ ସ୍ପଷ୍ଟ ପ୍ରମାଣିତ କରୁଛି। ପ୍ରାଚୀନ କାଳରେ ଶିମିଳିପାଳ, କୁଳିଅଣା ତଥା ବୁଢାବଳଙ୍ଗ ଓ ସୁବର୍ଣ୍ଣରେଖା ନଦୀର ଅବବାହିକା ଓ ମଧ୍ୟଭାଗରେ ପ୍ରାଗ୍-ଐତିହାସିକ ମାନବ ବାସ ପାଇଁ ବିଶେଷ ଭାବେ ଉପଯୁକ୍ତ ଥିଲା। ଏହି ଅଞ୍ଚଳରେ ପର୍ଯ୍ୟାପ୍ତ ଜଳ ସମ୍ପଦ, ଘନ ଜଙ୍ଗଲ, ଶିକାର ଯୋଗ୍ୟ ପଶୁପକ୍ଷୀ ଓ ପାଷାଣ ହତିଆର ତିଆରି ପାଇଁ ଆବଶ୍ୟକ କାର୍ଟଜାଇଟ୍, କାର୍ଟଜ୍ ପରି କଞ୍ଚାମାଲ ସହଜରେ ମିଳିପାରୁଥିଲା।

## ଆଜିର ରାଶିଫଳ

**ମେଷ:** ପରିଶ୍ରମର ଫଳ ମିଳିବ। ଦିନଟି ଶୁଭଫଳ ପ୍ରଦାନ କରିବ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ନୂଆ ପ୍ରୋଜେକ୍ଟ ଆରମ୍ଭ କରିବା ପାଇଁ ଅନୁକୂଳ ସମୟ। ବରିଷ୍ଠ ଅଧିକାରୀ କାର୍ଯ୍ୟ ପାଇଁ ପ୍ରଶଂସା କରିବେ।

**ବୃଷ:** ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ କଠିନ ପରିଶ୍ରମ କରିବେ। ମାନ ସମ୍ମାନ ବୃଦ୍ଧି ପାଇବ। ଧାର କରଜରୁ ଦୂରେଇ ରହିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ମିଥୁନ:** ଅଚାନକ ଶୁଭ ଖବର ପାଇବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ। ଯୋଜନା ମୁତାବକ କାର୍ଯ୍ୟ କରନ୍ତୁ।

**କର୍କଟ:** ବନ୍ଧୁଙ୍କୁ ଆର୍ଥିକ ସାହାଯ୍ୟ କରିବେ। କ୍ୟାରିୟର ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। ମନ ପ୍ରସନ୍ନ ରହିବ। ଉଧାର ଟଙ୍କା ଫେରି ପାଇବେ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ। ଅଫିସ୍ କାର୍ଯ୍ୟରେ ସଫଳତା ଲାଭ କରିବେ।

**କନ୍ୟା:** ଆଶା କରିଥିବା ଦିଗରୁ ଲାଭବାନ ହେବେ। ବନ୍ଧୁ ମିଳନରେ ଯୋଗ ଦେବେ। ଆର୍ଥିକ ସ୍ଥିତିରେ ସୁଧାର ହେବ। ପିତାମାତାମାନେ ପିଲାଙ୍କ ଭବିଷ୍ୟତ କଥା ଚିନ୍ତା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ତୁଳା:** ସକାରାତ୍ମକ ଚିନ୍ତାଧାରାରେ ଦିନ ବିତିବ। ଲେଖାଲେଖି ପ୍ରତି ମନ ବଳାଇବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି।

**ବିଛା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ପୈତୃକ ସମ୍ପତ୍ତିକୁ ନେଇ ଘରେ ଅଶାନ୍ତି ସୃଷ୍ଟି ହେବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାମ୍ନାରେ ନିଜ ପକ୍ଷ ରଖିବେ। ମହିଳାମାନେ ଘର କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ଧନୁ:** କର୍ମଚଞ୍ଚଳ ରହିବେ। ପରିଶ୍ରମ ଅନୁଯାୟୀ ଫଳ ମିଳିବ ନାହିଁ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମେଡିକାଲ କ୍ଷେତ୍ରରେ ସଫଳତା ମିଳିବ। ବୈବାହିକ ଜୀବନ ସୁଖମୟ ହେବ।

**ମକର:** ଦୀର୍ଘ ଦିନର ଆଶା ପୂରଣ ହେବ। ଧାର କରଜରୁ ଦୂରେଇ ରହିବେ। ଅଫିସ୍‌ରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି। ଘରକୁ ଅତିଥିଙ୍କ ଆଗମନ ହେବ। ଦୀର୍ଘଦିନର କାମ ପୂରା କରିବେ।

**କୁମ୍ଭ:** ଦିନଟି ହସଖୁସିରେ ଅତିବାହିତ କରିବେ। ଜୀବନସାଥୀଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ। ଯାନବାହନ ଚଳାଚଳ ସମୟରେ ସାବଧାନତା ଅବଲମ୍ବନ କରିବେ। ସାମାଜିକ କାର୍ଯ୍ୟରେ ଯୋଗ ଦେବେ।

**ମୀନ:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ବ୍ୟବସାୟରେ ଉନ୍ନତି ହେବ। ଅଫିସ୍ କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଧୈର୍ଯ୍ୟର ସହ ପ୍ରତ୍ୟେକ କାର୍ଯ୍ୟ କରିବେ। କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ।

## ଆଜିର ଇତିହାସ

- ୧୮୮୧- ରୁଷର ଶାସକ ଆଲେକ୍‌ଜାଣ୍ଡାର୍ ଦ୍ୱିତୀୟଙ୍କୁ ହତ୍ୟା କରାଗଲା।
- ୧୯୨୧- ମଙ୍ଗୋଲିଆ ଚୀନ୍‌ଠାରୁ ସ୍ୱାଧୀନ ହେଲା।
- ୧୯୯୨: ତୁର୍କୀରେ ଭୂମିକମ୍ପ ଯୋଗୁଁ ୫୦୦ ଲୋକଙ୍କ ମୃତ୍ୟୁ।
- ୧୯୯୬- କଲିକତାର ଇଡେନ୍ ଗାର୍ଡେନ୍‌ଠାରେ ଚାଲିଥିବା କ୍ରିକେଟ୍ ବିଶ୍ୱକପ୍ ଫାଇନାଲରେ ଭାରତ ଶ୍ରୀଲଙ୍କାଠାରୁ ହାରିଗଲା।
- ୨୦୦୯ - ସାର୍କ ସାହିତ୍ୟସ୍ତୋବ ଆଗ୍ରାରୁ ଆରମ୍ଭ ହେଲା।

## ମୋବାଇଲ ଆସକ୍ତି
# ଦୁର୍ବଳ ହେଉଛି ଯୁବପିଢ଼ିଙ୍କ ମାନସିକତା



ଆଜିକାଲିର ଯୁବପିଢ଼ି ମୋବାଇଲର ଅଧିକ ବ୍ୟବହାର କରୁଥିବାରୁ ସେମାନଙ୍କଠାରେ ଅଧିକ ମାନସିକ ସମସ୍ୟା ଦେଖାଯାଉଛି। ବିଶେଷଜ୍ଞଙ୍କ କହିବା କଥା, ପରିବାର ଲୋକଙ୍କଠାରୁ ଦୂରେଇ ରହିବା, ଡିଜିଟାଲ ଆସକ୍ତି, ଅବସାଦ ଯୁବପିଢ଼ିଙ୍କୁ ଗମ୍ଭୀର ମାନସିକ ସମସ୍ୟା ଆଡ଼କୁ ନେଉଛି। ଏସବୁ ମାନସିକ ରୋଗର ଲକ୍ଷଣ। ସେହିପରି ଆଜିକାଲି ପ୍ରତି ବୟସବର୍ଗଙ୍କ ହାତରେ ମୋବାଇଲ। ହେଲେ ଏଥିରେ କିଏ କ'ଣ ଦେଖୁଛି କିମ୍ବା କେମିତି ଏହାକୁ ଉପଯୋଗ କରୁଛି ସେକଥା ଜାଣିବାକୁ କେହି ନାହାନ୍ତି। ଏହାବାଦ୍ ୱେବ୍ ସିରିଜ୍ ଏବଂ ଫିଲ୍ମ ଆଦିରେ ଦେଖାଯାଉଥିବା ହିଂସା, ଗାଳି ଗୁଲଜ, ଅସାମାନ୍ୟ ବ୍ୟବହାର ଧୀରେ ଧୀରେ ଯୁବପିଢ଼ିଙ୍କ ଲାଗି ସାଧାରଣ କଥା ପାଲଟିଛି। ଲଗାତାର ଏଭଳି ଜିନିଷ ଦେଖିବା ଦ୍ୱାରା ସେମାନେ ସେସବୁ ପ୍ରତି ସମ୍ବେଦନଶୀଳ ରହି ନ ଥାନ୍ତି। ବିଶେଷଜ୍ଞଙ୍କ କହିବା କଥା, ଇଣ୍ଟରନେଟ୍‌ର ବିପଜ୍ଜନକ ଓ ଭୁଲ୍ ତଥ୍ୟ ଜଣକର ମାନସିକ ସ୍ଥିତିକୁ ଆହୁରି ଖରାପ କରିପାରେ। ଏଭଳି ଘଟଣା ସାମାନ୍ୟ ମାନସିକତାର ସଙ୍କେତ ନୁହେଁ, ବରଂ ଗମ୍ଭୀର ମାନସିକ ଅସନ୍ତୁଳନର ପରିଣାମ। ପରିବାର ସଦସ୍ୟଙ୍କ ମଧ୍ୟରେ କମ୍ ଯୋଗାଯୋଗ ଏକ ବଡ଼ ସମସ୍ୟା ଭାବେ ସାମ୍ନାକୁ ଆସୁଛି।

ବିଶେଷଜ୍ଞଙ୍କ କହିବା କଥା,' ପିତାମାତା ପିଲାଙ୍କ ସହିତ ପର୍ଯ୍ୟାପ୍ତ ସମୟ ଅତିବାହିତ କରିପାରୁ ନାହାନ୍ତି। ପାଠପଢ଼ାକୁ ନେଇ ପିଲାଙ୍କୁ ଚାପ ପକାଇବା ତଥା ପାଟି କରିବା ଠିକ୍ ଉପାୟ ନୁହେଁ। କାରଣ ପ୍ରତ୍ୟେକ ପିଲା ସମାନ ନୁହନ୍ତି। ପିଲାଙ୍କୁ ବୁଝିବା, ସେମାନଙ୍କ ସହିତ ଖୋଲା ଖୋଲି କଥା ହେବା ଏବଂ ଭାବନାତ୍ମକ ସହଯୋଗ ଦେବା ନିହାତି ଜରୁରି। ପିଲାଙ୍କ ସହ ଅଧିକ ସମୟ ଅତିବାହିତ କରିବା ସହ ସେମାନଙ୍କ ମାନସିକ ସ୍ଥିତି ଉପରେ ଧ୍ୟାନ ଦେବା ଉଚିତ। ଯଦି ବ୍ୟବହାରରେ କୌଣସି ଅସାମାନ୍ୟ ପରିବର୍ତ୍ତନ ପରିଲକ୍ଷିତ କରାଯାଏ, ତେବେ ତୁରନ୍ତ ମନୋଚିକିତ୍ସକଙ୍କ ପରାମର୍ଶ ନେବା ଆବଶ୍ୟକ। ମାନସିକ ସ୍ୱାସ୍ଥ୍ୟକୁ ଅଣଦେଖା କରିବା ଆଗକୁ ଗମ୍ଭୀର ସମସ୍ୟା ସୃଷ୍ଟି କରିପାରେ।

# ପୋଷା ପ୍ରାଣୀ ଖଟରେ ଶୋଉଥିଲେ...



ଅନେକ ଲୋକ ନିଜ ପୋଷା କୁକୁର ଓ ବିଲେଇକୁ ପାଖରେ ଶୁଆଇଥାନ୍ତି। କହିବାକୁ ଗଲେ, ଗୋଟିଏ ଖଟରେ ପୋଷା ବିଲେଇ, କୁକୁରଙ୍କ ସହିତ ମାଲିକ ମଧ୍ୟ ଶୋଇଥାନ୍ତି। ତେବେ ପୋଷା ପ୍ରାଣୀଙ୍କ ସହ ଗୋଟିଏ ଖଟରେ ଶୋଇ କିଏ ଶାନ୍ତି ଅନୁଭବ କରେ ତ ଆଉ ପୁଣି କିଏ ଏହାକୁ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ବୋଲି ଭାବିଥାଏ। ତେବେ ଅଲଗା ଅଲଗା ଦେଶରେ ଏଭଳି ଅଭ୍ୟାସକୁ ନେଇ ହୋଇଥିବା ସର୍ଭେରୁ ଏକ ରୋଚକୀୟ ତଥ୍ୟ ସାମ୍ନାକୁ ଆସିଛି। ୟୁଗଭ୍ ସର୍ଭେ ଅନୁସାରେ, ଜର୍ମାନୀରେ ପ୍ରତି ତିନିରୁ ଜଣେ ମାଲିକ ନିଜ ପୋଷା ପ୍ରାଣୀଙ୍କୁ ଖଟରେ ଶୁଆଇ ଥାନ୍ତି। ଏହା ସ୍ୱିଜରଲ୍ୟାଣ୍ଡ, ଫ୍ରାନ୍ସ, ଅଷ୍ଟ୍ରିଆ ଏବଂ ଇଟାଲିଠାରୁ ଯଥେଷ୍ଟ ଅଧିକ। ସେହିପରି ବ୍ରିଟେନରେ ପ୍ରାୟ ୪୪ ପ୍ରତିଶତ କୁକୁର ଏବଂ ବିଲେଇ ନିଜ ମାଲିକ ସହିତ ଶୋଇଥାନ୍ତି। ନେଦରଲ୍ୟାଣ୍ଡରେ ଏହି ସଂଖ୍ୟା ପ୍ରାୟ ୪୫ ପ୍ରତିଶତ। ଏପରିକି ଅଧା ମାଲିକ ପୋଷା ପ୍ରାଣୀଙ୍କୁ ନିଜ ମୁହଁକୁ ଚାଟିବାକୁ ଅନୁମତି ଦେଇଥାନ୍ତି। ସେହିପରି ୟୁରୋପରେ ପୋଷା ପ୍ରାଣୀ ଓ ମାଲିକ ଅଲଗା ଅଲଗା ଖଟରେ ଶୁଅନ୍ତି। ଅବଶ୍ୟ ଏହାକୁ ନେଇ ବିଶେଷଜ୍ଞଙ୍କ ମତ ସମାନ ନୁହେଁ। ଏନେଇ ଜର୍ମାନ ଆନିମଲ ୱେଲଫେୟାର୍ ଆସୋସିଏସନର କହିବା କଥା, ପୋଷାପ୍ରାଣୀ ମାଲିକ ଗୋଟିଏ ଖଟରେ ଶୋଇବା ଅଧିକ ଖରାପ କି ଭଲ ନୁହେଁ। ଏହା ହେଉଛି ବ୍ୟକ୍ତିଗତ ରୁଚି। ସେମାନେ ଏକଥା ମଧ୍ୟ କହିଛନ୍ତି, ପୋଷା ପ୍ରାଣୀକୁ ପାଖରେ ଶୁଆଉଥିଲେ ସେମାନେ ସଫାସୁତୁରା ରହିବା ଦରକାର। ଏ ଦୃଷ୍ଟିରୁ ପୋଷା ପ୍ରାଣୀ ମାଛି, ଟିଙ୍କ କିମ୍ବା କୃମି ମୁକ୍ତ ହେବା ଉଚିତ। କାରଣ ଏହାଦ୍ୱାରା ପରଜୀବୀ ବ୍ୟାପିପାରେ। ଅନେକ ଗବେଷଣାରେ କୁହାଯାଇଛି ଯେ, ପୋଷାପ୍ରାଣୀଙ୍କ ସହ ମଣିଷ ଏକାଠି ଶୋଇବା ଦ୍ୱାରା ସଂକ୍ରମଣ ବ୍ୟାପିବା ଆଶଙ୍କା ବଢ଼ିପାରେ। ଏହାବାଦ୍ ବୈଜ୍ଞାନିକମାନେ ବିଶେଷ ଚେତାବନୀ ଦେଇଛନ୍ତି ଯେ, ଛୋଟ ପିଲା, ବୟସ୍କ, ଗର୍ଭବତୀ ମହିଳା ଏବଂ ଦୁର୍ବଳ ରୋଗପ୍ରତିରୋଧକ ଶକ୍ତିଥିବା ଲୋକେ ଏହାକୁ ନେଇ ଅଧିକ ସାବଧାନତା ଅବଲମ୍ବନ କରିବା ଜରୁରି। ବିଶେଷଜ୍ଞଙ୍କ ମତରେ, ଛୋଟ ପିଲା ଶୋଉଥିବା ଖଟକୁ ପୋଷା ପ୍ରାଣୀ ଆସିବା ଅନୁଚିତ। କାରଣ ସେମାନଙ୍କୁ ପୋଷାପ୍ରାଣୀ କାମୁଡ଼ିବା କିମ୍ବା ରାମ୍ପୁଡ଼ିବାର ଆଶଙ୍କା ଥାଏ। କେବଳ ସେତିକି ନୁହେଁ, ପୋଷା ପ୍ରାଣୀଙ୍କ ସହିତ ଶୋଇବାର ପ୍ରଭାବ ନିଦ ଉପରେ ପଡ଼ିଥାଏ। ବ୍ରିଟେନର ଏକ ତଥ୍ୟ ଅନୁସାରେ, ପ୍ରତି ତିନି ଜଣରେ ଜଣେ ବ୍ୟକ୍ତିଙ୍କ ନିଦ ପୋଷା ପ୍ରାଣୀଙ୍କ ସହିତ ଶୋଇବା ଯୋଗୁଁ ଭାଙ୍ଗିଯାଏ। ଯେଉଁମାନଙ୍କୁ ରାତିରେ ଭଲରେ ନିଦ ହୁଏ ନାହିଁ ଓ ଯାହାଙ୍କର ଆଲର୍ଜି ରହିଛି ସେମାନେ ପୋଷାପ୍ରାଣୀଙ୍କ ସହ ଶୋଇବା ଅନୁଚିତ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦିଅନ୍ତି।

# ଦେଶର ସବୁଠୁ ଦାମୀ ଅଭିନେତା
## ୧୦ ଦିନ ପାଇଁ ନେଇଛନ୍ତି ୧୫୦ କୋଟି



କମଲ ହାସନ୍ ଜଣେ ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ଭାବେ ଜଣାଯାନ୍ତି। ତାଙ୍କ ଅଭିନୀତ ଫିଲ୍ମଗୁଡ଼ିକୁ ମଧ୍ୟ ଅର୍ନ୍ତଜାତୀୟସ୍ତରରେ ପ୍ରସିଦ୍ଧି ମିଳିଛି। ତାଙ୍କର ଭୂମିକାଗୁଡ଼ିକୁ ମଧ୍ୟ ଦର୍ଶକେ ବେଶ୍ ପସନ୍ଦ କରନ୍ତି। ୭୦ ବର୍ଷ ବୟସରେ ସେ ଫିଲ୍ମରେ ଲିଡ୍ ରୋଲରେ ନଜର ଆସୁଛନ୍ତି। କମଲଙ୍କ ଅଭିନୀତ ଫିଲ୍ମଗୁଡ଼ିକର ବଜେଟ୍ ମଧ୍ୟ ବେଶ୍ ଅଧିକ ହୋଇଥାଏ। ଶେଷଥର ପାଇଁ ସେ 'କଲ୍‌କି ୨୮୯୮ ଏଡି'ରେ ଦେଖାଯାଇଥିଲେ। ଏଥିରେ ପ୍ରଭାସ ଓ ଅମିତାଭ ବଚ୍ଚନଙ୍କ ତୁଳନାରେ ତାଙ୍କ ଭୂମିକା ବେଶ୍ ଛୋଟ ଥିଲେ ବି ଦର୍ଶକଙ୍କୁ ତାହା ବେଶ୍ ପ୍ରଭାବିତ କରିଥିଲା। 'କଲ୍‌କି ୨୮୯୮ ଏଡି'ର ସିକ୍ୱେଲରେ ତାଙ୍କର ଭୂମିକା ପୂର୍ବାପେକ୍ଷା ଆହୁରି ଭୟଙ୍କର ହେବ ବୋଲି ଫିଲ୍ମର ଶେଷରେ ଇସାରା ଦିଆଯାଇଥିଲା। ନିକଟରେ ନିର୍ଦ୍ଦେଶକ ଯୁଗୀ ସେଥୁ କମଲଙ୍କୁ ନେଇ କହିଛନ୍ତି, 'ସେ ଜଣେ ସର୍ବଭାରତୀୟସ୍ତରର କଳାକାର। ସେ 'କଲ୍‌କି ୨୮୯୮ ଏଡି 'ର ୧୦ ଦିନର ସୁଟିଂ ପାଇଁ ୧୫୦ କୋଟି ନେଇଛନ୍ତି। ସେ ଦେଶର ସବୁଠୁ ଅଧିକ ପାରିଶ୍ରମିକ ନେଉଥିବା କଳାକାର।' କିଛି ଦିନ ପୂର୍ବରୁ ବିଗ୍ ବି 'କଲ୍‌କି ପାର୍ଟ ୨'କୁ ନେଇ ଅପଡେଟ୍ ଦେଇଥିଲେ। ଦୀର୍ଘଦିନ ପରେ ସେ ତାଙ୍କ ସାଙ୍ଗ କମଲଙ୍କ ସହ କାମ କରିବାକୁ ଯାଉଛନ୍ତି ବୋଲି ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରିଥିଲେ। କମଲ ଓ ବିଗ୍‌ବି ଶେଷଥର ପାଇଁ ୧୯୮୫ରେ 'ଗିରଫ୍ତାର' ଫିଲ୍ମରେ କାମ କରିଥିଲେ। ଆଉ ଏବେ ୪୧ ବର୍ଷ ପରେ ଏଦୁହେଁ ଏକାଠି କାମ କରିବେ। 'କଲ୍‌କି ପାର୍ଟ ୧'ର ବଜେଟ୍ ଥିଲା ୫୦୦ କୋଟି। ଏହା ସାରା ବିଶ୍ୱରେ ୧୦୦୦ କୋଟି ଆୟ କରିଥିଲା। ଏହାର ପ୍ରଥମ ପାର୍ଟରେ ନାୟିକା ଭାବେ ଦୀପିକା ପାଦୁ୍ୟକୋନ୍ ଦେଖାଯାଇଥିଲେ। ହେଲେ ଏହାର ସିକ୍ୱେଲରୁ ଦୀପିକାଙ୍କୁ ବାଦ୍ ଦିଆଯାଇଛି।

## ଘରୋଇ ଉପଚାର






# କାନରେ ପୂଯ ହେଲେ ...

- ଫିଟିକିରି ଖଇ ଚୂର୍ଣ୍ଣ ପକାଇଲେ କାନପଚା ଭଲ ହୁଏ।
- ଅଦାରସ ଓ ରସୁଣ ମିଶାଇ କାନରେ ପକାଇଲେ ଉପଶମ ମିଳିଥାଏ।
- ତାର୍ପିନ ତେଲ ୪/୫ ଟୋପା ପକାଇଲେ କାନପୂଯ ଭଲ ହୁଏ।
- ମାଣ ସାରୁର ଡେମ୍ଫକୁ ନିଆଁରେ ସେକି ତା ରସ ପକାଇଲେ କାନରେ ପୂଯ ଦୋଷ ଦୂର ହୁଏ।
- ଖାଣ୍ଟି ସୋରିଷ ତେଲ ଅଧପା ଲୁହା କରେଇରେ ଫୁଟାଇବେ। ଫେଣଶୂନ୍ୟ ହେଲେ ଗୋଟିଏ ବା ଦୁଇଟି ଶାମୁକାର ମାଂସ ପକାଇ ରାନ୍ଧିବେ। ମାଂସ ପୋଡ଼ି କଳାବର୍ଣ୍ଣ ହେଲେ ତେଲକୁ ଛାଣି ଶିଶିରେ ରଖିବେ। ତୂଳାରେ କାନରୁ ପୂଯ ବାହାର କରି ସେହି ତେଲ କାନରେ ପକାଇଲେ ବହୁ ଦିନର କାନପଚା ରୋଗ ଭଲ ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

# କର୍କଟ ପୀଡ଼ିତଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଉପାୟ



**କର୍କଟ କୋଷକୁ ନଷ୍ଟ କରିବାକୁ କେମୋଥେରାପି, ରେଡିଓଥେରାପି କିମ୍ବା ସର୍ଜରୀ ପ୍ରକ୍ରିୟା ଆପଣା ଯାଇଥାଏ। ଏହି ପ୍ରକ୍ରିୟା କର୍କଟ କୋଷ ନଷ୍ଟ କରିବା ସହ ଶରୀରର ରୋଗପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଥାଏ। ଏପରିସ୍ଥିତିରେ ରୋଗୀଙ୍କୁ ସଂକ୍ରମଣ, ଥକ୍କାପଣ ଏବଂ ଅନ୍ୟ ରୋଗ ଆଶଙ୍କା ରହିଥାଏ। ତେଣୁ ଚିକିତ୍ସା ସହିତ ସୁସ୍ଥ ଜୀବନଶୈଳୀକୁ ଆପଣାଇ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରାଯାଇପାରିବ।**

କର୍କଟ ଚିକିତ୍ସା ସମୟରେ ଏବଂ ପରେ ପୀଡ଼ିତଙ୍କ ଶରୀରରେ ଅଧିକ ପୋଷଣର ଆବଶ୍ୟକ ହୁଏ। ତେଣୁ ଡାଏଟ୍‌ରେ ତଟକା ଫଳ, ପନିପରିବା, ଅଣ୍ଡା, ପ୍ରୋଟିନ୍ ଓ ଭିଟାମିନ -ସି'ଯୁକ୍ତ ଖାଦ୍ୟ ସାମିଲ କରି ପାରିବେ। ଅତ୍ୟଧିକ ତେଲ ମସଲାଯୁକ୍ତ ଖାଦ୍ୟ, ମିଠା, ସ୍ନାକ୍ସ, ମଟନ, କଞ୍ଚା କିମ୍ବା ଅଧାସିଝା ମାଂସ ଖାଇବା ଅନୁଚିତ। ଭୋକ କମ୍ ଲାଗୁଥିଲେ ଦିନରେ ୫ରୁ୬ ଥର କରି ଛୋଟ ଛୋଟ ମିଲ ନେଇ ପାରିବେ। ପର୍ଯ୍ୟାପ୍ତ ପାଣି ପିଇବା ଆବଶ୍ୟକ। ଚିକିତ୍ସା ପରେ ଶରୀର ଅଧିକ ଥକ୍କା ଲାଗେ। ତେଣୁ ୭ରୁ ୮ ଘଣ୍ଟା ଶୋଇବା ଦ୍ୱାରା ଶରୀରର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଡାକ୍ତରଙ୍କ ପରାମର୍ଶ ନେଇ ହାଲୁକା ବ୍ୟାୟାମ, ଯୋଗ, ପ୍ରାଣାୟମ କରିପାରିବେ। କର୍କଟ ଚିକିତ୍ସା ପରେ ରୋଗପ୍ରତିରୋଧକଶକ୍ତି କ୍ଷମତା ଦୁର୍ବଳ ହୋଇ ସଂକ୍ରମଣ ଆଶଙ୍କା ବଢ଼ିଯାଏ। ତେଣୁ ଭିଡ ସ୍ଥାନକୁ ଯିବା ଅନୁଚିତ। ହାତକୁ ବାରମ୍ବାର ସାବୁନରେ ସଫା କରିବା ଆବଶ୍ୟକ।

ଜ୍ୱର, କାଶ କିମ୍ବା ସଂକ୍ରମଣ ଜନିତ ସମସ୍ୟା ହେଲେ ତୁରନ୍ତ ଡାକ୍ତରଙ୍କୁ ଯୋଗାଯୋଗ କରନ୍ତୁ। ମାନସିକ ଭାବେ ସୁସ୍ଥ ରହିବା ମଧ୍ୟ ଜରୁରି।

ଚିକିତ୍ସାହେବା ପରେ ଡାକ୍ତରଙ୍କ ପରାମର୍ଶରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଜରୁରି। ରକ୍ତପରୀକ୍ଷା କିମ୍ବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ସମୟେ ସମୟେ କରିବା ଏକାନ୍ତ ଆବଶ୍ୟକ।

# ଫ୍ଲାସ୍ ରେଡିଓଥେରାପି

ବିଶୃଙ୍ଖଳିତ ଜୀବନଶୈଳୀ, ଅନିୟମିତ ଖାଦ୍ୟପେୟ, ଚିନ୍ତା, ବଂଶାନୁଗତରୋଗ ଆଦି କାରଣରୁ କର୍କଟ ରୋଗ ହୋଇଥାଏ। କର୍କଟ ରୋଗ ପାଇଁ ଅନେକ ଚିକିତ୍ସା ପଦ୍ଧତି ଥିଲେ ମଧ୍ୟ ଫ୍ଲାଶ୍ ରେଡିଓଥେରାପି ବରଦାନ ସଦୃଶ। ଏହା ଏକ ଆଡଭାନ୍ସ ରେଡିଓଥେରାପି ଟେକ୍ନୋଲୋଜି। କର୍କଟ ରୋଗର ପର୍ଯ୍ୟାୟ ଅନୁସାରେ ଡାକ୍ତର ରୋଗୀଙ୍କୁ ଅସ୍ତ୍ରୋପଚାର, କେମୋଥେରାପି ତଥା ରେଡିଓଥେରାପି ଚିକିତ୍ସା ଯୋଗାଇଥାନ୍ତି। ଏହାଦ୍ୱାରା ଯନ୍ତ୍ରଣା କମ୍ ହୁଏ। ପାରମ୍ପରିକ ରେଡିଓଥେରାପି ତୁଳନାରେ ଫ୍ଲାସ୍ ରେଡିଓଥେରାପି ଅଧିକ ପ୍ରଭାବୀ ଓ ସୁରକ୍ଷିତ। ଏହାକୁ ଫ୍ଲାଶ୍ ଆର୍‌ଟି କୁହାଯାଏ। ଏଥିରେ ମଲେକୁଲାର ଟ୍ରିଟ୍‌ମେଣ୍ଟ ଏବଂ ଆଡଭାନ୍ସ ଡାୟଗୋନିଷ୍ଟିକ୍ ଟୁଲ୍‌ର ବ୍ୟବହାର କରାଯାଏ। ଏହା କର୍କଟ କୋଷିକାକୁ ତୁରନ୍ତ ଚିହ୍ନଟ କରି ନଷ୍ଟ କରିବାକୁ ପ୍ରଭାବୀ ହୋଇଥାଏ। ଲ୍ୟୁକେମିଆ କର୍କଟ, ପ୍ରୋଷ୍ଟେଟ୍ କର୍କଟ ଆଦି ପାଇଁ ଏହି ଥେରାପି ଭଲ। ଏହି ଥେରାପିରେ ରୋଗୀଙ୍କୁ ହସ୍ପିଟାଲରେ ଅଧିକ ଦିନ ରହିବାକୁ ପଡ଼େନାହିଁ। ରୋଗୀର ସ୍ଥିତି, ରୋଗର ପ୍ରକାରକୁ ଦେଖି ଡାକ୍ତର ରେଡିଓ ଥେରାପି ସହ ହାଇ ଡୋଜ୍ ଦିଅନ୍ତି। ଟ୍ୟୁମର ଯୋଗୁଁ ହେବାକୁ ଥିବା କ୍ଷତିକୁ ଏହି ଥେରାପି କମ୍ କରିଥାଏ। ଏଥିରେ କମ୍ ପାଶ୍ୱର୍ପ୍ରତିକ୍ରିୟା ଦେଖାଯାଏ।



## 'ସକାଳ'ର ସ୍ୱାସ୍ଥ୍ୟ
# ବ୍ରେନ୍ ଫଗ୍



ଅତ୍ୟାଧୁନିକ ଜୀବନଶୈଳୀ, କାମ ଚାପ, ଅର୍ଥନୈତିକ ଦାୟିତ୍ୱବୋଧ, ସାମାଜିକ ଗଣମାଧ୍ୟମରେ ବ୍ୟସ୍ତ ଆଦି ବିଭିନ୍ନ କାରଣରୁ ଅଧିକାଂଶ ଯୁବପିଢ଼ି ବ୍ରେନ୍ ଫଗ୍‌ରେ ପୀଡ଼ିତ। ବ୍ରେନ୍ ଫଗ୍ ଏଭଳି ଏକ ଅବସ୍ଥା ଯେଉଁଥିରେ ମସ୍ତିଷ୍କ ପୂରା ଜାମ୍ ହୋଇଯାଏ। ଜଣେ କ'ଣ କରିବ ନ କରିବ କିଛି ବୁଝି ପାରନ୍ତିନି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମୁତାବକ, ଦୀର୍ଘ ସମୟ କାର୍ଯ୍ୟ କରିବା, ଲଗାତାର ଚିନ୍ତା, ହରମୋନ ଅସନ୍ତୁଳନ, ଶରୀରରେ ଜଳୀୟଅଂଶ କମିବା, ଅନିଦ୍ରା ରହିବା ଅଭ୍ୟାସ ସ୍ମୃତିଶକ୍ତିକୁ ଦୁର୍ବଳ କରିଥାଏ। ବ୍ରେନ୍ ଫଗ୍ ସମସ୍ୟା ହେଲେ ଧ୍ୟାନକେନ୍ଦ୍ରିତ କରିବାରେ ବାଧା ସୃଷ୍ଟି କରେ। ସ୍ମୃତିଶକ୍ତି ଦୁର୍ବଳ ହୁଏ। କଥାବାର୍ତ୍ତା ସମୟରେ ସାଧାରଣ କଥାକୁ ଭୁଲି ଯିବା ବ୍ରେନ୍ ଫଗ୍‌ର ଲକ୍ଷଣ। ବ୍ରେନ୍‌ଫଗ୍‌ରେ ପୀଡ଼ିତ ମାନସିକ ଥକ୍କାପଣ, ଦ୍ୱନ୍ଦ୍ୱ, ଏକାଗ୍ରତାରେ ହ୍ରାସ ଆଦି ସମସ୍ୟାକୁ ସାମନା କରିଥାନ୍ତି। କେବଳ ସେତିକି ନୁହେଁ, ପୋଷକତତ୍ତ୍ୱର ଅଭାବ, ଭିଟାମିନ୍ ବି୧୨, ଭିଟାମିନ୍ ଡି୩ ଏବଂ ଲୌହସାର ଅଭାବ ମଧ୍ୟ ବ୍ରେନ୍ ଫଗ୍‌ର ମୂଳ କାରଣ। ଯଦିଓ ବ୍ରେନ୍ ଫଗ୍ କୌଣସି ରୋଗ ନୁହେଁ, ହେଲେ ଏହା ମାନସିକ ଅସୁସ୍ଥତାକୁ ସୂଚାଏ। ଅଧିକାଂଶ ଯୁବପିଢ଼ିଙ୍କଠାରେ ଏହି ସମସ୍ୟା ଅଧିକ ଦେଖାଯାଉଛି। ଏପରି ସ୍ଥିତିରେ ଥକ୍କା ଲାଗିବା, କେଶ ଝଡ଼ିବା, ଚର୍ମ ହଳଦିଆ ପଡ଼ିଯିବା ଆଦି ଲକ୍ଷଣ ଦେଖା ଦେଲେ, ରକ୍ତ ପରୀକ୍ଷା କରିବା ଜରୁରି। ତାସହିତ ଏହି ସମସ୍ୟାରୁ ବର୍ତ୍ତିବା ପାଇଁ ଦିନରେ ୬ରୁ ୭ ଘଣ୍ଟା ଶୋଇବା ଜରୁରି। ପ୍ରତିଦିନ ୩୦ ମିନିଟ୍ ବ୍ୟାୟାମ କରିବା ସହ ସନ୍ତୁଳିତ ଖାଦ୍ୟ ଖାଇବା ଆବଶ୍ୟକ। ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। ସ୍କ୍ରୀନ୍ ସମୟ ସୀମିତ କରନ୍ତୁ। ଅଚାନକ କିଛି କଥାକୁ ଭୁଲୁଥିଲେ କିମ୍ବା ମୁଣ୍ଡବିନ୍ଧା ଲକ୍ଷଣ ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ସହ ସମ୍ପର୍କ କରିବା ଆବଶ୍ୟକ।

# ଏଚ୍‌ସିଜି ଟେଷ୍ଟ

ଗର୍ଭଧାରଣ' ପ୍ରତ୍ୟେକ ମହିଳାଙ୍କ ପାଇଁ ଏକ ଅମୂଲ୍ୟ ଅନୁଭୂତି। ଗର୍ଭାବସ୍ଥା ଆରମ୍ଭରୁ ଏହାର ସଠିକ୍ ଚିହ୍ନଟ ଗୁରୁତ୍ୱ ବହନ କରେ। ତେଣୁ ଗର୍ଭଧାରଣ ହେଲା କି ନାହିଁ ଜାଣିବାକୁ ଅଧିକାଂଶ ପରିସ୍ରା ପରୀକ୍ଷା (ୟୁରିନ୍ ଟେଷ୍ଟ) କରିଥାନ୍ତି। ଏଥିରେ ପ୍ରାୟତଃ ଫଳାଫଳ ବିଶ୍ୱାସ ଯୋଗ୍ୟ ହୁଏନି। ମହିଳା ଗର୍ଭବତୀ ଅଛନ୍ତି କି ନାହିଁ ଏହାର ନିଶ୍ଚିତତା ଜାଣିବା ପାଇଁ ଡାକ୍ତର ବ୍ଲଡ୍ ଏଚ୍‌ସିଜି ଟେଷ୍ଟ କରାନ୍ତି। ଏହି ଟେଷ୍ଟ ସବୁଠୁ ବିଶ୍ୱାସଯୋଗ୍ୟ। ଏଚ୍‌ସିଜି ଟେଷ୍ଟରେ ହ୍ୟୁମାନ୍ କୋରିଓନିକ ଗୋନାଡୋଟ୍ରପିନ୍ (ଏଚ୍‌ସିଜି) ହରମୋନ୍ ମାତ୍ରା ମପାଯାଏ। ଏହି ହରମୋନ୍ ଗର୍ଭାବସ୍ଥା ପରେ ସୃଷ୍ଟି ହେବା ଆରମ୍ଭ କରେ। ଏହି ହରମୋନ୍ ଗର୍ଭ ପରୀକ୍ଷାକୁ ସକାରାତ୍ମକ ବନାଏ। ଗର୍ଭବସ୍ଥାକୁ ନେଇ କିଛି ସନ୍ଦେହ ଆସିଲେ ସେରମ ବିଟା ଏଚ୍‌ସିଜି ପରୀକ୍ଷା କରାଯାଏ। ଏଚ୍‌ସିଚି ଟେଷ୍ଟ ସହିତ ଗର୍ଭ ଭିତରେ କି ବାହାରେ ଅଛି ଜାଣିବାପାଇଁ ଡାକ୍ତରଙ୍କ ପରାମର୍ଶରେ ଅଲ୍‌ଟ୍ରାସାଉଣ୍ଡ (ଟିଭିଏସ୍) କରିବା ନିହାତି ଆବଶ୍ୟକ।



୨୦୨୬ ଫିଫା ବିଶ୍ୱକପ୍ ଫୁଟବଲ

# ଇରାନ ବଦଳରେ ଭାଗନେବ ଇରାକ

ତେହରାନ,୧୨।୩(ଏଜେନ୍ସି): ଇରାନ କ୍ରୀଡ଼ାମନ୍ତ୍ରୀ ଅହମ୍ମଦ୍ ଦୋନ୍ୟାମାଲୀଙ୍କ କହିବା ଅନୁଯାୟୀ ଆମେରିକାରେ ଖେଳାଯିବାକୁ ଥିବା ଚଳିତବର୍ଷର ଫିଫା ବିଶ୍ୱକପ୍ ଫୁଟବଲରେ ଇରାନ ଅଂଶଗ୍ରହଣ କରିବ ନାହିଁ। ଦୋନ୍ୟାମାଲୀଙ୍କ କହିବା କଥା ହେଲା, ଇସ୍ରାଏଲ ସହ ମିଶି ଆମେରିକା ଇରାନ ଉପରେ ଆକ୍ରମଣ କରିଚାଲିଛି। ଏଥିରେ ଆମର ନେତା ଆୟାତୋଲା ଅଲି ଖାମେନେଇଙ୍କ ସମେତ ୧୩୦୦ରୁ ଊର୍ଦ୍ଧ୍ୱ ସାଧାରଣ ଜନତା ପ୍ରାଣ ହରାଇଲେଣି। ଏପରିକି ଗୋଟିଏ ସ୍ଥାନରେ ୧୬୦ରୁ ଊର୍ଦ୍ଧ୍ୱ ଛାତ୍ରୀ ପ୍ରାଣ ହରାଇଛନ୍ତି। ଏଭଳି ସ୍ଥିତିରେ ଆମେରିକା ଆମ ଲାଗି ବିପଦ ସୃଷ୍ଟି କରିଛି। ସେଭଳି ଦେଶରେ ଯାଇ ଆମେ ଫୁଟବଲ ଖେଳିବା ଅର୍ଥ ଆମ ଖେଳାଳି ଓ କର୍ମକର୍ତ୍ତାଙ୍କୁ ବିପଦ ମୁହଁକୁ ଠେଲି ଦେଇ ପାରିବୁ ନାହିଁ। ଆମେ କୌଣସି ପରିସ୍ଥିତିରେ ଜୁନ୍ ୧୧ରୁ ଜୁଲାଇ ୧୯ ଯାଏ ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବୁ ନାହିଁ ବୋଲି ସେ ଘୋଷଣା କରିଛନ୍ତି। ଏହା ଫଳରେ ଇରାନ ଏହି ଫିଫା ବିଶ୍ୱକପ୍‌ରେ ଭାଗନେବ ନାହିଁ।







**ଆମେରିକାରେ ସମସ୍ତ ମ୍ୟାଚ୍:** ସୂଚନାଯୋଗ୍ୟ ଏହି ବିଶ୍ୱକପ୍‌ରେ ପ୍ରଥମଥର ୪୮ଟି ଟିମ୍ ଅଂଶଗ୍ରହଣ କରୁଥିଲାବେଳେ ଗ୍ରୁପ-ଜି'ରେ ସ୍ଥାନ ପାଇଛି ଇରାନ। ଏହି ଗ୍ରୁପ୍‌ରେ ବେଲଜିୟମ, ଇଜିପ୍ଟ ଓ ନ୍ୟୁଜିଲାଣ୍ଡକୁ ସ୍ଥାନ ମିଳିଛି। ଏହି ବିଶ୍ୱକପକୁ ମିଳିତଭାବେ ୩ଟି ଦେଶ ଆୟୋଜନ କରୁଥିଲାବେଳେ ଗ୍ରୁପ୍-ଜି'ରେ ଇରାନ ତାହାର ସମସ୍ତ ୩ଟି ଯାକ ମ୍ୟାଚ୍ ଆମେରିକାରେ ଖେଳିବ। ଏହା ମଧ୍ୟରୁ ୨ଟି ଲସ୍‌ଆଞ୍ଜେଲସରେ ଓ ଗୋଟିଏ ସିଆଟଲ୍‌ରେ ଖେଳାଯିବାର କାର୍ଯ୍ୟକ୍ରମ ଥିଲା। ଏ ସମ୍ପର୍କରେ ଫିଫା କିମ୍ବା ଇରାକ ଫୁଟବଲ ମହାସଂଘ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

**ଇରାକକୁ ସୁଯୋଗ:** ଏହି ଟୁର୍ଣ୍ଣାମେଣ୍ଟରୁ ଇରାନ ଓହରିଯିବା ପରେ ତାହା ବଦଳରେ କେଉଁ ଦେଶ ଖେଳିବ ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ୍। ଏପରି ଯଦି ହୁଏ ତେବେ ଇରାନ୍‌ର ପଡୋଶୀ ଦେଶ ଇରାକ ଲାଭବାନ ହେବ। ଏବେ ଇରାକ ଇଣ୍ଟର-କନଫେଡେରେସନ ପ୍ଲେ ଅଫ୍ ଆସନ୍ତାମାସ ଖେଳିବ। ଫିଫାର ନିୟମ ଅନୁଯାୟୀ ଯଦି କୌଣସି ଦେଶ ବିଶ୍ୱକପ୍‌ରୁ ଓହରିଯାଏ, ତେବେ ସେହି ଅଞ୍ଚଳ ବା ପଶ୍ଚିମ ଏସିଆର ଯୋଗ୍ୟତା ଅର୍ଜନ କରି ନ ଥିବା ଫିଫା ର୍‍ୟାଙ୍କିଙ୍ଗ୍‌ରେ ଥିବା ଶ୍ରେଷ୍ଠ ଦଳ ଯୋଗ୍ୟତା ଅର୍ଜନ କରିବ। ଏଭଳି ସ୍ଥିତିରେ ଇରାକ ଏବେ ଯୋଗ୍ୟତା ଅର୍ଜନ କରିନାହିଁ ଓ ଏସିଆ ମହାଦେଶରେ ଏହାର ର୍‍ୟାଙ୍କିଙ୍ଗ୍ ଇରାନ ପଛକୁ ଶ୍ରେଷ୍ଠ ରହିଛି। ଇରାନ ଓହରିଯିବା ପରେ ଫିଫା ନିୟମ ଅନୁଯାୟୀ ଇରାକ ତାହା ସ୍ଥାନରେ ଖେଳିବ। ପ୍ଲେ ଅଫ୍‌ରେ ଆଉ ଇରାକ୍‌କୁ ଖେଳିବାକୁ ପଡ଼ିବ ନାହିଁ। ଇରାକ ସ୍ଥାନରେ ୟୁଏଇ ପ୍ଲେ ଅଫ୍‌ରେ ଅଂଶଗ୍ରହଣ କରିବ। ଇରାକଠାରୁ ୟୁଏଇ ଏଏଫ୍‌ସି ୫ମ ରାଉଣ୍ଡ କ୍ୱାଲିଫାୟର ଟୁର୍ଣ୍ଣାମେଣ୍ଟରେ ଖେଳିବ।

**କ୍ଷତିପୂରଣ ୩ କୋଟି ଟଙ୍କା:** ଫିଫାର ନିୟମ ଅନୁଯାୟୀ ବିଶ୍ୱକପ୍ ମ୍ୟାଚ୍ ଆରମ୍ଭର ଏକ ମାସ ପୂର୍ବରୁ ଯଦି କୌଣସି ଦେଶ ଟୁର୍ଣ୍ଣାମେଣ୍ଟରୁ ଓହରିଯାଏ, ସେହି ଦେଶ ବିପକ୍ଷରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହା ଫଳରେ ଆର୍ଥିକ ଦଣ୍ଡ ଭାରତୀୟ ମୁଦ୍ରାରେ ପାଖାପାଖି ୩ କୋଟି ଟଙ୍କା ସମ୍ପୃକ୍ତ ଦେଶ ଦେବ। ସେହିପରି ଫିଫା ପ୍ରତିଯୋଗିତାରେ ଏହି ଦେଶର ଅଂଶଗ୍ରହଣ ଉପରେ ବାସନ୍ଦ ଲାଗୁ ହେବ। ଏହି ଦେଶ ବଦଳରେ ଆଉ ଏକ ଦେଶକୁ ଖେଳିବାର ସୁଯୋଗ ମିଳିବ। ଚଳିତବର୍ଷ ଜୁନ୍ ୧୧ରେ ବିଶ୍ୱକପ୍ ଖେଳାଯିବ। ଇରାନ ଫୁଟବଲ ସଂଘ ଏବେ ସୁଦ୍ଧା ସରକାରଙ୍କ ନିଷ୍ପତ୍ତି ଉପରେ ପ୍ରତିକ୍ରିୟା ପ୍ରକାଶ କରିନାହିଁ କିମ୍ବା ବିଶ୍ୱକପ୍‌ରେ ଅଂଶଗ୍ରହଣ ନ କରିବା ନେଇ କୌଣସି ନିଷ୍ପତ୍ତି ଫିଫାକୁ ଜଣାଇନାହିଁ। କିନ୍ତୁ ସରକାରଙ୍କ ନିଷ୍ପତ୍ତି ଉପରେ କୌଣସି କ୍ରୀଡ଼ା ସଂଘ କିଛି କରିପାରିବେ ନାହିଁ। ଏଣୁ ଇରାନ ଏହି ବିଶ୍ୱକପ୍‌ରେ ଖେଳିବ ନାହିଁ, ଏବଂ ଇରାନ ସ୍ଥାନରେ ନିୟମ ଅନୁଯାୟୀ ଇରାକ୍‌କୁ ସ୍ଥାନ ମିଳିବ। ଏ ସମ୍ପର୍କରେ ଫିଫା ପକ୍ଷରୁ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ପରିବର୍ତ୍ତନ ସମ୍ପର୍କରେ ଘୋଷଣା କରାଯିବ।

## ଦ୍ରାବିଡଙ୍କୁ 'ବିସିସିଆଇ ଆଜୀବନ ଅବଦାନ' ପୁରସ୍କାର

ନୂଆଦିଲ୍ଲୀ, ୧୨।୩ (ଏଜେନ୍ସି): ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇର ବାର୍ଷିକୀ ପୁରସ୍କାର ପ୍ରଦାନ ଉତ୍ସବ ମାର୍ଚ୍ଚ ୧୫ରେ ଜାତୀୟ ରାଜଧାନୀ ଦିଲ୍ଲୀରେ ଅନୁଷ୍ଠିତ ହେବ। ଏଥିରେ ଭାରତୀୟ କ୍ରିକେଟକୁ ଅତୁଳନୀୟ ଅବଦାନ ଲାଗି ପୂର୍ବତନ ଅଧିନାୟକ ତଥା କୋଚ୍ ରାହୁଲ ଦ୍ରାବିଡଙ୍କୁ ସମ୍ମାନଜନକ ଲାଇଫଟାଇମ ଆଚିଭମେଣ୍ଟ ତଥା 'ଆଜୀବନ ଅବଦାନ ପୁରସ୍କାର'ରେ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫି ସହ ସମ୍ମାନିତ କରାଯିବ। ସେହିଭଳି ଶୁବମାନ ଗିଲ୍ ବର୍ଷ ୨୦୨୫ ଲାଗି ଶ୍ରେଷ୍ଠ ଭାରତୀୟ କ୍ରିକେଟର୍ ପୁରସ୍କାର ଗ୍ରହଣ କରିବେ। ବିସିସିଆଇର ଲାଇଫଟାଇମ୍ ଆଚିଭମେଣ୍ଟ ପୁରସ୍କାର ଜିତିବାରେ ଦ୍ରାବିଡ୍ ୧୮ତମ ଭାରତୀୟ କ୍ରିକେଟର୍ ହେବେ। ୧୯୯୪ରେ ଲାଲା ଅମରନାଥ ସର୍ବପ୍ରଥମେ ଏହି ସମ୍ମାନଜନକ ଟ୍ରଫି ଜିତିଥିଲେ। ଶେଷ କ୍ରିକେଟର୍ ଭାବେ ୨୦୨୫ରେ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କୁ ସମ୍ମାନିତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଭାରତୀୟ କ୍ରିକେଟ୍‌କୁ ଦ୍ରାବିଡଙ୍କ ଅତୁଳନୀୟ ଅବଦାନ ରହିଛି। 'ଦି ୱାଲ୍' ଭାବେ ଖ୍ୟାତି ଅର୍ଜନ କରିଥିବା ଦ୍ରାବିଡ୍ ଟେଷ୍ଟ କ୍ରିକେଟରେ ୧୩ ହଜାରରୁ ଊର୍ଦ୍ଧ୍ୱ ଏବଂ ଦିନିକିଆରେ ୧୦ ହଜାରରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ଦୀର୍ଘ ୧୬ ବର୍ଷ ଧରି ସେ ଭାରତୀୟ କ୍ରିକେଟ୍‌ର ମଧ୍ୟକ୍ରମ ବ୍ୟାଟିଂ ଭାର ସମ୍ଭାଳିଥିଲେ। ୨୦୧୨ରେ କ୍ରିକେଟ୍‌କୁ ଅଲ୍‌ବିଦା କରିବା ପରେ ଦ୍ରାବିଡ ପ୍ରଥମେ ଭାରତୀୟ ଜୁନିଅର ଓ ପରେ ସିନିଅର ଦଳର ପ୍ରଶିକ୍ଷକ ଦାୟିତ୍ୱ ସମ୍ଭାଳିଥିଲେ। ତାଙ୍କ ପ୍ରଶିକ୍ଷଣ କାଳରେ ଭାରତୀୟ ସିନିଅର ଦଳ ୨୦୨୪ରେ ଆଇସିସି ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା। ଅପରପକ୍ଷରେ ୨୦୨୫ର ଶ୍ରେଷ୍ଠ ଭାରତୀୟ କ୍ରିକେଟର୍ ଭାବେ ଗିଲ୍‌ଙ୍କୁ 'ପଲ୍ଲୀ ଉମ୍ରିଗର ପୁରସ୍କାର' ପ୍ରଦାନ କରାଯିବ। ୨୬ ବର୍ଷୀୟ ଗିଲ୍ ୨୦୨୫ ସିଜନରେ ୩ଟି ଯାକ ଫର୍ମାଟରେ ୪୯ ହାରରେ ମୋଟ୍ ୧୭୬୪ ରନ ସଂଗ୍ରହ କରିଥିଲେ।

ଶେଷରେ ମାନିଲେ ସୂର୍ଯ୍ୟକୁମାର

## ଅନ୍ଧବିଶ୍ୱାସ ଯୋଗୁଁ ହୋଟେଲ ବଦଳାଇଥିଲୁ

ମୁମ୍ବାଇ,୧୨।୩(ଏଜେନ୍ସି): ନିକଟରେ ଶେଷ ହୋଇଥିବା ପୁରୁଷ ଟି-୨୦ ବିଶ୍ୱକପ୍ କ୍ରିକେଟରେ ଚାମ୍ପିଅନ ହୋଇଥିବା ଭାରତ କିପରି ଅନ୍ଧବିଶ୍ୱାସର ଶିକାର ହୋଇ ହୋଟେଲ ବଦଳାଇଥିଲେ ତାହାକୁ ସ୍ୱୀକାର କରିଛନ୍ତି ଭାରତୀୟ କ୍ରିକେଟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ। ସାମ୍ବାଦିକଙ୍କ ସହ ଗୁରୁବାର ଅନୌପଚାରିକ ଆଲୋଚନା ବେଳେ ଟିମ୍ ଇଣ୍ଡିଆ ଅନ୍ଧବିଶ୍ୱାସ ଯୋଗୁଁ ହୋଟେଲ ବଦଳାଇଥିଲାବେଳେ ସ୍ୱୀକାର କରିଛନ୍ତି। ତାଙ୍କ କହିବା କଥା ଅନୁଯାୟୀ ଆମେ ଇଂଲଣ୍ଡ ସହ ସେମିଫାଇନାଲ ଖେଳିବାକୁ ମୁମ୍ବାଇ ଯିବାବେଳେ ଏ ପ୍ରସଙ୍ଗ କେହି ଜଣେ ବିମାନରେ ଉଠାଇଥିଲେ। ଯାହା ଫଳରେ




ସଙ୍ଗେ ସଙ୍ଗେ ବିସିସିଆଇ ସହାୟତାରେ ଭାରତର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ଲାଗି ବୁକ୍ ହୋଇଥିବା ହୋଟେଲଙ୍କୁ ଛାଡି ଅନ୍ୟ ହୋଟେଲ ବୁକ୍ କରାଯାଇଥିଲା। ସଂଘର୍ଷମୂଳକ ସେମିଫାଇନାଲରେ ଇଂଲଣ୍ଡକୁ ଭାରତ ହରାଇବା ପରେ ଏକଥା ସ୍ପଷ୍ଟ ହୋଇଯାଇଥିଲା। ସେହିପରି ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲ ପୂର୍ବରୁ ମଧ୍ୟ ଭାରତ ରହୁଥିବା ହୋଟେଲରେ ନ ରହି ଅନ୍ୟ ଏକ ହୋଟଲରେ ରହିଥିଲେ। ଏପରିକି ଖେଳାଳିଙ୍କ ଡ୍ରେସିଂରୁମ୍‌ରେ ମଧ୍ୟ ପରିବର୍ତ୍ତନ କରାଯାଇଥିଲା। ଭାରତ ଚାମ୍ପିଅନ ହେବା ପରେ ଏହି ଅନ୍ଧବିଶ୍ୱାସ ଦୃଢ଼ ହୋଇଛି। ଆଧୁନିକ ଯୁଗରେ ଏହାକୁ କେହି ମାନୁ ନ ଥିଲେ ମଧ୍ୟ ଭାରତରେ ଖେଳୁଥିବା ବେଳେ ଦଳ ଏକ ନିର୍ଦ୍ଦିଷ୍ଟ ହୋଟେଲରେ ରହିଥାଏ। କିନ୍ତୁ ଟି-୨୦ ବିଶ୍ୱକପ୍ ଲାଗି ଦଳକୁ ଏଭଳି ନିଷ୍ପତ୍ତି ନେବାକୁ ପଡ଼ିଥିଲା।

## ସମର୍ଥନମ୍ କପ୍: ଓଡ଼ିଶା ୨-୧ରେ ସିରିଜ୍ ଜିତିଲା

ଭୁବନେଶ୍ୱର,୧୨।୩(ସମିସ): ବେଙ୍ଗାଲୁରୁଠାରେ ଓଡ଼ିଶା ଓ କର୍ଣ୍ଣାଟକ ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଦୃଷ୍ଟିବାଧିତ କ୍ରିକେଟ ସିରିଜ୍ ଆଜି ଶେଷ ହୋଇଛି। ଆଜିର ମୁକାବିଲାରେ ଓଡ଼ିଶାକୁ ୮ ୱିକେଟରେ ପରାସ୍ତ କରି ଶାନ୍ତ୍ୱନାମୂଳକ ବିଜୟ ହାସଲ କରିଛି। ପ୍ରଥମ ଦୁଇଟି ମ୍ୟାଚ୍‌ରେ ବିଜୟୀ ହୋଇଥିବା ଓଡ଼ିଶା ଶେଷ ମ୍ୟାଚ୍‌ରେ ପରାଜିତ ହେବା ସତ୍ତ୍ୱେ ୨-୧ ବ୍ୟବଧାନରେ ସିରିଜ୍ କବ୍‌ଜା କରିଛି। ଏହା ସହିତ ବି-୧, ବି-୨, ବି-୩'ରେ ଓଡ଼ିଶାର ଦେବରାଜ ବେହେରା, ପଙ୍କଜ ଓ ଲିଙ୍ଗରାଜ ରାଉତରା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। କର୍ଣ୍ଣାଟକ ପକ୍ଷରୁ ୧୪୬ ରନ୍‌ର ମ୍ୟାଚ୍ ବିଜୟୀ ଇନିଂସ



ଖେଳିଥିବା ରବି ବାନ୍ଦିୱାଦରଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଆଜିର ମ୍ୟାଚ୍‌ରେ ରାମଦାସ ମୁର୍ମୁ ୮୭, ସୁଖରାମ ମାଝୀ ୫୯, ଲାଲପ୍ରସାଦ ୫୩ ଓ ଦେବରାଜ ବେହେରା ୪୮ ରନ୍ କରିଥିଲେ। ଏହା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୯ ୱିକେଟରେ ୩୭୭ ରନ୍ କରିଥିଲା। ଜବାବରେ ରବିଙ୍କ ୧୪୬ ଓ ସୁନୀଲ ରମେଶଙ୍କ ୭୯ ରନ୍ ସହାୟତାରେ କର୍ଣ୍ଣାଟକ ମାତ୍ର ୩୭.୧ ଓଭରରେ ୮ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଓଡ଼ିଶାର ରଘୁରାମ ନାଏକ ୨ଟି, ଲିଙ୍ଗରାଜ, ଦେବରାଜ, ଧନପତି ଗୌଡ଼ ଓ କାଳିଆ ପ୍ରଧାନ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

■ ଜାତୀୟ ସିନିଅର ଥ୍ରୋ ବଲ୍

## ଅର୍ଥ ଅଭାବରୁ ଭାଗ ନେଇପାରିଲେନି ଓଡ଼ିଶା ମହିଳା

ଭୁବନେଶ୍ୱର, ୧୨।୩ (ସମିସ): ଆନ୍ଧ୍ର ପ୍ରଦେଶର ତିରୁପତିଠାରେ ଶୁକ୍ରବାରଠାରୁ ଜାତୀୟ ସିନିଅର ଥ୍ରୋ ବଲ୍ ଚାମ୍ପିଅନସିପ୍‌ର ୩୪ତମ ସଂସ୍କରଣ ଆରମ୍ଭ ହେବ। ଏଥିରେ ଭାଗନେବାକୁ ୧୪ ଜଣିଆ ଓଡ଼ିଶା ପୁରୁଷ ଦଳ ବୁଧବାର ଆନ୍ଧ୍ରପ୍ରଦେଶ ଯାତ୍ରା କରିଛି। ଓଡ଼ିଶା ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ରାଜେଶ ସାହୁ, ସୁଶାନ୍ତ ଦାସ, ଓମ ପ୍ରକାଶ ମହାପାତ୍ର, ଶୁଭମ ଦାସ, ଜୋଏଲ ପ୍ରଧାନ, ପ୍ରିନ୍ସ ଦାସ, ପ୍ରୀତମ ପଟ୍ଟନାୟକ, ଲିଟନ ସାହୁ, ମନୋଜ ସିଂ, ଓମକାର ବାରିକି, ଦୀପକ ବେହେରା, ଲିପୁର କୁମାର ସେଠୀ, ସେକ୍ ଇମ୍ରାନ, ଆଦସ୍ୟ ବିଶ୍ୱାଳ। ତେବେ ଅର୍ଥ ଅଭାବ ହେତୁ ଓଡ଼ିଶା ମହିଳା ଦଳ ଯୋଗଦେଇପାରୁନାହିଁ। ଏହା ଏକ ଦୁର୍ଭାଗ୍ୟଜନକ ଘଟଣା ବୋଲି ଓଡ଼ିଶା ଥ୍ରୋ ବଲ୍ ସଂଘର ସମ୍ପାଦକ ଜିତେନ୍ଦ୍ର ନାଥ ଦାସ କ୍ଷୋଭର ସହ କହିଛନ୍ତି।

ଦି ହଣ୍ଡ୍ରେଡ୍

## ୬୧ ଲକ୍ଷରେ ବିକ୍ରି ହେଲେ ମନ୍ଧାନା, ରିଚା

ଲଣ୍ଡନ, ୧୨।୩ (ଏଜେନ୍ସି): ପ୍ରଥମଥର ଲାଗି ଦିନିକିଆ ବିଶ୍ୱକପ୍ ଜିତିବା ପରେ ଭାରତୀୟ ମହିଳା କ୍ରିକେଟର୍‌ଙ୍କ ଚାହିଦା ସାରା ବିଶ୍ୱରେ ବଢ଼ିବାରେ ଲାଗିଛି। ଯାହାର ଜ୍ୱଳନ୍ତ ଉଦାହରଣ ଇଂଲଣ୍ଡରେ ହେବାକୁ ଥିବା ମହିଳା ୧୦୦ ବଲ୍ ଟୁର୍ଣ୍ଣାମେଣ୍ଟ ଲିଗ୍ 'ଦି ହଣ୍ଡ୍ରେଡ୍' ଖେଳାଳି ନିଲାମୀରେ ଦେଖିବାକୁ ମିଳିଛି। ଗତକାଲି ଲଣ୍ଡନରେ ଅନୁଷ୍ଠିତ 'ଦି ହଣ୍ଡ୍ରେଡ୍'ର ଖେଳାଳି ନିଲାମୀରେ ମନ୍ଧାନାଙ୍କୁ ୫୦ ହଜାର ପାଉଣ୍ଡ (ଭାରତୀୟ ମୁଦ୍ରାରେ ପ୍ରାୟ ୬୧ ଲକ୍ଷ)ରେ ମାଞ୍ଚେଷ୍ଟର ସୁପର୍ ଜାଏଣ୍ଟ୍ସ ଫ୍ରାଞ୍ଚାଇଜ କ୍ରୟ କରିଛି। ସେହିଭଳି ବରିଷ୍ଠ ଅଲରାଉଣ୍ଡର ଦୀପ୍ତି ଶର୍ମା ଓ ୱିକେଟ୍‌କିପର ରିଚା ଘୋଷ ମଧ୍ୟ ନିଲାମୀରେ କ୍ରୟ ହୋଇଛନ୍ତି। ଦୀପ୍ତିଙ୍କୁ ସନରାଇଜର୍ସ ଲିଡ୍ସ ଫ୍ରାଞ୍ଚାଇଜ ୨୭,୫୦୦ ପାଉଣ୍ଡ (୩୪ ଲକ୍ଷ ଟଙ୍କା)ରେ ଦଳରେ ସାମିଲ କରିଛି। ସେହିଭଳି ମାଞ୍ଚେଷ୍ଟର ଦ୍ୱିତୀୟ ଭାରତୀୟ ଭାବେ ରିଚାଙ୍କୁ ୫୦ ହଜାର ପାଉଣ୍ଡରେ ଦଳରେ ନେଇଛି।




ତେବେ ଅନ୍ୟତମ ଭାରତୀୟ ଶେଫାଳି ବର୍ମା, ରାଧା ଯାଦବ ଓ ଶ୍ରୀଚରଣ ଅନସୋଲ୍ଡ ଅର୍ଥାତ୍ ଏମାନଙ୍କୁ କୌଣସି ଫ୍ରାଞ୍ଚାଇଜ କ୍ରୟ କରି ନ ଥିଲେ। ଅପରପକ୍ଷରେ ଏହି ନିଲାମୀରେ ନ୍ୟୁଜିଲାଣ୍ଡର ସୋଫି ଡିଭାଇନ ଓ ଅଷ୍ଟ୍ରେଲିଆର ବେଥ୍ ମୁନୀ ସବୁଠୁ ମହଙ୍ଗା ଖେଳାଳି ରହିଛନ୍ତି। ଉଭୟ ୨.୧ ଲକ୍ଷ ପାଉଣ୍ଡ (୨.୫୯ କୋଟି)ରେ ବିକ୍ରି ହୋଇଥିଲେ। ୱେଲ୍ସ ଫାୟାର ଦଳ ଡିଭାଇନଙ୍କୁ ଏବଂ ଟ୍ରେଣ୍ଟ ରକେଟ୍ସ ଫ୍ରାଞ୍ଚାଇଜ ବେଥ୍ ମୁନୀଙ୍କ ସହ ଚୁକ୍ତି କରିଛି।

ମହିଳା ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ

## ଆଜି ଭାରତ-ଇଟାଲୀ ସେମି ଲଢ଼େଇ

ହାଇଦରାବାଦ, ୧୨।୩ (ଏଜେନ୍ସି): ତେଲଙ୍ଗାନାରେ ଚାଲିଥିବା ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟର ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହେବ। ସନ୍ଧ୍ୟା ୫ଟାରେ ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଇଂଲଣ୍ଡ ଓ ସ୍କଟଲାଣ୍ଡ ପରସ୍ପରକୁ ଭେଟିବେ। ସେହିଭଳି ଆୟୋଜକ ଭାରତ ଓ ଇଟାଲୀ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ରାତି ୭ଟା ୩୦ରେ ଖେଳାଯିବ। ଗ୍ରୁପ ପର୍ଯ୍ୟାୟରେ ୩ ମ୍ୟାଚରୁ ୭ ପଏଣ୍ଟ ପାଇ ଭାରତ ସେମିଫାଇନାଲରେ ପ୍ରବେଶ କରିବା ସହ ଆଗାମୀ ବିଶ୍ୱକପ୍‌ରେ ମଧ୍ୟ ସ୍ଥାନ ପକ୍କା କରିସାରିଛି। ତେଣୁ ଯଦି ଭାରତ ସେମିଫାଇନାଲରେ ପରାଜୟବରଣ କରେ ତେବେ ମଧ୍ୟ ବିଶ୍ୱକପ୍ ଖେଳିବ। ତେଲଙ୍ଗାନାରେ ଚାଲିଥିବା ଏହି ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରୁ ଶ୍ରେଷ୍ଠ ୩ଟି ଦଳ ଅର୍ଥାତ ଚାମ୍ପିଅନ, ରନର୍ସଅପ୍ ଓ କାଂସ୍ୟ ବିଜୟୀ ଦଳ ଆଗାମୀ




ବିଶ୍ୱକପ୍ ଟିକଟ୍ ଅର୍ଜନ କରିବେ। ଏହାବାଦ ୪ର୍ଥ ସ୍ଥାନିତ ଦଳକୁ ମଧ୍ୟ ବିଶ୍ୱକପ୍ ଯୋଗ୍ୟତା ଅର୍ଜନ କରିବ। ତେଣୁ ସେମିଫାଇନାଲରେ ଦୁଇ ପରାଜିତ ଦଳ ମଧ୍ୟରେ ୩ୟ/୪ର୍ଥ ସ୍ଥାନ ପାଇଁ ମ୍ୟାଚ୍ ଖେଳାଯିବ। ଏଥିଦୃଷ୍ଟିରୁ ଭାରତ ଶ୍ରେଷ୍ଠ-୪ ଦଳ ମଧ୍ୟରେ ରହି ଆଗାମୀ ବିଶ୍ୱକପ୍ ଖେଳିବା ନିଶ୍ଚିତ ହୋଇଛି।

## ସମସ୍ତ ୱେଷ୍ଟଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକା ଖେଳାଳି ଭାରତ ଛାଡ଼ିଲେ

ଦୁବାଇ,୧୨।୩(ଏଜେନ୍ସି): ମଧ୍ୟ ପ୍ରାଚ୍ୟରେ ଲାଗିଥିବା ବିବାଦ ଯୋଗୁଁ ଭାରତରେ ଅଟକି ରହିଥିବା ୱେଷ୍ଟଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକାର ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ଆଜି ସ୍ୱଦେଶ ଅଭିମୁଖେ ଯାତ୍ରା କରିଛନ୍ତି। ଆଉ କୌଣସି ଦେଶରେ ଖେଳାଳି ଭାରତରେ ନାହାନ୍ତି। ସୁପର ଏଇଟ୍‌ସରୁ ବାଦ୍ ପଡ଼ିବା ପରେ ୱେଷ୍ଟଇଣ୍ଡିଜ୍‌ର ଖେଳାଳିମାନେ ସବୁଠାରୁ ବେଶି ସମୟ ବା ମାର୍ଚ୍ଚ ୧ରୁ ଅଟକି ରହିଥିଲେ। ମାର୍ଚ୍ଚ ୪ରେ ନ୍ୟୁଜିଲାଣ୍ଡ ସହ ଖେଳାଯାଇଥିବା ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ହାରିଯିବା ପରେ ଭାରତରେ ଅଟକି ରହିଥିଲେ। କିନ୍ତୁ ବିମାନ ଯାତ୍ରା ଲାଗି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍‌ଜିଟ୍ ହବ୍ ଭାବେ ପରିଚିତ ଦୁବାଇରେ ବିବାନସେବା ବନ୍ଦ ରହିବା ଯୋଗୁଁ ଏଭଳି ପରିସ୍ଥିତି ଘଟିଥିଲା। ଖେଳାଳିମାନଙ୍କ ଲାଗି ଚାର୍ଟର ଫ୍ଲାଇଟ୍ ଯୋଗାଡ଼ କରିବାରେ ଆଇସିସି ଓ ବିସିସିଆଇ ବିଫଳ ହୋଇଥିଲେ। ଯିଏ ବି ଯିବାକୁ ରାଜି ହୋଇଥିଲେ, ସେମାନଙ୍କୁ କେଉଠଁ ଟାଇମ୍ ମିଳି ନ ଥିଲା ତ ଆଉ କାହାକୁ ଅନୁମତି ମିଳି ନ ଥିଲା। ଦୀର୍ଘ ଦିନ ଧରି ଚେଷ୍ଟା କରିବା ପରେ ଆଜି ବଳକା ଖେଳାଳି ଓ ଷ୍ଟାଫ୍‌ଙ୍କୁ ସେମାନଙ୍କ ଦେଶକୁ ବାଣିଜ୍ୟିକ ଫ୍ଲାଇଟ୍‌ରେ ସ୍ୱଦେଶ ପଠାଯାଇଛି ବୋଲି ଆଇସିସି ପକ୍ଷରୁ କୁହାଯାଇଛି। ଆଜି ୱେଷ୍ଟଇଣ୍ଡିଜର ୧୬ଜଣ ଏବଂ ଦକ୍ଷିଣ ଆଫ୍ରିକାର ୨୯ଜଣ ଖେଳାଳି ଓ ଷ୍ଟାଫ୍ ସ୍ୱଦେଶ ଫେରିଛନ୍ତି। ଆଇସିସିର କହିବା ଅନୁଯାୟୀ ଖେଳାଳିମାନଙ୍କର ସୁରକ୍ଷା ଆମ ଲାଗି ଏକମାତ୍ର ଲକ୍ଷ୍ୟ ରହିଥିଲା। ଏମାନଙ୍କ ଯାତ୍ରା ଲାଗି ବାରମ୍ବାର ଆଡଜଷ୍ଟମେଣ୍ଟ ଅନ୍ତର୍ଜାତୀୟ ପରିସ୍ଥିତିକୁ ଆଖି ଆଗରେ ରଖି କରାଯାଇଥିଲା। ଆଇସିସି ଅପରେସନ ଓ ଲଜିଷ୍ଟିକ୍ସ ଟିମ୍ ଅବିଶ୍ରାନ୍ତ ଭାବେ ସରକାର, ବିମାନସେବା ଯୋଗାଉଥିବା ସଂସ୍ଥା, ଏୟାରପୋର୍ଟର କର୍ମକର୍ତ୍ତା, ଚାର୍ଟର ବିମାନ ଯୋଗାଣକାରୀ ସଂସ୍ଥା ଓ ବିଭିନ୍ନ ଦେଶର କ୍ରିକେଟ ବୋର୍ଡ ସଦସ୍ୟମାନଙ୍କ ସହ ସମ୍ପର୍କ ରକ୍ଷା କରି ଖେଳାଳିମାନଙ୍କୁ ସେମାନଙ୍କ ଦେଶକୁ ପଠାଯାଇଥିଲା। ଭାରତରେ ଖେଳାଳିମାନଙ୍କ ରହିବା ଘଟଣାକୁ ନେଇ ଚାରିଆଡୁ ସମାଲୋଚନା କରାଯାଇଥିଲା। ଖେଳାଳି ଓ ସପୋର୍ଟ ଷ୍ଟାଫ୍ ମଧ୍ୟ ଆଇସିସିକୁ ସମାଲୋଚନା କରିବାକୁ ପଛାଇ ନ ଥିଲେ। ଏବେ ସେ ସବୁର ପରିସମାପ୍ତି ଘଟିଛି।

## ଜାତୀୟ ପତାକାକୁ ଅସମ୍ମାନ କରି ଅଡୁଆରେ ହାର୍ଦ୍ଦିକ ପାଣ୍ଡ୍ୟା

ପୁଣେ, ୧୨।୩ (ଏଜେନ୍ସି): ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଭାରତୀୟ ଦଳର ତାରକା ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପାଇଁ ଅଡୁଆ ସୃଷ୍ଟି ହୋଇଛି। ଗତ ରବିବାର ଅହମ୍ମଦାବାଦରେ ଅନୁଷ୍ଠିତ ବିଶ୍ୱକପ୍ ଫାଇନାଲରେ ନ୍ୟୁଜିଲାଣ୍ଡକୁ ୯୬ ରନରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଭାରତୀୟ ଦଳର ବିଜୟ ଉତ୍ସବରେ ପାଣ୍ଡ୍ୟା ଏତେ ମାତ୍ରାରେ



ନିମଗ୍ନ ହୋଇଯାଇଥିଲେ ଯେ ଜାତୀୟ ପତାକାକୁ ପିଠିରେ ପକାଇ ବାନ୍ଧବୀ ମାହିକା ଶର୍ମାଙ୍କ ସହ ପଡ଼ିଆରେ ନାଚିବାରେ ଲାଗିଯାଇଥିଲେ। ଏପରିକି ତ୍ରିରଙ୍ଗାକୁ ପିଠିରେ ଗୁଡ଼ାଇ ମାହିକାଙ୍କ ସହ ଷ୍ଟେଜ ଉପରେ ଶୋଇ ପଡ଼ିଥିବାର ଦେଖିବାକୁ ମିଳିଥିଲା। ସେହିଭଳି ମାହିକା ମଧ୍ୟ ହାର୍ଦ୍ଦିକଙ୍କୁ ଚୁମ୍ବନ ଦେଇଥିଲେ। ଏହି ଘଟଣାରେ ଜାତୀୟ ପତାକାକୁ ଅପମାନିତ କରିବା ଅଭିଯୋଗରେ ପୁଣେର ଜଣେ ଓକିଲ ପାଣ୍ଡ୍ୟାଙ୍କ ନାମରେ ମାମଲା ରୁଜୁ କରିଛନ୍ତି। ୱାଜିଦ ଖାନ ନାମକ ଏହି ଓକିଲ ଜଣଙ୍କ ପୁଣେର ଶିବାଜୀ ନଗର ପୁଲିସ ଷ୍ଟେସନରେ ଏଫଆଇଆର୍ ରୁଜୁ କରିଛନ୍ତି। ଜାତୀୟ ପତାକା ସହ ପାଣ୍ଡ୍ୟା ଯେଉଁଭଳି ବ୍ୟବହାର କଲେ ତାହା ଜାତୀୟ ପତାକାର ମର୍ଯ୍ୟାଦାକୁ ଉଲ୍ଲଂଘନ କରୁଛି। ୧୯୭୧ ଜାତୀୟ ପତାକା ଆଇନର ଧାରା-୨ ଅନୁଯାୟୀ ପାଣ୍ଡ୍ୟା ଅସମ୍ମାନ କରିଛନ୍ତି ବୋଲି ୱାଜିଦ କହିଛନ୍ତି। ଏବେ ପାଣ୍ଡ୍ୟାଙ୍କ ଉପରେ କେଉଁଭଳି କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତାହାକୁ କ୍ରୀଡ଼ାପ୍ରେମୀ ଚାହିଁ ରହିଛନ୍ତି।

## ପାକିସ୍ତାନ ଖେଳାଳିଙ୍କୁ କିଣି ବିବାଦରେ ସନ୍‌ରାଇଜର୍ସ ଫ୍ରାଞ୍ଚାଇଜ୍

ନୂଆଦିଲ୍ଲୀ, ୧୨।୩ (ଏଜେନ୍ସି): ଇଂଲଣ୍ଡରେ ଅନୁଷ୍ଠିତ ୧୦୦ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ 'ଦି ହଣ୍ଡ୍ରେଡ୍' ପାଇଁ ଖେଳାଳି ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇପିଏଲ୍ ଫ୍ରାଞ୍ଚାଇଜ ସନରାଇଜର୍ସ ହାଇଦରାବାଦର ଏକ ଦଳ ରହିଛି। ଯାହାର ନାମ 'ସନରାଇଜର୍ସ ଲିଡ୍ସ' ରଖାଯାଇଛି। ନିଲାମୀରେ ସନରାଇଜର୍ସ ଲିଡ୍ସ ଦଳ ପାକିସ୍ତାନ ସ୍ପିନର ଆବ୍ରାର ଅହମ୍ମଦଙ୍କୁ ଏକ ଲକ୍ଷ ୯୦ ହଜାର ପାଉଣ୍ଡ (ପ୍ରାୟ ୨.୩୫ କୋଟି ଟଙ୍କା)ରେ କ୍ରୟ କରିଛି। ପାକିସ୍ତାନ କ୍ରିକେଟର୍‌ଙ୍କୁ କ୍ରୟ କରି ସନରାଇଜର୍ସ ଫ୍ରାଞ୍ଚାଇଜର ମାଲିକ କାବ୍ୟା ମାରନ ଏବେ ବିବାଦ ଘେରରେ ଫସିଯାଇଛନ୍ତି। କାହିଁକି ନା ଆବ୍ରାର ଗତ ଅପରେସନ ସିନ୍ଦୁର ସମୟରେ ଭାରତୀୟ ସେନାକୁ ନେଇ ମଜାକ ଉଡ଼ାଇଥିଲେ। ଭାରତୀୟ ବାୟୁସେନାର ୱିଙ୍ଗ କମାଣ୍ଡର ଅଭିନନ୍ଦନ ବର୍ଦ୍ଧମାନଙ୍କୁ ପାକିସ୍ତାନୀ ସେନା ବନ୍ଦୀ କରିବାକୁ ନେଇ ମଜା କରିଥିଲେ। 'ଦି ହଣ୍ଡ୍ରେଡ୍' ଖେଳାଳି ନିଲାମୀରେ ପ୍ରଥମେ କୁହାଯାଇଥିଲା କି ଆଇପିଏଲ୍ ସହ ଜଡ଼ିତ ଫ୍ରାଞ୍ଚାଇଜ ପାକିସ୍ତାନ କ୍ରିକେଟରଙ୍କୁ କ୍ରୟ କରିବେ ନାହିଁ। କିନ୍ତୁ ନିଲାମୀ ସମୟରେ ସେପରି କିଛି ହୋଇ ନ ଥିଲା। ସନରାଇଜର୍ସ ଫ୍ରାଞ୍ଚାଇଜ ଆବ୍ରାରଙ୍କୁ କ୍ରୟ କରିବା ପରେ ଏବେ ସାମାଜିକ ଗଣମାଧ୍ୟମରେ ଏହାର ମାଲିକ କାବ୍ୟା ମାରନଙ୍କୁ ଖୁବ୍ ସମାଲୋଚନା କରାଯାଉଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS